

ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ବଧାଇ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅଡୁଆରେ ଶୁଭମନ ଗିଲ୍ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୩ Vol. 22 No-33 4 MAY 2025 SUNDAY BHUBANESWAR ରବିବାର, ୪ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ନୌସେନା ମୁଖ୍ୟ

ନୂଆଦିଲ୍ଲୀ,୩।୫: ପହଲଗାମ ଘଟଣାକୁ ନେଇ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଛନ୍ତି ନୌସେନା ମୁଖ୍ୟ ଦିନେଶ ତ୍ରିପାଠୀ।

### ମେ ୩ୟ ସପ୍ତାହ ସୁଦ୍ଧା ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ମେ ୩ୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ । ଏନେଇ ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ । ଚଳିତ ମାସ ତୃତୀୟ ମାସ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବା ନେଇ ସେ ସୂଚନା ଦେଇଛନ୍ତି ।

### ମାଓବାଦୀ ନିହତ

ମାଲକାନଗିରି,୩।୫(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନିକଟରୁ ଗୋଟିଏ ଏସଏଲଆର ବନ୍ଧୁକ, ଅସ୍ତ୍ରଶସ୍ତ୍ର ଓ ଜରୁରି ସାମଗ୍ରୀ ଜବତ କରାଯାଇଛି। ଗରିଆବନ୍ଧ ଏସ୍‌ପି ମାଓବାଦୀଙ୍କ ମୃତ୍ୟୁକୁ ସ୍ୱୀକାର କରିଛନ୍ତି। ଏଥିସହ ସଂପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।


### ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁରଙ୍କୁ ନିର୍ମମ ହତ୍ୟା

ଗୁଣୁପୁର,୩।୫(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଲିକିଟିପଦର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଅଗାଧୁ ଗମାଙ୍ଗ ଓ ଶ୍ୱଶୁର ଶମ୍ଭୁରା ଗମାଙ୍ଗଙ୍କୁ ନିର୍ମମ ଭାବେ ହତ୍ୟା କରଯାଇଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଏଭଳି କାଣ୍ଡ ଘଟାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦୁଇ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୮୦,୫୦୧.୯୯
ସର୍ବାଧିକ: ୩୫.୨ ଡିଗ୍ରୀ
ସର୍ବନିମ୍ନ: ୨୪.୮ ଡିଗ୍ରୀ

**୩।୫ ।୨୦୨୫ ର ମତାମତ**

ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ଉଭୟ ଦେଶର କ୍ଷତି ହେବ କି ?




**ଆଜିର ପ୍ରସଙ୍ଗ**

ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

# ବ୍ରିଜ୍‌ରୁ ସ୍ଲାବ୍ ଖସି ୩ ମୃତ

## ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ





- ୨ ଗୁରୁତର ଏସ୍‌ସିବିରେ ଭର୍ତ୍ତି
- ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା
- କ୍ରେନ୍ ଫେଲ୍ ମାରିବାରୁ ଅଘଟଣ
- ଠିକା କମ୍ପାନୀର ଦାୟିତ୍ୱହୀନତା: ମେୟର

କଟକ/ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ କଟକ ଖାନନଗରରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଖାନନଗରରେ ବ୍ରିଜ ନିର୍ମାଣବେଳେ ସ୍ଲାବ୍ ଖସିପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ମୃତ ବ୍ୟକ୍ତିମାନେ ହେଲେ ସୌମ୍ୟରଞ୍ଜନ ବେହେରା, ଶିବଶଙ୍କର ପଟ୍ଟନାୟକ ଓ ସୁବାଷ ଭଟ୍ଟ। ସେହିପରି ଗୁରୁତରମାନେ ହେଲେ ଅରୁଣ ବାରିକ ଓ ବିକଳ ଜେନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତବ୍ୟକ୍ତିଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଗୁରୁତରମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଖାନନଗରସ୍ଥିତ କାଠଯୋଡ଼ିରେ ଏକ ବ୍ରିଜ କାମ ଚାଲୁ ରହିଛି। ପୂର୍ତ୍ତବିଭାଗ ପକ୍ଷରୁ ଏକ ଘରୋଇ କମ୍ପାନୀକୁ ଏହାର ଠିକା ଦିଆଯାଇଛି। ସବୁଦିନ ଭଳି କାମ ଚାଲିଥିବାବେଳେ ଅପରାହ୍ନରେ ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କିଛି ଶ୍ରମିକ କାମ କରୁଥିବାବେଳେ ଅନ୍ୟକିଛି ଶ୍ରମିକ ତଳେ ରହିଥିଲେ। ଅଚାନକ ବ୍ରିଜ ଉପରୁ ସ୍ଲାବ ଗଳିପଡ଼ିବାରୁ ୫ଜଣ ଗୁରୁତର ହୋଇଥିଲେ। ତୁରନ୍ତ ସେମାନଙ୍କୁ ଏସସିବିରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। କୁହାଯାଉଛି, ନିର୍ମାଣାଧୀନ ବ୍ରିଜରେ ବ୍ୟବହାର ହେଉଥିବା କ୍ରେନ୍ ଫେଲ ହେବାରୁ ଏଭଳି ଅଘଟଣ ଘଟିଛି। ମୃତ ଶ୍ରମିକମାନଙ୍କ ମଧ୍ୟରେ କେତେକ ବାହାର ରାଜ୍ୟର ରହିଛନ୍ତି। କଟକ ମେୟର ସୁବାଷ ସିଂ କହିଛନ୍ତି ଯେ ଠିକା କମ୍ପାନୀ ଶ୍ରମିକମାନଙ୍କୁ ଠିକ୍ ସୁରକ୍ଷା ଦେଇଥିଲେ ଏଭଳି ଅଘଟଣ ଘଟିନଥାନ୍ତା। ଅନ୍ୟପକ୍ଷରେ ରାଜ୍ୟ ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ତଦନ୍ତ ପରେ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

### ପ୍ରଧାନମନ୍ତ୍ରୀଙ୍କ ଦମ୍ଭୋକ୍ତି

# ଏଥର ଲଢେଇ ଆରପାର୍



ନୂଆଦିଲ୍ଲୀ,୩।୫: ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଡ଼ା ଆଭିମୁଖ୍ୟ। ଆତଙ୍କବାଦୀ ସମର୍ଥକଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ସେମାନଙ୍କ ବିରୋଧରେ ନିର୍ଣ୍ଣାୟକ ଲଢେଇ ଆରମ୍ଭ ହେବ। ମାନବଜାତି ଉପରେ ଆତଙ୍କବାଦ ସବୁଠାରୁ ବଡ଼ ବିପଦ ବୋଲି ମୋଦୀ କହିବା ସହ ଏ ନେଇ ଆତଙ୍କବାଦୀ ଓ ତାଙ୍କ ସମର୍ଥକଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାବେଳେ ମୋଦୀ ପହଲଗାମ ଘଟଣାକୁ ନେଇ ପ୍ରବଳ ବର୍ଷିଥିଲେ। ଅନ୍ୟପକ୍ଷରେ ଆଙ୍ଗୋଲା ରାଷ୍ଟ୍ରପତି ପହଲଗାମ ଘଟଣାରେ ଭାରତକୁ ସମର୍ଥନ କରିଥିବାରୁ ମୋଦୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ପାକିସ୍ତାନ ବିରୋଧରେ ଶନିବାର ଆଉଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି ଭାରତ। ପାକିସ୍ତାନ ସହ ଡାକ ଓ ପାର୍ସଲ ଆଦାନପ୍ରଦାନ ବନ୍ଦ କରାଯାଇଛି। ଏ ନେଇ କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉଭୟ ସ୍ଥଳପଥ ଓ ଆକାଶପଥରେ ପାର୍ସଲ ଆଦାନପ୍ରଦାନକୁ ବ୍ୟାନ କରାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନ ଜାହାଜ ଭାରତ ଆସିବା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ଭାରତୀୟ ବନ୍ଦରକୁ ପାକିସ୍ତାନ ଜାହାଜ ଆସିବାକୁ ମନା କରାଯାଇଥିବାବେଳେ ଭାରତୀୟ ଜାହାଜକୁ ମଧ୍ୟ ପାକିସ୍ତାନ ବନ୍ଦରକୁ ଯିବା ଉପରେ ରୋକ୍ ଲଗାଯାଇଛି। ଏ ନେଇ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ପାକିସ୍ତାନକୁ ଭାରତ ସମସ୍ତ ପ୍ରକାର ଆମଦାନୀକୁ ନିଷେଧ କରିଛି। ଜାତୀୟ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ନିକଟରେ ପାକିସ୍ତାନରୁ ଆସିବାକୁ ଥିବା ସମସ୍ତ ପ୍ରକାର ଆମଦାନୀ ଉପରେ କଟକଣା ଜାରି କରାଯାଇଛି। ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଓ ରପ୍ତାନୀକୁ ବ୍ୟାନ କରାଯାଇଛି। ଯଦି ଅତ୍ୟାବଶ୍ୟକ ଭିତ୍ତିରେ ସେଭଳି କୌଣସି ସାମଗ୍ରୀର ଆବଶ୍ୟକତା ରହିଥାଏ, ତେବେ ସେ କ୍ଷେତ୍ରରେ ସରକାରଙ୍କଠାରୁ ଆଗୁଆ ଅନୁମତି ନେବାକୁ ପଡ଼ିବ ବୋଲି କୁହାଯାଇଛି।

# ଲଇରାଇ ଯାତ୍ରାରେ ଦଳାଚକଟା, ୭ ମୃତ




ପାନାଜୀ,୩।୫: ଗୋଆର ଶିରଗାଓଁରେ ଏକ ଅଭାବନୀୟ ଘଟଣା ଶନିବାର ଘଟିଛି। ଧାର୍ମିକ ଯାତ୍ରା ଲଇରାଇରେ ଦଳାଚକଟା ଯୋଗୁ ୭ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ଯାତ୍ରାରେ ଭିଡ଼ ଜମିଥିଲା। କିନ୍ତୁ ଅନ୍ୟ ବର୍ଷଠାରୁ ଭିଡ଼ ଅଧିକ ରହିଥିଲା। ପ୍ରାୟ ୩୦ରୁ ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଖାଲି ଗୋଆ ନୁହେଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକରୁ ମଧ୍ୟ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ତେବେ ପ୍ରବଳ ଭିଡ଼ ଥିବାରୁ ଅନେକ ଶ୍ରଦ୍ଧାଳୁ ମନ୍ଦିର ନିକଟ ସ୍ଲାବ ଉପରେ ଛିଡ଼ା ହୋଇଥିଲେ। ହଠାତ୍ କିଛି ଲୋକ ସ୍ଲାବ୍ ଉପରୁ ପଡ଼ିଯିବାରୁ ତାଙ୍କ ଉପରେ ୪୦ରୁ ୫୦ଜଣ ପଡ଼ି ଯାଇଥିଲେ। ଫଳରେ ଏପରି ଅଘଟଣ ଘଟିଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି। ଦଳାଚକଟା ପରେ ଘଟଣାସ୍ଥଳରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ସେ କହିଛନ୍ତି, ଶନିବାର ଭୋର ୪ଟାରୁ ୫ଟା ଭିତରେ ଏଭଳି ଅଘଟଣ ଘଟିଛି। ପୂର୍ବରୁ କେବେ ଏମିତି ହୋଇନଥିଲା। ଦଳାଚକଟାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ମୁଁ ଭେଟି ସାରିଛି। ଘଟଣାର ତଦନ୍ତ ପାଇଁ ମୁଁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପଚାରି ବୁଝିଛନ୍ତି। ଆହତମାନଙ୍କୁ ସମସ୍ତ ଚିକିତ୍ସା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀଲଙ୍କାରେ ପହଲଗାମ ଆତଙ୍କବାଦୀ !

# ୫ ସନ୍ଦିଗ୍ଧଙ୍କୁ ଜେରା





- ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ମିଳିଲା ଇ-ମେଲ୍
- ଚେନ୍ନାଇ ବିମାନବନ୍ଦରରୁ ଯାଉଥିଲା ଶ୍ରୀଲଙ୍କା
- ସନ୍ଦିଗ୍ଧଙ୍କୁ ଶ୍ରୀଲଙ୍କା ପୋଲିସର ପଚରାଉଚୁରା
- ସତ୍ୟତା ନେଇ ସ୍ପଷ୍ଟ ସୂଚନା ମିଳିନି

ନୂଆଦିଲ୍ଲୀ,୩।୫: ଶ୍ରୀଲଙ୍କାର ଭଣ୍ଡାର ନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଖାନତଲାସୀ। ଚେନ୍ନାଇରୁ କଲମ୍ବୋ ପହଞ୍ଚିଥିବା ଏକ ବିମାନକୁ ଛାନଭିନ୍ କରାଯାଇଛି। ବିମାନରେ ଜାମ୍ମୁକାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣରେ ସଂପୃକ୍ତ କିଛି ଆତଙ୍କୀ ଥିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଏହି ଖାନତଲାସୀ କରାଯାଇଛି। ଭାରତୀୟ ଗୁଇନ୍ଦା ବିଭାଗର ସୂଚନା ଅନୁସାରେ ବିମାନଟି ଅବତରଣ କରିବାମାତ୍ରେ ଏହାର ଖାନତଲାସୀ କରାଯାଇଥିଲା। ଶନିବାର ପୂର୍ବାହ୍ନ ୧୧.୫୦ରେ ଶ୍ରୀଲଙ୍କା ଏୟାରଲାଇନ୍ସର ବିମାନ ୟୁଏଲ୍-୧୧୨ ଅବତରଣ କରିଥିଲା। ଏହି ଘଟଣାରେ ୬ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଏହି ୫ଜଣ ସନ୍ଦିଗ୍ଧ ଲସ୍କର ଆତଙ୍କବାଦୀ ଶ୍ରୀଲଙ୍କା ଯାଉଥିବା ନେଇ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିଲା। ଚେନ୍ନାଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଏହି ମେଲ୍ ଆସିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଥିଲା। ଏହି ଧମକପୂର୍ଣ୍ଣ ମେଲ୍‌ଟି ଚେନ୍ନାଇ ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କୁ • ପୃଷ୍ଠା ୫ ଦେଖନ୍ତୁ

### ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ

ନୂଆଦିଲ୍ଲୀ,୩।୫: ସୀମାରେ ଅମାନିଆ ପାକିସ୍ତାନ ପହଲଗାମ ଆତଙ୍କୀ ଆକ୍ରମଣ ପରଠାରୁ ଅଶାନ୍ତ ରହିଛି ଏଲଓସି। ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛନ୍ତି ପାକ୍ ସେନା। ଶନିବାର ମଧ୍ୟ ବିଭିନ୍ନ ସ୍ଥାନରେ ପାକ୍ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଛି। ଲଗାତାର ୯ମ ଥରପାଇଁ ଏଲଓସିରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ପାକିସ୍ତାନ। କୁପୱାରା, ଉରି, ଅଖନୁର ସେକ୍ଟରରେ ପାକ୍‌ସେନା ପକ୍ଷରୁ ଗୁଳିମାଡ଼ ହୋଇଛି। ତେବେ ଭାରତ ପକ୍ଷରୁ ଏହାର ମୁହଁତୋଡ଼ ଜବାବ ଦିଆଯାଇଛି। ଭାରତ ଓ ପାକ୍ ମଧ୍ୟରେ ଥିବା ଏଲଓସିର ଲମ୍ବ ୭୪୦ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବଇଶାଖେ ଖରା, ବଇଶାଖେ ବର୍ଷା<br>
ପରିବର୍ତ୍ତନର ଋତୁ<br>
ଖରା ଗରମକୁ କାଳ ବଇଶାଖୀ<br>
ସଂଯୋଗର ଅବା ସେତୁ<br>
ବରଷାରେ କୁତୁକୁତୁ<br>
ଖରାହେଲେ ଦେହୁ ଝାଳ ବହିଯାଏ<br>
ପୋଛୁ ପୋଛୁ ଯାଏ ହେତୁ...।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ

# ଦେଶ, ରାଜ୍ୟ ସୁରକ୍ଷାକୁ ନେଇ ବିଚାରବିମର୍ଶ



ନୂଆଦିଲ୍ଲୀ,୩।୫: ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏହି ଭେଟ୍‌ଘାଟ୍ ହୋଇଛି। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଓମାର ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ଉଭୟପକ୍ଷ ମଧ୍ୟରେ ଦୀର୍ଘ ୩୦ ମିନିଟ୍ ଧରି ଆଲୋଚନା ହୋଇଛି। ଏଥିରେ ଦେଶ ଓ ରାଜ୍ୟର ସୁରକ୍ଷାକୁ ନେଇ ବିସ୍ତୃତଭାବେ ଆଲୋଚନା କରାଯାଇଥିବା ସୂଚନା ଦିଆଯାଇଛି। ଏହି ବୈଠକ ପୂର୍ବରୁ ନ୍ୟାସନାଲ କନଫରେନ୍ସ ପକ୍ଷରୁ କୁହାଯାଇଛି ଯେ ପହଲଗାମ ହମଲାକୁ ନେଇ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେବେ ତାକୁ • ପୃଷ୍ଠା ୫ ଦେଖନ୍ତୁ

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ ଘଟଣା

# ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ



ପୁରୀ,୩।୫ (ଭାସ୍କର ନ୍ୟୁଜ) : ପଶ୍ଚିମବଙ୍ଗର ଦୀଘା ଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କୁ ନେଇ ବିବାଦ ଜୋର ଧରିଥିବା ବେଳେ ଗତକାଲି ଆଇନ ମନ୍ତ୍ରୀ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି କରିଥିଲେ।ଏ ନେଇ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତିନି ଗୋଟି ପର୍ଯାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ବସିଥିଲା।ଶ୍ରୀମନ୍ଦିରରେ ନବକଳେବର ସମୟରେ ବଳକାଥିବା ଦାରୁ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ତଢ଼ାଉକରଣ,ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା।ରାଜ୍ୟ ସରକାର ଏହି ସଂଗୀନ ଧାର୍ମିକ ବିବାଦୀୟ ପରିସ୍ଥିତିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ସେବାୟତ ମାନେ ମତ ରଖିଥିଲେ। ଯେ କୌଣସି ଭି ସେବାୟତ ମହାପ୍ରଭୁ ଙ୍କୁ ନେଇ ବିବାଦୀୟ ମତ ରଖିବା ଏବଂ କାର୍ଯ୍ୟ କରିବା ନିନ୍ଦନୀୟ। ଦିଘା ରେ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ସେଠାରେ ଉଭୟ ପଥର ଓ ନିମ କାଠ ମୂର୍ତ୍ତି ବିଜେ କରିବା ରାଜ୍ୟ ତଥା ଦେଶ ପ୍ରତି ବିପଦ ସୃଷ୍ଟି କରିବ। ଚାରି ଗୋଟି ଧାମ ରହିଥିବା ବେଳେ ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ରୁ ବିବେଚିତ। ପୁରୀ ଛଡା ଅନ୍ୟ କୌଣସି ଧାମ ହୋଇପାରିବ • ପୃଷ୍ଠା ୫ ଦେଖନ୍ତୁ

### ପାଣିପାଗ ବିଭାଗର ସୂଚନା

# ୨ରୁ ୪ ଡିଗ୍ରୀ ବଢ଼ିବ ପାରଦ



ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ବେଶ୍ କିଛିଦିନର ବ୍ୟବଧାନ ପରେ ପୁଣିଥରେ ପାରଦ ଉପରମୁହାଁ ହେବ। ଆସନ୍ତା ସପ୍ତାହରୁ ସୂର୍ଯ୍ୟକିରଣ ପ୍ରଚଣ୍ଡ ରୂପ ଧାରଣ କରିବ। ଏ ନେଇ ଶନିବାର ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ରାଜ୍ୟକୁ ପୁଣି ପ୍ରବଳ ଗ୍ରୀଷ୍ମପ୍ରବାହ ଫେରିବ। ୭ ତାରିଖ ପରେ ୨ରୁ ୪ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ପାଇବ। ଅସମ୍ଭାଳ ତାତି ସହ ପ୍ରଚଣ୍ଡ ଗୁଳୁଗୁଳି ହେବ। ଏଥିସହ କାଳବୈଶାଖୀ ତାଣ୍ଡବ ଆହୁରି ୪ ଦିନ ରାଜ କରିବ। ଏପରିକି ୭ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ଲାଗି ରହିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ • ପୃଷ୍ଠା ୫ ଦେଖନ୍ତୁ



ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ଦରପୁର ଗ୍ରାମର ପ୍ରସିଦ୍ଧ ଦେବୀ ମା' ଖରାଖାଇଙ୍କର ବାର୍ଷିକ ଉତ୍ସବ ପବିତ୍ର ଅକ୍ଷୟ ତୃତୀୟା ଦିନ ଅନୁଷ୍ଠିତ ହୋଇଯାଇଛି । ମା' ଖରାଖାଇ ପ୍ରତ୍ୟେକ ଦିନ ପୂଜା ପାଉଥିବା ବେଳେ ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ତାଙ୍କର ବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଥାଏ । ମା'ଙ୍କର ମହିମା ଅପାର । ତାଙ୍କୁ ଯିଏ ଯେଉଁ ମାନସିକ କରେ ତାହା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନେ କହନ୍ତି । ମା'ଙ୍କ ଆବିର୍ଭାବ ସମ୍ପର୍କରେ ସ୍ଥାନୀୟ ଲୋକ ସଠିକ୍ ଭାବେ କହି ପାରୁନଥିବା ବେଳେ ମା'ଙ୍କର ଆବିର୍ଭାବ ପ୍ରାୟ ୨୦୦ ବର୍ଷ ପୂର୍ବରୁ ହୋଇଥିବା କୁହାଯାଉଛି । ଦରପୁର ଗ୍ରାମର କିଛି ଦୂରରେ ପୂର୍ବରୁ ଏକ ଜନବସତି ଥିଲା । ମା' ସେଠାରେ ଆବିର୍ଭାବ ହେବା ପରେ ଧୀରେ ଧୀରେ ଜନବସତି ଲୋପ ପାଇ ଯାଇଥିଲା । ଏବେ ଏକ ନିଛାଟିଆ ପଦାରେ ମା'ଙ୍କର ଏକ ଆସ୍ଥାନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ମା'ଙ୍କ ନିକଟକୁ ପୂଜା ପାଇଁ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଯାଇଥାନ୍ତି । ଅକ୍ଷୟ ତୃତୀୟା ବାର୍ଷିକ ଉତ୍ସବ ଦିନ ସେଠାରେ ଆଖପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ମା'ଙ୍କର ଅଦ୍ୟାବଧି ମନ୍ଦିରଟିଏ ନିର୍ମାଣ ହୋଇ ପାରିନାହିଁ । ଏଥି ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ମଧ୍ୟ ସେଠାରେ କୌଣସି ବିଶ୍ରାମାଗାର ଓ ପ୍ରସାଦ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଗୃହଟିଏ ନାହିଁ । ଶ୍ରଦ୍ଧାଳୁମାନେ ଖରାରେ ବହୁ କଷ୍ଟରେ ସେଠାରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଭୋଗ କରିଥାନ୍ତି ।

# ବିନା ସୂଚନାଫଳକରେ ବନ୍ଧ ପୁନରୁଦ୍ଧାର



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ବାଙ୍ଗିରିପଶି ଗ୍ରାମରେ ବିନା ସୂଚନା ଫଳକରେ ଲୁଣି ପୋଖରୀ(ବନ୍ଧ)ର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଫଳକ ନଥିବାରୁ କେଉଁ ଯୋଜନାରେ କେତେ ଟଙ୍କା ବ୍ୟୟ ଅଟକଳରେ ଏହି କାମ କରାଯାଉଛି ତାହାର ତଥ୍ୟ ଜଣାପଡୁନାହିଁ । ନିୟମ ଅନୁଯାୟୀ କାମ ହେଲା ପୂର୍ବରୁ ସୂଚନା ଫଳକ ରହିବା କଥା । ହରିଲୁଟ ଉଦ୍ଦେଶ୍ୟରେ ତରବରିଆ ଭାବେ ମେସିନ ଦ୍ୱାରା ପୋଖରୀ ପୁନରୁଦ୍ଧାର କରାଯାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଗତ ୧ ସପ୍ତାହ ହେବ ଜେସିବି ମେସିନରେ ଲୁଣି ପୋଖରୀ(ବନ୍ଧ)ର ପୁନରୁଦ୍ଧାର କାର୍ଯ୍ୟ କନିଷ୍ଠ ଯନ୍ତ୍ରୀଙ୍କ ଜ୍ଞାତସାରରେ ଚାଲିଛି । କାମ ହେଉଥିବା ସ୍ଥାନରେ ଉକ୍ତ ପଂଚାୟତ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ,ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ,ପଂଚାୟତ ନିର୍ବାହୀ ଅଧିକାରୀ କେହି ଉପସ୍ଥିତ ରହୁନଥିବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି । ମନରେଗା ଯୋଜନାରେ ଶ୍ରମଜୀବୀ ମାନେ କର୍ମନିଯୁକ୍ତି ପାଉନଥିବାବେଳେ ମେସିନରେ ତରବରିଆ ଭାବେ କାମ କରାଯାଉଛି । ଜନସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ଫଳକ ନଥିବାରୁ ଏହି କାମ ମନରେଗା ଯୋଜନାରେ ହେଉଥିବା ନେଇ ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଇଂ କାର୍ତ୍ତିକେଶ୍ୱର ନାୟକଙ୍କ ସହ ଯୋଗାଯୋଗ କରିବାରୁ ପାଂଚାୟତର ୫୦ହଜାର ଟଙ୍କା ଅନୁଦାନରେ ଏହି କାମ କରାଯାଉଛି ।

# ନିଆଳି ବଜାରରେ ଚାଲିଛି ଚୋରା କରତ କଳ

## ସନ୍ଧ୍ୟା ହେଲେ ଚିରାଯାଉଛି ଟ୍ରକ୍ ଟ୍ରକ୍ କାଠ, କାର୍ଯ୍ୟାନୁଷ୍ଠାନ ନାହିଁ

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବଜାରରେ ଚାଲିଛି ଚୋରା କାଠ କରତ କଳ । ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ଚିରାଯାଉଛି ଟ୍ରିପ୍ ଟ୍ରିପ୍ କାଠ । କେନ୍ଦ୍ର ଓ ରାଜ୍ୟ ସରକାର ବୃକ୍ଷ ଲଗାଇ ଜଙ୍ଗଲ ସୃଷ୍ଟି କରିବା ପାଇଁ କହୁଥିବା ବେଳେ ଓଡିଶାର ସରକାରଙ୍କ କାର୍ଯ୍ୟକଳାପ ପୂରା ଓଲଟା, କଥା ଗୋଟାଏ କାମ ଆଉ ଗୋଟାଏ । ସନ୍ଧ୍ୟା ହୋଇଗଲେ ନିଆଳି ଓ ଆଖପାଖ ଅଞ୍ଚଳରୁ ଅର୍ଥ ଲୋଭରେ ଜଙ୍ଗଲ ସୃଷ୍ଟି କରିବା ତ ଦୂରର କଥା



ବଡ ବଡ ଗଛ କାଟି ଏହି ଚୋରା କରତ କଳରେ କାଠ ଚିରା, ପଟା ତିଆରି କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି । ନିଆଳି ବଜାର ଓ ଜନଗହଳି ପୂର୍ଣ୍ଣ ଜାଗାରେ ବେଧଡକ ଭାବେ ଏହି କରତ କଳ ଚାଲୁଛି । ମୋଟା ଅଙ୍କର ଅର୍ଥ ନେଇ ନିଆଳି ବନ ବିଭାଗ, ଫୁଲନଖରା ବନ ବିଭାଗ ଏହି ଚୋରା କରତ କଳ ଦେଖି ନଦେଖିଲା ଭଳି ଆଖି ବୁଜି ଦେଉଛନ୍ତି । ଏ ନେଇ ଡ଼ି.ଏଫ.ଓ ଙ୍କ ମତ ଖୁବ୍ ଶୀଘ୍ର ନିଆଯିବ କାର୍ଯ୍ୟାନୁଷ୍ଠାନ ।

# ଟ୍ରକ-ଆଇଚର ଧକ୍କା



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧିନସ୍ଥ ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥ ସରାଙ୍ଗ ଠାରେ ଶନିବାର ଟ୍ରକ ସହ କାଚ ବୋତଲ ବୋଝେଇ ଆଇଚର ଧକ୍କା ହେବା ଫଳରେ ଆଇଚର ଡ୍ରାଇଭର ଙ୍କ ନିଜ ଗାଡିରେ ଚାପି ହୋଇ ମୃତ୍ୟୁ ହୋଇଥିବା ଜଣାପଡିଛି ।ଖବର ପାଇ ପରଜଙ୍ଗ ଅଗ୍ନିଶମ ବିଭାଗ ପହଞ୍ଚି କଟର ସାହାଯ୍ୟରେ କାଟି ଡ୍ରାଇଭର କୁ ବାହାର କରିଥିଲେ ଏବଂ ଏନ ଏଚ ଆମ୍ବୁଲାନ୍ସ ରେ ପରଜଙ୍ଗ ଡାକ୍ତରଖାନା କୁ ନେଇଥିଲେ ।ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।ପ୍ରକାଶ ଥାଉକି, ସରାଙ୍ଗ ଚେକ ଗେଟ ସ୍ଥାନଟି ଚାରି ଛକିଆ ହୋଇଥିବାରୁ ସେଠାରେ


**ଜଣେ ମୃତ**

ବାରମ୍ବାର ଦୁର୍ଘଟଣା ମାନ ଘଟୁଛି ।ଏ ସମ୍ବନ୍ଧରେ ସ୍ଥାନୀୟ ସଂଗଠନ ଦ୍ୱାରା ପ୍ରଶାସନ କୁ ବାରମ୍ବାର ଦୃଷ୍ଟି ଗୋଚର କରିଥିଲେ ସୁଦ୍ଧା କୌଣସି ବିକଳ୍ପ ବ୍ୟବସ୍ଥା ହୋଇ ପାରିଲା ନାହିଁ ।ଏଥିପାଇଁ ସର୍ବସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଓଡ଼ିଶାର ଅଗ୍ରଣୀ ଶ୍ରମ ସଙ୍ଗଠନ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷର ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ବିଶିଷ୍ଟ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଯୋଗଦେଇ ସାମାଜିକ ସୁରକ୍ଷା କୁ ସାର୍ବଜନୀନ କରିବା ସହିତ ସମସ୍ତ ଯୋଗ୍ୟ ହିତାଧୀକାରୀମାନଙ୍କୁ ମାସିକ ୩୦୦୦ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବାପାଇଁ ଦାବି କରିଥିଲେ । ମୁଖବକ୍ତା ଭାବେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ସର୍ବନିମ୍ନ ମଜୁରୀ ସମାନ କରିବାକୁ ଦାବି କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ମାନସ ଜେନା ବିଭିନ୍ନ ସାମାଜିକ ଅସମାନତା ଦୂର କରି ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ କହିଥିଲେ । ସରକାରଙ୍କର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଶ୍ରମିକ ସଂଘ ଗୁଡ଼ିକର ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଦିପ, ପବନେଶ୍ୱର ଜେନା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ସଂଗଠନର ସମ୍ପାଦକ ରମେଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ସଫଳ ରାଜମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ, ସମାଜ ସେବୀ,ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଶେଷରେ କାର୍ତ୍ତିକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଭିଷେକ ମଲ୍ଲିକ୍, ସ୍ମିତିପ୍ରଜ୍ଞା ବାରିକ, ଶ୍ୟାମ ସୁନ୍ଦର ମଲ୍ଲିକ୍, ପ୍ରମୁଖ ସହଯୋଗ କରିଥିଲେ ।ଏହି ସଭାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଅନ୍ତର୍ଜାତୀୟ ନୃତ୍ୟରେ ସାଇସୁକନ୍ୟା ମହାନ୍ତି ପ୍ରଥମ



ତିହିଡି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାମନବିନ୍ଧା ଗ୍ରାମର ସ୍ୱର୍ଗତ ଶତୃଘ୍ନ ମହାନ୍ତିଙ୍କର ନାତୁଣୀ ତଥା ଆଇନଜୀବୀ ସଂଜୟ ମହାନ୍ତିଙ୍କ କନ୍ୟା ଏସଏନ୍ ସାଇ ସୁକନ୍ୟା ମହାନ୍ତି ମଧ୍ୟପ୍ରଦେଶର ଏକଲବ୍ୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆନ୍ତର୍ଜାତୀୟ ନୃତ୍ୟ ଦିବସରେ ଅନୁଷ୍ଠିତ ସବ୍ ଜୁନିୟର ନୃତ୍ୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାଯାଇଛି । ଏହି ସଫଳତା ପାଇବା ପରେ ସେ ଆମ ରାଜ୍ୟ ଓ ଜିଲ୍ଲାର ଗୌରବ ଆଣିଛନ୍ତି । ଏଥିପୂର୍ବରୁ ସେ ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିପାରିଛନ୍ତି । ସେ ପୀରହାଟ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଟନ୍ତି ।

# 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ସମ୍ମାନଜନକ 'ଦାଦା ସାହେବ ଫାଲ୍‌କେ ଆୱାର୍ଡ'

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଦିଲ୍ଲୀ ସ୍ଥିତ ଏକ ପଞ୍ଚତାରକା ହୋଟେଲରେ ଗତ ମେ ୦୧ ତାରିଖ ଗୁରୁବାର ଓଡିଆ ଫିଲ୍ମ "ନନ୍ଦ ମାଷ୍ଟରଙ୍କ ଚାଟଶାଳୀ" କୁ ସମ୍ମାନଜନକ 'ଦାଦା ସାହେବ ଫାଲକେ ଆୱାର୍ଡ' ମିଳିଛି । ଫିଚର କାଟାଗୋରୀରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମଟିକୁ ଶ୍ରେଷ୍ଠ ଡକୁମେଣ୍ଟାରୀ ଫିଲ୍ମ ଭାବେ ମନୋନୀତ କରାଯାଇଥିଲା । ଫିଚର କାଟାଗୋରୀରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମଟିକୁ ଶ୍ରେଷ୍ଠ ଡକୁମେଣ୍ଟାରୀ ଫିଲ୍ମ ଭାବେ ମନୋନୀତ କରାଯାଇଥିଲା । ଅଭିସ୍ମିତା ଫିଲ୍ମ ବ୍ୟାନରରେ କରାଯାଇଥିବା ଏହି ଫିଲ୍ମଟିକୁ ବରିଷ୍ଠ ସାମ୍ବାଦିକ ଡ.ଅଭୟ ପତି ପ୍ରଯୋଜନା କରିଥିବାବେଳେ, ଅଭିସ୍ମିତା ଫିଲ୍ମର ଆଡଭୋକେଟ ଅସ୍ମିତା ପତି ସହପ୍ରଯୋଜିକା ଏବଂ ମୁମ୍ବଇର ଖ୍ୟାତିସମ୍ପନ୍ନ ଡାଇରେକ୍ଟର ପ୍ରଣବ ଆଇଚ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି । ଭାରତୀୟ ସିନେମାର ପିତାମହ ଭାବେ ପରିଚିତ, ଦାଦା ସାହେବ ଫାଲକେଙ୍କ ଜନ୍ମ ନକ୍ଷତ୍ରରେ ଦିଲ୍ଲୀଠାରେ ଆୟୋଜିତ ଏହି ୧୫ ତମ ଦାଦା ସାହେବ ଫାଲକେ ଆୱାର୍ଡ ଫଙ୍କସନରେ ବିଶ୍ୱର ଅନେକ ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ କାଟେଗୋରୀରେ ପ୍ରାୟ ୨୮ ଟି ଫିଲ୍ମକୁ ସମ୍ମାନୀତ କରାଯାଇଥିଲା । 'ନନ୍ଦ ମାଷ୍ଟର' ଫିଲ୍ମଟି ଜଣେ ୧୦୪ ବର୍ଷ ବୟସ୍କ ଶିକ୍ଷକଙ୍କ ଉପରେ ପର୍ଯ୍ୟବେଶିତ ହୋଇଛି । ଯିଏକି ୭୦ ବର୍ଷରୁ ଊର୍ଦ୍ଧ୍ୱ ଧରି ନିଜର ଚାଟଶାଳୀ ମାଧ୍ୟମରେ ଗରିବ, ଅସହାୟ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରି ସମାଜରେ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ । ଯେଉଁଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନଜନକ 'ପଦ୍ମଶ୍ରୀ ପୁରସ୍କାର'ରେ ସମ୍ମାନୀତ କରାଯାଇଥିଲା । ଏହି ପୁରସ୍କାର ପାଇବାପରେ ପ୍ରଯୋଜକ ଅଭୟ ଏବଂ ନିର୍ଦ୍ଦେଶକ ପ୍ରଣବ ବହୁତ ଖୁସିଥିବା କହିଥିବାବେଳେ, ଆଗାମୀଦିନରେ ଏହିପରି ଆହୁରି ଅନେକ ଚଳଚିତ୍ର ନିର୍ମାଣ କରିବେ ବୋଲି କହିଛନ୍ତି । ଏହି ଫିଲ୍ମଟି ନିର୍ମାଣ ସମୟରେ ନନ୍ଦ ସାରଙ୍କ ପରିବାର, କନ୍ତିରା




ଗ୍ରାମବାସୀ ଏବଂ ସର୍ବୋପରି ତାଙ୍କର ନାତି ଖଗେଶ୍ୱର, ବବଲୁ ସହଯୋଗ କରିଥିବାରୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି. ଏଠାରେ ଉଲ୍ଲେଖଯୋଗ୍ୟ, 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଫିଲ୍ମଟି ନିକଟ ଅତୀତରେ 'କାନ୍ସ ଇଣ୍ଟରନେସନାଲ୍ ଫିଲ୍ମ ଫେଷ୍ଟିଭାଲ', ଦିଲ୍ଲୀଠାରେ 'ହାବିଟାଟ୍ ଫିଲ୍ମ ଫେଷ୍ଟିଭାଲ' ଏବଂ 'କଲିକତା ଇଣ୍ଟରନେସନାଲ୍' ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ଅଫିସିଆଲ ସିଲେକ୍ସନ ହୋଇଥିଲା । ଫିଲ୍ମଟିକୁ ଏହି ଆୱାର୍ଡ ମିଳିବାପରେ ଓଡିଶା ସମେତ, ଅନେକ ଦେଶର ପ୍ରଯୋଜକ ଏବଂ ନିର୍ଦ୍ଦେଶକ, ଅଭୟ ଏବଂ ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

## ଥାନାର ଦ୍ୱାରସ୍ଥ ହେଲେ ପରିବାର ଲୋକେ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି –୬୭ ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପଡିଆ ଥାନାରେ ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ ଏମ୍‌ଭି-୫୯ ଗ୍ରାମର ଶଶି ଭୂଷଣ ତରଫଦାର । ସେ ଗତ ୩ ମାସ ହେବ ଏମ୍‌ପିଭି ୬୭ଗ୍ରାମରେ ଜଣେ ଲୋକଙ୍କ ଘରେ ଭଡାରେ ରହୁଥିଲେ । ଗତ ଗୁରୁବାର ଅପରାହ୍ନ ସୁଦ୍ଧା କେହି ଘରର କବାଟ ନ ଖୋଲିବାରୁ ସ୍ଥାନୀୟ ଲୋକେ ଶଶିଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘରର ଭେଣ୍ଟିଲେଟର ପଟୁ ଦେଖିବାରୁ ଶଶୀ ବେକରେ ରଶି ଲଗାଇ ଏକ ପଙ୍ଖାରେ ଝୁଲୁଥିବା ଦେଖି ପଡିଆ ଥାନାକୁ ଖବର ଦେଇଥିଲେ । ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଘରର କବାଟ ଖୋଲି ଯାଞ୍ଚ କରିବା ସହ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା । ପରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ନେଇ ପଡିଆ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୧୦ / ୨୦୨୫ ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଜିଲ୍ଲାପାଳଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତ



ବିଷମକଟକ(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ବିଷମକଟକ ସଦର ମହକୁମା ଠାରେ ଅବସ୍ଥିତ ଥିବା ଖ୍ରୀଷ୍ଟିଆନ ହସ୍ପିଟାଲ ବିଷମକଟକ ଉପରେ ଦୀର୍ଘ ଦଶନ୍ଧି ଧରି ରାୟଗଡା ଜିଲ୍ଲା ସମେତ, କଳାହାଣ୍ଡି, ଟିଟିଲାଗଡ଼, ବଲାଙ୍ଗୀର, ଫୁଲବାଣୀ, ଗଜପତି ଏବଂ ଆଖପାଖ ଅନେକ ଅଞ୍ଚଳର ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି ଓ ଯେଉଁଥିପାଇଁ ଆଜି ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱରୀ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତରେ ଆସିଥିବା ଜଣାପଡିଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରାଯିବା ପରେ ଏହି ଯୋଜନାର ସଫଳ ରୂପାୟନ ଓ ଏହାର ଉପଲବ୍ଧତାକୁ ଆହୁରି ବ୍ୟାପକ କରାଇବା ଦିଗରେ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଥିବା କୁହାଯାଉଥିବା ବେଳେ ରାୟଗଡା ଜିଲ୍ଲାପାଳଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତ ମୋହନ ସରକାରଙ୍କ ଲୋକଙ୍କ ପ୍ରତି ଗମ୍ଭୀରତା କୁ ସୂଚାଉଛି ଓ ପୂର୍ବରୁ ଏହି ଘରୋଇ ଚିକିତ୍ସାଳୟରେ ବିଏସକେୱାଇ ଯୋଜନାର ଲାଭ ଲୋକଙ୍କୁ ଉପଲବ୍ଧ କରାଇ ଦିଆଯାଉଥିଲା । ତେବେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ପୂର୍ବ ଯୋଜନା ଆଉ କାର୍ଯ୍ୟକ୍ଷମ ହେବନାହିଁ । ଏହି ପରିପ୍ରେକ୍ଷୀରେରେ ଏହି ଯୋଜନାର ଲାଭ ଅଧିକାଂଶ ଲୋକଙ୍କ ପାଖକୁ ଯେପରି ପହଞ୍ଚିବ ଏହା ସୁନିଶ୍ଚିତ କରିବା ପାଇଁ ଆଜି ଜିଲ୍ଲାପାଳ ଏହି ଘରୋଇ ହସ୍ପିଟାଲ କୁ ଗସ୍ତ କରିଥିବା କୁହାଯାଉଛି । ଆୟୁଷ୍ମାନ ଯୋଜନାର ସୁଯୋଗ ଆହୁରି ଅଧିକ ହିତାଧିକାରୀଙ୍କ ପର୍ଯ୍ୟନ୍ତ କିଭଳି ପହଞ୍ଚିବ, ଏହାର ଉପଲବ୍ଧତା, ଲୋକଙ୍କ ମଧ୍ୟରେ ଥିବା ଭ୍ରମ, ଗୁଜବ ଏଭଳି ଅନେକ ଦିଗରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିବା ସୂଚନା ରହିଛି ଓ ଜିଲ୍ଲାପାଳ ଖ୍ରୀଷ୍ଟିଆନ ହସ୍ପିଟାଲ ବୁଲି ଦେଖିବା ସହ ଆୟୁଷ୍ମାନ ଯୋଜନାର କାର୍ଯ୍ୟକାରିତା, ଉପଲବ୍ଧତା ନେଇ ରୋଗୀଙ୍କ ଠାରୁ ପଚାରି ବୁଝିଥିଲେ । ଏହି ଅବସରରେ ଖ୍ରୀଷ୍ଟିଆନ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ସୁନୀଲ ଜୀବନମଲ, ପ୍ରଜ୍ଞା ଜୀବନମଲ, ମ୍ୟାନେଜର ଚନ୍ଦ୍ରଶେଖର ରାୟ, ନର୍ସିଙ୍ଗ ସୁପରିଟେଣ୍ଡେଣ୍ଟ ଏବଂ ଅନ୍ୟମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ କରି ତାଙ୍କୁ ହସ୍ପିଟାଲର କାର୍ଯ୍ୟକାରିତା ଓ ଅନ୍ୟ ସମସ୍ୟା ନେଇ ଆଲୋଚନା କରିଥିବା କୁହାଯାଉଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇ ଛାତ୍ରୀ ଟପ୍ପର



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀଶିଶୁ ବିଦ୍ୟାମନ୍ଦିର ଶତପ୍ରତିଶତ ପାସହାର ରହିଥିବାବେଳେ ସ୍ମୃତିରେଖା ସ୍ୱାଇଁ ମୋଟ୬୦୦ ନମ୍ବରରୁ ୫୬୦ ଓ ଶ୍ରୀଯାଶ୍ରୀ ରାଉତ ୫୬୦ ନମ୍ବରରଖି ଶିଶୁମନ୍ଦିରର ଟପ୍ପର ହୋଇଛନ୍ତି । ଏହି ଶିଶୁମନ୍ଦିରରେ ମୋଟ ୬୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୫ଜଣ ଏ-୧,୧୮ଜଣ ଏ-୨,୩୦ଜଣ ବି-୧,୧୧ଜଣ ବି-୨ଓ ସି-୪ଜଣ ରହିଛନ୍ତି ।ତେବେ ଏହି କୃତକାର୍ଯ୍ୟ ପାଇଁ ସରସ୍ୱତୀ ଶିଶୁମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ କୃତଜ୍ଞତା ଜଣାଇଛନ୍ତି ।

# ୨୫ ଚାଷୀଙ୍କୁ ୧୦ ଦିନିଆ ବାହ୍ୟରାଜ୍ୟ ତାଲିମ ପ୍ରଦାନ



କେନ୍ଦୁଝର,(ଭାସ୍କର ନ୍ୟୁଜ୍): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କେନ୍ଦୁଝର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଡ଼ିଆଲ ଡେଭେଲପମେଣ୍ଟ ଏଜେନ୍ସି, ବନାଯୋଡ଼ି, କେନ୍ଦୁଝରର ମିଳିତ ସହଯୋଗରେ ଚାଲିଥିବା ଫସଲ ବିବିଧିକରଣ ଯୋଜନା ପ୍ରକଳ୍ପର ବାଂଶପାଳ ଓ ଝୁମ୍ପୁରା ବ୍ଲକର ଉନ୍ନତ ମାନର ଚାଷୀ ମାନଙ୍କୁ ନେଇ ଏକ ୧୦ ଦିନିଆ (ତା ୨୩.୦୪.୨୦୨୫ ରୁ ୦୨.୦୫.୨୫) ବାହ୍ୟ ରାଜ୍ୟ ତାଲିମ୍ ବାରଣାସୀସ୍ଥିତ ଭାରତୀୟ ସବ୍‌ଜି ଅନୁସନ୍ଧାନ ସଂସ୍ଥାରେ ଦିଆଯାଇଅଛି ।ଏହି ତାଲିମ୍ ରେ ସମୁଦାୟ ୨୫ ଜଣ ଉଭୟ ମହିଳା ଓ ପୁରୁଷ ଚାଷୀ ପ୍ରଶିକ୍ଷଣ ପାଇଥିଲେ । ଏଥିରେ ଜୈବିକ ଚାଷ, ମଞ୍ଜି ପ୍ରସ୍ତୁତି ପ୍ରଣାଳୀ, ଗ୍ରୀନ ହାଉସ ଫାର୍ମିଙ୍ଗ, ଚାରା କଲିମିକରଣ ପଦ୍ଧତି, ରୋଗ ପୋକ ନିୟନ୍ତ୍ରଣ, ଚାରାପ୍ରସ୍ତୁତି ଓ ପରିଚାଳନା, ଛତୁଚାଷ, ମହିଳା ଓ ଶିଶୁମାନଙ୍କର ପୁଷ୍ଟିକର ଖାଦ୍ୟର ପରିଚାଳନା ଏବଂ କୃଷକ ଉତ୍ପାଦକ ଗୋଷ୍ଠୀର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା । ଗୋପାଳନ ଓ ଦୁଗ୍ଧରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଜ୍ଞାନ ବର୍ଦ୍ଧନ ହେବା ସହ ସେମାନେ ଶିଖିଥିବା ବିଭିନ୍ନ କୌଶଳ ଦ୍ୱାରା ତାଙ୍କର ଆର୍ଥିକ ଅଭିବୃଦ୍ଧି ହେବାରେ ଓ ଉନ୍ନତ ଜ୍ଞାନ କୌଶଳକୁ ଅବଲମ୍ବନ କରି ଚାଷ କାର୍ଯ୍ୟ କରିବା ଦ୍ୱାରା ନିଶ୍ଚିନ୍ତ ରୂପେ ସଫଳତାର ଶୀର୍ଷରେ ପହଁଚିପାରିବେ । ଏହି ତାଲିମ୍‌ର ପରିଚାଳନା କରିବା ପାଇଁ ଝୁମ୍ପୁରା ବ୍ଲକର ଆର୍‌ଓ ରତିକାନ୍ତ ମହାନ୍ତି ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରୋଗ୍ରାମ ସଂଯୋଜକ ପରମେଶ୍ୱର ମହାନ୍ତ ତତ୍ତ୍ୱାଧିକାରୀ ଅଫିସର ଭାବେ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଗୋପୀନାଥ ଦେବଙ୍କ ମହୋତ୍ସବ ଶେଷ

■ ପୂର୍ଣ୍ଣାହୂତିରେ ଯୋଗଦେଲେ ହଜାର ହଜାର ଲୋକ



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଜହ୍ଲାରପୁର ପଞ୍ଚାୟତ ଟୋଲା ଗୋପୀନାଥପୁର ରେ ଭଗବତ ଦେବଙ୍କ ପ୍ରତିଷ୍ଠା ଦିବସ ଗୋପୀନାଥ ଦେବଙ୍କ ମହୋତ୍ସବ ଓ ପ୍ରତିଷ୍ଠା ଦିବସ ଶେଷ ଦିନରେ ପୂର୍ଣ୍ଣାହୂତୀ ହୋଇଥିଲା । ନଅ ଦିନ ଯାଏଁ ଚାଲିଥିବା ନାମଯଜ୍ଞ ଓ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଥ ଅରକ୍ଷିତ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା । ଏହି ମହୋତ୍ସବର ନବମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୁଲକ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବୃନ୍ଦାବନ ସ୍ୱାଇଁ ଯୋଗ ଦେଇଥିଲେ । ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ । ଗୁରୁବାର ପୂର୍ଣ୍ଣାହୂତି ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ସର୍ବ ଦେବା ଦେବୀ ଆହୂତି, ଠାକୁରଙ୍କ ସିଂହାସନ ରୋହଣ, ଆରତୀ, ପୁଷ୍ପାଞ୍ଜଳୀ ଦେଇ ପୂର୍ଣ୍ଣାହୂତି ସମ୍ପନ୍ନ କରାଯାଇଥିଲା । ସମସ୍ତ ଭକ୍ତ ମାନଙ୍କ ପାଇଁ ଚରୁଅନ୍ନ, ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ବୋଲି ଟୋଲା ଗୋପୀନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଖଣ୍ଡିୟ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପୌର ପରିଷଦର ସାଂସଦ ପ୍ରତିନିଧି ବିଜୟ କୁମାର ମହାରଣା ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣମା ଡୁରୁକା ଯୋଗଦେଇ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ




ସହ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଏ ଅବସରରେ ଅତିଥିଙ୍କ ଦ୍ୱାରା ଓଡ଼ିଶା ଗୃହ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ୧୧୧ ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ବିବାହ ସହାୟତା, ପ୍ରସୂତି ସହାୟତା ଓ ଶିକ୍ଷା ସହାୟତା ପାଇଁ ମୋଟ ୫୯ ଲକ୍ଷ ୯୨ ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶା ଅଣସଙ୍ଗଠିତ କର୍ମଚାରୀ ସାମାଜିକ ସୁରକ୍ଷା ବୋର୍ଡ ଯୋଜନା ଅଧୀନରେ ୨ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଓ ୧୪୩ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି । ସେହିପରି ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଜିଲ୍ଲା ଜର୍ଜ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାଶ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ, ଆଇନସେବା ପ୍ରାଧିକରଣଙ୍କ ସଚିବ -ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ମହିଳା ଅଦାଲତର ବିଚାରପତି ବବିତା ଦାଶ, ରେଜିଷ୍ଟ୍ରାର – ବିଚାରପତି ରୁଦ୍ର ପ୍ରସାଦ ନାୟକ, ଗ୍ରାମ ନ୍ୟାୟାଳୟର ଦଣ୍ଡାଧିକରି ଦେବେନ୍ଦ୍ର କୁମାର ବାଘ, ବିଚାର ବିଭାଗୀୟ ଦଣ୍ଡାଧିକାରି ଆଦିତ୍ୟ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକା, ମୁଖ୍ୟ ଆଇନସେବା ଅଧିବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନ ସେବା ଅଧିବକ୍ତା ରାଜେଶ ପଟ୍ଟ୍ ନାୟକ, ସହାୟକ ଆଇନ ସେବା ଅଧିବକ୍ତା ସାଗର ପାଣିଗ୍ରାହୀ, ସଂଯୁକ୍ତା ଦଉ ପ୍ରମୁଖ ଯୋଗ ଦେଇଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଶ୍ଚିମ ବଙ୍ଗଳାରେ ଦୀଘାଠାରେ ଗତ ଅକ୍ଷୟ ତୃତୀୟା ଦିନ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥଙ୍କର ଦାରୁ ବିଗ୍ରହ ସ୍ଥାପନରେ ପୁରୀ ଜଗନ୍ନାଥ ମନ୍ଦିରର ଯେଉଁ ସେବାୟତମାନେ ସମ୍ପୃକ୍ତ, ସେମାନଙ୍କୁ ଗିରଫ କରିବାକୁ ଦାବି କରି ଶନିବାର ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମାଷ୍ଟର କ୍ୟାଣ୍ଟିନଛକ ବିଶେଷ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଭବେଶ୍ୱରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅସ୍ମିତା ପରିଷଦର ଆବାହକ ରବି ବେହେରାଙ୍କ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କିଛି ଦଇତାପତି ନବକଳେବର ସମୟରେ ପୁରୀ ଜଗନ୍ନାଥ ମନ୍ଦିରରେ ସଞ୍ଚିତ ଥିବା ପବିତ୍ର ବିଗ୍ରହ ଦାରୁରୁ ଦୀଘାରେ ତିଆରି ହୋଇଥିବା ଜଗନ୍ନାଥଙ୍କ ବିଗ୍ରହରେ ଲଗାଇଛନ୍ତି। ଏହା ଏକ ଗର୍ହିତ ଅପରାଧ ଏବଂ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଏକ ଚରମ ଅପମାନ ଯାହା ବିଶ୍ୱବ୍ୟାପୀ କୋଟି କୋଟି ଜଗନ୍ନାଥ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଯେଉଁମାନେ ଏହି ବଳକା ପବିତ୍ର ଦାରୁଚୋରିରେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଓ ଜଗନ୍ନାଥଙ୍କ ମନ୍ଦିର ପ୍ରଶାସନ ଲକ୍ଷ୍ୟ ଯାଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତଥା ପୋଲିସରେ ଏତଲା ଦେବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଜଗନ୍ନାଥଙ୍କ ସମ୍ପତ୍ତିରେ ସେମାନଙ୍କର ଥିବା ଅଧିକାରକୁ ଛଡ଼ାଇ ନେଇ କରିବା ସହିତ ସେମାନେ ଭୋଗ ଦଖଲ କରି ଆସୁଥିବା ଜଗନ୍ନାଥଙ୍କ ଜମିକୁ ସେମାନଙ୍କ ଉଚ୍ଛେଦ କରାଯାଉ।




# ନବୀକରଣୀୟ ଶକ୍ତି ଆପଣେଇବାକୁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବରେ ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଜୀବାଶ୍ମ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଂଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ମଇ ୩ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି। ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନ ଭୁବନେଶ୍ୱରରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ୍ର ପ୍ଲାଣ୍ଟ ସ୍ଥାପିତ ହେବାକୁ ଯାଉଛି। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଯାହା, ସ୍ଥାୟୀ ଗତିଶୀଳତା ପ୍ରତି ନିର୍ଣ୍ଣାୟକ ପଦକ୍ଷେପର ସଙ୍କେତ ଦେଉଛି। ପ୍ରତ୍ୟେକ ଯାତ୍ରା ଏବେ ଏକ ଶାନ୍ତ, ସ୍ୱଚ୍ଛ ଏବଂ ଅଧିକ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ପାଇଁ ଯୋଗଦାନ ଦେଉଛି। ଏପରି ପଦକ୍ଷେପ ଆମର ପସନ୍ଦ ଅପେକ୍ଷା ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ଏପରି ଅଗ୍ରଣୀ ପ୍ରୟାସ ସହିତ ରାଜଭବନ କେବଳ ସମଗ୍ର ଦେଶର ସରକାରୀ ପ୍ରତିଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରୁନାହିଁ, ବରଂ ଶୀର୍ଷସ୍ତରରୁ ପରିବର୍ତ୍ତନ ଆରମ୍ଭ ହୁଏ ବୋଲି ସ୍ପଷ୍ଟ ବାର୍ତ୍ତା ଦେଉଛି। ଗଣମାଧ୍ୟମ ସହିତ ବାର୍ତ୍ତାଳାପ ବେଳେ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ, ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଏବଂ ଉପଲବ୍ଧ ରିହାତି ସଂପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ/କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଅଧ୍ୟକ୍ଷ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଆଶୁତୋଷ ବିଶ୍ୱାସ ଏବଂ ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷ ଡ.ଶୈଳେଶ କୁମାର ଗତକାଲି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ, ଡ.ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ଅନୁଷ୍ଠାନର ସମ୍ପ୍ରସାରଣ ଉପରେ ଧ୍ୟାନ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ କରିବା ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଅତିରିକ୍ତ ଜମି ଯୋଗାଇବା ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଡ. ବିଶ୍ୱାସ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳ ତଥା ଦେଶ ସେବା କରିବା ପାଇଁ ଡାକ୍ତରୀ ବୃତ୍ତିଗତମାନଙ୍କୁ ପ୍ରୋତ୍ସାହିତ ପାଇଁ ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏମ୍ସ ଭୁବନେଶ୍ୱରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପରିବର୍ତ୍ତନ କରିବାରେ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଜ୍ଞାନକୌଶଳପୂର୍ଣ୍ଣ ବୈଠକ ଥିଲା, ଯେଉଁଠାରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରତିଷ୍ଠାନ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ବୋଲି, ଡ. ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ମଧ୍ୟ ଭେଟି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଅନେକ ଦିଗ ଉପରେ ଆଲୋଚନା କରିଥିଲେ।

### ମେଡିକାଲ୍ କଲେଜ୍ ସିଟ୍ ବିକ୍ରି ଦଲାଲ ଗ୍ୟାଙ୍ଗର ପର୍ଦ୍ଦାଫାସ୍

## ପାତ୍ରପଡ଼ାରୁ ୨ ଦଲାଲ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମେଡିକାଲ କଲେଜ୍ ସିଟ୍ ବିକ୍ରି ଦଲାଲ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ଭୁବନେଶ୍ୱର ପାତ୍ରପଡା ଅଞ୍ଚଳରୁ ପୁଲିସ୍ ଦୁଇ ଦଲାଲଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏକ ବାର୍‌ରେ ଡିଲ୍ ଚାଲିଥିବା ବେଳେ ପୋଲିସ୍ ଦୁଇ ଜଣଙ୍କୁ ଧରିଛି। ଦଲାଲମାନେ ଲକ୍ଷାଧିକ ଟଙ୍କା ନେଇ ମେଡିକାଲ ସିଟ୍ ପାଇଁ ଡିଲ୍ କରୁଥିଲେ। ଏକାଧିକ ଘରୋଇ ମେଡିକାଲ କଲେଜ ସହ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଛି।

## ପୁଣି ରାଜଧାନୀରୁ ସିରିଜ୍ ଲୁଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁଣି ରାଜଧାନୀରୁ ସିରିଜ୍ ଲୁଟ୍। ଘରେ ଶୋଇଥିବା ଥିବା ବେଳେ ବାହାରୁ କବାଟ ଦେଇ ଲୁଟ କରିଛନ୍ତି ଦୁର୍ବୃତ୍ତ। ୨ଟି ଘରୁ ଝରକା ତାଡି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ନେଇ ଚମ୍ପଟ ମାରିଛନ୍ତି ଲୁଟେରା। ଲୁଟର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। କିଛି ଦିନର ନୀରବତା ପରେ ରାଜଧାନୀରେ ପୁଣି ମାତିଛନ୍ତି ଝରକା ତଡା ଗ୍ୟାଙ୍ଗ। ଏନେଇ ପାହାଳ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ତ୍ତମାନ ଏହି ଗ୍ୟାଙ୍ଗ ସକ୍ରିୟ ଥିବା ପୋଲିସ ସନ୍ଦେହ କରୁଛି।

## ଏମ୍ସରେ ନେପାଳୀଙ୍କ ଛାତ୍ରଙ୍କ ଶବ ବ୍ୟବଚ୍ଛେଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସରେ ଆରମ୍ଭ ହୋଇଛି ନେପାଳ ଛାତ୍ରୀ ପ୍ରିଶା ସାହାଙ୍କ ଶବ ବ୍ୟବଛଦ ପ୍ରକ୍ରିୟା। ମୃତଦେହକୁ ନେପାଳ ନେବାକୁ ମନା କରିଛନ୍ତି ପରିବାର ଲୋକେ। ଏମ୍ସରେ ପ୍ରିସାଙ୍କ ପରିବାର ଲୋକ ପହଂଚିବା ପରେ ଆରମ୍ଭ ହୋଇଛି ପୋଷ୍ଟମର୍ଟମ। ସାଇଣ୍ଟିଫିକ ଟିମ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ତହସିଲଦାର, କମିଶନରେଟ ପୋଲିସ ଟିମ ଏମ୍ସରେ ଉପସ୍ଥିତ ଅଛନ୍ତି। ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ପୁରୀ ସ୍ୱର୍ଗଦ୍ୱାରରେ ହେବ ପ୍ରିଶାଙ୍କ ଶେଷକୃତ୍ୟ।

## ଦୀଘା ଜଗନ୍ନାଥ ଧାମ ପ୍ରସଙ୍ଗରେ ଗଜପତିଙ୍କୁ ସୁଦର୍ଶନଙ୍କ ଚିଠି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୀଘା ଜଗନ୍ନାଥ ଧାମ ପ୍ରସଙ୍ଗରେ ପୁରୀ ଗଜପତି ମହାରାଜଙ୍କୁ ଚିଠି ଲେଖିଛନ୍ତି ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ସେ କହିଛନ୍ତି ଏହା କଦାପି ଗ୍ରହଣୀୟ ନୁହେଁ ଷଡଯନ୍ତ୍ର ହୋଇଛି। ଏନେଇ ପ୍ରତ୍ୟେକ ଲୋକ ସ୍ୱର ଉଠାଇଲେଣି। ଗଜପତି ମହାରାଜଙ୍କୁ ଏନେଇ ଜଣାଇଛି। ଦୀଘା ଜଗନ୍ନାଥ ମନ୍ଦିରକୁ ଆମେ ସ୍ୱାଗତ କରୁଛୁ।

## କଟକ ବ୍ରିଜ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଟକରେ ନିର୍ମାଣାଧିନ ବ୍ରିଜ୍ ଅଘଟଣରେ ମୃତାହତ ଖବରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ଆତ୍ମାର ସଦଗତି ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ନବୀନ। ଏକ୍ସରେ ନବୀନ ପଟ୍ଟନାୟକ ଲେଖିଛନ୍ତି କଟକରେ ନିର୍ମାଣାଧିନ ବ୍ରିଜ୍ ଅଘଟଣରେ ୩ ଜଣଙ୍କ ମୃତ୍ୟୁ ସହ ୨ଜଣ ଆହତ ହୋଇଥିବା ଖବର ଶୁଣି ଅତ୍ୟନ୍ତ ଦୁଃଖିତ। ଏଥିସହ ମହାପ୍ରଭୁଙ୍କ ନିକଟରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

## ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ନାମଲେଖା ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ସମସ୍ତ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଅଟେ। ଅତ୍ୟାଧୁନିକ ଭିତ୍ତିଭୂମି, ଦକ୍ଷ ଏବଂ ଅଭିଜ୍ଞ ଅଧ୍ୟାପକଙ୍କ ଦ୍ୱାରା ଏହି ଅନୁଷ୍ଠାନ ନିଶ୍ଚିତ ଭାବେ ଦେଶରେ ଫୋରେନସିକ୍ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି।

## ହିନ୍ଦୁ ସଂସ୍କୃତି, ପରମ୍ପରା ସହ ଯିଏ ଖେଳିବ, ତାର ଫଳ ସେ ଭୋଗିବ: ପ୍ରଭାତୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି। ମମତା ବାନାର୍ଜୀଙ୍କ ନାଁ ନନେଇ ସେ କହିଛନ୍ତି ଯିଏ ହିନ୍ଦୁ ସଂସ୍କୃତି, ପରମ୍ପରା ସହ ଛେଡଖାନି କରିବ, ତାର ଫଳ ସେ ଭୋଗିବ। ଆମେ ସମସ୍ତେ ଜାଣିଛେ ପ୍ରଭୁ ଜଗନ୍ନାଥଙ୍କ ଧାମ କେଉଁଠି ଅଛି। କେଉଁ ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନୁହେଁ, ଯେ କେଉଁଠି ଧାମ ତିଆରି କରିବା କି କେଉଁଠି ଶଙ୍କରାଚାର୍ଯ୍ୟଙ୍କୁ ରଖିବା କି କେଉଁ ସମୁଦ୍ରକୁ ନାମକରଣ କରିବା। ଏଥିପାଇଁ ହିନ୍ଦୁ ସଂସ୍କୃତିରେ ଅଲଗା ପରମ୍ପରା ଅଛି। ହିନ୍ଦୁ ସଂସ୍କୃତି, ପରମ୍ପରାକୁ ଯିଏ ଯେବେ ଛେଡଖାନି କରିଛି, ସିଏ ତାର ଫଳ ଭୋଗିଛି। ଏବେ ଯିଏ ଛେଡଖାନି କରୁଛି, ସିଏ ତାର ଫଳ ଭୋଗିବ ଅପେକ୍ଷା କରନ୍ତୁ।

## ଓଷ୍ଟା ପରିସରରେ ଶିକ୍ଷକ ମହାସଂଘର କାଉନ୍‌ସିଲ ବୈଠକ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର କଟକ ସ୍ଥିତ ରାଜ୍ୟ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସମ୍ମିଳନୀ କକ୍ଷେର ଅଖିଳ ଭାରତ ଶିକ୍ଷକ ମହାସଂଘର ଦୁଇଦିନିଆ କାଉନ୍‌ସିଲ ବୈଠକ ଓ ସେମିନାର ଉଦଘାଟିତ ହୋଇଯାଇଛି। ଓଷ୍ଟା, ଓଲ୍‌ଷ୍ଟା, ଓଆର୍‌ଟିଏ, ଏବଂ ଏଆଇଏଫ୍‌ଇଏର ମିଳିତ ସହଯୋଗେର ଅନୁଷ୍ଠିତ ଏହି ବୈଠକରେ ଓଷ୍ଟାର ସାଧାରଣ ସଂପାଦକ ରନ କୁମାର ଦାଶ, ଏଆଇଏଫ୍‌ଇଏର ସଭାପତି ସୁଧୀର କୁମାର, ସାଧାରଣ ସଂପାଦକ ନବ କୁମାର କର୍ମାକର, ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିକ୍ରମ କୁମାର ଦାଶ, ଓଆର୍‌ଟିଏର ସଭାପତି ଅଜୟ କୁମାର ସାମଲ, ଅଖିଳ ଭାରତୀୟ ଶିକ୍ଷକ ମହାସଂଘର ସମସ୍ତ ପଦାଧିକାରୀଙ୍କ ସେମତ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡ଼ିଶା ଅବସର ଶିକ୍ଷକ ସଂଘର ସମସ୍ତ ପଦାଧିକାରୀ, ଓଷ୍ଟାର ସମସ୍ତ ଜିଲ୍ଲା ସମ୍ପାଦକ ମାନେ ଯୋଗେଦଇଥିଲେ।

## ଠାକୁରଙ୍କ ବଳକା କାଠ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ: ଆଇନ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଏବଂ ଦାରୁ କାଠରୁ ଦୀଘା ମନ୍ଦିର ମୂର୍ତ୍ତିରେ ବ୍ୟବହାର କରାଯିବ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଘଟଣାକୁ ନେଇ ଆଲୋଚନା ହେଉଛି, ସେ ସବୁ ସତ କି ମିଛ, ତାହା ତଦନ୍ତ ସରିବା ପରେ ଜଣାପଡ଼ିବ। ଜଗନ୍ନାଥଙ୍କ ଦାରୁର ବଳକା କାଠରେ ମୂର୍ତ୍ତି ତିଆରି କରି ବାହାରକୁ ନେବା। ଏ ସବୁ ବାବଦରେ ଚର୍ଚ୍ଚା ଆଲୋଚନା ହେଉଛି। ତେବେ କିଏ କେଉଁ ମନ୍ଦିରକୁ ଗଲେ ତାହା ଧର୍ତବ୍ୟ ନୁହେଁ। କିନ୍ତୁ ଠାକୁରଙ୍କ ବଳକା କାଠକୁ କେଉଁଠି ନେଇ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ମହାପ୍ରଭୁ ଜଗନ୍ନାଥଙ୍କ ଧାମ ସହ ବିଶ୍ୱର କୌଣସି ଜଗନ୍ନାଥ ମନ୍ଦିରକୁ ତୁଳନା କରିବା ଆପ୍ରସଙ୍ଗିକ ଏବଂ ଅଗ୍ରହଣୀୟ। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି। ଯଦି ଏଥିରେ କାହାର ମନ୍ଦ ଉଦ୍ଦେଶ୍ୟ ଅଛି, ସେହି ମନ୍ଦ ଉଦ୍ଦେଶ୍ୟ ଥିବା ଲୋକଙ୍କ ଉପରେ ଦଣ୍ଡ ବିଧାନ କରାଯିବ। ଏ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବ। ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଲେଖା ଯିବାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଆଇନ ମନ୍ତ୍ରୀ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବାବଦରେ ଜାଣନ୍ତୁ। କାରଣ ଚାରି ଧାମ ମଧ୍ୟରୁ ଜଗନ୍ନାଥଙ୍କ ପୁରୀ ଧାମ ଗୋଟିଏ। ତେଣୁ ଅନ୍ୟ କେଉଁଠି ମନ୍ଦିର ତିଆରି କରାଯାଇପାରେ, କିନ୍ତୁ ଧାମର ଆଖ୍ୟା ଦିଆଯାଇପାରିବ ନାହିଁ। ସବୁ ଧର୍ମର ଲୋକ ଦୀଘା ମନ୍ଦିରରେ ଯାଇ ପୂଜାର୍ଚ୍ଚନା କରିବା ନେଇ ମଧ୍ୟ ବ୍ୟକ୍ତିଗତ ଭାବେ ଆପତ୍ତି ଅଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷା ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଏକ ସ୍ୱାଧୀନ ଓ ଦାୟିତ୍ୱବାନ ଗଣମାଧ୍ୟମ ଆମ ଗଣତନ୍ତ୍ରର ମୂଳ ଆଧାର। ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସରେ ଆସନ୍ତୁ ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷା କରିବା ଓ ସତ୍ୟର ଅନୁସନ୍ଧାନରେ ସାମ୍ବାଦିକ କରୁଥିବା ପ୍ରୟାସକୁ ସମର୍ଥନ ପାଇଁ ଆମର ସାମୁହିକ ସଂକଳ୍ପକୁ ପୁନଃଦୃଢ଼ କରିବା। ନୀତିମୂଳକ ସାମ୍ବାଦିକତାକୁ ପ୍ରୋତ୍ସାହନ ଓ ଗଣମାଧ୍ୟମର ଅଧିକାର ସୁରକ୍ଷିତ କରିବାରେ ଓଡ଼ିଶା ଦୃଢ଼ ସଂକଳ୍ପବଦ୍ଧ ରହିଛି।

### ଏକ ସୁଦୃଢ଼ ଏବଂ ସଶକ୍ତ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଏକ ସୁଦୃଢ଼ ଏବଂ ସଶକ୍ତ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଆଜି 'ବିଶ୍ୱ ଗଣମାଧ୍ୟମ ସ୍ୱତନ୍ତ୍ରତା ଦିବସ' ଅବସରରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସହ ଜଡିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ତିନିଦିନିଆ ରାଜସ୍ଥାନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜିଠୁ ତିନି ଦିନିଆ ରାଜସ୍ଥାନ ଗସ୍ତରେ ଯାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆସନ୍ତାକାଲି କାଲି ଜୟପୁରରେ ଆୟୋଜିତ ଗ୍ରେଟ୍ ଇଣ୍ଡିଆ ଟ୍ରାଭେଲ୍ ବଜାର ଉଦ୍ ଘାଟନୀ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଯୋଗଦେବେ। ସେଠାରେ ପର୍ଯ୍ୟଟନର ବିକାଶ ପାଇଁ ନିବେଶକଙ୍କ ସହ କଥାହେବେ ଉପମୁଖ୍ୟମନ୍ତ୍ରୀ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ବି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ଗସ୍ତ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ୧୭ ନମ୍ବର ରାଜ୍ୟରୁ ୬ ନମ୍ବର ହେବା ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ଶକ୍ତି କରିଡର କରିବା ପାଇଁ କନସେପ୍ଟ କରାଯାଉଛି। ରାଜ୍ୟରେ ୩ଟି ଶକ୍ତି ପୀଠ ଅଛି। ମାଆ ବିମଳା, ମାଆ ବିରଜା ଓ ମାଆ ତାରାତାରିଣୀ ପୀଠକୁ ଆହୁରି ହାଇଲାଇଟ କରି ଶକ୍ତି କରିଡ଼ର କରାଯିବ। ଶକ୍ତି ଉପାସକ ମାନଙ୍କୁ ସେହି ଅନୁସାରେ ସୁବିଧା ଯୋଗାଇ ଦିଆଯିବ। ପର୍ଯ୍ୟଟନ ବିଭାଗ ମିଶନ ମୋଡ଼ରେ କାମ କରୁଛି। ରାଜସ୍ଥାନରେ ଗ୍ରେଟ ଇଣ୍ଡିଆ ଟ୍ରାଭେଲ ବଜାରରେ ଯୋଗ ଦେବେ। ଥିମ୍ ଷ୍ଟେଟ ଭାବେ ଓଡ଼ିଶା ସାମିଲ ହେଉଛି। ହୋଷ୍ଟ ଷ୍ଟେଟ ଭାବେ ରାଜସ୍ଥାନ ଯେତିକି ମାଇଲେଜ ପାଇବ, ତା ଠାରୁ ଅଧିକ ମାଇଲେଜ ଥିମ୍ ଷ୍ଟେଟ ଭାବେ ଓଡ଼ିଶା ଟୁରିଜିମ ପାଇବ। ଏହି କାର୍ଯ୍ୟକ୍ରମରେ ବହୁତ ଆରବିକ ଦେଶର ଟୁର୍ ଅପରେଟର ଓ ଟୁର ଗାଇଡ ମାନେ ଯୋଗ ଦେଉଛନ୍ତି। ଓଡ଼ିଶା ପକ୍ଷରୁ ଚାଲିଥିବା ନେକ୍ସଟ ଡେଷ୍ଟିନେସନ କ୍ୟାମ୍ପେନକୁ ବହୁତ ଲାଭ ହେବ ବୋଲି ଆଶା ଅଛି। ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଗସ୍ତ ଅବସରରେ ୪ ତାରିଖରେ ଜୟପୁର ଠାରେ ଆୟୋଜିତ ହେବାକୁ ଥିବା ଗ୍ରେଟ୍ ଇଣ୍ଡିଆ ଟ୍ରାଭେଲ ବଜାରର ଉଦଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗଦେବେ। ଏହା ପରେ ମିଟ ଇନ ଇଣ୍ଡିଆ କାର୍ଯ୍ୟକ୍ରମରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡା ଓଡିଶା ପର୍ଯ୍ୟଟନ ବିକାଶର ପ୍ରଚାର ପ୍ରସାର କରିବା ସହ ଓଡିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ପ୍ରସଙ୍ଗରେ ବିଭିନ୍ନ ନିବେଶକମାନଙ୍କ ସହ ଆଲୋଚନା କରିବେ। ଓଡିଶାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ଓ ସେମାନଙ୍କୁ ଉଚ୍ଚ କୋଟିର ସେବା ଉପଲବ୍ଧ କରିବା ଉପରେ ବିଭିନ୍ନ ବିଶେଷଜ୍ଞ ମାନଙ୍କ ସହ ପ୍ରଭାତୀ ପରିଡା ଆଲୋଚନା କରିବେ।

## ଉଠା ଦୋକାନୀ ମହାସଂଘର ସମାବେଶ

କଟକ(ଭାସ୍କର ନ୍ୟୁଜ): ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସିଡିଏ ମା' ଭୁଆସୁଣୀ ପିଠରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାସ୍ତାକଡରେ କରୁଥିବା ଦୋକାନୀଙ୍କୁ ଆଇନ ଅନୁଯାୟୀ ଭେଣ୍ଡିଂ ଜୋନ ନ ଯୋଗାଇ ଉଚ୍ଛେଦ ଘଟଣାକୁ ବେଆଇନ ବୋଲି ମହାସଂଘରେ ମତପ୍ରକାଶ ପାଇଥିଲା। ଏଣୁ ତୁରନ୍ତ ଉଠାଦୋକାନୀଙ୍କୁ ଭେଣ୍ଡି ଜୋନ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବୈଠକରେ ସଂଘ ଉପଦେଷ୍ଟା ବିନୋଦ ବେହେରା, ମହାସଂଘ ସଂପାଦକ ଅକ୍ଷୟ ସାହୁ, ନିତ୍ୟାନନ୍ଦ ନାୟକ, ଡ଼ ଜ୍ଞାନଗୁରୁ ଦାସ, ଜନାର୍ଦ୍ଦନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମର୍କତନଗରର ବିଭିନ୍ନ ସେକ୍ଟରରୁ ଉଠା ଦୋକାନ କରିଥିବା ଦୋକାନୀଙ୍କୁ ନେଇ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। କଟକ ଉଠାଦୋକାନି ମହାସଂଘ ସଭାପତି ଅମରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋରାପୁଟର ଲମତାପୁଟର ଗୁନେଇପଡା ଛାତ୍ରାବାସରେ ନାବାଳିକା ଆଦିବାସୀ ଝିଅ ପ୍ରତି ଯୌନ ନିର୍ଯାତନା ଏବଂ ଦୁଷ୍କର୍ମ ପରି ସମ୍ବେଦନଶୀଳ ଘଟଣାରେ ବିଜେଡି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଗତ ୧୩ ଏପ୍ରିଲ୍ ରାତିରେ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକର ଗୁନେଇପଡା ଗ୍ରାମ ପଞ୍ଚାୟତର କଳାପଡା ଗ୍ରାମର ଜଣେ ୮ ବର୍ଷୀୟ ଆଦିବାସୀ ଝିଅକୁ ଜଣେ ଯୁବକ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ବିଜୁ ଜନତା ଦଳ ଗଭୀର ଉଦବେଗ ପ୍ରକାଶ କରିବା ସହିତ ଶନିବାର ଏକ ଉଚ୍ଚସ୍ତରୀୟ ବିଜେଡି ପ୍ରତିନିଧି ଦଳ ପୀଡିତାଙ୍କ ପରିବାରକୁ ଭେଟି ସମବେଦନା ପ୍ରକାଶ କରିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ସାଂସଦ ଝିନ୍ନ ହିକାକା, ପୂର୍ବତନ ବିଧାୟକ ରଘୁ ରାମ ପାଡଲ, ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଏବଂ ପୂର୍ବତନ ବିଧାୟକ ପ୍ରୀତମ ପାଢୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟର ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକାକା, ସୁରେନ୍ଦ୍ର କୁମାର ପାତ୍ର, ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାପତି ପାର୍ବତୀ ମସ୍ତି, କୋରାପୁଟ ପୌରପାଳିକା ଅଧ୍ୟକ୍ଷ ଲଲାଟ ରଂଜନ ସେଠି, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚଲାନ ପ୍ରମୁଖ ସ୍ଥାନୀୟ ନେତା ସୁଧାକର ଆଧାରୀ, କାଦମ୍ବିନୀ ସେଠି, ଚନ୍ଦ୍ରମଣି ଜାନି ଏବଂ ଦିଲ୍ଲିପ ବୁରୁଣ୍ଡି ଇତ୍ୟାଦି ସାମିଲ ଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ଘଟଣା ଉପରେ ସେମାନଙ୍କର ଦୁଃଖ ପ୍ରକାଶ କରିବା ସହିତ ହଷ୍ଟେଲର ଅଧ୍ୟକ୍ଷଙ୍କ ଦ୍ୱାରା ଘୋର ଅବହେଳାକୁ ନିନ୍ଦା କରିଥିଲେ। ଅପରାଧ ରିପୋର୍ଟ କରିବାରେ, ପୀଡିତାକୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବାରେ କର୍ତୃପକ୍ଷ ବିଫଳ ହୋଇଥିଲେ ବୋଲି ସେମାନେ କହିଛନ୍ତି। ପୀଡିତା ନାବାଳିକାଙ୍କୁ ଘରକୁ ପଠାଯାଇଥିଲା ଏବଂ ତାଙ୍କ ପିତାମାତା ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଅବନତି ଦେଖିବା ପରେ ହିଁ ଭୟଙ୍କର ସତ୍ୟ ସାମ୍ନାକୁ ଆସିଥିଲା ବୋଲି ସେମାନେ କହିଛନ୍ତି। ବିଜେଡି ପ୍ରତିନିଧି ଦଳ ଜରୁରୀ ଦାବୀ ଉପସ୍ଥାପନ କରିଛି। ଗୁଣେଇପଡ଼ା ଛାତ୍ରାବାସର ମୁଖ୍ୟ ଶିକ୍ଷୟିତ୍ରିଙ୍କ ବିରୁଦ୍ଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି। ଏସଟି ଏବଂ ଏସସି ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ଏକ ନିର୍ଦ୍ଦେଶନାମା ଜାରି କରାଯାଉ ଯେ ସମସ୍ତ ଅପରାଧ ତୁରନ୍ତ ପୋଲିସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ। ଏହାଛଡା, ରାଜ୍ୟର ସମସ୍ତ ଆଦିବାସୀ ବାଳିକା ଛାତ୍ରାବାସରେ, ଛାତ୍ରୀମାନଙ୍କ ସୁରକ୍ଷା ପାଇଁ, ନିୟମିତ ଭାବେ ଅଚାନକ ଯାଞ୍ଚ କରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ଲାଗୁ କରିବା ଦରକାର। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି, ବିଜେଡି ନେତାମାନେ ଜୋର ଦେଇଥିଲେ ଯେ ୧୭୬୦ଟି ରାଜ୍ୟ ପରିଚାଳିତ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରାବାସରେ ରହୁଥିବା ୫.୭ ଲକ୍ଷରୁ ଅଧିକ ଛାତ୍ରୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ସହିତ ସାଲିସ କରାଯାଇପାରିବ ନାହିଁ। ବିଜେପି ସରକାର କ୍ଷମତାସୀନ ହେବା ପରେ, ରାଜ୍ୟରେ ଗତ ଦଶ ମାସରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ, ବିଶେଷକରି ଶିଶୁ ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ଘଟଣା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ରାଜ୍ୟରେ ଥିବା ଏହି ପ୍ରତିଷ୍ଠାନଗୁଡ଼ିକ ଶିକ୍ଷା ଏବଂ ସଶକ୍ତିକରଣର କେନ୍ଦ୍ର ହେବା ଉଚିତ, ଭୟ, ଅବହେଳା ଏବଂ ଆଘାତ ନୁହେଁ। ବିଜୁ ଜନତା ଦଳ ଶିଶୁ, ଛାତ୍ରୀ ତଥା ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ଓଡ଼ିଶାର ପ୍ରତ୍ୟେକ ଆଦିବାସୀ ଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟାପକ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଗୁରୁତ୍ୱ ଦେଇ ଆସୁଛି।

# ବରିଷ୍ଠ ଅଧିବକ୍ତା ମନୋଜ ମିଶ୍ରଙ୍କ ସମ୍ବର୍ଦ୍ଧନା ସମାରୋହ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି' ସହ ସହବନ୍ଧିତ କର୍ମଚାରୀ ସଂଗଠନ ଓ 'ମିଡ଼ିଆ ଫେଡେରେସନ୍ ଅଫ୍ ଓଡ଼ିଶା', ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀକ ଶ୍ରମିକ ଦିବସ ଓ ବରିଷ୍ଠ ଅଧିବକ୍ତା ତଥା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ନବ ନିର୍ବାଚିତ ସଭାପତି ମନୋଜ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯିବା ଅବକାଶରେ ଏକ ସମ୍ବର୍ଦ୍ଧନା ସଭା ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନ, ୟୁନିଟ୍-୫, ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କହିଥିଲେ ଯେ, ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ମନୋଜ ମିଶ୍ର ବହୁ ଭୋଟ୍ ବ୍ୟବଧାନରେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିବାରୁ ଓ ଓଡ଼ିଶାର ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ଏହି ମହାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାରୁ ଏହା ଏକ ଐତିହାସିକ ପରମ୍ପରାର ଏକ ମାର୍ଗଦର୍ଶନ ମାତ୍ର। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ସର୍ବଶ୍ରୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ସ୍ତମ୍ଭକାର ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ପତ୍ରକାର ସତ୍ୟପ୍ରକାଶ ନାୟକ, ଆଇନ୍‌ଜୀବୀ ଲଳିତ ମୋହନ ନନ୍ଦ ଓ ନଗେନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରୀ ମିଶ୍ରଙ୍କର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ସେମାନେ ବକ୍ତବ୍ୟ ରଖିଥିଲେ ଯେ ମନୋଜ ମିଶ୍ର ଖୁବ୍ କମ୍ ବ୍ୟବଧାନରେ ବିଶେଷକରି ଗରିବ କର୍ମଚାରୀମାନଙ୍କୁ ସେବାଦାନ କରିବା ପରିପ୍ରେକ୍ଷୀରେ ସେମାନଙ୍କୁ ଥଇଥାନ କରିବା ଓ ନିଜସ୍ୱ ଆଇନ୍‌ଜୀବୀ ଶୈଳୀରେ କୋର୍ଟରେ ବହୁ ଯୁକ୍ତିଯୁକ୍ତ ଆଇନ୍ ପରିବେଷଣ କରିବା ସେ ଥିଲା ତାଙ୍କର ଏକ ଆଇନ୍‌ଜୀବୀ ଦକ୍ଷତାର ପରିପ୍ରକାଶ। ଯେଉଁଥିପାଇଁ ଆଜି ଓଡ଼ିଶାର ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଗେଇ ଆସିଛନ୍ତି। ଶ୍ରୀ ମିଶ୍ରଙ୍କୁ ଓଡ଼ିଶାର ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯିବା ଏହା ବହୁଗୁଣିତ ଭାବର ସୁଚିନ୍ତିତ ପଦକ୍ଷେପକୁ ସାଙ୍ଗଠନିକ ବ୍ୟବସ୍ଥାର ଏକ ଉତ୍ତମ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ। ସମ୍ବର୍ଦ୍ଧନା ସଭାରେ ପ୍ରିୟଦର୍ଶୀ ମିଶ୍ର ଅଭିଭାଷଣ ରଖିଥିଲେ ଯେ ମନୋଜବାବୁ ଜଣେ ସୁଦକ୍ଷ ସନ୍ତାନ। ଅସହାୟ, ନିରାଶ୍ରୟ, ଅକ୍ଷମ ବ୍ୟକ୍ତିବିଶେଷଙ୍କୁ ତଥା ସର୍ବୋପରି ସରକାରଙ୍କ ଦ୍ୱାରା ଲାଞ୍ଛିତ ହେଉଥିବା ଦୀନ ଦରିଦ୍ର ଅସ୍ଥାୟୀ କର୍ମଚାରୀଙ୍କୁ ଶ୍ରୀ ମିଶ୍ର କୋର୍ଟରେ ଅକାଟ୍ୟ ଯୁକ୍ତିକରି ସେମାନଙ୍କୁ ଦାନା ଦେଇ ବଞ୍ଚାଇଥିବା ଏହା ହେଉଛି ତାଙ୍କର ଅନ୍ୟତମ ଚିନ୍ତାଧାରା ବିକଳ୍ପ ବ୍ୟବସ୍ଥାର ଆଇନ୍ ଅଭିଜ୍ଞତାର ପରିଚୟ। ସମ୍ବର୍ଦ୍ଧିତ ସେହି ମହାନ୍ ବରିଷ୍ଠ ଅଧିବକ୍ତା ତାଙ୍କ ସମ୍ଭାଷଣରେ କହିଥିଲେ ଯେ, ସରକାର ଯେଉଁ ଦୀନ, ଦରିଦ୍ର, ଅସ୍ଥାୟୀ କର୍ମଚାରୀଙ୍କୁ ଅଣଦେଖା କରି ଛଟେଇର ଶିକାର କରୁଥିଲେ ସେମାନେ ଆଜି ସ୍ଥାୟୀ ନିଯୁକ୍ତିରେ ଅବସ୍ଥାପିତ ଓ ସେମାନଙ୍କୁ ସରକାର ଅବସରକାଳୀନ ଭତ୍ତା ଓ ପେନ୍‌ସନ୍ ଦେବାରେ ଅସମର୍ଥ ହୋଇଥିବାରୁ ସେମାନେ କିପରି ନ୍ୟାୟ ପାଇବେ, ସେଥିପାଇଁ ମୁଁ ସଦା ତତ୍ପର। ଉକ୍ତ ସମ୍ବର୍ଦ୍ଧନା ସଭାରେ ବହୁ ବିଶିଷ୍ଟ ଶିକ୍ଷାବିତ୍, କର୍ମଚାରୀ ନେତା ମତବ୍ୟକ୍ତ କରିଥିବା ବେଳେ ଅନ୍ୟତମ କର୍ମଚାରୀ ନେତା ଗଗନ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ଆଶିଷ ନନ୍ଦ ବିବରଣୀ ପାଠ କରିଥିବା ବେଳେ ଗଙ୍ଗାଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ଦୁଇ ଦେଶ ଏବଂ ପାଣିବନ୍ଧ ଭେଳିକି



**ସୁଜାତା ପ୍ରହରାଜ**
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ସିନ୍ଧୁ ନଦୀ। ସାଢ଼େଚାରି କୋଟିବର୍ଷ ପୂର୍ବରୁ ଉଦ୍ଭବ ଏ ନଦୀ ଭାରତୀୟ ଉପ-ମହାଦେଶର ପରିଚୟ। ଏହାର ଉର୍ବର ଉପତ୍ୟକାରେ ଗଢ଼ି ଉଠିଥିଲା ପୃଥିବୀର ସର୍ବପୁରାତନ ସଭ୍ୟତା ମଧ୍ୟରୁ ଅନ୍ୟତମ ସିନ୍ଧୁ ସଭ୍ୟତା। ପ୍ରାୟ ଦେଢ଼ଶହକୋଟି ମନୁଷ୍ୟଙ୍କ ଜୀବନ ଏହି ନଦୀ ସହିତ ଓତଃପ୍ରୋତ ଭାବରେ ଜଡ଼ିତ। ଭାରତୀୟ ସଂସ୍କୃତି, ପରମ୍ପରା, ଚାଲିଚଳନ ଏବଂ ଜୀବନଜୀବିକାକୁ ପରିପୁଷ୍ଟ କରିଛି ଏ ନଦୀ। ସିନ୍ଧୁ କେବଳ ଗୋଟିଏ ନଦୀ ନୁହେଁ। ହିମାଳୟରୁ ଉତ୍ପନ୍ନ ରାବୀ, ବେୟସ୍, ସତଲୁଜ୍, ଝେଲମ୍, ଚେନାବ ଏବଂ ସିନ୍ଧୁ – ଛଅଟି ନଦୀକୁ ନେଇ ଏହା ଗୋଟିଏ ନଦୀବ୍ୟବସ୍ଥା। ରାବୀ, ବେୟସ୍ ଏବଂ ସତଲୁଜ୍ ପୂର୍ବଦିଗରୁ ପ୍ରବାହିତ ହେଉଥିବାରୁ ଏମାନଙ୍କୁ ପୂର୍ବୀ ଏବଂ ଝେଲମ୍, ଚେନାବ ଓ ସିନ୍ଧୁ ପଶ୍ଚିମରେ ଧାବମାନ ହେଉଥିବାରୁ ସେମାନଙ୍କୁ ପଶ୍ଚିମାନଦୀ ବୋଲି ଆଞ୍ଚଳିକ ଭାଷାରେ କୁହାଯାଏ। ସବୁନଦୀ ପାକିସ୍ତାନ ଭିତରେ ପ୍ରବାହିତ ହୋଇ ଆରବ ସାଗରରେ ମିଶିଛନ୍ତି।

ଦେଶ ବିଭାଜନ ପରେ ରକ୍ତରଞ୍ଜିତ ସିନ୍ଧୁନଦୀର ଜଳ। ଗୋଟିଏ ଦେଶର ସନ୍ତାନଙ୍କ ଭିତରେ ଏତେ ତିକ୍ତତା ! ମନୁଷ୍ୟକୃତ ଘୃଣା, ହିଂସା ଓ ଦ୍ୱେଷ କେମିତି ସୀମିତ ରହିଥାନ୍ତା ଦେଶ ବିଭକ୍ତିରେ ! ବଣ୍ଟା ହେଲା ନଦୀଜଳ। ୧୯୪୮ ମସିହା କଥା। ସ୍ୱାଧୀନତାର ପ୍ରାପ୍ତିର ଉଲ୍ଲାସ ଫିକା ପଡ଼ିଯାଏ ଦୁଇଦେଶ ଭିତରେ ତିକ୍ତସମ୍ପର୍କର ଉତ୍କଟତାର ପ୍ରଭାବରେ। ସଦ୍ୟବିଭାଜିତ ଏକ ବିରାଟଭୂଖଣ୍ଡର ଦୁଇଭାଗ ଯୁଦ୍ଧରେ ଅବତୀର୍ଣ୍ଣ। ଭାରତୀୟ ସେନା ପାକିସ୍ତାନୀ ଆକ୍ରମଣକାରୀଙ୍କୁ ତଡ଼ି ସୀମା ଭିତରକୁ ଘଉଡ଼େଇଦେଲେ। ପ୍ରାୟ ସବୁ ନଦୀବନ୍ଧ ଭାରତ ଅକ୍ତିଆରରେ। ବାକି ଥିଲା ମରାଲା ଏବଂ ମଙ୍ଗଳା ନଦୀବନ୍ଧ। ପାକିସ୍ତାନର ଅଧା ଲୋକଙ୍କର ଜୀବନ ସ୍ୱରୂପ, ଫସଲ ଓ ବିଦ୍ୟୁତ୍ ଉତ୍ପାଦନ ଉଭୟ ନଦୀବନ୍ଧ ଉପରେ ନିର୍ଭରଶୀଳ।

ଦେଶର ବିଭାଜନ ସହିତ ପଞ୍ଜାବପ୍ରଦେଶ ମଧ୍ୟ ଭାଗ ହେଲା। ପଶ୍ଚିମ ଭାଗ ପାକିସ୍ତାନରେ ଏବଂ ପୂର୍ବ ଭାଗ ଭାରତରେ ରହିଲା। ନଦୀମାନଙ୍କ ଉପରେ ନିର୍ମିତ ବନ୍ଧ ମଧ୍ୟ ବିଭାଜିତ ହେଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲ୍ଲୀ ଖାଁ କାଶ୍ମୀରକୁ ଯେମିତି ହେଉ ବି ଅକ୍ତିଆର କରିବାକୁ ଚାହୁଁଥିଲେ। ଯୁଦ୍ଧ କଥା ଚିନ୍ତା କଲାବେଳେ ଭାରତ ନିଜମାଟିରୁ ପ୍ରବାହିତ ନଦୀଜଳକୁ ତାଙ୍କ ଦେଶ ବିରୁଦ୍ଧରେ ଅସ୍ତ୍ରଭାବରେ ପ୍ରୟୋଗ କରିବାର ଭୟ ତାଙ୍କୁ ଘାରିଥିଲା। ଭାରତ କେତେବେଳେ କମ୍ ପାଣି ଛାଡ଼ି ଜଳକଷ୍ଟ ଓ କେତେବେଳେ ଅଧିକପାଣି ଛାଡ଼ି ବନ୍ୟାବିପ୍ଳାତ ଘଟାଇ ପାରେ। ଏହାକୁ ପ୍ରତିରୋଧ କରିବା ପାଇଁ ଏକ ସନ୍ଧିର ଆବଶ୍ୟକତା ପାକିସ୍ତାନ ଅନୁଭବ କଲା। ୧୯୪୭ ଡିସେମ୍ବର ୨୦ ତାରିଖ। ପୂର୍ବ ଓ ପଶ୍ଚିମ ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କ ଭିତରେ 'ଷ୍ଟାଣ୍ଡ୍ ଷ୍ଟିଲ୍ ଚୁକ୍ତି' ସ୍ୱାକ୍ଷରିତ ହେଲା। ଚୁକ୍ତିରେ ୧୯୪୮ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ପାକିସ୍ତାନକୁ ନିର୍ଦ୍ଦିଷ୍ଟ ପରିମାଣର ପାଣି ଛାଡ଼ିବାର ବ୍ୟବସ୍ଥା ରହିଲା।

୧୯୪୮ ମସିହା ଅପ୍ରେଲ୍ ପହିଲାରୁ ଭାରତ ପାଣି ଛାଡ଼ିବା ବନ୍ଦ କରିଦେଲା। ପାକିସ୍ତାନର ୧୭ ଲକ୍ଷ ଏକର ଜମିରେ ମରୁଡି ପରିସ୍ଥିତି ସୃଷ୍ଟି ହେଲା। ପାକିସ୍ତାନକୁ କାଶ୍ମୀର ହାସଲ ଉଦ୍ୟମରୁ ବିରତ ରହିବାକୁ ଭାରତ ଏହି ଚାପ ପ୍ରୟୋଗ କରିଥିଲା। ଭାରତର ଏ ପଦକ୍ଷେପ ବିରୁଦ୍ଧରେ ପାକିସ୍ତାନ ୧୯୫୧ ମସିହାରେ ମିଳିତ ଜାତିସଂଘର ଦ୍ୱାରସ୍ଥ ହେଲା। ଏ ବିଷୟ ଦୁଇଦେଶ ମଧ୍ୟରୁ ଯାଇ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଲା।

'ଇଣ୍ଡସ୍ ବେସିନ୍ ଅନ୍‌ଇଣ୍ଟରପ୍ଟେଡ୍' ନାମକ ପୁସ୍ତକରେ ପ୍ରସିଦ୍ଧ ଐତିହାସିକ ଉତ୍ତମ କୁମାର ସିହ୍ନା ଲେଖିଛନ୍ତି ୧୯୫୧ ମସିହାରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଟେନ୍‌ସି ଭେଲି ଅଥରିଟିର ପୂର୍ବତନ ମୁଖ୍ୟ ଡେଭିଡ ଲିଲିଏନ୍ଥାଲ୍‌ଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କଲେ। ନେହେରୁଙ୍କ ନିମନ୍ତ୍ରଣ ସ୍ୱୀକାର କରି ଲିଲିଏନ୍ଥାଲ୍ ଆସିଲେ। ଦିଲ୍ଲୀସ୍ଥିତ ତିନିମୂର୍ତ୍ତି ଭବନରେ ତାଙ୍କର ଏକ ସପ୍ତାହର ରହଣି ସମୟରେ

**ମୁଦ୍ରା କାହାଣୀ**

ଅନେକ ପ୍ରୋଜେକ୍ଟ ବାବଦରେ ଆଲୋଚନା ହେଲା। ଆମେରିକାର ପ୍ରସିଦ୍ଧ ଲେଖକ-ସାମ୍ବାଦିକ ୱାଲ୍‌ଟର୍ ଲିପ୍‌ମାନ୍ ଲିଲିଏନ୍ଥାଲ୍‌ଙ୍କୁ ଉଭୟ ଭାରତ ଓ ପାକିସ୍ତାନ ଯିବା ପାଇଁ ଉପଦେଶ ଦେଲେ। ଭାରତରେ ବିଚାରବିମର୍ଶ କରି ଲିଲିଏନ୍ଥାଲ୍ ପାକିସ୍ତାନ ଗଲେ। କାଶ୍ମୀରବିବାଦ ନତୁଟିଲା ପର୍ଯ୍ୟନ୍ତ ପାଣି ଓ ବନ୍ଧନିର୍ମାଣ ଯୋଗୁ ବିସ୍ଥାପିତଙ୍କ ସମସ୍ୟା ଉପରେ ଆଲୋଚନା ବ୍ୟର୍ଥ ବୋଲି କହି ଜଳବିବାଦ ଉପରେ ଆଲୋଚନା କରିବାକୁ ଲିୟାକତ୍ ଅଲ୍ଲୀ ଖାଁ ମନା କରିବାରୁ ଲିଲିଏନ୍ଥାଲ୍ ଆମେରିକା ଫେରିଗଲେ। ସମସ୍ୟାର ସମାଧାନ ନହେବାରୁ ବିଶ୍ୱବ୍ୟାଙ୍କର ତତ୍କାଳୀନ ମୁଖ୍ୟ ଇଉଗିନ୍ ଆର୍ ବ୍ଲାକ୍ ୧୯୫୧ ମସିହା ସେପ୍ଟେମ୍ବର ମାସ ୬ ତାରିଖରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ପତ୍ର ଲେଖି ସେ ସିନ୍ଧୁଜଳ ବିବାଦର ସମାଧାନ କରେଇବାକୁ ଚାହୁଁଛନ୍ତି ବୋଲି ଜଣାଇଲେ। ଏହାର ଉତ୍ତରରେ ନେହେରୁ 'ଉଇଥ୍‌ଲ୍ ଲୁଜ ଇଣ୍ଡିଆ' ସ୍ତମ୍ଭରେ ଲିଲିଏନ୍ଥାଲ୍ ଲେଖିଥିବା ଅନେକ ବିବାଦୀୟ କଥାର ବିରୋଧ କଲେ। ବିଶେଷ କରି ନଦୀଜଳ ବଣ୍ଟନ ସହିତ କାଶ୍ମୀର ବିବାଦର କିଛି ସମ୍ପର୍କ ନଥିବା ଦର୍ଶାଇଥିଲେ।

ବିଶ୍ୱ ବ୍ୟାଙ୍କ୍ ସେତେବେଳେ ଦେଶକୁ ଆର୍ଥିକ ସହାୟତା ଦେବାର ମୁଖ୍ୟ ସଂସ୍ଥା। ଦୁଇଶହ ବର୍ଷଧରି ଆର୍ଥିକ ଶୋଷଣର ଶିକାର ହୋଇ ଭାଗ ହୋଇଥିବା ଗୋଟିଏ ଦେଶ ଏବଂ ତା'ର ଅପର ଅଂଶ ବିଶ୍ୱ ବ୍ୟାଙ୍କ୍ ମୁଖ୍ୟଙ୍କ ପ୍ରସ୍ତାବ ଗ୍ରହଣ ନକରିବା ପରିସ୍ଥିତିରେ ନଥିଲେ। ଇଉଗିନ୍ ବ୍ଲାକ୍‌ଙ୍କ ପ୍ରସ୍ତାବ ଆଧାରରେ ସମସ୍ୟାର ସ୍ଥାୟୀ ଏବଂ ଉଭୟପକ୍ଷଙ୍କ ଗ୍ରହଣୀୟ ସମାଧାନ ବାହାରିବାର ଥିଲା। ତିନିପକ୍ଷରୁ ତିନିଜଣ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦିଆଗଲା। ପ୍ରାୟ ଦଶବର୍ଷର ଆଲୋଚନା ଓ ବିଚାରବିମର୍ଶ ପରେ ୧୯୫୯ ମସିହା ସେପ୍ଟେମ୍ବର ମାସରେ ପାକିସ୍ତାନ ରାଷ୍ଟ୍ରପତି ଆୟୁବ୍ ଖାଁ ଢାକା ଯିବା ସମୟରେ ଦିଲ୍ଲୀରେ ପହଞ୍ଚି ପାଲମ୍ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ସାକ୍ଷାତ କଲେ। ତିନିଘଣ୍ଟାର ଆଲୋଚନାରୁ କୌଣସି ନିଷ୍କର୍ଷ ନବାହାରିବାରୁ ପୁନଃ ଆଲୋଚନା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନେହେରୁଙ୍କର ପାକିସ୍ତାନ ଯିବା ସ୍ଥିର ହେଲା।

୧୯୬୦ ସେପ୍ଟେମ୍ବର ମାସରେ ନେହେରୁ ପାକିସ୍ତାନ ଗଲେ। ଗୋଟିଏ ରାଷ୍ଟ୍ରମୁଖ୍ୟଙ୍କର ଅନ୍ୟରାଷ୍ଟ୍ର ଗସ୍ତ ସମୟରେ ଯେପରି ସ୍ୱାଗତ କରାଯିବା କଥା ନେହେରୁଙ୍କର ପାକିସ୍ଥାନ ଗସ୍ତ ସମୟରେ ତାଙ୍କୁ ସେପରି ସ୍ୱାଗତ କରାଯାଇ ନଥିଲା। ଐତିହାସିକଙ୍କ ମତରେ ନେହେରୁଙ୍କ ପ୍ରତି ଏହା ପାକିସ୍ତାନର ସେନାପ୍ରାୟୋଜିତ ଅପମାନ ଥିଲା। ତଥାପି ନେହେରୁ ଭାରତର ସ୍ୱାର୍ଥପରିପନ୍ଥୀ ଆମେରିକାସମର୍ଥିତ ପ୍ରସ୍ତାବ ଗ୍ରହଣ କରି ୧୯୬୦ ମସିହା ସେପ୍ଟେମ୍ବର ୧୯ ତାରିଖରେ କରାଚି ଠାରେ ସିନ୍ଧୁ ଜଳ ରାଜିନାମା ସ୍ୱାକ୍ଷର କରି ଫେରିଲେ। ୧୯୬୦ ମସିହା ଏପ୍ରିଲ ମାସ ପହିଲାରୁ ଏହା ଲାଗୁ ହୋଇଥିଲା।

ସିନ୍ଧୁ ଜଳ ରାଜିନାମା ଅନୁସାରେ ତିନି ପଶ୍ଚିମ ନଦୀ – ସିନ୍ଧୁ, ଚେନବ ଏବଂ ଝେଲମର ୮୦ ଭାଗ ପାଣି ପାକିସ୍ତାନକୁ ଦେବାକୁ ସ୍ଥିର ହେଲା। ଭାରତ ଏହି ନଦୀମାନଙ୍କର ପାଣି ପୁନଃବ୍ୟବହାର୍ଯ୍ୟ କାମ ଯଥା ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର କରାଯିବାର ସର୍ତ୍ତ ରହିଲା। ଦୁଇଦେଶ ଭିତରେ ବିବାଦର ସମାଧାନ ପାଇଁ ଏକ ତ୍ରିସ୍ତରୀୟବ୍ୟବସ୍ଥା ରହିଲା। 'ସ୍ଥାୟୀ ସିନ୍ଧୁ ଆୟୋଗ'ରେ ବିବାଦର ପ୍ରାଥମିକ ସମାଧାନ ହୋଇ ନପାରିଲେ ବିଶ୍ୱବ୍ୟାଙ୍କ୍ ଦ୍ୱାରା ନିଯୁକ୍ତ ଜଣେ ନିରପେକ୍ଷ ବିଶେଷଜ୍ଞ ସମାଧାନ କରିବେ। ଏଠାରେ ସମସ୍ୟା ସମାଧାନ ନହେଲେ ନେଦରଲାଣ୍ଡ୍‌ର ଦି ହେଗ୍ ଠାରେ ଅବସ୍ଥିତ ପର୍ମାନେଣ୍ଟ୍ କୋର୍ଟ୍ ଅଫ୍ ଆର୍‌ବିଟ୍ରେସନ୍' ସ୍ତରରେ ସମାଧାନ ହେବ।

ସିନ୍ଧୁ ଜଳ ରାଜିନାମାରେ ଭାରତ ପାଇଁ ୨୦ ପ୍ରତିଶତ ଜଳ ନିର୍ଦ୍ଧାରଣ ଏକ ଭୁଲ୍ ଐତିହାସିକ ନିଷ୍ପତ୍ତି। ଏଥିରେ ସବୁଠାରୁ ବେଶୀ କ୍ଷତି ହୋଇଛି ଜମ୍ମୁକାଶ୍ମୀର ରାଜ୍ୟର। ଥଣ୍ଡା ଓ ଶୁଷ୍କ ଜଳବାୟୁର ରାଜ୍ୟ ଜମ୍ମୁକାଶ୍ମୀରରେ ପ୍ରବାହିତ ନଦୀମାନଙ୍କର ପାଣିର ମାତ୍ର ୨୦ ଭାଗ ବ୍ୟବହାର କରୁଥିବାରୁ ଏହି ରାଜ୍ୟର ଚାଷ ଖୁବ୍ ପ୍ରଭାବିତ ହୁଏ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଜଳଭଣ୍ଡାରଗୁଡ଼ିକରୁ ବାରମ୍ବାର ପଙ୍କଉଦ୍ଧାର କରିବାର କଷ୍ଟ ଓ ଖର୍ଚ୍ଚ ଉଠେଇବାକୁ ହୋଇଥାଏ। ଅନ୍ୟପକ୍ଷରେ ମାତ୍ର ୨୦ ପ୍ରତିଶତ ପାଣି ବ୍ୟବହାର କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଭାରତ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରି ନଥିବାରୁ ସେତିକି ପାଣିର ପୂର୍ଣ୍ଣବିନିଯୋଗ କରିପାରୁନି।

ପ୍ରଶ୍ନ ଉଠେ ଭାରତ କ'ଣ ପାକିସ୍ତାନକୁ ପାଣି ବନ୍ଦ କରିପାରିବ ? ଏହା ଆଦୌ ସମ୍ଭବ ନୁହେଁ। ଚାରିଚାରିଟା ଯୁଦ୍ଧ ଏବଂ ପ୍ରାୟ ଚାରିଦଶକର ଆତଙ୍କବାଦୀ ଆକ୍ରମଣରେ ବିପୁଳ ଧନଜୀବନହାନିର ଶିକାର ଭାରତ ଏହା କରିପାରିନି କି କରିପାରିବ ନାହିଁ। ଭାରତ ଓ ପାକିସ୍ତାନ ଭିତରେ ହୋଇଥିବା ସିନ୍ଧୁଜଳ ଚୁକ୍ତି ଏକ ଅନ୍ତର୍ଜାତୀୟ ବୈଧାନିକ ବ୍ୟବସ୍ଥା ଯାହା ଉଭୟ ଦେଶ ମାନିବାକୁ ବାଧ୍ୟ। ଚୁକ୍ତିର ଧାରା ୧୨ ଅନୁସାରେ କୌଣସି ପକ୍ଷ ଏକତରଫା ଚୁକ୍ତି ବାତିଲ କରିପାରିବେ ନାହିଁ। ତାହା କରିବାକୁ ହେଲେ ଉଭୟଦେଶ ଅନ୍ୟ ଏକ ସନ୍ଧି କରିବାକୁ ପଡ଼ିବ। ଅତ୍ୟାବଶ୍ୟକ କ୍ଷେତ୍ରରେ ଏହି ରାଜିନାମାକୁ ସ୍ଥଗିତ ରଖାଯାଇପାରିବ। କାଶ୍ମୀରର ପହଲଗାଁଆରେ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତିର ପ୍ରମାଣ ମିଳିଥିବାରୁ ଭାରତ ଏହି ଚୁକ୍ତିକୁ କିଛିସମୟ ପାଇଁ ସ୍ଥଗିତ ରଖିଛି।

'ଇଣ୍ଡିଆ ଟୁଡେ' ର ଓପନ୍ ସୋର୍ସ୍ ଇଣ୍ଟେଲିଜେନ୍‌ସ୍ ରିପୋର୍ଟ ହିସାବରେ ସିନ୍ଧୁ ଜଳ ରଜିନାମା ଅନ୍ତର୍ଗତ ନଦୀପାଣିକୁ ପାକିସ୍ତାନ ନଛାଡ଼ି ଭାରତରେ ଅଟକାଇବା ପାଇଁ ଭାରତକୁ ଅତିକମ୍‌ରେ ଭାକ୍ରାନଙ୍ଗଲ୍ ବନ୍ଧ ପରି ୨୨ ବନ୍ଧ ଆବଶ୍ୟକ। ୧୯୬୩ ମସିହାରେ ସମାପ୍ତ ହୋଇଥିବା ଏହି ନଦୀବନ୍ଧ ନିର୍ମାଣ ପାଇଁ ସେତେବେଳେ ୨୪୫.୨୮ କୋଟି ଟଙ୍କା ବା ୨୦୨୩ ମସିହାର ଆକଳନରେ ୨୦୦ ବିଲିଅନ୍ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାର ଅର୍ଥ ପାକିସ୍ତାନକୁ ପାଣି ବନ୍ଦ କରିବାକୁ ହେଲେ ଭାରତକୁ ୪୪୦୦ ବିଲିଅନ୍ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତା' ଛଡ଼ା ଏତେ ସଂଖ୍ୟକ ବନ୍ଧ ନିର୍ମାଣ ପାଇଁ କେତେ ବର୍ଷ ଲାଗିବ ତାହା ନିର୍ମାଣ ସରିଲେ ହିଁ ଜଣାପଡ଼ିବ। ତେଣୁ ଭାରତ ପାକିସ୍ତାନକୁ ପାଣି ବନ୍ଦ କରି ସାବାଡ଼ କରିବାର ଭାବନା ଗୋଟିଏ ଭେଳିକି ମାତ୍ର।

# ଜଗନ୍ନାଥ ଯେ ଷୋଳକଳା



**କିଶୋର କୁମାର ଜେନା**
ଆଇନଜୀବୀ, ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭

ଓଡ଼ିଶାର ଆଧ୍ୟାତ୍ମିକ ଇତିହାସ ବହୁ ଧର୍ମ, ଧାରଣ, ମତବାଦ, ସମ୍ପ୍ରଦାୟକୁ ଅଙ୍ଗୀଭୂତ କରିଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶୀର୍ଷ ସ୍ଥାନରେ ସ୍ଥାପନ କରି ଉତ୍କଳୀୟ ଧର୍ମ ପରମ୍ପରାର ମହତ୍ୱ ଓ ମହାନତା ପ୍ରଖ୍ୟାପନ କରିଛନ୍ତି। ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟର କବିମାନେ ସେମାନଙ୍କ ଗ୍ରନ୍ଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ରୂପେ ଚିତ୍ରଣ କରି ଶ୍ରୀଜନ୍ନାଥଙ୍କର ମହିମା ଓ ମହାନତା ପ୍ରତିପାଦନ କରିଛନ୍ତି। ସେଥିପାଇଁ ଭକ୍ତ ଦିବାକର ଦାସ 'ଜଗନ୍ନାଥ ଚରିତ୍ରାମୃତ'ର ୧୮ ଅଧ୍ୟାୟରେ ଘୋଷଣା କରିଛନ୍ତି –

'ଜଗନ୍ନାଥ ଯେ ଷୋଳକଳା।
ତହୁଁ କଳାଏ ନନ୍ଦବାଳା।
କଳାକେ ଷୋଳ କଳା କରି।
ଗୋପେ ବିହରେ ନରହରି।'

ପୁରୀ ନୀଳାଚଳ ଧାମର ମହତ୍ୱ ବର୍ଣ୍ଣନା କରି ଏହାକୁ ନିତ୍ୟସ୍ଥଳୀ ଗୋଲକ ରୂପେ ଅଭିହିତ କରିଛନ୍ତି। ସେ ଉପରୋକ୍ତ ଅଧ୍ୟାୟରେ କହିଛନ୍ତି- 'ସେହୁ ଗୋଲକ ନିତ୍ୟସ୍ଥଳ। ସେଇଟି ଗିରି ନୀଳାଚଳ। କୋଟିଏ ଯୁଗ ଯେବେ ଯାଇ। ଏଥିରେ ଲୀଳା ନ ସରଇ।।' ପରମ ସାଧକ ଅଚ୍ୟୁତାନନ୍ଦ ପ୍ରସିଦ୍ଧ 'ଶୂନ୍ୟସଂହିତା'ରେ କହିଛନ୍ତି – 'ଅବତାର ଦଶ ଏହି ଦାରୁରୂପ, ଏହି ଦାରୁରେ ସେ ଲୀନ, ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ, ବିଜେ ରତ୍ନ ସିଂହାସନ।'



ଭକ୍ତ ଦିବାକର ଦାସ 'ଶ୍ରୀଜଗନ୍ନାଥ' ଏହି ଶବ୍ଦର ପାଞ୍ଚୋଟି ବର୍ଣ୍ଣର ଯେଉଁ ଅର୍ଥ ବୟାନ କରିଛନ୍ତି ସେଥିରୁ ପ୍ରତିପନ୍ନ ହୁଏ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଶକ୍ତିମାନ, ସର୍ବବ୍ୟାପୀ, ଅର୍ଥଲକ୍ଷ୍ମୀ, ଭକ୍ତି-ପ୍ରୀତି-ଶୋଭା ପ୍ରଦାୟିନୀ ଶକ୍ତି। 'ଜ'ର ଅର୍ଥର ହେଉଛି ସୃଷ୍ଟିର ସ୍ଥଳ ଜଗନ୍ମୟ, ଜ୍ୟୋତି ସ୍ୱରୂପ, ସର୍ବଦେବତା, ବେଦମନ୍ତ୍ର-ଯୋଗ-ଜ୍ଞାନ ପ୍ରଭୃତିର ଜନ୍ମସ୍ଥଳ। 'ଗ'ର ଅର୍ଥ ହେଉଛି ଗୁହ୍ୟ, ଅନନ୍ତ, ଗୋଲକ, କଷ୍ଟ ନିବାରକ। 'ନ୍ନା' ବା 'ନ'ର ଅର୍ଥ ହେଉଛି ନିର୍ବିକଳ୍ପ, ନିରାକାର, ମହାନିତ୍ୟ, ଅବିନାଶୀ, ନାମରୂପୀ ଇତ୍ୟାଦି। 'ଥ'ର ଅର୍ଥ ସର୍ବଭୂତ ଆତ୍ମ, ସୁଦର୍ଶନ, ସ୍ଥିରବୁଦ୍ଧି, ଧର୍ମ-ଅର୍ଥ-କାମ-ମୋକ୍ଷର ଜନ୍ମସ୍ଥଳ ଏବଂ ସର୍ବପ୍ରାଣୀ-ହିତକାରୀ।

ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଆତ୍ମଜ୍ଞାନ, ଭକ୍ତି ନାମ ସ୍ମରଣ, ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ-ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ।


ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଧର୍ମ ଦର୍ଶନର କେନ୍ଦ୍ରବିନ୍ଦୁ। ସେ ଦ୍ୱାରିକାନାଥ, ବଦ୍ରିନାଥ ଓ ରାମନାଥଙ୍କ ସଦୃଶ କୌଣସି ସ୍ଥାନ ବିଶେଷର ନାଥ ନୁହଁନ୍ତି। ଶ୍ରୀଜଗନ୍ନାଥ ନାମ ତାଙ୍କର ବିଶ୍ୱପ୍ରଭୁତ୍ୱର ଦ୍ୟୋତନା ସୃଷ୍ଟି କରିଥାଏ। ଶ୍ରୀଜଗନ୍ନାଥ ସ୍ୱୟଂ ଚତୁର୍ଦ୍ଧା ବିଭକ୍ତ ହୋଇ ରତ୍ନସିଂହାସନରେ ଆସୀନ। ଯଥା 'ଜ କାର ସ୍ତୁ ଜଗନ୍ନାଥଃ ବଳଭଦ୍ର ଗ କାରକଃ – ଭଦ୍ରା ନ କାର ରୂପା ଚ ଥ କରୋପି ସୁଦର୍ଶନଃ'। ଶ୍ରୀଜନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ସମସ୍ତେ ସମ୍ମିଳତ ଭାବେ ଏକ ଓ ଅଭିନ୍ନ। ସେମାନଙ୍କ ନାମକରଣ ମଧ୍ୟ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ଜଗତର ନାଥ ଶ୍ରୀଜଗନ୍ନାଥ। ବଳଯୁକ୍ତ ଭଦ୍ରତାର ପ୍ରତିଭୂ ଶ୍ରୀବଳଭଦ୍ର। ଉତ୍ତମ ଓ ଭଦ୍ରଦେବୀ ସୁଭଦ୍ରା। ଉତ୍ତମ ଦର୍ଶନର ପ୍ରତୀକ ଶ୍ରୀସୁଦର୍ଶନ। ଶ୍ରୀ ସୁଦର୍ଶନ, ଶ୍ରୀସୁଭଦ୍ରା, ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମୂର୍ତ୍ତି ପରିକଳ୍ପନା ମାନବ ସୃଷ୍ଟିର କ୍ରମ ବିବର୍ତ୍ତନ ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ। ଏହି ମୂର୍ତ୍ତି ପରିକଳ୍ପନାରେ ଏକ ସାର୍ବଜନୀନ ଆବେଦନ ପରିସ୍ଫୁଟ।

ବସ୍ତୁବାଦୀ ସାମ୍ପ୍ରତିକ ବିଶ୍ୱରେ ମନୁଷ୍ୟ ପ୍ରଚୁର ଅର୍ଥ, ପ୍ରଭୂତ କ୍ଷମତା ତଥା ଅପରିମେୟ ପ୍ରତିପତ୍ତିର ଅଧିକାରୀ ହୋଇ ମଧ୍ୟ ତିଳେ ହେଲେ ଶାନ୍ତି ପାଇପାରୁନାହିଁ। ଶାନ୍ତି ଅନ୍ୱେଷଣରେ ଶ୍ରୀକ୍ଷେତ୍ର ପର୍ଯ୍ୟଟନକୁ ସେ ଶ୍ରେୟ ମନେ କରୁଅଛି। ବାସ୍ତବରେ ମହାଲକ୍ଷ୍ମୀ ମନ୍ଦିର ସଂଲଗ୍ନ ଚିରବସନ୍ତର କ୍ରୀଡ଼ାଭୂମି ଜଗମୋହନରେ ଉପବେଶନ, ଆନନ୍ଦବଜାରରେ ମହାପ୍ରସାଦ ସେବନ ଓ ମହୋଦଧି ବେଳରେ ମୁକ୍ତବାୟୁ ଆହରଣ ସର୍ବପରି ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ଦର୍ଶନ ଫଳରେ ଯେଉଁ ମନସ୍ତାତ୍ତ୍ୱିକ ସନ୍ତୋଷ ମିଳିଥାଏ, ତାହା ଅନ୍ୟତ୍ର ଦୁର୍ଲ୍ଲଭ। ନ୍ୟାୟ, ସତ୍ୟ, ଶାନ୍ତି ଓ ଆନନ୍ଦର ପ୍ରତିଷ୍ଠା ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ।

ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀ ମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତି ଏକ ବିରାଟ ବଟବୃକ୍ଷ ହେଲେ, ଅନ୍ୟ ସଂସ୍କୃତି ସମୂହ ଏହାର ଏକ ଏକ ଓହଳ ସଦୃଶ ପ୍ରତୀୟମାନ ହେବେ। ଏହି ସଂସ୍କୃତିର ନିର୍ଯ୍ୟାସ ଆଜି ବିଭିନ୍ନ ଧର୍ମ ସଂସ୍କୃତିର ଧମନୀରେ ଜୀବନୀଶକ୍ତି ରୂପେ ପ୍ରବାହିତ। ଶ୍ରୀଜଗନ୍ନାଥ ସଂସ୍କୃତି ଏକାଧାରରେ ମାନବ-ସମାଜର ଶ୍ରୀ ସମୃଦ୍ଧି ଓ ସୁରକ୍ଷା ସାଧକ କରିଥାଏ। ଏହି ସଂସ୍କୃତିମାନବ ହୃଦୟରୁ ପଶୁ ପ୍ରବୃତ୍ତିକୁ ଅପସାରିତ କରି ନୈତିକ ତଥା ଆଦର୍ଶ ଜୀବନଯାପନ ପାଇଁ ଯୁଗ ଯୁଗ ଧରି ପ୍ରେରଣା ପ୍ରଦାନ କରି ଆସିଛି। ଅତଏବ, ପରମାଣୁ ତଥା ତାରକା ଯୁଦ୍ଧ ଆତଙ୍କିତ ମାନବ ସଭ୍ୟତାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଯେ, ଭଗୀରଥ ତୁଲ୍ୟ ଧ୍ୱଂସ ମୁଖରୁ ରକ୍ଷା କରିପାରିବ, ଏହା ଏକ ଅବିସମ୍ବାଦିତ ସତ୍ୟ। ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ପ୍ରଗତିଶୀଳ ବିଭାବ ଏକ ନୂତନ 'ବାଦ' ସୃଷ୍ଟି କରିଅଛି, ଯାହାକୁ କି 'ଶ୍ରୀଜଗନ୍ନାଥବାଦ' କହିଲେ ଅତ୍ୟୁକ୍ତି ହେବନାହିଁ।

# ଓଡ଼ିଆ ନାଟକ ଓ ନାଟ୍ୟକାର ସୁଧାକର ଦ୍ୱିବେଦୀ



**ହିଂମାଶୁ ଶେଖର ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଯେଉଁ କେତେଜଣ ଯୋଗଜନ୍ମା ନାଟ୍ୟକାର ଜନ୍ମଗ୍ରହଣ କରି ତାଙ୍କ ନାଟକ ମାଧ୍ୟମରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡିଯାଇଛନ୍ତି ସେମାନଙ୍କ ମଧ୍ୟରେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ହେଉଛନ୍ତି ଅନ୍ୟତମ। ଯଥାର୍ଥରେ ସେ ଥିଲେ ଜଣେ ସମାଜ ସଚେତକ ନାଟ୍ୟକାର। ତାଙ୍କ ଲେଖନୀରେ ସମାଜର ବାସ୍ତବ ପ୍ରତିଛବି ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା। ସବୁ ଶ୍ରେଣୀର ଦର୍ଶକ ତାଙ୍କ ରଚିତ ନାଟକ ଗୁଡିକୁ ଦେଖି ଆନନ୍ଦରେ ମସ୍‌ଗୁଲ ହେଉଥିଲେ। ପରିମାଣ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ନାଟକଗୁଡିକ ମଧ୍ୟ ଗରୀୟାନ ଥିଲା। ବିଶେଷ କରି ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଜନଜୀବନର କଥା ଏବଂ ବ୍ୟଥାକୁ ନେଇ ସେ ଯେଉଁ ନାଟକ ଗୁଡିକୁ ସୃଷ୍ଟି କରି ଯାଇଛନ୍ତି ତାହାର ପ୍ରକୃତ ଚିତ୍ର ଆଜିର ସମାଜରେ ଦେଖିବାକୁ ମିଳୁଛି। ମାତ୍ର ୩୨ ବର୍ଷ ବୟସରେ କୋଡିଏରୁ ଉର୍ଦ୍ଧ୍ୱ ନାଟକ ରଚନା କରି ସେ ଓଡ଼ିଆ ଯାତ୍ରା ନାଟକ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି। ଆଜି ତାଙ୍କର ୭୫ତମ ଜୟନ୍ତୀ ପାଳନ ଅବସରରେ ସେ ଭାରି ମନେପଡୁଛନ୍ତି। ସତେ ଯେମିତି ଲାଗୁଛି ସେ ସବୁଦିନେ ଅପାଶୋରା ହୋଇ ରହିବେ।

ସୁଧାକର ଦ୍ୱିବେଦୀଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗହ୍ମାପୁର ଗ୍ରାମରେ ୧୯୫୦ ମସିହାରେ। ତାଙ୍କର ପିତା କଳ୍ପତରୁ ଦ୍ୱିବେଦୀ ଓ ମାତା ଶ୍ରୀମତୀ ଦେବୀ। ଗାଁରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ସୁଧାକର। ହିନ୍ଦୀ ସାହିତ୍ୟ ପ୍ରତି ଅତ୍ୟଧିକ ଆସକ୍ତି ଯୋଗୁଁ ସେ ବି.ଏ ପାଶ୍ କରିବା ସହ ହିନ୍ଦୀରେ ଡିଗ୍ରୀ ହାସଲ କରି ଏରସମା ବ୍ଲକ୍‌ସ୍ଥ ପତିତପାବନ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ରୂପେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେଠାରେ ହିଁ ତାଙ୍କର ସୃଜନଶୀଳ ପ୍ରତିଭାର ଉନ୍ମେଷ ହୋଇଥିଲା। ବାଲ୍ୟକାଳରୁ ନାଟକ ଲେଖା ପ୍ରତି ତାଙ୍କର ଅନୁରକ୍ତି ଥିଲା। ବିଦ୍ୟାଳୟର ଶାନ୍ତ, ସୁସ୍ଥ ଓ ରମଣୀୟ ପରିବେଶ ଏବଂ ନିଜର ଅଦମ୍ୟ ଉତ୍ସାହ ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ନାଟକ ଲେଖିବାକୁ ଅନୁପ୍ରାଣିତ କରିଥିଲା। ଶେଷରେ ତାଙ୍କ ଅଭିଳାଷ ପୂରଣ ହେଲା ଓ ତାଙ୍କ ରଚିତ ପ୍ରଥମ ନାଟକ 'ଗୃହଲକ୍ଷ୍ମୀ' ଆତ୍ମପ୍ରକାଶ କଲା। ତାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ।

ସୁଧାକର ଦ୍ୱିବେଦୀ ନାଟକ ଲେଖିବା ଆରମ୍ଭ କଲା ବେଳକୁ ନବକୁମାର ସାହୁ, ରଘୁନାଥ ପଣ୍ଡା, ବୀର କିଶୋର ଦାସ, ଗନ୍ଧର୍ବରାଜ ପରିଜା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଆହୁରି ଅନେକ ପ୍ରତିଷ୍ଠିତ ନାଟ୍ୟକାର ଭାବେ ମାନ୍ୟତା ପାଇ ସାରିଥିଲେ। ମାତ୍ର ସେମାନଙ୍କ ଲେଖାରେ ମୌଳିକତା ନଥିଲା। ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ନାଟକକୁ ଅନୁବାଦ କରି ସେମାନେ ନିଜର ନାଟକ ରଚନା କରୁଥିଲେ। ଠିକ୍ ସେତିକିବେଳେ ସୁଧାକର ଦ୍ୱିବେଦୀ ସଦର୍ପେ ପାଦ ଦେଲେ ନାଟକ ରଚନା କ୍ଷେତ୍ରରେ। ଓଡ଼ିଶାର ଜନଜୀବନ କଥାକୁ ସାଉଁଟି ଆଣି ତାହାକୁ ନାଟକର ରୂପ ଦେଲେ 'ଗୃହଲକ୍ଷ୍ମୀ' ନାଟକରେ। ପାରିବାରିକ ପୃଷ୍ଠଭୂମି ଉପରେ ଆଧାରିତ ଏହି ନାଟକ ନାରୀ ଚରିତ୍ରର ସ୍ୱାର୍ଥ, ତ୍ୟାଗ ଓ ମହନୀୟତା ଉପରେ ପର୍ଯ୍ୟବେଶିତ ଥିଲା। ବଳିଷ୍ଠ କାହାଣୀ, ଉଚ୍ଚକୋଟୀର ସଂଳାପ ଓ ନାଟକୀୟ ଉତ୍କଣ୍ଠା ଏଥିରେ ଭରି ରହିଥିଲା। ଗୃହଲକ୍ଷ୍ମୀ ନାଟକ ମଞ୍ଚସ୍ଥ କରି ସେତେବେଳର ନାମୀ ଯାତ୍ରାଦଳ ଉତ୍ତରକୂଳ ଅପେରା ରାତାରାତି ବହୁ ଚର୍ଚ୍ଚିତ ହୋଇପାରିଥିଲା। ଆଉ ଏଥିସହିତ ସୁଧାକର ଦ୍ୱିବେଦୀ ବି ସମସାମୟିକ ନାଟ୍ୟକାରମାନଙ୍କ ସହ ସମକକ୍ଷ ହୋଇପାରିଥିଲେ।

ସ୍ରଷ୍ଟା ତା'ର ସୃଷ୍ଟିକୁ ଦେଖି ଆତ୍ମବିଭୋର ହୁଏ। ଯୁବସୁଲଭ ମନ, ପ୍ରତିବଦ୍ଧତା ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ଗୋଟିଏ ପରେ ଗୋଟିଏ ନାଟକ ଲେଖିବାକୁ ପ୍ରେରଣା ଯୋଗାଇଲା। ଏହାପରେ ସେ ଲେଖିଚାଲିଲେ ଶଙ୍ଖା ଶାଢୀ ସିନ୍ଦୁର, ଅନ୍ଧମୁନି ଅଭିଶାପ, ପ୍ରେମ ସମାଧିରେ ବିବାହ ବେଦୀ, ଅଭିଶପ୍ତ ଚମ୍ବଲ, ଶପଥ ନୁହେଁ କଳଙ୍କ, ରଘୁ ଅରକ୍ଷିତ, ମହାସତୀ ପାର୍ବତୀ ଓ ବିପ୍ଳବୀର ଅପମୃତ୍ୟୁ ପରି ଅନେକ କାଳଜୟୀ ନାଟକ। ଏସବୁ ନାଟକ ଥିଲା ସେ ସମୟର ନାଟ୍ୟ ଜଗତର ଗୋଟିଏ ଗୋଟିଏ ସଫଳ ଓ ନାଁକରା ନାଟକ। ସବୁଥିରେ ଥିଲା ଉତ୍କଳୀୟ ପଲ୍ଲୀ ଜୀବନର କଥା ଓ ମାଟି ପାଣି ପବନର ଛିଟା। ଏହି ନାଟକଗୁଡିକ ଜଗତସିଂହପୁରର ପ୍ରଖ୍ୟାତ ଯାତ୍ରାଦଳ ପାର୍ବତୀ, ତାରପୁର, ବେଣୀରାମପୁର ଓ ଉତ୍ତରକୂଳ ଦ୍ୱାରା ବହୁବାର ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇପାରିଥିଲା। ତନ୍ମଧ୍ୟରୁ ପାର୍ବତୀ ଗଣନାଟ୍ୟ ଦ୍ୱାରା ମଞ୍ଚସ୍ଥ ନାଟକ 'ଚମ୍ବଲ ଡାକୁ' ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ରଘୁ ଅରକ୍ଷିତ' ବେଣୀରାମପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ଶପଥ ନୁହେଁ କଳଙ୍କ' ଓ ଉତ୍ତରକୂଳ ଅପେରା ଦ୍ୱାରା ମଞ୍ଚସ୍ଥ 'ଗୃହଲକ୍ଷ୍ମୀ' ଓ ଅନ୍ୟାନ୍ୟ ନାଟକ ସୁଧାକର ଦ୍ୱିବେଦୀଙ୍କୁ ନାଟ୍ୟକାର ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା ସମଗ୍ର ଓଡ଼ିଶାରେ।

ଏଭଳି ଜଣେ ପ୍ରତିଭାଦୀପ୍ତ ନାଟ୍ୟକାରଙ୍କର ଜୀବନଦୀପ ନିର୍ବାପିତ ହେଲା ୧୯୮୨ମସିହା ଜୁନ୍ ୨୦ ତାରିଖରେ। ତାଙ୍କର ଅକାଳ ବିୟୋଗରେ ଯାତ୍ରା ଜଗତର ଅପୂରଣୀୟ କ୍ଷତି ଘଟିଲା। ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା। ନାଟ୍ୟକାର ସୁଧାକର ଦ୍ୱିବେଦୀ ଓଡ଼ିଶା ଇତିହାସରେ ଯେଉଁ ସ୍ଥାନ ପାଇବା କଥା ତାହା ଏପର୍ଯ୍ୟନ୍ତ ପାଇ ନାହାନ୍ତି। ଏହି ନାଟ୍ୟକାରଙ୍କ ସ୍ମୃତି ପାଇଁ ସରକାରୀ ସ୍ତରରେ ସେଭଳି କିଛି ପଦକ୍ଷେପ ନିଆଯାଇନାହିଁ। କେବଳ ତାଙ୍କ ଗାଁରେ ଗଢାଯାଇଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତିପରିଷଦ ତାଙ୍କ ପରିବାର ସହାୟତାରେ ପ୍ରତିବର୍ଷ ତାଙ୍କ ଜନ୍ମ ମାଟିରେ ତିଆରି ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥାଏ। ପ୍ରତିମୂର୍ତ୍ତି ହେଉଛି ପୂଜ୍ୟପୂଜାର ଏକ ପ୍ରତୀକ। ପୂର୍ବପୁରୁଷଙ୍କୁ ମନେ ପକାଇବା ପାଇଁ ଏହା ଏକ ମାଧ୍ୟମ। ଏହିଭଳି ଜଣେ ଯୋଗଜନ୍ମା ନାଟ୍ୟକାରଙ୍କ ସୁଯୋଗ୍ୟ ଦାୟାଦ ଭାବରେ ଆମର କ'ଣ କିଛି କର୍ତ୍ତବ୍ୟବୋଧ ନାହିଁ। ଏମିତି ଜଣେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅଲୋଡା ହୋଇରହିଛନ୍ତି। ତାଙ୍କୁ ରାଜ୍ୟସ୍ତରରେ ପରିଚୟ ଦେବା ଆମର ଦାୟିତ୍ୱ। ଏ ଦିଗରେ ଓଡ଼ିଶା ସରକାର ବିଧିବଦ୍ଧ ପଦକ୍ଷେପ ନେଲେ ତାଙ୍କର କୃତି ଓ କୀର୍ତ୍ତି ରାଜ୍ୟସ୍ତରରେ ପହଞ୍ଚିପାରନ୍ତା। ନିକଟରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଓ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀ ଓ ଶ୍ରଦ୍ଧୋତ୍ସବକୁ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନେକ ଅଭୁଲା ସ୍ମୃତିକୁ ସାଉଁଟି ପୂଜ୍ୟପୂଜାକୁ ସମ୍ମାନ ଦେଉଥିବା ସଂସ୍କୃତି ବିଭାଗ ଓଡ଼ିଶା, ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ଏକାଡେମୀ ବିଶେଷ କରି ରାଜ୍ୟ ସରକାର ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ବିଧିବଦ୍ଧ ଭାବେ ପାଳନ କରିବାକୁ କେବେ ନିଷ୍ପତ୍ତି ନେବେ ତାହାକୁ ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି !

# ରେଶମ ସହର ବ୍ରହ୍ମପୁର



**କାଳି ଦାସ**
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

ଓଡ଼ିଶାର ଦକ୍ଷିଣ ପୂର୍ବରେ ଅବସ୍ଥିତ ପ୍ରାଚୀନ ସହର ବ୍ରହ୍ମପୁର। କଳା ସ୍ଥାପତ୍ୟ ସହିତ କୁଟୀର ଶିଳ୍ପ ସାହିତ୍ୟ ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ। ଆନ୍ଧ୍ର ଓ ଓଡ଼ିଶାର ମିଳିତ ସଂସ୍କୃତି ମଧ୍ୟ ଏଇଠି ଦେଖିବାକୁ ମିଳିଥାଏ। ସମୟର ଗତି ସହିତ ବ୍ରହ୍ମପୁର ବିକଶିତ ହୋଇଛି ପୁରୁଣା ଅସ୍ତିତ୍ୱକୁ ଊଣା ଅଧିକେ ହରାଇଛି ତଥାପି ମୁଠା ମୁଠା ମଣିଷ ପଣିଆ କେଉଁଠି ନା କେଉଁଠି ଲୁଚି ରହିଛି। ଓଡ଼ିଶୀ ସଙ୍ଗୀତ ଚମ୍ପୁ ଓ ଛାନ୍ଦ ଏଇ ମାଟିରେ ରଚନା କରାଯାଇଛି।

ଓଡ଼ିଶାର ଦ୍ୱିତୀୟ ସବୁଠାରୁ ପୁରାତନ ସହର ହେଲା ବ୍ରହ୍ମପୁର। ବ୍ରହ୍ମପୁର ସହର ବ୍ରହ୍ମେଶ୍ୱର ନାମରୁ ନାମକରଣ କରାଯାଇଛି। ଓଡ଼ିଶାର ସର୍ବ ପୁରାତନ ରେଲୱେ ଷ୍ଟେସନ ହେଲା ବ୍ରହ୍ମପୁର ଏହା ୧୯୦୧ ବ୍ରିଟିଶ ଶାସନ ସମୟରେ ନିର୍ମାଣ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ସବୁଠୁ ବଡ଼ ସହର ହେଲା ବ୍ରହ୍ମପୁର। ବ୍ରହ୍ମପୁର ସହର ବିଭିନ୍ନ ନାମରେ ପରିଚିତ ଯେମିତି କି ବରହମପୁର, ବ୍ରହ୍ମପୁର, ରେଶମ ସହର ଏବଂ ସିଲ୍କ ସିଟି। ବ୍ରହ୍ମପୁର ସହରର ନିର୍ମାଣ ଏବଂ ନାମକରଣ ୧୬୭୨ ମସିହାରେ କରାଯାଇଥିଲା। ବ୍ରହ୍ମପୁରରେ ବିଭିନ୍ନ ଧର୍ମ ଏବଂ ବିଭିନ୍ନ ରାଜ୍ୟର ଲୋକ ଆସି ରହୁଛନ୍ତି। ବ୍ରହ୍ମପୁରରେ ରହିଥିବା ବିଭିନ୍ନ ଧର୍ମର ଲୋକମାନେ ନିଜ ନିଜର ପର୍ବ ପର୍ବାଣୀ ମଧ୍ୟ ପାଳନ କରିଥାନ୍ତି। ସେହି ଧର୍ମ ଗୁଡ଼ିକ ହେଲା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଜୈନ, ବୌଦ୍ଧ ଏବଂ ଶିଖ। ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ବିଭିନ୍ନ ଦକ୍ଷିଣ ଓଡ଼ିଶା ଅଞ୍ଚଳ ଜିଲ୍ଲାର ଲୋକମାନେ ଆସି ସଠିକ ଚିକିତ୍ସା ପାଆନ୍ତି। ଯେହେତୁ ଏମ୍‌କେସିଜି ମେଡିକାଲ ହେଲା ଦକ୍ଷିଣ ଓଡ଼ିଶାର ପ୍ରମୁଖ ମେଡ଼ିକାଲ କଲେଜ ତେଣୁ ଦକ୍ଷିଣ ଓଡ଼ିଶାର ଅନ୍ୟ ଜିଲ୍ଲାର ଲୋକମାନେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ ଉପରେ ନିର୍ଭର କରନ୍ତି। ଯେହେତୁ ବ୍ରହ୍ମପୁର ସହର ହେଲା ଆନ୍ଧ୍ର ବର୍ଡର ସହର ତେଣୁ ବ୍ରହ୍ମପୁର ସହରର ଲୋକମାନେ ତେଲଗୁ ଏବଂ ଓଡ଼ିଆ ଭାଷା କହନ୍ତି।

ବ୍ରହ୍ମପୁର ବିଶ୍ୱବଦ୍ୟାଳୟ ଉପରେ ଅନ୍ୟ ଦକ୍ଷିଣ ଅଞ୍ଚଳ ଜିଲ୍ଲାର ଲୋକମାନେ ନିର୍ଭର କରନ୍ତି କାରଣ ଅନ୍ୟ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ନାହିଁ। ଭାରତର ଜାତୀୟ ପିତା ମହାତ୍ମା ଗାନ୍ଧୀ ସହିତ ପଣ୍ଡିତ ଗୋପବନ୍ଧୁ ଦାସ ୨୯ମାର୍ଚ୍ଚ ୧୯୨୧ରେ ଆସିଥିଲେ। ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ହଜାର ହଜାର ଲୋକ ଆସି ଯୋଗ ଦେଇଥିଲେ।

ବର୍ତ୍ତମାନ ଚର୍ଚ୍ଚା କରିବା ବ୍ରହ୍ମପୁରର ଯାତ୍ରା, ନାଟ,ଐତିହାସିକ ପୀଠ ସ୍ଥାନ ଏବଂ ଦାର୍ଶନିକ ସ୍ଥାନ।

ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ୨ ବର୍ଷରେ ଥରେ ଅନୁଷ୍ଠିତ ହୁଏ। ଠାକୁରାଣୀ ଯାତ୍ରାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳେ ଏବଂ ସନ୍ଧ୍ୟା ସମୟରେ ଆଳତି ଏବଂ ପୂଜା ଅର୍ଚ୍ଚନା କରାଯାଏ। ଠାକୁରାଣୀ ଯାତ୍ରାରେ ବ୍ୟବସାୟୀମାନେ ବିଭିନ୍ନ କିସମର ଷ୍ଟଲ ଲଗାନ୍ତି ଏବଂ ବେଶ ଭଲ ରୋଜଗାର ହୁଏ।

ବ୍ରହ୍ମପୁରର ଠାରୁ ୧୪ କିଲୋମିଟର ଦୂରରେ ଗୋପାଳପୁର ପୋର୍ଟ। ହଜାର ହଜାର ଲୋକ ବୁଲିବା ପାଇଁ ଯାଆନ୍ତି ଏବଂ ସମୁଦ୍ରରେ ଗାଧେଇବାର ମଜା ନିଅନ୍ତି। ସେହିପରି ବ୍ରହ୍ମପୁର ଠାରୁ ୩୬ କିଲୋମିଟରେ ଦୂରରେ ମାଁ ତାରା ତାରିଣୀ ମନ୍ଦିରକୁ ଭକ୍ତମାନେ ଦୂର ଦୁରାନ୍ତ ସ୍ଥାନରୁ ଆସି ମାଁ ତାରା ତାରିଣୀଙ୍କୁ ପୂଜା କରନ୍ତି। ମାଁ ତାରା ତାରିଣୀ ମନ୍ଦିର ଯିବା ରାସ୍ତାରେ କିଛି ଲୋକଙ୍କ ଦ୍ୱାରା ଭକ୍ତଙ୍କୁ ପାଇଁ ଦହି ଏବଂ ଚଳହାର ବ୍ୟବସ୍ଥା କରାଯାଇଥାଏ। ବ୍ରହ୍ମପୁର ପାଖରେ ମହୁରୀ କାଳୁଆ ମନ୍ଦିରକୁ ଲୋକମାନେ ଯାଆନ୍ତି ଏବଂ ମା'ଙ୍କ ପୂଜା କରି ଘରକୁ ଫେରନ୍ତି। ପୁରୁଷୋତ୍ତମପୁର ଋଷିକୂଲ୍ୟା ନଦୀ ପାଖରେ ଜଉଗଡ ସମ୍ରାଟ ଅଶୋକଙ୍କର ଇଂସ୍କ୍ରିପସନ ବା ଶିଳାଲିପି ଦେଖିବାକୁ ଲୋକମାନେ ଯାଆନ୍ତି ଏବଂ ଆନନ୍ଦ ନେଇ ଘରକୁ ଫେରନ୍ତି।

ବର୍ତ୍ତମାନ ଚର୍ଚ୍ଚା କରିବା ଖାଇବା ପିଇବା ଜିନିଷ ବିଷୟରେ। ବ୍ରହ୍ମପୁରର ହୋଟେଲରେ ଲୋକମାନଙ୍କ ପାଇଁ ପୁରୀ, ଉପମା, ଇଡ୍‌ଲି ସମ୍ବର ଏବଂ ଦୋଷା ମିଳେ। ବ୍ୟବସାୟୀ ବା ହୋଟେଲ ମାଲିକଙ୍କ ବେଶ ଭଲ ରୋଜଗାର ହୋଇଥାଏ। ବ୍ରହ୍ମପୁର ହୋଟେଲ ବା ରେଷ୍ଟୁରାଣ୍ଟରେ ମଧ୍ୟାହ୍ନ ଭୋଜନରେ ଭାତ, ଡାଲି, ମାଛ, ମାଂସ, ଚିକେନ ଏବଂ ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ। ବ୍ରହ୍ମପୁରର ସର୍ବ ପ୍ରସିଦ୍ଧ ପାଟ ଶାଢ଼ୀ ଓ ସିଲ୍କ ଶାଢ଼ି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବା ବିବାହ ବ୍ରତରେ ଦରକାର ପଡିଥାଏ। ଶାଢ଼ି ମାଲିକ ବା ବ୍ୟବସାୟୀଙ୍କ ବେଶ ଭଲ ରୋଜଗାର ହୋଇଥାଏ।

ବ୍ରହ୍ମପୁରର ପ୍ରସିଦ୍ଧ ମିକ୍ସଚର, ଆଚାର, ପାମ୍ପଡ ଏବଂ ବଡିର ଚାହିଦା ସବୁଠି ଦେଖିବାକୁ ମିଳେ। ଜିଲ୍ଲା ତଥା ଜିଲ୍ଲା ବାହାର ସ୍ଥାନର ଲୋକମାନେ ମିକ୍ସଚର, ଆଚାର, ପାମ୍ପଡ ଏବଂ ବଡି କିଣିଥାନ୍ତି ।

ଯେହେତୁ ବ୍ରହ୍ମପୁର ସହରଟି ଗୋପାଳପୁର ସମୁଦ୍ର କୂଳରେ ଅବସ୍ଥିତ ତେଣୁ ବର୍ଷ ସାରା ଗୁଳୁଗୁଳି ଅନୁଭବ କରିହୁଏ। ବ୍ରହ୍ମପୁରର ଦଣ୍ଡନାଟ ସବୁଠାରୁ ନିଆରା। ଯେଉଁମାନେ ମାନସିକ କରିଥାନ୍ତି ସେମାନେ ଦଣ୍ଡରେ ଭାଗ ନେଇଥାନ୍ତି। ଦଣ୍ଡ ନାଟ ସମୟରେ ଦଣ୍ଡୁଆମାନେ ଘରକୁ ଯାଆନ୍ତି ନାହିଁ ବାହାରେ ରହି ନିଜ ମାନସିକ ପୂରଣ କରିଥାନ୍ତି।



ବାରିପଦା(ଭାସ୍କର ନ୍ୟୁଜ): ବାରିପଦା ସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନହରପଦା କ୍ଲଷ୍ଟର ତରଫରୁ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆରସିସି କନକଲତା ମାଝୀଙ୍କ ପୌରହିତ୍ୟରେ ଅତିଥିରୂପେ ଏବିଇଓ ବ୍ରଜମୋହନ ମୁର୍ମୁ, ଏବିଇଓ ତପସ୍ୱିନୀ ଦାଶ, ଏବିଇଓ ତୃ ସ୍ନେହଲତା ନାୟକ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ବେହେରା ଓ ଉକ୍ତ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରମୁଖ ଯୋଗଦେଇ ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ସ୍ନେହଭାବ, କର୍ତ୍ତବ୍ୟ ପରାୟଣ, ସମୟାନୁବର୍ତ୍ତିତା ଆଦି ଗୁଣଗାନ କରିଥିଲେ । ପରିଶେଷରେ ଉପଢୌକନ, ପୁଷ୍ପଗୁଚ୍ଛ, ହ୍ୟାଣ୍ଡ ବ୍ୟାଗ ପ୍ରଦାନ ପୂର୍ବକ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ପରିଚୟ ଶିକ୍ଷୟିତ୍ରୀ ରଚନା ବାନାର୍ଜୀ, ସଭାକାର୍ଯ୍ୟକ୍ରମ ପରିଚାଳନା ଶିକ୍ଷକ ସୁବୋଧ କୁମାର ଦାସ, ଧନ୍ୟବାଦ ଅର୍ପଣ ଶିକ୍ଷକ ମନୋଜ ପରିଡା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନହରପଦା କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।



### ଚକବନ୍ଦୀ କରିଛି ଚଞ୍ଚକତା

# ଜବରଦଖଲକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବାରବାଟି ଖେଳ ପଡ଼ିଆକୁ ଦଖଲ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ । ଶନିବାର ତହସିଲଦାର ଓ ଏନ୍‌ଏସି ପକ୍ଷରୁ ମାପଚୁପ କରାଯାଇଥିବା ବେଳେ କେତେକ ବ୍ୟକ୍ତି ଚକବନ୍ଦୀରେ ଚଞ୍ଚକତା ଭାବେ ପାର୍ଚ୍ଚା ହାସଲ କରି ସରକାରୀ ଜମିକୁ ହାତେଇ ନେବା ପାଇଁ ଉଦ୍ୟମ ଚଳାଇଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସରକାରୀ ଜମି ଉଦ୍ଧାର କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ାରେ ଥିବା ବାରବାଟି ପଡ଼ିଆକୁ କେତେଜଣ ବ୍ୟକ୍ତି ମଡ଼ାଇ ଦୀର୍ଘଦିନ ହେବ ଘର ନିର୍ମାଣ କରିଥିବା କାରଣରୁ ପିଲାମାନେ ଖେଳିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାରୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଛାତ୍ରଛାତ୍ରୀମାନେ ଭେଟି ବାରବାଟି ପୁନରୁଦ୍ଧାର ସଂପର୍କରେ ଅଭିଯୋଗ ଦେଇଥିଲେ । ଅଭିଯୋଗ ପାଇବା ପରେ ଉପ-ମୁଖ୍ୟମନ୍ତ୍ରୀ ତହସିଲଦାର ଓ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ପରେ ଶନିବାର ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, ରାଜସ୍ୱ ପରିଦର୍ଶକ, ପାଟପୁର ରାଜସ୍ୱ ନିରୀକ୍ଷକ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ ବିଜୁୟ ଦାସ ଓ ଅମିନ ବିଜୟ କୁମାର ଗ୍ରହାଚାର୍ଯ୍ୟ ବାରବାଟି ପଡ଼ିଆ ସ୍ଥିତି ନିରୀକ୍ଷଣ କରିବା ସହ ମାପଚୁପ କରିଥିଲେ । ସେଠୁ ଜାଣିବାକୁ ପାଇଛନ୍ତି ଚକବନ୍ଦୀ କାର୍ଯ୍ୟାଳୟରୁ କେତେଜଣ ବ୍ୟକ୍ତି ପାର୍ଚ୍ଚା ପାଇ ବାରବାଟି ପଡ଼ିଆ ସରକାରୀ ଜମିକୁ ଜବରଦଖଲ କରି ଚଞ୍ଚକତା ଭାବେ ଚକବନ୍ଦୀ କାର୍ଯ୍ୟାଳୟରୁ ରେକର୍ଡ଼ କରାଇ ନେବା ପାଇଁ ଉଦ୍ୟମ ଚଳାଇଛନ୍ତି । ଏହି ବାରବାଟି ପଡ଼ିଆଟି ପାଟପୁର ମୌଜାରେ ଯାଉଥିବା ବେଳେ କିପରି ଭାବେ ସରକାରୀ ଜମିକୁ ଚଂଚକତା କରି ଚକବନ୍ଦୀ କର୍ମଚାରୀ ଅର୍ଥ ଲାଳସାର ବଶବର୍ତ୍ତୀ ହୋଇ ରେକର୍ଡ଼ କରାଇ ନେବା ପାଇଁ ପାର୍ଚ୍ଚା ପ୍ରଦାନ କରିଛନ୍ତି ତାହାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିବା ବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିମାପଡ଼ା ଅଞ୍ଚଳର ସଚେତନ ନାଗରିକମାନେ ଦାବି କରିଛନ୍ତି । ଯାହାକୁ ନେଇ ବାରବାଟି ପଡ଼ିଆ ଜମିକୁ ହଡ଼ପ କରିବା ପାଇଁ ରୀତିମତ ଚକ୍ରାନ୍ତ ଚାଲିଥିବା ଏଠାରୁ ବାରି ହୋଇପଡୁଛି । ଏହାର ମୁଖ୍ୟ ସୂତ୍ରଧାର ଚକବନ୍ଦୀ ବୋଲି ଜଣାପଡ଼ିଛି । ଚକବନ୍ଦୀ ଅଧିକାରୀ କିପରି ଭାବେ ଏହି ଦୁର୍ନୀତି କରିବାକୁ ପଛାଉ ନାହାନ୍ତି ତାହା ତଦନ୍ତ ସାପେକ୍ଷ । ସେହିପରି ଆସନ୍ତା ୭ ତାରିଖରେ ନିମାପଡ଼ା ହାଟ ସରକାରୀ ଜାଗାକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ମାପଚୁପ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ତହସିଲଦାର ମନୋଜ କୁମାର ପ୍ରଧାନ କହିଛନ୍ତି । ଦୀର୍ଘଦିନ ହେବ କେତେଜଣ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ନିଜେ ରହିବା ସହିତ ଗୁପ୍ତ ସୂତ୍ରେ ଦେଇଛନ୍ତି ତାହାକୁ ନେଇ ଅସନ୍ତୋଷ ପ୍ରକଟ ହୋଇଛି । ସରକାରଙ୍କ ଶହ ଶହ କୋଟି ଟଙ୍କାର ଜମିକୁ ଚକବନ୍ଦୀରେ ଚଞ୍ଚକତା କରାଯାଇଥିବା ବାରି ହୋଇପଡୁଛି । ହାଟଠାରେ ଥିବା ସରକାରୀ ଜମିକୁ ମଧ୍ୟ ନେବା ପାଇଁ ଚଞ୍ଚକତା କରି ପାର୍ଚ୍ଚା ହାସଲ କରିଥିବା ଶୁଣିବାକୁ ମିଳୁଛି । ତହସିଲଦାର ଓ ଏନ୍‌ଏସି ମାପଚୁପ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଜବରଦଖଲକାରୀଙ୍କ ହୃତକମ୍ପ ଜାତ ହୋଇଛି ।

# ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ନାଇଟ୍ ୨୦୨୫ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ): ରେକର୍ଡ ପଣ୍ୟ କାରବାର ସହ କ୍ରମାଗତ ଦ୍ୱିତୀୟ ଆର୍ଥିକ ବର୍ଷ ନିମନ୍ତେ ଦେଶର ଏକ ନମ୍ବର ବୃହତ ବନ୍ଦର ମାନ୍ୟତା ବଜାୟୀ ରଖିଥିବା ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଭୁବନେଶ୍ୱର ସ୍ଥିତ ମେଫେୟାର ହୋଟେଲରେ ପୁରସ୍କାର ନାଇଟ ୨୦୨୫ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରକାଶ କରିଥିଲେ ଯେ ବନ୍ଦରର ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହିତାଧିକାରୀ ପ୍ରମୁଖ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧନା କରିବା ନିମନ୍ତେ ଏହା ଏକ ବିଶେଷ ମଞ୍ଚ । ସେମାନଙ୍କର ଯୋଗଦାନ ଯୋଗୁଁ ପାରାଦୀପ ବନ୍ଦର ସ୍ୱତନ୍ତ୍ର ୧୫୦ ନିୟୁତ ମେଟ୍ରିକ ଟନ କ୍ଲବରେ ସାମିଲ ହୋଇଛି ଯାହାକି ଗୌରବ ବିଷୟ । ଲୁହାପଥର ଯାହାକି ବନ୍ଦରର ସମୁଦାୟ ପଣ୍ୟ କାରବାରରେ ତୃତୀୟ ସିଂହଭାଗ ହାସଲ କରିଥାଏ କିନ୍ତୁ ବିଗତ ଆର୍ଥିକ ବର୍ଷରେ ରପ୍ତାନି ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଥିଲା । ତେବେ ତାପଜ କୋଇଲା, ଏମୋନିୟମ ନାଇଟ୍ରେଟ, କୋଇଲା, ଜିପସମ ଓ ସାର ଭଳି ପଣ୍ୟ କାରବାରର ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁଁ ବନ୍ଦର ଆଗକୁ ବଢ଼ିପାରିଲା । ଦେଶରେ ସମୁଦାୟ ଉପକୂଳ ଜାହାଜ ଚଳାଚଳ ଓ ପଣ୍ୟ କାରବାର ୨୫୦ ନିୟୁତ ମେଟ୍ରିକ ଟନ ରହୁଥିବା ବେଳେ ପାରାଦୀପ ବନ୍ଦର ଏହାର ଏକାକି ୨୫ ପ୍ରତିଶତ ବା ୬୩.୭ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ବିଗତ ଆର୍ଥିକ ବର୍ଷରେ କରିପାରିଛି । ସେହିପରି ବନ୍ଦରର ବର୍ଥ ଉତ୍ପାଦକତା ୩୪ ହଜାର ୨୮୦ ମେଟ୍ରିକ ଟନ ରହିଛି ଯାହାକି ଜାତୀୟ ହାରାହାରି ଦୁଇଗୁଣ ଅଟେ । ଏଥି ନିମନ୍ତେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ପିପିପି ଅପରେଟର, ସିପିଙ୍ଗ ଏଜେଣ୍ଟ ତଥା ଷ୍ଟିଭେଡୋର୍ସ ସଂସ୍ଥାମାନଙ୍କୁ ବିଶେଷ ସାଧୁବାଦ ଜଣାଇଛନ୍ତି । ପୁରସ୍କାର ନାଇଟ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଭିବୃଦ୍ଧି ଓ ସଫଳତାର ଯାତ୍ରା ସହିତ ସମ୍ପୃକ୍ତ ସମସ୍ତଙ୍କ ସାମୁହିକ ପ୍ରୟାସକୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିପିଏଲ ଡିଏଭି ପବ୍ଲିକ୍ ସ୍କୁଲର ଉଲ୍ଲେଖନୀୟ ସଫଳତା



ପାରାଦୀପ(ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୪-୨୫ ଶିକ୍ଷା ବର୍ଷର ଦଶମ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ପିପିଏଲ ଡିଏଭି ସ୍କୁଲର ଏକଚାଳିଶି ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏ-୧ ଗ୍ରେଡରେ ୩ଜଣ ଓ ଏ-୨ରେ ୧୭ଜଣ ଛାତ୍ରଛାତ୍ରୀ ଅଛନ୍ତି । ସୂର୍ଯ୍ୟମୋହନ ଦାସ ୯୩.୩, ଅଂଶୁମାନ ସ୍ୱାଇଁ ୯୨.୩%, ରାଜନନ୍ଦିନୀ ସ୍ୱାଇଁ ୯୧.୨% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ସାହୁ, ପିପିଏଲର ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପଲାନିସାମି ଭେଲୁସାମି, ପିପିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ସୁମିତ ସେନାପତି, ଡିଏଭି ଓଡିଶା ଜୋନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ କେଶବ ଚନ୍ଦ୍ର ଶତପଥୀ, ଆଞ୍ଚଳିକ ଅଧିକାରୀ ଡଃ ସୁଜାତା ସାହୁ ଓ ଉପ ଆଞ୍ଚଳିକ ଅଧିକାରୀ ଜ୍ୟୋତି ମିଶ୍ର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କୃତି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି ।

### କୋରେଇ ବ୍ଲକ୍‌ରେ ମାଟ୍ରିକ୍ ପରୀକ୍ଷାରେ ହାତଗଣତି ବିଦ୍ୟାଳୟର ସଫଳତା

## ଓଡ଼ିଆ ମାଧ୍ୟମ ଶିକ୍ଷା ପ୍ରତି ବିମୁଖ ହେଲେଣି ଅଭିଭାବକ !

କୋରେଇ(ଭାସ୍କର ନ୍ୟୁଜ): କୋରେଇ ଶିକ୍ଷା ମଣ୍ଡଳ ଅଧିନରେ ୪୬ ଗୋଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ ଦଶମ ପରୀକ୍ଷାର ପରୀକ୍ଷା ଫଳ ବାହାରିଛି । ଏହି ପରୀକ୍ଷାରେ କେବଳ ହାତଗଣତି ୬ଟି ହାଇସ୍କୁଲର ୧୩ଟି ପିଲା ୯୦ ପ୍ରତିଶତରୁ ଉର୍ଦ୍ଧ (ଇ୧) ରେ ପାସ କରିଛନ୍ତି । ସେଥିମଧ୍ୟରୁ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବରୁଣ୍ଡେଇରୁ ଏସପି ସତ୍ୟପ୍ରକାଶ, ସଚିବା ବିଦ୍ୟାପୀଠ, ମୁକୁନ୍ଦପୁରରୁ ଲିପ୍ସାରାଣୀ ବାରିକ, ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠ ରଙ୍ଗରଙ୍ଗାରୁ ରଶ୍ମିତା ମାହାପାତ୍ର, ପାଣିକୋଇଲି ଉଚ୍ଚ ବିଦ୍ୟାଳୟରୁ ରଶ୍ମିରେଖା ସ୍ୱାଇଁ, ଧବଳ ଗିରି ଉଚ୍ଚ ବିଦ୍ୟାଳୟରୁ ରଜତ କୁମାର ପାତ୍ର, ଗୋପଳ ଜୀଉ ହାଇସ୍କୁଲରୁ ଜୟଦେବ ଓଝା, ଏନସି ହାଇସ୍କୁଲରୁ ସତ୍ୟ ରଞ୍ଜନ ସ୍ୱାଇଁ, ମୃଣାଳ ମୃତ୍ୟୁଞ୍ଜୟ ବେହେରା, ଜସ୍ମିନ ଜୀନା ସାହୁ, ତୃପ୍ତିମୟୀ ସାମଲ, ଦିଶା ମିଶ୍ର, ପ୍ରୀତିରଞ୍ଜନ ପଣ୍ଡା, ପ୍ରଗତି ମହାନ୍ତି ପାଇଥିବା ବେଳେ ଅନ୍ୟ ବିଦ୍ୟାଳୟ ଗୁଡିକରେ ଗୋଟିଏ ହେଲେ ପିଲା ୯୦ ପ୍ରତିଶତ ନମ୍ବର ରଖିବାକୁ ସମର୍ଥ ହୋଇ ନାହାଁନ୍ତି । ଏଠି ପ୍ରଶ୍ନ ଉଠେ ଗୋଟେ ଗୋଟେ ବିଦ୍ୟାଳୟରେ ସରକାର ଶିକ୍ଷକଙ୍କ ଦରମା ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଶିକ୍ଷାର ଗୁଣାତ୍ମକ ମାନ କାହିଁକି ବଢ଼ି ପାରୁନାହିଁ ? ସେଥିପାଇଁ ଅଭିଭାବକ ମାନେ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇବା ସହିତ ଓଡ଼ିଆ ମାଧ୍ୟମରେ ପିଲା ମାନଙ୍କୁ ପଢାଇବାକୁ ଅନିଚ୍ଛା ପ୍ରକାଶ କଲେଣି । ଅନ୍ୟ ପଟେ ଶିକ୍ଷ୍ୟା ବିଭାଗକୁ ତଦାରଖ କରୁଥିବା ସରକାରୀ କର୍ମଚାରୀ ସବୁ ପାଠପଢାର ତଦାରଖ ନକରି ମାଧାହ୍ନ ଭୋଜନ ଓ ପିଲାମାନଙ୍କ ପାଇଁ ଆସୁଥିବା ଅନ୍ୟାନ୍ୟ ଯୋଜନାରେ ଆସୁଥିବା ଅର୍ଥରୁ ହାତ ଚିକ୍କଣ କରିବାରେ ବ୍ୟସ୍ତ ରହୁଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ବେଳ ଥାଉଁ ସ୍ୱାଧିନ ହୋଇ ବିଫଳତାର କାରଣ ଖୋଜିବା ସହିତ, ଓଡ଼ିଆ ମାଧ୍ୟମରେ କିପରି ଅଧିକରୁ ଅଧିକ ପିଲା ଭଲ ନମ୍ବର ରଖିବେ ସେଥିପ୍ରତି ଯତ୍ନବାନ ନହେଲେ ଆଗାମୀ ଦିନରେ ବିଦ୍ୟାଳୟ ଥିବ, କିନ୍ତୁ ପିଲା ନଥିବେ । ଓଡ଼ିଆ ମାଧ୍ୟମରେ ଥିବା ସରକାରୀ ବିଦ୍ୟାଳୟ ସବୁ କାଳ କ୍ରମେ ବନ୍ଦ ହୋଇଯିବ ।

## କାକଟପୁର ବ୍ଲକ୍‌ରେ ଆଦ୍ୟା ଆହୁତି ଓ ଅଂଶୁମାନ ଟପ୍ପର



କାକଟପୁର(ଭାସ୍କର ନ୍ୟୁଜ): ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କାକଟପୁର ବ୍ଲକରେ ୭ ଜଣ ଏ୧ ରେ ପାସ କରିଥିବା ବେଳେ ଦୁଇ ଜଣ ଟପ୍ପର ହୋଇଛନ୍ତି । କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଆଦ୍ୟା ଆହୁତି ନାୟକ (୫୬୦) ରୁଦ୍ରଭାନୁ ପରିଡା (୫୪୭), ତ୍ରିନାଥ ସାହୁ (୫୪୪) ରଖିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଂଶୁମାନ ରାଉତ (୫୬୦), ପ୍ରତୀକ୍ଷା ତ୍ରିପାଠୀ (୫୫୮), ଅଙ୍କିତା ମିଶ୍ର (୫୫୪), ସ୍ୱାତିଲିନା ଦାଶ (୫୪୧) ନମ୍ବର ରଖିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ, ପୀତବାସ ଦୀକ୍ଷିତ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଅନ୍ନଦା କୁମାର ବେହେରା, ବନଯା ନାୟକ, ଜଶୋବନ୍ତି ଚାନ୍ଦ, ସୁବର୍ଣ୍ଣ ଚାନ୍ଦ, ଲକ୍ଷ୍ମୀଧର ମହାପାତ୍ର, ପ୍ରଦୀପ ପ୍ରଧାନ, ଶୁଭଶ୍ରୀ ରାଉତ ଓ ଅଭିଭାବକମାନେ ପିଲାମାନଙ୍କୁ ପ୍ରଶଂସା କରିଛନ୍ତି ।

## ଶନିଦେବଙ୍କୁ ଜଳାଭିଷେକ କଲେ ଶତାଧିକ ଶ୍ରଦ୍ଧାଳୁ



ଆଳି(ଭାସ୍କର ନ୍ୟୁଜ): କିମ୍ବଦନ୍ତୀ ଅନୁସାରେ ପବିତ୍ର ଅକ୍ଷୟ ତୃତୀୟା ପରବର୍ତ୍ତୀ ଅର୍ଥାତ ଶନିବାର ଆଳି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶନି ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ନିଜନିଜର ମନସ୍କାମନା ପୂରଣ ନିମନ୍ତେ ଶନି ମନ୍ଦିରରେ ଭିଡ଼ ଲଗାଇ ଶନିଦେବଙ୍କୁ ଜଳାଭିଷେକ କରିଥିଲେ । ଏହି ଅବସରରେ ଆଳି ବ୍ଲକ ନାଉଡିହ ଗ୍ରାମରେ ଥିବା ଶନିମନ୍ଦିର ବେଶ ଚଳଚଞ୍ଚଳ ହୋଇ ପଡିଥିଲାକ୍ଷ ଶହଶହ ଶ୍ରଦ୍ଧାଳୁ ମହିଳା ଓ ପୁରୁଷମାନେ ମନ୍ଦିର ନିକଟରୁ ବାହାରି ନିକଟସ୍ଥ ଶ୍ରୀରାମପୁର ଘାଟ ନିକଟରୁ କଳସରେ ପାଣି ଆଣି ଶନିଦେବ ଉପରେ ଜଳାଭିଷେକ କରିଥିଲେ । ଏ ନେଇ ଶ୍ରଦ୍ଧାଳୁ କୁହନ୍ତି ଯେ ଗ୍ରହଙ୍କ ଭିତରେ ଶ୍ରେଷ୍ଠ ହେଉଛନ୍ତି ଶନି । ତେଣୁ ଗ୍ରହରାଜ ଶନିଙ୍କର ଜଳାଭିଷେକ କାର୍ଯ୍ୟ ଅକ୍ଷୟ ତୃତୀୟାର ପରବର୍ତ୍ତୀ ଶନିବାର ଦିନ ହୋଇଥାଏ । ଏହିଦିନ ନିଜ ନିଜର ମାନସିକ ନେଇ ଶନିଦେବଙ୍କ ଜଳାଭିଷେକ କରିଥାନ୍ତି । ଶନି ହେଉଛନ୍ତି ଏମିତି ଠାକୁର ଯିଏ ନିଜ ଭକ୍ତର ଦୁଃଖ ବୁଝିପାରେ । ତା ପାଖକୁ ଯିଏ ମନସ୍କାମନା ନେଇ ଆସିଛି ତାହା ନିଶ୍ଚିତ ପୂରଣ ହୋଇଛି । ଶ୍ରଦ୍ଧାଳୁଙ୍କ ଭିଡ଼ରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇପଡିଥିଲା । ଏହି ଉତ୍ସବକୁ ନାଉଡିହ ଗ୍ରାମବାସୀ ପରିଚାଳନା କରିଥିଲେ । ସେହିପରି ଲୋକାପଡ଼ା, ବାଳକାଟି ଭଳି ଅନେକ ସ୍ଥାନରେ ଥିବା ଶନି ମନ୍ଦିରରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିବା ଦେଖିବାକୁ ମିଳିଥିଲା ।

## ଗ୍ରାମ ଦାଣ୍ଡରେ ଦମ୍ପତିଙ୍କୁ ଆକ୍ରମଣ ନେଇ ଉତ୍ତେଜନା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ କୌଣସି କାରଣ ନଥାଇ ଦମ୍ପତିଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରିଥିବା ବେଳେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମହିଳା ଦାବୀ କରିଛନ୍ତି । ଯାହାକୁ ନେଇ ଗ୍ରାମରେ ଏବେ ଉତ୍ତେଜନା ଦେଖା ଦେଇଛି । ସୂଚନା ଅନୁଯାୟୀ, ପାଟପୁର ଗ୍ରାମର ସୁଷମା ମହାପାତ୍ର ଓ ତାଙ୍କ ସ୍ୱାମୀ ସର୍ବେଶ୍ୱର ମହାପାତ୍ର ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ମେଘା ଓରଫ ରାକେଶ ମହାପାତ୍ର ହଠାତ୍ ଆମ୍ଭଙ୍କୁ ଗାଳିଗୁଲଜ ସହ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲା । ପ୍ରତିବାଦ କରିବାରୁ ମହିଳାଙ୍କୁ ଟଣାଓଟରା କରି ଦାଣ୍ଡରେ ଘୋଷାଡ଼ି ଥିଲା । ସେହି ସମୟରେ ଅଭିଯୁକ୍ତ ଭାଇ ପତିଆ ଓରଫ ବିକାଶ ମହାପାତ୍ର ବମ୍ ପକାଇ ଘର ଉଡ଼ାଇ ଦେବା ପାଇଁ ଧମକ ଦେଇଥିଲା । ଯାହାକୁ ନେଇ ମହିଳାଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ବେଳେ ମହିଳା ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ପୋଲିସ ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/ ୧୧୫(୨)/୩୫୧(୨) ଥାନା କେସ୍ ନଂ-୧୨୪/୨୫ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ପ୍ରକାଶ ଥାଉକି, ପୂର୍ବ ବିବାଦକୁ ନେଇ ଏପରି ଗଣ୍ଡଗୋଳ ଘଟିଥିବା ଜଣାପଡ଼ିଛି ।

## ମା' ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ସାତେଙ୍ଗା ପାଟପୁରଠାରେ ଚାରିଦିନ ବ୍ୟାପୀ ମା' ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ନିକଟସ୍ଥ ପ୍ରାଚୀନଦୀରୁ ନୂଆ ମନ୍ଦିର ପର୍ଯ୍ୟନ୍ତ ଏକ କଳସ ଯାତ୍ରା ହୋଇଥିଲା । ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ କରାଯିବା ସହିତ ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଧାନାଧିବାସ, ଦ୍ୱିତୀୟ ଦିନରେ ଜଳାଯାତ୍ରା ଓ ଅଗ୍ନିସ୍ଥାପନ, ତୃତୀୟ ଦିନରେ ମାଆଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା । ଚତୁର୍ଥ ଦିନରେ ଠାକୁରାଣୀଙ୍କର ବିମାନ ଯାତ୍ରା ମହାଆଡମ୍ବର ସହିତ ଗାଁ ପରିଭ୍ରମଣ କରିଥିଲା । ସନ୍ଧ୍ୟାରେ ମାଆଙ୍କର ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା । ଶେଷ ଦିନ ପ୍ରସାଦ ସେବନ ସହିତ ପୂର୍ଣ୍ଣାହୁତି ହୋଇଥିଲା । ମାଆଙ୍କର ଅପାର ମହିମା ରହିଛି । ମା'ଙ୍କ ପାଦୁକ ପାଣି ପାଇଲେ ହଇଜା ଝାଡ଼ାବାନ୍ତି ଭଲ ହୁଏ । ମାନସିକ ରଖିଲେ ପୂରଣ କରିଥାଏ ମା' ବୋଲି ଆଖପାଖ ଗାଁ ଲୋକଙ୍କ ବିଶ୍ୱାସ ରହିଛି । ଗାଁର ଯୁବକ ମାନେ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ବଡ଼ ଭୂମିକା ତୁଲାଇଥିଲେ । ଚଣ୍ଡୀମାତା ଯୁଥ କ୍ଲବର ମୁଖ୍ୟ ବିପ୍ଳବ ମହାନ୍ତି, ମଙ୍ଗରାଜ ମହାନ୍ତିଙ୍କ ଓ ଅନ୍ୟ ସଦସ୍ୟଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି ମହାନ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଛି ।

## ଭାପୁର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ

ଭାପୁର(ଭାସ୍କର ନ୍ୟୁଜ): ଭାପୁର ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଏବଂ ଧର୍ମେନ୍ଦ୍ର କୁମାର ଧଳ, ୨୦ ପଞ୍ଚାୟତର ଜନପ୍ରତିନିଧି ତଥା ଭାପୁର ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ବ୍ଲକ ଉପାଧ୍ୟକ୍ଷଙ୍କ ଅନୁମତି କ୍ରମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧିବେଶନକୁ ପରିଚାଳନା କରିଥିଲେ । ସମସ୍ତ ଜନପ୍ରତିନିଧି ନବମ ଅଧିବେଶନରେ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ ପରେ ଗ୍ରାମପଞ୍ଚାୟତ ଅଧିକାରୀ ଅବିନାଶ ପତି ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, କୃଷି ଓ ଉଦ୍ୟାନ, ମତ୍ସ୍ୟ, ପଶୁପାଳନ, ଜଙ୍ଗଲ ଓ ପରିବେଶ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସନ୍ କାର୍ଡ ସମ୍ପର୍କିତ, ଆବାସ ଯୋଜନା, ରାସ୍ତାଘାଟର ଉନ୍ନତିକରଣ, ମହାତ୍ମାଗାନ୍ଧୀ ନିଶ୍ଚିତ ଜାତୀୟ କର୍ମନିଯୁକ୍ତି ଯୋଜନା ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ଅଧିବେଶନରେ ବିଧାୟକ ଶ୍ରୀ ସ୍ୱାଇଁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କଠାରୁ ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ପଚାରି ବୁଝିବା ସହ ଜନପ୍ରତିନିଧିଙ୍କୁ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାଗୁଡିକୁ ଲିଖିତ ଭାବେ ଜଣାଇବା ପାଇଁ କହିଥିଲେ । ଆଗାମୀ ଦିନରେ ଭାପୁର ବ୍ଲକର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ସହ ମିଳିମିଶି କାମ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।

## ଚଳିତ ମାସ ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ୮ ଜିଲ୍ଲାର ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ



ଛତ୍ରପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଠାରେ ଚଳିତ ମାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦକ୍ଷିଣାଞ୍ଚଳ ସମସ୍ତ ଆଠଗୋଟି ଜିଲ୍ଲାର ଅଭିଯୋଗ ଶୁଣାଣି କରିବେ । ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାବନା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡିଶା ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏମ୍ ଶ୍ରବଣା ବିବେକ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ରୂପରେଖ କିଭଳି ହେବ ସେହି ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଥିଲା । ପ୍ରରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଜଣାଇ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ କିଭଳି ସମସ୍ତଙ୍କ ସହଯୋଗ କ୍ରମେ ଅନୁଷ୍ଠିତ ହେବ ସେଥି ନିମନ୍ତେ ନିଜର ମତ ଉପସ୍ଥାପନ କରିଥିଲେ । ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡିଶା ଶ୍ରୀ ଦାଶ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଅବଗତ କରାଇଥିଲେ ଯେ, ରାଜ୍ୟସ୍ତରରେ ୯ ଥର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଏବଂ ଦଶମ ଅଭିଯୋଗ ଶୁଣାଣି ସମ୍ବଲପୁରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ଆନ୍ତରିକତାର ସହ ସମସ୍ତ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି । ଅଭିଯୋଗ ଶୁଣାଣି ପ୍ରକୋଷ୍ଠଟିରେ ମାନବୀୟ ସମ୍ବେଦନା ସହିତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି ହେବ । ଗ୍ରୀଷ୍ମପ୍ରବାହ ହେତୁ ସକାଳ ୮ରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅଭିଯୋଗର ଶୁଣାଣି ହେବ । ଗଜପତି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଅଭିଯୋଗଗୁଡିକ ଶୁଣାଣି କରିବେ । ଏଥି ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର ହେବ । ଅଭିଯୋଗ ଆବେଦନ ନିମନ୍ତେ ୭୨ ଘଣ୍ଟା ପୂର୍ବରୁ ଅନଲାଇନ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବାକୁ କୁହାଯାଇଛି । ଏତଦ୍‌ବ୍ୟତୀତ ଅଣପଞ୍ଜିକୃତ ଆବେଦନକାରୀଙ୍କ ଅଭିଯୋଗ ପତ୍ର ଶିବିରରେ ସିଧାସଳଖ ଗ୍ରହଣ କରାଯିବ । ଦକ୍ଷିଣାଞ୍ଚଳ ସ୍ତରୀୟ ଏହି ଅଭିଯୋଗ ଶୁଣାଣି ପ୍ରଥମ ଥର ହେଉଥିବା ହେତୁ ଲୋକଙ୍କ ମନରେ ଉତ୍ସାହ ରହିବ ଏବଂ ଅଧିକ ସଂଖ୍ୟକ ଲୋକେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୋଗ ଦେବେ । ଏଣୁ ଅଭିଯୋଗ ପ୍ରକୋଷ୍ଠରେ ଆଇନ୍ ଶୃଙ୍ଖଳା ପରିସ୍ଥିତି, ପାନୀୟଜଳ ବ୍ୟବସ୍ଥା, ଅଂଶୁଘାତ ଜନିତ ଚିକିତ୍ସା ନିମନ୍ତେ ଅସ୍ଥାୟୀ ଶିବିର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଶିଶୁ ମାତୃକକ୍ଷ, ପ୍ରେସ ଗ୍ୟାଲେରୀ, ନିରନ୍ତର ବିଦ୍ୟୁତ ସେବା ବ୍ୟବସ୍ଥା, ସ୍ୱଚ୍ଛତା ପରିମଳ ବ୍ୟବସ୍ଥା, ଅଭିଯୋଗକାରୀଙ୍କ ନିମନ୍ତେ ଖାଦ୍ୟପେୟ ବ୍ୟବସ୍ଥା ଇତ୍ୟାଦି ବିଷୟ ନେଇ ସୁବିସ୍ତୃତ ଆଲୋଚନା ହୋଇଯାଇଛି । ନିର୍ଦ୍ଧାରିତ ତାରିଖ ଏବଂ ସ୍ଥାନ ସ୍ଥିର ପରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯଥେଷ୍ଟ ପୂର୍ବରୁ ଜଣାଇ ଦିଆଯିବ । ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅତିରିକ୍ତ ଶାସନ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ଛତ୍ରପୁର ଉପଆରକ୍ଷୀ ଅଧୀକ୍ଷକ, ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ବିପଦକୁ ଡାକୁଛି ଶୁଖିଲା ବରଗଛ, ବନ ବିଭାଗ ବେଫିକର



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ସହିଦ ବୀର ବାଜି ରାଉତଙ୍କ ଗ୍ରାମ ନିଳକଣ୍ଠପୁର ଠାରୁ ମୃଦାଙ୍ଗା - ମହୁଲପାଳ ରାସ୍ତାରେ ଶୁଖିଲା ବର ଗଛ ବିପଦକୁ ଯେମିତି ହାତ ଠାରି ଡାକୁଛି । ସାମାନ୍ୟ ବର୍ଷା ପବନ ରେ ଖଣ୍ଡିଏ ଖଣ୍ଡିଏ ଡାଳ ଭାଙ୍ଗି ତଳେ ପଡୁଥିବାରୁ ଏହି ରାସ୍ତା ଦେଇ ଯିବାକୁ ପଥଚାରୀ ମାନେ ଭୟ କରୁଛନ୍ତି । ମହିଳା ମାନେ ପିଲା ଛୁଆଙ୍କୁ ଧରି ଏହି ରାସ୍ତାରେ ଯିବାକୁ ନିଜକୁ ଆଦୌ ସୁରକ୍ଷିତ ମଣୁ ନାହାନ୍ତି । ଏ ସମ୍ପର୍କରେ ଭୁବନ ବନ ବିଭାଗ କାର୍ଯ୍ୟାଳୟରେ ବାରମ୍ବାର ସୂଚନା ଦିଆ ଯାଇ ଥିଲେ ହେଁ ବନପାଳ କିମ୍ବା ଅତିରିକ୍ତ ବନାଞ୍ଚଳ ଅଧିକାରୀ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି କି ଶୁଖିଲା ଗଛକୁ କାଟୁ ନଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଓଏସ୍‌ଏଲ୍ ଗ୍ରୁପ୍ ଦ୍ୱାରା ୨ହଜାର ୟୁନିଟ୍ ରକ୍ତ ସଂଗ୍ରହ



ପାରାଦୀପ(ଭାସ୍କର ନ୍ୟୁଜ): ପବିତ୍ର ଅକ୍ଷୟ ତୃତୀୟା ଦିନ ଓଏସ୍‌ଏଲ୍ ଗ୍ରୁପର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କ ୭୨ ତମ ଜନ୍ମ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଓଏସ୍‌ଏଲ୍ ଗ୍ରୁପ୍ କମ୍ପାନୀଗୁଡ଼ିକର କର୍ମଚାରୀ, ଶୁଭେଚ୍ଛୁବୃନ୍ଦ, ଅନେକ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଶ୍ରୀ ମିଶ୍ରଙ୍କ କଟକ ଓଡ଼ିଆ ବଜାରସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ । ଏହି ଦିନକୁ ଅଧିକ ସ୍ମରଣୀୟ କରିବାକୁ ଓଏସ୍‌ଏଲ୍ ଗ୍ରୁପ୍‌ର ସମସ୍ତ କର୍ମଚାରୀ ନିଜ ନିଜ ଶାଖା, ଅଫିସ୍ ଏବଂ କମ୍ପାନୀ ପରିସରରେ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରିଥିଲେ । ଏହି କ୍ରମରେ ୨ହଜାର ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା । ଯାହାକି ଏକ ରେକର୍ଡ ସୃଷ୍ଟି କରିପାରିଛି । ରକ୍ତଦାନ ଶିବିରଗୁଡ଼ିକ ରେଡ୍‌କ୍ରସ୍, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ସରକାରୀ ଓ ବେସରକାରୀ ହସ୍ପିଟାଲର ଅଭିଜ୍ଞ ଟିମ୍‌ମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । କର୍ମଚାରୀମାନେ ଏତେ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ ଓଏସ୍‌ଏଲ୍ ଗ୍ରୁପର ପରିଚାଳନା କର୍ତ୍ତୃପକ୍ଷ ସନ୍ତୁଷ୍ଟ ପ୍ରକାଶ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନରେ ୩୭ ତମ ବାଦି ପାଲା ମହୋତ୍ସବ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଗାୟତ୍ରୀ ପାଲା ମଣ୍ଡପଠାରେ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପୂଜା କମିଟି ଆନୁକୂଲ୍ୟରେ ୩୭ ତମ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହେଉଅଛି । ଗତ ୧ ତାରିଖ ଗୁରୁବାର ସଂଧ୍ୟାରେ ସତ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପରେ ବାଦି ପାଲା ଉଦଘାଟିତ ହୋଇଥିଲା । ଗାୟକ ପ୍ରଜ୍ଞା ଓ ଜ୍ଞାନ ବାରିଧି କଳାକାର ନାୟକଙ୍କ ସହିତ ଗାୟକ ଜ୍ଞାନ ସୁଧା ସାରଦା ପ୍ରସନ୍ନ ନାୟକ ସେମାନଙ୍କ ସାଥି କଳାକାରଙ୍କ ସହିତ ପାଲା ପରିବେଷଣ କରୁଛନ୍ତି । ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଆଧାତ୍ମିକପ୍ରେମୀ ଦର୍ଶକ ବାଦି ପାଲା ଦେଖୁଛନ୍ତି । ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ସମେତ ଯୁବରାଜ ସାଥୁଆ ମହାପତ୍ର, ସୁରେଶ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ବିଶ୍ୱନାଥ ସାହୁ, ରତିକାନ୍ତ ସାହୁ, ଲଳିତ କୁମାର ମିଶ୍ର, ଅଜୟ କୁମାର ସେଠୀ, ବିଜୟ କୁମାର୍ ସାହୁ, ପଞ୍ଚାନନ ଓଝା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗରେ ପାଲା ପରିବେଷଣ ହେଉଛି । ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପାଲା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି ।

## ଏମ୍‌ସିଡିଏ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରୁଣୀ ରୋଡସ୍ଥିତ ମୟୁରଭଞ୍ଜ କେମିଷ୍ଟ ଭବନରେ ଉତ୍କଳ କେମିଷ୍ଟ ପରିବାରର ଚିର ନମସ୍ୟ ସ୍ୱର୍ଗତ ଚୌଧୁରୀ ପ୍ରବୀର କୁମାର ଦାସଙ୍କ ନବମ ଶ୍ରାଦ୍ଧ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ସମାଜସେବୀ ଅମର କୁମାର ସେଠି, ସର୍ବଭାରତୀୟ କେମିଷ୍ଟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ, ୟୁସିଡିଏର ପୂର୍ବତନ ସଭାପତି ସୁଢଳ ବିହାରୀ ମହାନ୍ତି ଓ୍ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ ଏବଂ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଶିବିରରେ ୫ ମହିଳା ରକ୍ତଦାତାଙ୍କ ସମେତ ମୋଟ ୧୫୧ଜଣ ରକ୍ତଦାନ କରିଥିଲେ । ଜିଲ୍ଲା ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ଓଏସ୍ଆରୟୁର ବରିଷ୍ଠ କାର୍ଯ୍ୟକର୍ତ୍ତା ତପନ ବସା ଓ୍ ନୟନ ଦାସଙ୍କ ଉପସ୍ଥିତିରେ ପରିଚାଳନା କରିଥିଲେ । ଏମ୍‌ସିଡିଏର ବରିଷ୍ଠ ସଦସ୍ୟ ଶିବଶଙ୍କର ସାକୁନିଆ, ଅମୀୟ ମହାପାତ୍ର, ଡ଼ା. ନାରାୟଣ ବେହେରା, ନରେଶ ଅଗ୍ରୱାଲ, ବିଜିକାନନ୍ଦ ମହାନ୍ତି, ବିବେକାନନ୍ଦ ଶେଜପଡ଼ା, ସୁଜିତ ନାଥ, ନିରୋଜ ସାହୁ, ସୁନିତ ସାକୁନିଆ, ସୋମୁ ପଟ୍ଟନାୟକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ରକ୍ତଭଣ୍ଡାର ଡାକ୍ତର ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ପୁଣ୍ଡାରୀକାକ୍ଷ୍ୟ ଦାଶ, ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ସତ୍ୟଜିତ ମହାନ୍ତ, ପାର୍ଥସାରଥୀ ମହାନ୍ତ ଓ୍ ନୀତିଶ ସାମଲ ରକ୍ତ ସଂଗ୍ରହ କରିଥିଲେ । ରାଇରଙ୍ଗପୁରରେ ଜିଲ୍ଲା ସଭାପତି ବିକାଶ ମହାନ୍ତଙ୍କ ନେତୃତ୍ୱରେ ୫୦ ୟୁନିଟ, କରଞ୍ଜିଆରେ ଲପୁ ଅଗ୍ରୱାଲଙ୍କ ନେତୃତ୍ୱରେ ୩୦ ୟୁନିଟ ଏବଂ ଉଦଳାରେ ମନୋଜ ପଟନାୟକ, ନିନୀବାବୁଙ୍କ ନେତୃତ୍ୱରେ ୧୯ୟୁନିଟ ରକ୍ତଦାନ ଦ୍ୱାରା ଜିଲ୍ଲାରେ ୨୫୦ ୟୁନିଟ ରକ୍ତଦାନ କରାଯାଇଛି । ରାଇରଙ୍ଗପୁର ଶିବିରରେ ସ୍ଥାନୀୟ ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ମୟୁରଭଞ୍ଜ ସାଂସଦ ନବଚରଣ ମାଝୀଙ୍କ ଉପସ୍ଥିତିରେ ରକ୍ତଦାନ କରିଥିଲେ ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର





କେନ୍ଦୁଝର (ଭାସ୍କର ନ୍ୟୁଜ୍)): କେନ୍ଦୁଝରରେ ଓରମାସ ପକ୍ଷରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ପେପର ମ୍ୟାଚି, ଧୂପ କାଠି, ନଡ଼ିଆକୋରା, ଆରିସା ପିଠା, ଫୁଲବଡି, କଖାରୁବଡି, ମସୁରବଡି, ନଡ଼ିଆତେଲ, ହରବାଲ ଗାଧୁଆ ସାବୁନ, ବାସନମଜା ଲିକ୍ୟୁଇଡ, ତେଲକୋଇ ମହୁ, ପ୍ରଭୃତି ସାମଗ୍ରୀର ଉତ୍ତମ ଖାଉଟି ବଜାର ସୃଷ୍ଟି ନିମନ୍ତେ ଏକ ଗବେଷଣାତ୍ମକ ଦୁଇମାସିଆ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାମକୃଷ୍ଣ ମିଶନ କୃଷି ଓ ଗ୍ରାମ୍ୟବିକାଶ ବିଭାଗ ପକ୍ଷରୁ ଟ୍ରେନି ଛାତ୍ର ଏସକେ ଜିସାନ ଅଲ୍ଲୀ ଏବଂ ସୁଶ୍ରୀ ସାଓନି ଘୋଷ ମାର୍ଚ୍ଚ ଏପ୍ରିଲ ଦୁଇମାସ କେନ୍ଦୁଝରରେ ଅବସ୍ଥାନ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କେନ୍ଦୁଝର ଓରମାସ ତତ୍ୱାବଧାନରେ ରିସର୍ଚ୍ଚ କାର୍ଯ୍ୟ ସମାପନ କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଗ୍ରାମ୍ୟ ଉନ୍ନୟନ ଶ୍ରୀ କୁମାର ନାଗଭୂଷଣଙ୍କ ଦ୍ୱାରା ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହେବା ସହିତ ନିଜର ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଏହିସବୁ ସାମଗ୍ରୀକୁ କିଭଳି ଉପାୟରେ ଖାଉଟିମାନଙ୍କ ନିକଟରେ ଆକର୍ଷଣୀୟ ଭାବରେ ଉପସ୍ଥାପନ କରାଯାଇପାରିବ ତାହାର ନମୁନା ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ବାହୀ ଅଧିକାରୀ ସ୍ୱପନ ଗୋସ୍ୱାମୀ, ବିଜିନେସ ମ୍ୟାନେଜର ସୁଶ୍ରୀ ଗାୟତ୍ରୀ ପରିଡା, ପ୍ରକଳ୍ପ କାର୍ଯ୍ୟକ୍ରମ ନିଷ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିରେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବାକୁ ସମିତି ସଭ୍ୟ-ସଭ୍ୟାଙ୍କ ସଭାପତିଙ୍କୁ ସାକ୍ଷାତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମୀଙ୍କୁ କୋରୁକୋଣ୍ଡା ବ୍ଲକ ର ସମିତି ସଭ୍ୟ ସଭ୍ୟା ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ କୋରୁକୋଣ୍ଡା ବ୍ଲକର ସମିତି ସଭ୍ୟ ,ସଭ୍ୟା ବିଗତ ଦିନରେ ରାଗ ଅଭିମାନକୁ ଭୁଲି ବିଜୁ ଜନତା ଦଳରେ ରହିବୁ ନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀ କରି ଜଣାଇଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଏବଂ ସମିତି ସଭ୍ୟ/ସଭ୍ୟା ଙ୍କ ଭିତରେ ମତାନ୍ତର ଓ ମନାନ୍ତର ଥିବା ସହ ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ଙ୍କ ସହ ରାଗରୁଷା ଥିଲା କିନ୍ତୁ ବିଜୁ ଜନତା ଦଳ ଉପରେ କୌଣସି ରାଗ ରୁଷା ନ ଥିଲା ବୋଲି ଏକ ପତ୍ର ମାଧ୍ୟମରେ କୋରୁକୋଣ୍ଡା ବ୍ଲକର ସମିତି ସଭ୍ୟ, ସଭ୍ୟା ପର୍ଶୁରାମ ଖେମୁଣ୍ଡୁ (ତାରଲାକୋଟା ), ମନସିତ ପଡ଼ିଆମୀ (ପଟେଲ),ମଦନ ପୋମିଆ (ପୁରୁଣା ଚିମଟାପାଲ୍ଲୀ ), ରବି ପଡ଼ିଆମୀ ( ପୋଟ୍ରେଲ ) ଓ ଜିତୁ ପଡ଼ିଆମୀ ( ପୁରୁଣା ଚିମଟାପାଲ୍ଲୀ ) ପ୍ରମୁଖ ଜଣାଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଥିଲୁ ,ଆଗକୁ ମଧ୍ୟ ରହିବୁ ଏବଂ ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ଆଗରେ ଯେମିତି କାମ କରୁଥିଲୁ ତାହା ଠାରୁ ଅଧିକ ବିଜୁ ଜନତା ଦଳ ପାଇଁ ସକ୍ରିୟ ହୋଇ କାର୍ଯ୍ୟ କରିକି ସଙ୍ଗଠନକୁ ମଜବୁତ୍ କରିବା ପାଇଁ ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀଙ୍କ ନିକଟରେ ସମସ୍ତ ସମିତି ସଭ୍ୟ ,ସଭ୍ୟା ଶପଥ ଗ୍ରହଣ କଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା , ବିଜେଡି ବରିଷ୍ଠ ନେତା ତଥା ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ , ବିଜେଡି ବରିଷ୍ଠ ନେତା ସତ୍ୟ ପାଣିଗ୍ରାହୀ ଏବଂ ବିଜେଡି ନେତା ମାଧବ ସାବତ ପ୍ରମୁଖ ସହ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୫ ହାଇଲେବଲ୍ ସେତୁର ନିର୍ମାଣ କାର୍ଯ୍ୟ ବନ୍ଦ



ମାଲକାନଗିରି,(ଭାସ୍କର ନ୍ୟୁଜ୍ ) : ବନ୍ୟା ସମୟରେ ସୁରକ୍ଷା ଭାବେ ଗମନା ଗମନ ପାଇଁ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥ ଉପରେ ନିର୍ମାଣ କରାଯାଉଥିବା ୫ଟି ହାଇ ଲେବେଲ୍ ସେତୁ ବ୍ରିଜେଶ ଅଗ୍ରୱାଲ କମ୍ପାନୀ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରୁଥିବା ବେଳେ ନିର୍ମାଣର ସମୟ ସୀମା ସମାପ୍ତି ହୋଇଯାଇଛି। ନିର୍ମାଣାଧୀନ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁଁ ଏହି କମ୍ପାନୀକୁ କାର୍ଯ୍ୟ ବହିଷ୍କୃତ କରାଯାଇଥିବା ସୂଚନା ମିଳିଛି। ଫଳରେ ସମସ୍ତ ସେତୁ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି। ଆଗାମୀ ବର୍ଷା ଋତୁରେ ଗମନାଗମନ ପୁନଶ୍ଚ ବାଧା ପ୍ରାପ୍ତ ହେବ। ସୂଚନାଯୋଗ୍ୟ ଯେ ଛତିଶ ଗଡ଼ ରାଜ୍ୟ ବିଳାସପୁର ର ବ୍ରିଜେଶ ଅଗ୍ରୱାଲ କମ୍ପାନୀ ଗତ ତା: ୧.୭.୨୦୨୨ ରିଖରେ ପାଙ୍ଗାମ, ପଟେରୁ, କାଙ୍ଗୁରକୋଣ୍ଡା, ଏମଭି-୯୦ ଏବଂ ଏମଭି-୯୬ ଆଦି ୫ଟି ହାଇ ଲେବଲ୍ ସେତୁ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା ବେଳେ ଏହାର ଅଟକଳ ମୂଲ୍ୟ ୭୯ କୋଟି ଟଙ୍କା ଥିଲା। ଏହି କମ୍ପାନୀ ୫ ଗୋଟି ସେତୁ ନିର୍ମାଣ ପାଇଁ ଟେଣ୍ଡର ପାଇଥିଲା ବେଳେ ୧.୭.୨୦୨୪ ରେ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଚୁକ୍ତି ନାମା କରିଥିଲା। ଇତି ମଧ୍ୟରେ ଉକ୍ତ କମ୍ପାନୀ ମାତ୍ର ୩୦ ପ୍ରତିଶତ କାର୍ଯ୍ୟ କରିଥିବା ବେଳେ ବାରମ୍ବାର ତାଗିଦ ସତ୍ତ୍ୱେ ଅଦ୍ୟାବଧି କାର୍ଯ୍ୟରେ ତ୍ୱରାନ୍ୱିତ ହୋଇ ନଥିଲା । ବର୍ତ୍ତମାନ ଗ୍ରୀଷ୍ମଋତୁ ପରେ ପରେ ବର୍ଷା ଋତୁର ଆଗମନ ହେଲେ। ପ୍ରତି ବର୍ଷ ଭଳି ବର୍ଷା ଋତୁରେ ବିଭିନ୍ନ ନଦୀ ଗୁଡିକରେ ବନ୍ୟା ଆସି ଗମନାଗମନରେ ପ୍ରତି ବନ୍ଧକ ସୃଷ୍ଟି କରିଥାଏ । ତତ୍ ସଂଲଗ୍ନ ବ୍ରିଜ ଗୁଡ଼ିକର ଉଚ୍ଚତା କମ ଯୋଗୁଁ ବନ୍ୟାଜଳ ସ୍ତର ବୃଦ୍ଧି ପାଇ ବିପଦସଂକୁଳ ସୀମା ଉଲଘଂନ କରିବା ଯୋଗୁଁ ଗମନାଗମନ ଠପ୍ ହୋଇଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ଅର୍ଥାତ୍ ଗୋବିନ୍ଦପାଲ୍ଲୀ ଠାରୁ ମୋଟୁ ଅଭିମୁଖେ ଯାଇଥିବା ଜାତୀୟ ରାଜପଥରେ ୫ଟି ହାଇ ଲେବେଲ୍ ବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ଏହି ବ୍ରିଜ୍ ନିର୍ମାଣ ଅହେତୁକ ବିଳମ୍ବ ଯୋଗୁଁ ବ୍ରିଜେଶ ଅଗ୍ରୱାଲ କମ୍ପାନୀକୁ ଗତ ୨୨.୪. ୨୦୨୫ ତାରିଖରେ ବହିଷ୍କୃତ କରାଯାଇଛି। ପୁନଶ୍ଚ ଅତି ନିକଟରେ ଏହି ୫ଟି ହାଇ ଲେବେଲ୍ ବ୍ରିଜ ନିର୍ମାଣ ପାଇଁ ନୂତନ ଭାବେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଦୁର୍ଘଟଣାରେ ଆଉ ଜଣେ ମୃତ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ କୋଷାଗୁମୁଡ଼ା ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକଚାଳକଙ୍କର ମୃତ୍ୟୁ ହୋଇଥିଲାଏବଂ ଦୁଇ ଝିଅ ଗୁରୁତର ଅବସ୍ଥାରେ କୋଷାଗୁମୁଡ଼ା ମେଡ଼ିକାଲରୁ ନବରଙ୍ଗପୁର ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲେ । ମୃତ ବାଇକ ଚାଳକ ଯୁବକ ନାମ ଯଦୁ ଭତ୍ରା(୨୦) ପିତା ଲବ ଭତ୍ରା ,କୋଣ୍ଡାପୁରି ଗାଁ ର ଥିବାବେଳେ ସେହି କୋଣ୍ଡାପୁରି କୌଶଳୀୟା ଭତ୍ରା(୧୮) ,ଧଳା ମଣୀ ଭତ୍ରା(୧୯) ଦଶପୁରିଆ ଗୁଡା ର ବୋଲି ଜଣାପଡିଥିଲା । କାଲି ସନ୍ଧ୍ୟାରେ କୋଷାଗୁମୁଡ଼ାରୁ ଗିଫ୍ଟ କିଣି ଗୋଟିଏ ବାଇକରେ ଦୁଇ ଝିଅ କୁ ବସାଇ ଯଦୁ ନିଜ ଗାଁ କୋଣ୍ଡାପୁରୀ କୁ ଯିବାବେଳେ ଅପର ପକ୍ଷ ତଥା କୋଡ଼ିଙ୍ଗା ପଟରୁ ଏକ ଅମିନି ଗାଡି ସହ ମୁହାଁମୁହିଁ ହୋଇଥିଲା । ଅମିନି ଗାଡିଟି ଛତିଶଗଡ଼ ର ବୋଲି ଜଣାପଡିଥିଲା । ଅମିନି ଗାଡି ରାସ୍ତା ତଳେ ଓଲଟି ପଡିବାରୁ ଜଣେ ବ୍ୟକ୍ତି ଙ୍କୁ କୋଷାଗୁମୁଡ଼ା ମେଡ଼ିକାଲ ରେ ଭର୍ତ୍ତି କରାଯାଇଥିଲା । ଅମିନି ଗାଡି ରେ କେବଳ ଦୁଇଜଣ ବ୍ୟକ୍ତି ଥିଲେ। ଏହି ଖବର ପାଇ କୋଷାଗୁମୁଡ଼ା ପୋଲିସ ଘଟଣା ଉପରେ ପହଞ୍ଚି ଥିଲେ ।ଦୁଇଜଣ ଗୁରୁତର ଝିଅ ମାନଙ୍କ ମଧ୍ୟରୁ କୌଶଲ୍ୟା ଭତରା ନାମକ ଜଣେ ଝିଅ ଅତି ଗୁରୁତର ଥିବାରୁ ତାକୁ ପ୍ରଥମେ କୋରାପୁଟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ବାଟରେ ହିଁ ତପ୍ତପାଣି ପାଖରେ କୌଶଲ୍ୟା ଭତରା(୧୮)ଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

# ଶ୍ରମିକ ଦିବସ ପାଳିତ



ଖଇରପୁଟ(ଭାସ୍କର ନ୍ୟୁଜ୍ ): ମାଥିଲି ବ୍ଲକ ସଦରମହକୁମା ଠାରେ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି। ହଜାର ହଜାର ସଂଖ୍ୟାରେ ଶ୍ରମିକ ଆଦିବାସୀ ଭାଇ ଓ ଭଉଣୀ ମାନେ ଶ୍ରମିକ ଦିବସରେ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ଜଣାଶୁଣା ଆଦିବାସୀଙ୍କ ହକର ଲଢ଼େଇ କରୁଥିବା ନେତା ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସମାଜସେବୀ ସଦାଶିବ ପୂଜାରୀ ଏବଂ ମାଲକାନଗିରି ଜିଲ୍ଲା ଆଦିବାସୀ ସଂଘ ସଭାପତି ବାଲରାଜୁ ଗେମେଲ ଏବଂ ଆଦିବାସୀ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଆଦିବାସୀ ମାନଙ୍କ ହକ ଜୀବନ ଜୀବିକା ଜଙ୍ଗଲ ଜମି ପଟ୍ଟା ନିଜର ନ୍ୟାଯ୍ୟ ଦାବି ପୋଲାଭରମ ପ୍ରକଳ୍ପକୁ ବିରୋଧ ରୁଷ ୟୁକ୍ରେନ ଯୁଦ୍ଧ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ଆଣିବା ଲକ୍ଷ୍ୟରେ ମାଥିଲି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ସିଟିଜିରେ ପ୍ରକଳ୍ପ ପ୍ରଦର୍ଶନୀ

କେନ୍ଦୁଝର(ଭାସ୍କର ନ୍ୟୁଜ୍ ) କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ସୁନାମଧନ୍ୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେନ୍ଦୁଝର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମର କୋର୍ସ କଳା,ବିଜ୍ଞାନ ଓ ବାଣିଜ୍ୟ ପିଲାମାନଙ୍କ ଦ୍ୱାରା ଶିକ୍ଷାନିକେତନରେ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କଲେଜ ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ରାଜେନ୍ଦ୍ର କୁମାର ପଲେଇ ଆନୁଷ୍ଠାନିକ ଭାବେ ଫିତାକାଟି ପ୍ରକଳ୍ପର ଉଦ୍ଘାଟନ କରି ପିଲାମାନଙ୍କୁ ଜଣେ ଉଦ୍ୟୋଗୀ ହେବା ପାଇଁ ଆଜିଠାରୁ ନିଜର ଲକ୍ଷ୍ୟ ଏବଂ ଦକ୍ଷତାକୁ ନିରୁପଣ କରିବା ଆବଶ୍ୟକ ଏବଂ ଏହି ପ୍ରକଳ୍ପ ସେମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। କଲେଜ ର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ଶୁଭେଚ୍ଛା, ଶୁଭକାମନା ଜଣାଇଥିଲେ । ଶିକ୍ଷା ବିଭାଗର ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି ଉଦ୍ବୋଧନ ଦେଇ କହିଲେ ଯେ ପ୍ରତ୍ୟେକ ପିଲା କିଛିକିଛି ବିଶେଷ ଗୁଣର ଅଧିକାରୀ, ନିଷ୍ଠିତ ପ୍ରଚେଷ୍ଟା, କର୍ତ୍ତବ୍ୟ ପରାୟଣତା ଏବଂ ଶୃଙ୍ଖଳିତ ଜୀବନଶୈଳୀ ଲକ୍ଷ୍ୟ ସ୍ଥଳରେ ପହଁଚିବା ପାଇଁ ସହାୟକ ହୋଇଥାଏ । ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଏବଂ ଚେୟାରମ୍ୟାନ୍, ପ୍ରିନ୍ସିପାଲ ପ୍ରକଳ୍ପ ବୁଲି ଦେଖିବା ସହିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ପିଲାମାନେ ସଠିକ୍ ଉତ୍ତର ଦେଇ ପାରିଥିଲେ । କଳାର ପିଲାମାନେ ଦାରିଦ୍ର୍ୟତା, ମୌଳିକ ଅଧିକାର,ପରିବେଶ ପ୍ରଦୂଷଣ, ବିଜ୍ଞାନର ପିଲାମାନେ ଗତି,ସୌରଜଗତ,ଜଳର ସାନ୍ଦ୍ରତା, ଇକୋଲୋଜିକାଲ ପିରାମିଡ,ପାର୍ଟସ ଅଫ୍ ହ୍ୟୁମାନ୍ ବ୍ରେନ,ମୃତ୍ତିକା କ୍ଷୟ,ଆଗ୍ନେୟଗିରି ଉଦ୍ଗିରଣ ଏବଂ ବାଣିଜ୍ୟ ର ପିଲାମାନେ କମର୍ସିଆଲ ସିଟି,ଏକ୍ସପେଣ୍ଡେଡ୍ ବୁଜିନେସ ଏବଂ ହ୍ୟୁମାନ୍ ହାର୍ଟ ବିଷୟ ପ୍ରକଳ୍ପ ମାନ ପ୍ରଦର୍ଶିତ କରିଥିଲେ। ଗତକାଲି ସମର କ୍ୟାମ୍ପ ର ପିଲାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ,ପ୍ରବନ୍ଧ,ବକ୍ତୃତା,ଗୀତ,ନାଚ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ମାନପତ୍ର ଓ ପଦକ ଦିଆଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ଇଂରାଜୀ ବିଭାଗର ଅଧ୍ୟାପକ ଶଶୀଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁଡିଆ ଫାର୍ମରେ କ୍ଷେତ୍ରୀୟ ଗବେଷଣା ଓ ସଂପ୍ରସାରଣ ଉପଦେଷ୍ଟା ପରିଷଦ ବୈଠକ



କେନ୍ଦୁଝର(ଭାସ୍କର ନ୍ୟୁଜ୍ ) :କେନ୍ଦୁଝର ସହର ଉପକଣ୍ଠ ଜୁଡିଆସ୍ଥିତ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ରରେ ଉତ୍ତର କେନ୍ଦ୍ରୀୟ ମାଳ ଅଂଚଳ ପାଇଁ କ୍ଷେତ୍ରୀୟ ଗବେଷଣା ଓ ସଂପ୍ରସାରଣ ଉପଦେଷ୍ଟା ପରିଷଦ ବୈଠକ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓୟୁଏଟି ର କୃଷି ସଂପ୍ରସାରଣ ବିଭାଗର ପ୍ରଫେସର ଏମ୍.ପି. ନାୟକ ଅଧ୍ୟକ୍ଷତା କରିଥିଲେ। ଉଭୟ କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର କୃଷି ତଥା ଉଦ୍ୟାନ ବିଭାଗ ଅଧିକାରୀମାନଙ୍କ କୃଷି ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ବୈଠକରେ ବିଗତ ବର୍ଷର ଗବେଷଣା ଲବ୍ଧ ତଥ୍ୟ ଉପସ୍ଥାପନା କରାଯିବା ସହ ଆଗାମୀ ବର୍ଷ ପାଇଁ ଗବେଷଣା କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା । ଏହି ସଭାରେ ଆଂଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ,ଗବେଷଣା କେନ୍ଦ୍ରର ସମସ୍ତ ଗବେଷଣା କାର୍ଯ୍ୟକ୍ରମ ଓ ବିହନ ଉତ୍ପାଦନ ବିଷୟରେ ଅବଗତ କରାଇବା ସହିତ ସମନ୍ୱିତ କୃଷି ପଦ୍ଧତିରେ କୃଷି ଓ କୃଷି ଆନୁସଙ୍ଗିକ କାର୍ଯ୍ୟକୁ ଗ୍ରହଣ କରି କ୍ଷୁଦ୍ର ଚାଷୀମାନଙ୍କର ଅମଳ ଓ ଆୟ କିପରି ଦ୍ୱିଗୁଣିତ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଡ଼ ମୋନିକା ରାୟ, ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ) ବାସ୍ନା ଧାନରେ ପୋଷକ ପରିଚାଳନା,ଟିସି ରେ ନାନା ୟୁରିଆ ପ୍ରୟୋଗ,ଜୈବିକ ଉପାୟରେ ଟିସି ଚାଷ କରି କିପରି ଆୟ ବୃଦ୍ଧି କରି ହେବ ତା'ର ତଥ୍ୟ ପ୍ରଦାନ କରିଥିଲେ । ଡ. ପ୍ରଶାନ୍ତ କୁମାର ମାଝୀ, ବୈଜ୍ଞାନିକ (ଉଦ୍ଭିଦ ପ୍ରଜନନ ବିଭାଗ) ମୁଗ ଓ ବିରି ର ଅଧିକ ଅମଳ କ୍ଷମ,ସାହେବୀ ରୋଗ ଏବଂ ଡାଲି ଭୃଙ୍ଗ ପୋକ ପ୍ରତିରୋଧକ କିସମ,ବେଜୁଆ ବିରି ର ଉନ୍ନତିକରଣ ଏବଂ ଟିସିର ଅଧିକ ଅମଳକ୍ଷମ ସହ ସଅଳ କିସମ ଉପରେ କାର୍ଯ୍ୟରତ ଗବେଷଣା ଉପରେ ଅବଗତ କରାଇଥିଲେ। ଶୁଭ୍ରକାନ୍ତ ସାମନ୍ତରାୟ, କୃଷି ପାଣିପାଗବିତ, ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ଏହାର ପ୍ରଭାବ ବିଷୟରେ ଜଣାଇଥିଲେ। ଜଳବାୟୁ ପରିବର୍ତ୍ତନ ସହ ମକା ଓ ସୋରିଷ ଫସଲ ବୁଣିବାର ସମୟକୁ ପରିବର୍ତ୍ତନ କରିବା ଉପରେ ହୋଇଥିବା ଗବେଷଣାର ତଥ୍ୟ ଉପସ୍ଥାପନ କରିଥିଲେ । ଡ଼ ସୁଜାତା ଦାସ, ବୈଜ୍ଞାନିକ (ଉଦ୍ଭିଦ ପ୍ରଜନନ ବିଭାଗ) ଜିଲ୍ଲାରେ ଦୀର୍ଘ ଦିନ ଧରି ସମସ୍ୟା ରୂପେ ଦେଖାଦେଉଥିବା ରବି ଋତୁରେ ଧାନ ପରବର୍ତ୍ତୀ ଫସଲ ରୂପେ ଚାଷ ହେଉଥିବା ମୁଗ,ବିରିର ଶୀତ ସହଣି କିସମ ଉଦ୍ଭାବନ ପାଇଁ ନିଆ ଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଡ.ସୁକୁମାର ଟୁଡୁ, ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ ବିଭାଗ) ମୁଗ,ବିରି ର ପୋଷକ ପରିଚାଳନା ଓ ତୃଣ ଦମନ ବିଷୟରେ କାର୍ଯ୍ୟରତ ଗବେଷଣା ଉପରେ ଅବଗତ କରାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ସୁକାନ୍ତ କୁମାର ସାହୁ,କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ ର ମୁଖ୍ୟ ଡ. ସଂଘମିତ୍ରା ପଟ୍ଟନାୟକ, କୃଷି ବିଜ୍ଞାନ କେନ୍ଦ୍ର ମୟୁରଭଞ୍ଜ-୨ ର ମୁଖ୍ୟ ଡ଼ ଦୀପକ କୁମାର ମହାନ୍ତି ନିଜ ନିଜ କେନ୍ଦ୍ରର ବିଗତ ବର୍ଷ ର ସଫଳତା ଓ ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟ ଖସଡା ଉପସ୍ଥାପନା କରିଥିଲେ । ଅଣଋତୁ ପନିପରିବା ଚାଷ, ଆଳୁ ଚାଷ, ଶୀତ ଦିନିଆ ମୁଗ, ବିରି କିସମ, ଧାନ ପରବର୍ତ୍ତୀ ଫସଲ, ମାଣ୍ଡିଆ ଓ ଅନ୍ୟାନ୍ୟ ଲଘୁ ଶସ୍ୟ ଚାଷ ଓ ପ୍ରକ୍ରିୟାକରଣ, ଦେଶୀ କୁକୁଡା କିସମ ଓ ଅଣ ଛତୁ ଚାଷ ଆଦି ଗବେଷଣା ସାପେକ୍ଷ ସମସ୍ୟା ସବୁ ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ବରିଷ୍ଠ ସଦସ୍ୟ କେନ୍ଦୁଝର ସିଟିଜେନ ଫୋରମର ମ୍ୟାନେଜିଂ ଟ୍ରଷ୍ଟି ଭକ୍ତବତ୍ସଳ ମହାନ୍ତି ଦେଶୀ ବିହନ ଉନ୍ନତିକରଣ ଓ ଫୁଲ ବଡିକୁ ଜିଆଇ ମାନ୍ୟତା ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ସଭାରେ ଅଧ୍ୟକ୍ଷ ପ୍ରଫେସର ଏମ୍.ପି. ନାୟକ ଦେଶୀ ବିହନ କିସମ ସଂଗ୍ରହ ଓ ଉନ୍ନତିକରଣ ଉପରେ ପ୍ରାଧାନ୍ୟ ଦେଇଥିଲେ । କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ଦେଶୀ ବିହନ ଯଥା ପେଜୁଆ ବିରି ଓ ଝାଇଁ ମୁଗକୁ ଅଧିକ ଅମଳ କ୍ଷମ ବିହନରେ ପରିଣତ କରିବା ପାଇଁ ଜୁଡିଆ ଫାର୍ମର ଗବେଷକମାନଙ୍କୁ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଭୟ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୃଷି ଉପନିର୍ଦ୍ଦେଶକ, ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ,ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ,ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ,କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର, କେନ୍ଦୁଝର, କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର, ମୟୁରଭଞ୍ଜ-୧ , ମୟୁରଭଞ୍ଜ-୨ ର ସମସ୍ତ ବୈଜ୍ଞାନିକଗଣ ଉକ୍ତ ଆଲୋଚନା ଚକ୍ରରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ମା' ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



କୋଇଡା (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ କୋଇଡା ଛକ ନିକଟରେ ଥିବା ମା' କରୁଣାମୟୀ ମଙ୍ଗଳା ଦେବୀଙ୍କ ପୀଠରେ ୩୦ବର୍ଷ ହେଲା ପ୍ରତିବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଆସୁଛି। ଚଳିତ ବର୍ଷ ମା କରୁଣାମୟୀ ମଙ୍ଗଳାଙ୍କ ପୀଠରେ ବହୁ ଧୁମଧାମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସୁଦୂର ଯାଜପୁର ଜିଲ୍ଲା ମା' ବିରଜା କ୍ଷେତ୍ରରୁ ଆସିଥିବା ପଣ୍ଡିତ ହରିଶ ଚନ୍ଦ୍ର ଦାଶ ଏବଂ ତାଙ୍କର ସହଯୋଗୀ ବଙ୍କିମ କୁମାର ପଣ୍ଡା, ମାଗୁଣୀ ଚରଣ ତ୍ରିପାଠୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଓ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ବୈଶାଖ ଶୁକ୍ଳପକ୍ଷ ଦ୍ୱିତୀୟା ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରା ରୋପଣ ପୂଜା ଆରମ୍ଭ ହୋଇଥିଲା। ବୁଧବାର ପବିତ୍ର ବାବା ଲଙ୍ଗଳେଶ୍ୱର ଘାଟରୁ ପାଣି ତୋଳାଯାଇ କଳସ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପରେ ଆଚାର୍ଯ୍ୟ ବରଣ, ଅଗ୍ନି ସ୍ଥାପନ, ଷୋଡ଼ଶ ଉପଚାର, ଚଣ୍ଡୀପାଠ ଓ ଯଜ୍ଞ ଆହୁତି ପଣ୍ଡିତଙ୍କ ଦ୍ୱାରା ମନ୍ତ୍ରପାଠ ପରେ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅର୍ଥାତ ଚତୁର୍ଥୀ ଦିନ ସୂର୍ଯ୍ୟପୂଜା, ଧେନୁପୂଜା, ଶ୍ରୀ ବିଷ୍ଣୁ ଷୋଡଶ ଗୀତା ପାଠ ଓ ଆହୁତି ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଆରତୀ କରି ପୂଜା ଶେଷ କରିଥିଲେ। ପୂଜାର ମୁଖ୍ୟ କର୍ତ୍ତାରେ ବସିଥିଲେ କମିଟିର ସଦସ୍ୟ ବିବେକା ନନ୍ଦ ପାତ୍ର ଓ ତାଙ୍କ ସହ ଧର୍ମିଣୀ ମୀନାରାଣୀ ପାତ୍ର। ମା'ଙ୍କ ପୀଠରେ ତିନିଦିନ ଧରି ଆନନ୍ଦବଜାରରେ ଅନ୍ନପ୍ରସାଦ ସେବନ କରିବା ସହ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କୁ ପୂଜାର୍ଚ୍ଚନା କରି ଆର୍ଶୀବାଦ ଲାଭ କରିଥିଲେ। ମା' ମଙ୍ଗଳା କମିଟି ସେବକ ସଂଘର ସଭାପତି ବୁଲୁ ପାତ୍ର, ବରିଷ୍ଠ ସଦସ୍ୟ ନାରାୟଣ ସାହୁ, ଲକ୍ଷ୍ମଣ ଜେନା, ମୋହନ ସାହୁ, ଅର୍ଜୁନ ଠାକୁର, ପଦ୍ମଚରଣ ମହାରଣା, ଶ୍ରୀକାନ୍ତ ମହାରଣା, ଅରବିନ୍ଦ ବଳିଆରସିଂ, ବିବେକାନନ୍ଦ ପାତ୍ରଙ୍କ ସମେତ କମିଟିର ସମସ୍ତ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ରହି ମା'ଙ୍କ କାର୍ଯ୍ୟକ୍ରମକୁ ସଂପନ୍ନ କରିଥିଲେ।

# ସ୍ୱପ୍ନେଶ୍ୱର ଓ ବିଲ୍ୱମାଳଙ୍କ ପୀଠରେ ନାମଯଜ୍ଞ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ସ୍ଥିତ ସ୍ୱପ୍ନେଶ୍ୱର (ନଣ୍ଡା) ମହାଦେବଙ୍କ ପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗତମାସ ୨୯ ତାରିଖ ମଙ୍ଗଳବାର ଶୁଭାଧିବାସ ହେବା ସହ ୩୦ ତାରିଖ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇ ଗୁରୁବାର ନଗର ଭ୍ରମଣ ପରେ ଦଧିହାଣ୍ଡି ଭାଙ୍ଗି ନାମଯଜ୍ଞର ଉଦ୍ଯାପନ ହୋଇଥିଲା। ନାମଯଜ୍ଞରେ ଅଞ୍ଚଳର ଅନେକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ସେହିପରି ଏହି ପଞ୍ଚାୟତ କେଶରପୁର ସ୍ଥିତ ବିଲ୍ୱମାଳଙ୍କ ପୀଠରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବୋଲଗଡ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ବାଙ୍କୋଇ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଦରୁଲ ହସନ୍ ଖାଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ଦଳାଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ହୁଲାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ପ୍ରଫୁଲ୍ଲ ପ୍ରଧାନ, ସମୀତ ସଭ୍ୟ ରଞ୍ଜନ ଲେଙ୍କା, ସ୍କୁଲ୍ ପରିଚାଳନା ସଭାପତି ସସ୍ମିତା ବଳିୟାରସିଂହ, ମୋ ସ୍କୁଲ୍ ସମ୍ପାଦକ ସୁରେଶ କୁମାର ସାମନ୍ତରାୟ, କାଳୀଚରଣ ଜୟସିଂହ, ମାଧବ ଚନ୍ଦ୍ର ବିଶ୍ୱାଳ, ଜୟକୃଷ୍ଣ ଫତେସିଂହ , ବିଶ୍ୱରଂଜନ ବିଶ୍ୱାଳଙ୍କ ସହ ଅନ୍ୟ ଅତିଥି ପ୍ରମୁଖ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ ସହିତ ଗ୍ରାମ ବାସୀଙ୍କ ତରଫରୁ ଗ୍ରାମ ପରିକ୍ରମା କରି ବିଦାୟ ଦିଆଯାଇଥିଲା।

# ଜିଲ୍ଲାରେ ଷଷ୍ଠସ୍ଥାନ ଅଧିକାର କରି ବ୍ଲକ ପାଇଁ ଗର୍ବ ଆଣିଲେ ବଦ୍ରୀନାଥ



ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଗତ କାଲି ପ୍ରକାଶ ପାଇଛି ତେବେ ଏହି ମେଟ୍ରିକ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାରେ (୫୬୩)ନମ୍ବର ରଖି ଷଷ୍ଠ ସ୍ଥାନ ଅଧିକାର କରି ଶୁଳିଆପଦା ବ୍ଲକ ପାଇଁ ଗର୍ବ ଆଣିଛନ୍ତି ବଦ୍ରୀନାଥ ଦାସ। ସେ ଉଫାଲଗଡିଆ ପଞ୍ଚାୟତ କାଦକଠା ଗ୍ରାମର ପ୍ରଦୀପ ଦାସ ଓ ମା' ମନୋରମା ଦାସଙ୍କ ପୁଅ। ବାରିପଦା ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟରେ ରହି ଶିକ୍ଷାଲାଭ କରୁଥିଲେ। ଏହି ସଫଳତା ପାଇଁ ତାଙ୍କ ବାପା ମା'ଙ୍କ ଆଶୀର୍ବାଦ, ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସହଯୋଗ ଓ ନିଜ ପରିଶ୍ରମ ପାଇଁ ଏହି ସଫଳତା ମିଳିଛି ବୋଲି କହିଛନ୍ତି ବଦ୍ରୀନାଥ। ମାଟ୍ରିକ ଫଳ ପ୍ରକାଶ ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଚ୍ଚଶିକ୍ଷା ଲାଭ କରି ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ବସ୍ତି ବାସିନ୍ଦାଙ୍କୁ ମିଳିଲା ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଜାଗା



ମାଲକାନଗିରି (ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ଧରି ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଷ୍ଟେଟ ବ୍ୟାଙ୍କ ପଛପଟେ ରହୁଥିବା ବସ୍ତି ବାସିନ୍ଦା ଦୀର୍ଘ ୨ବର୍ଷ ହେଲା ବାଲିସାଗର ବନ୍ଧ ମରାମତି କାମ ଯୋଗୁ ବର୍ଷାଦିନେ ବଳକା ପାଣି ବସ୍ତିରେ ରହୁଥିବା ଲୋକଙ୍କ ଘରେ ପଶି ଲୋକଙ୍କ ଅନେକ କ୍ଷତି କରୁଥିଲା। ବିଗତ ବର୍ଷ ଏହି ବସ୍ତି ବାସିନ୍ଦା ଜିଲ୍ଲାପାଳ ଏବଂ ବିଧାୟକଙ୍କୁ ଏ ବାବଦରେ ଜଣାଇବା ସହ ସମାଧାନ ପାଇଁ ଧାରଣା ଦେଇଥିଲେ। ଗତକାଲି ସେମାନଙ୍କ ସମସ୍ୟା ପୂର୍ବକ ସେମାନଙ୍କୁ ସଦରର ଆଶୀର୍ବାଦ କଲୋନୀରେ ଜିଲ୍ଲା ପ୍ରଶାସନ ଓ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଥଇଥାନ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଗୃହ ନିର୍ମାଣ କରିବା ପାଇଁ ୨୨ ଗୋଟି ପରିବାରଙ୍କୁ ଜାଗା ଚିହ୍ନଟ କରାଇଛନ୍ତି। ଏହି ଜାଗା ନିରୂପଣ ଯୋଗୁଁ ବସ୍ତି ବାସିନ୍ଦାଙ୍କ ତରଫରୁ ବିଧାୟକଙ୍କ ପୌରପରିଷଦ ପ୍ରତିନିଧି ରାଓ୍ୱାଲ ଟାଓ୍ୱାରୀ ଓ ସାଂସଦ ପ୍ରତିନିଧି ବିଜୟ ମହାରଣାଙ୍କ ସମେତ ରାଜସ୍ୱ ନିରୀକ୍ଷକ କର୍ମଚାରୀ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

# ଡେରାବିଶ ବ୍ଲକ ଜିଲ୍ଲାର ସର୍ବାଧିକ ଏ-୧ ଗ୍ରେଡ଼୍ ଧାରୀ ୨୩ଜଣ

ଡେରାବିଶ (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଡେରାବିଶ ବ୍ଲକ ଅଞ୍ଚଳରେ ୩୭ଟି ବିଦ୍ୟାଳୟରେ ମୋଟ ୧୬୩୯ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୧ଟି ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ଜଣାଯାଇଛି। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଏ-୧ ଗ୍ରେଡ଼ଧାରୀ ରହିଛନ୍ତି। ତେବେ ଡେରାବିଶ ବ୍ଲକ ଅନ୍ତର୍ଗତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୮ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ଼ଧାରୀ ହୋଇଥିବା ସେମାନଙ୍କ ମଧ୍ୟରୁ ଛାତ୍ରୀ ଆୟେଶା ଧଳ ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହେବାର ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ଗୋଲରାହାଟ ସ୍ଥିତ ଡେରାବିଶ ହାଇସ୍କୁଲର ଛାତ୍ରୀ ମନିଷା କର ୫୬୩ ରଖି ଦ୍ୱିତୀୟ ଓ କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ରଥ, ଛାତ୍ରୀ ସିଦ୍ଧିରୂପା ଦାଶ ଓ କାଜଲ ତ୍ରିପାଠୀ ଏବଂ ହରିଅଙ୍କ ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ୫୬୦ ନମ୍ବର ରଖି ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ରୀ ଶୁଭାଶିନୀ ଲେଙ୍କା ୫୫୯, ଶୁଭଶ୍ରୀ ପରିଡ଼ା, ୫୫୪, ଆନନ୍ଦିତା ମହାପାତ୍ର ୫୪୨, ପ୍ରିତିସନ୍ଧ୍ୟା ସାହୁ ୫୪୯, ତେଜସ୍ୱିନୀ ପଡ଼ିହାରୀ ୫୪୮, ଗାୟତ୍ରୀ ରାଉତ ୫୪୮, ଭାଗ୍ୟଶ୍ରୀ ମହାନ୍ତି ୫୪୬, ଆଦ୍ୟାଶା ପରିଡ଼ା ୫୪୬, ଶ୍ରଦ୍ଧା ପ୍ରିୟଦର୍ଶିନୀ ୫୪୧, ଗାୟତ୍ରୀ ବେହେରା ୫୪୧ ଓ ଛାତ୍ର ଦେବାଶିଷ ସାହୁ ୫୫୭, ହିତେନ ଆଚାର୍ଯ୍ୟ ୫୪୫, ଆଦିତ୍ୟ ଶଙ୍କର ବାରିକ ୫୪୫, ଯୋଗେଶ ସ୍ୱାଇଁ ୫୪୧, କେ.ସି. ନୋଡାଲ ଉଚ୍ଚବିଦ୍ୟାଳୟ, ସନ୍ଥପୁରାର ଛାତ୍ରୀ ସଂଜନା ସାହୁ ୫୫୬, ବିବି ମଡେଲ ହାଇସ୍କୁଲ, ଦୋହଲୀ ସୁଦର୍ଶନ ପଣ୍ଡା ୫୪୫ ଓ ଶୁଭଙ୍କର ମନ୍ତ୍ରୀ ୫୪୫ ନମ୍ବର ରଖି ବ୍ଲକରେ ଏ-୧ ଗ୍ରେଡ଼ଧାରୀ ହୋଇପାରିଚନ୍ତି। ବ୍ଲକରେ ସର୍ବାଧିକ ଏ-୧ ଗ୍ରେଡ଼ ପାଇଥିବା କଳିଙ୍ଗ ଆବାସିକ ବିଦ୍ୟାଳୟ ଜିଲ୍ଲାରେ ମଧ୍ୟ ଅଧିକ ଏ-୧ ପାଇବାର ଗୌରବ ଅର୍ଜନ କରିଛନ୍ତି । ବ୍ଲକର ଆରିପଦା ହାଇସ୍କୁଲ, ବିବିମଡେଲ ହାଇସ୍କୁଲ, ହରିଅଙ୍କ ହାଇସ୍କୁଲ, ଜାଗୁଲେଇ ବିଦ୍ୟାନିକେତନ ବେଲରପା, ଜୋଗୁଲେଇପଡ଼ା ଦେଶପୁର ବାଳିକା ବିଦ୍ୟାନିକେତନ, କୁସୁନୁପୁର ହାଇସ୍କୁଲ, ଲାଲବାହାଦୁର ହାଇସ୍କୁଲ ଗଣେଶପୁର, ପଂଚାୟତ ହାଇସ୍କୁଲ ଯଅଁରାବାରିକୂଳ, ରାମଚନ୍ଦ୍ର ବିଦ୍ୟାପୀଠ ସବଳଙ୍ଗ, ଶାରଦା ଏକାଡେମୀ ଛକନା, ମର୍ଡ଼ର୍ଣ୍ଣ ପବ୍ଲିକ ସ୍କୁଲ ଠାକୁରହାଟ ବିଦ୍ୟାଳୟ ଶତପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି।




ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ ଖମ୍ବେଶ୍ୱରୀପାଟଣା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ପଶ୍ଚିମ ସଭାପତି ରବିନ୍ଦ୍ର ନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପି.ସି.ସି ସଭ୍ୟ ଦେବୀ ପ୍ରସାଦ ବିଷୋୟୀ, ପୁରୁଖା କର୍ମୀ ଗଙ୍ଗାଧର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦଳ ସୁପ୍ରିମୋ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଦେଶରେ ଜାତି ଭିତ୍ତିକ ଜନଗଣନା ପାଇଁ ଦିର୍ଘ ଦିନ ହେଲା ଦାବି କରାଯାଇଥିଲେ ମଧ୍ୟ ଏହାକୁ ଉପେକ୍ଷା କରି ଆସୁଥିବା ମୋଦି ସରକାର ଶେଷରେ ଏହା କରିବା ଲାଗି ନେଇଥିବା ନିଷ୍ପତି କଂଗ୍ରେସର ବିଜୟ ଉତ୍ସବ ବୋଲି କାର୍ଯ୍ୟକ୍ରମରେ କୁହାଯାଇଥିଲା। ତେବେ ବିଭିନ୍ନ ସମୟରେ ଭାଜପା କହିବା ଓ କରିବାର ତାଳମେଳ ରହୁନଥିବାରୁ ଏହା କାର୍ଯ୍ୟକାରୀ ହେବା ଯାଏଁ କଂଗ୍ରେସ ଏଥିପ୍ରତି ଦୃଷ୍ଟି ରଖିବ ବୋଲି ବିଧାୟକ ରମେଶ ଜେନା ମତବ୍ୟକ୍ତ କରି କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ଦେବକାନ୍ତ ଶର୍ମା, ହରେକୃଷ୍ଣ ରଥ, ଚିତ୍ରସେନ ବେହେରା, ପ୍ରିୟାଶୁଂ ପରିଡା, ଶିବ ପ୍ରଧାନ ରାମନାରାୟଣ ବିଶ୍ୱାସରାଏ ସମେତ ବହୁ କର୍ମୀ ସାମିଲ ଥିଲେ। ଏହି ବିଜୟ ଉତ୍ସବ ଶେଷରେ ଦଳ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



# ସିର୍ଲୋ ଶନିଶ୍ଚର ମନ୍ଦିରରେ ଜଳଲାଗି କଲେ ହଜାର ହଜାର ଭକ୍ତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ନିକଟ ସିର୍ଲୋ ବ୍ରାହ୍ମଣଖଣ୍ଡ ପାଣ୍ଡବ ଘାଟର ମହାନଦୀ କୂଳରେ ଥିବା ଶନିଶ୍ଚର ମନ୍ଦିରରେ ଜଳଲାଗି କଲେ ହଜାର ହଜାର ଭକ୍ତ। ଏହି ଅବସରରେ ମାନସିକଧାରୀ ମାନେ ଭୋର ୫ଟାରୁ ମହାନଦୀରୁ ଜଳଆଣି ଶନିଶିଳାରେ ଢାଳି ମାନସିକ ପୁରାକରିଥିଲେ। ଶୁକ୍ରବାର ଘଟସ୍ଥାପନ ଓ ଅଙ୍କୁରାରୋପଣ କରାଯାଇ ଶନିବାର ଅଗ୍ନିସ୍ଥାପନ ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣ ଆହୁତି ଶେଷ ହୋଇଥିଲା। ଏହି ମହାଯଜ୍ଞରେ କମଳାକାନ୍ତ ମହାପାତ୍ର, ଲୋକନାଥ ମହାନ୍ତି, ଗୋବର୍ଦ୍ଧନ ଖୁଣ୍ଟିଆ, ଲକ୍ଷ୍ମୀଧର ଚୈଧୁରୀ, ସୋମନାଥ ଭୋଇ, ବିଜୟ ସେଠୀ, ମିଟୁ ବାରିକ, ମନୋଜ ଦାସ, ଶନିଦେବ କମିଟିର ସଦସ୍ୟ ଏବଂ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ କରିଥିଲେ। ସିର୍ଲୋ ମହାବୀର ସେନା ଓ ରଘୁନାଥପୁର ଶ୍ରୀ ଜଗନ୍ନାଥ ସେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତମାନଙ୍କୁ ଦହି ସର୍ବତ ଓ ଥଣ୍ଡାପାନୀୟ ବଣ୍ଟନ କରାଯାଇଥିଲା। ଏଥିରେ ଦୁଲାଲ ଭୋଇ, ଚନ୍ଦନ ସେନାପତି, କିରଣ ଚନ୍ଦ୍ର ସାହୁ, ତପନ ସ୍ୱାଇଁ, ବିଜୟ ଭାସ୍କର ଗାୟା ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ କଟକ ଜିଲ୍ଲା ହରିଜନ ମୋର୍ଚ୍ଚା ସଭାପତି ପ୍ରଦୀପ ବେହେରା ଯୋଗଦେଇ ଶନିଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ଏବଂ ବୈଷ୍ଣବ ଚରଣ ଗାୟଙ୍କ ଉପସ୍ଥିତିରେ ଶନିଦେବ ପୀଠର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଭିଡରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କିଶନନଗର ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ରଘୁନାଥପୁର ବ୍ଲକ ପୂରଣ ଓଡପଡା, ଗୁଆଳିପୁର ଗଜା ଗୋସାଇଁ ପୀଠ, ତାରପୁର, ତଅାଁରା, ଚିକିଣିଆ ଗ୍ରାମ ଓ ବିରିଡି ବ୍ଲକ ଶଙ୍କରପୁର ଗ୍ରାମରେ ଶନିଶ୍ଚରଙ୍କ ପୀଠରେ ଭକ୍ତମାନେ ଜଳାଭିଷେକ କରିଥିଲେ।

# ପୁଅଙ୍କ ଅପେକ୍ଷା ଝିଅ ଅଧିକ ସଫଳ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୫ର ଫଳାଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସହାର ଅଧିକ ରହିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟରୁ ୯୨୧ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୦୨ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୨ଟି ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ ହୋଇଛି। ସେଥିମଧ୍ୟରୁ ଏ ୧ଗ୍ରେଡ୍ ୫ଜଣ, ଏ ୨ଗ୍ରେଡ୍ ୩୩ଜଣ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକରେ ମହାବୀର ବିଦ୍ୟାପୀଠ ଖଣ୍ଡାସାହିର ଛାତ୍ରୀ ତଥା ଖଣ୍ଡାସାହି ଗ୍ରାମର ମନୋଜ ଦାସଙ୍କ ଝିଅ ଦିବ୍ୟାଶ୍ରୀ ଦାସ ୫୬୧ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ବେଳାଭୂମି ଉଚ୍ଚ ବିଦ୍ୟାଳୟ







**ଦିବ୍ୟାଶ୍ରୀ ଦାସ ହେଲେ ଅସ୍ତରଙ୍ଗ ବ୍ଲକ ଟପ୍ପର**

ଛାତ୍ର ତଥା ଛୁରିଆନା ଗ୍ରାମର ବ୍ରଜବନ୍ଧୁ ପରିଡାଙ୍କ ପୁଅ ହିମାଂଶୁ ପରିଡା ୫୬୦ନମ୍ବର, ତୃତୀୟ ସ୍ଥାନ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ତଥା ପାଟଳଦା ପଞ୍ଚାୟତ ସୁନ୍ଦର ଗ୍ରାମର କପିଳେଶ୍ୱର ବେହେରାଙ୍କ ପୁଅ ଐଶ୍ୱରାଜ ବେହେରା ୫୫୭ନମ୍ବର, ଚତୁର୍ଥ ସ୍ଥାନରେ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ -ଅନନ୍ତା ଛାତ୍ରୀ ତଥା କରଞ୍ଜପୁର ଗ୍ରାମର ଅଭୟ ମହାନ୍ତିଙ୍କ ଝିଅ ସୋନାକ୍ଷି ମହାନ୍ତି ୫୪୯ନମ୍ବର ଓ ପଞ୍ଚମ ସ୍ଥାନରେ ଲବଣ ସତ୍ୟାଗ୍ରହ ବିଦ୍ୟାପୀଠ କୁହୁଡି ଛାତ୍ର ପ୍ରସାଦ ନାୟକ ୫୪୫ନମ୍ବର ରଖିଛନ୍ତି। ତାଙ୍କର ଏହି ସଫଳତା ପଛରେ ଗୁରୁଜୀ, ଗୁରୁମା' ତଥା ମାତା ପିତାଙ୍କ ଶ୍ରେୟ ମଣିଛନ୍ତି। ଏ ନେଇ କୃତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସା ସହ କୃତଜ୍ଞତା ଜଣାଉଛନ୍ତି ବିଭିନ୍ନ ବ୍ୟକ୍ତି ବିଶେଷ।

# ମହୁମାଛି ଆକ୍ରମଣରେ ଜଣେ ମୃତ

କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ସଦରସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ନିକଟରେ ମହୁମାଛି ଆକ୍ରମଣରେ ଜଣେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଅଟୋ ଡ୍ରାଇଭର ସ୍ଥାନୀୟ ହାଉସିଂ ବୋର୍ଡର ଅଜୁ ଚେଟି ବୋଲି ଜଣାପଡିଛି। ସୂଚନା ଅନୁଯାଇ, ଅଜୁ ଚେଟି ନିଜ ଭଉଣୀ ରହୁଥିବା ଏଲଆଇସି କଲୋନୀକୁ ଚାଲାଚାଲି ଯାଉଥିଲେ। ଏହି ସମୟରେ ୨୬ନଂ ରାଜପଥ ପାର୍ଶ୍ୱ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ବାହାରେ ଥିବା ଗଛରେ ଥିବା ମହୁମାଛି ତାଙ୍କୁ ଅତର୍କିତ ଆକ୍ରଣ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ରାଜୁ ଘଟଣାସ୍ଥଳରୁ ଦୌଡିବା ସମୟରେ କିଛି ଦୂରକୁ ଯାଇ ତଳେ ପଡି ଯାଇଥିଲେ। କିଛି ଯୁବକ ତାଙ୍କୁ ଉଦ୍ଧାର କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ତାଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ମେଡିକାଲରେ ଶୋକାକୁଳ ପରିସ୍ଥିତ ସୃଷ୍ଟି ହୋଇଥିଲା। ଅଟୋ ଚଳାଇ ଅଜୁ ପରିବାର ଚଳାଉଥିଲେ। ରୋଜଗାରିଆ ପୁଅର ମୃତ୍ୟୁ ପରେ ପରିବାର କିଭଳି ଚଳିବ ସେ ନେଇ ପରିବାର ଲୋକ ଚିନ୍ତାରେ ପଡିଛନ୍ତି। କୋରାପୁଟ ସହରର ବିଭିନ୍ନ ସ୍ଥାନରେ ମହୁମାଛି ବସା କରିଛନ୍ତି । ତୁରନ୍ତ ମହୁମାଛି ଗୁଡିକୁ ହଠାଇବା ପାଇଁ ସହରବାସୀ ଦାବି କରିଛନ୍ତି।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଶତପ୍ରତିଶତ ସଫଳତା

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ମାଟ୍ରିକ ପରୀକ୍ଷାରେ ଶହେ ପ୍ରତିଶତ ସଫଳତା ମିଳିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ ମୋଟ ୮୪ଜଣ ପରୀକ୍ଷାର୍ଥୀ ମେଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଇ-୧ରେ ଜଣେ ବି ପାସ୍ ହୋଇ ନଥିବା ବେଳେ, ଇ-୨ରେ ୮ଜଣ, ଈ-୧ରେ ୧୧ଜଣ, ଈ-୨ ରେ ୨୮ଜଣ ଉ-ରେ ୨୯ଜଣ ଉ-ରେ ୭ଜଣ କୃତକାର୍ଯ୍ୟ ହୋଇଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଉପେନ୍ଦ୍ର ମହାନ୍ତ ୫୩୯ନମ୍ବର ରଖି ଶ୍ରେଷ୍ଠ ଛାତ୍ର ଭାବେ ପ୍ରଂଶସିତ ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରବିତା କୁମାର ସାହୁ ଓ ବିଦ୍ୟାଶ୍ରୀ ମହାପାତ୍ର ୫୨୩ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ସାହୁ, ପରିଚାଳନା କମିଟିର ସଭାପତି ଦିଲ୍ଲିପ କୁମାର ପୃଷ୍ଟି ଅଭିନନ୍ଦନ ଜଣାଇଛନ୍ତି।

# ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ସଫଳତା ହାର ୯୪.୩୦ ପ୍ରତିଶତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ମଇ ୨ ତାରିଖ ଶୁକ୍ରବାର ଦିନ ପ୍ରକାଶ ପାଇଥିବାବେଳେ କେନ୍ଦୁଝର ଜିଲାର ସଫଳତା ହାର ୯୪.୩୦ ପ୍ରତିଶତ ରହିଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜିଲାର ୪୭୮ ଟି ବିଦ୍ୟାଳୟର ୨୩୯୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୬୩୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ ଏବଂ ୨୩୩୨୬ ଜଣ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ଏମ୍ପି ହୋଇଥିବାବେଳେ ଏ-୧ ଗ୍ରେଡରେ ୬୦ ଜଣ, ଏ-୨ ଗ୍ରେଡରେ ୫୦୩ ଜଣ,ବି-୧ ଗ୍ରେଡରେ ୧୪୩୪ ଜଣ,ବି-୨ ଗ୍ରେଡରେ ୩୦୩୧ ଜଣ, ସି ଗ୍ରେଡରେ ୫୨୨୧ ଜଣ, ଡି ଗ୍ରେଡରେ ୭୨୬୭ ଜଣ, ଇ ଗ୍ରେଡରେ ୪୪୮୧ ଜଣଙ୍କୁ ମିଶାଇ ୨୧୯୯୭ କୃତକାର୍ଯ୍ୟ ହୋଇଥିବାବେଳେ ୧୩୨୨ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୪୫୩ ଜଣ ଛାତ୍ରୀ ଏବଂ ୧୦୫୪୪ ଜଣ ଛାତ୍ର ପାସ୍ କରିଥିବା ଜଣାପଡିଛି। ସେହିପରି ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୫୦ଟି ବିଦ୍ୟାଳୟରୁ ୫୯ ଜଣ ଫର୍ମ ଫିଲପ କରିଥିବାବେଳେ ୫ଜଣ ଅନୁପସ୍ଥିତ ଥିଲେ। ୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ମାତ୍ର ଜଣେ ଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ୫୩ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ଜିଲାରେ ଏକ୍ସରେଗୁଲାର ପାସ୍ ହାର ମାତ୍ର ୧.୬୯ ପ୍ରତିଶତ ହୋଇଛି। ପତ୍ର ବିନିମୟ ପାଠ୍ୟକ୍ରମ ପରୀକ୍ଷାରେ ଜିଲାରୁ ୩୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ଜଣ ପରୀକ୍ଷା ଦେଇଥିବାବେଳେ ଜଣେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ବି-୨ ଗ୍ରେଡରେ ୩ ଜଣ, ସି ଗ୍ରେଡରେ ୨ ଜଣ, ଡି ଗ୍ରେଡରେ ୪ଜଣ ଛାତ୍ରଛାତ୍ରୀ ସଫଳତା ପାଇଥିବାବେଳେ ୨୦ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ପତ୍ର ବିନିମୟ ପାଠ୍ୟକ୍ରମରେ ଚଳିତ ଥର ୧.୪୮ ପ୍ରତିଶତ ସଫଳତା ମିଳିଥିବା ଜଣାପଡିଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**ବେଷ୍ଟ ଫିଚର ଡକୁମେଣ୍ଟାରୀ ଫିଲ୍ମ ଆୱାର୍ଡ**

# ନନ୍ଦ ମାଷ୍ଟରଙ୍କ ଚାଟଶାଳୀକୁ ସମ୍ମାନଜନକ 'ଦାଦା ସାହେବ ଫାଲକେ ଆୱାର୍ଡ'

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଦିଲ୍ଲୀ ସ୍ଥିତ ଏକ ପଞ୍ଚତାରକା ହୋଟେଲରେ ଗତ ମେ ୦୧ ତାରିଖ ଗୁରୁବାର ଓଡିଆ ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ସମ୍ମାନଜନକ 'ଦାଦା ସାହେବ ଫାଲକେ ଆୱାର୍ଡ' ମିଳିଛି। ଫିଚର କାଟାଗୋରୀରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମଟିକୁ ଶ୍ରେଷ୍ଠ ଡକୁମେଣ୍ଟାରୀ ଫିଲ୍ମ ଭାବେ ମନୋନୀତ କରାଯାଇଥିଲା। ଅଭିସ୍ମିତା ଫିଲ୍ମ ବ୍ୟାନରରେ କରାଯାଇଥିବା ଏହି ଫିଲ୍ମଟିକୁ ବରିଷ୍ଠ ସାମ୍ବାଦିକ ଡ. ଅଭୟ ପତି ପ୍ରଯୋଜନା କରିଥିବାବେଳେ, ଅଭିସ୍ମିତା ଫିଲ୍ମର ଆଡଭୋକେଟ ଅସ୍ମିତା ପତି ସହପ୍ରଯୋଜିକା ଏବଂ ମୁମ୍ବାଇର ଖ୍ୟାତିସମ୍ପନ୍ନ ଡାଇରେକ୍ଟର ପ୍ରଣବ ଆଇଚ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି। ଭାରତୀୟ ସିନେମାର ପିତାମହ ଭାବେ ପରିଚିତ, ଦାଦା ସାହେବ ଫାଲକେଙ୍କ ଜନ୍ମ ନକ୍ଷତ୍ରରେ ଦିଲ୍ଲୀଠାରେ ଆୟୋଜିତ ଏହି ୧୫ତମ ଦାଦା ସାହେବ ଫାଲକେ ଆୱାର୍ଡ ଫଙ୍କସନରେ ବିଶ୍ୱର ଅନେକ ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ କାଟାଗୋରୀରେ ପ୍ରାୟ ୨୮ଟି ଫିଲ୍ମକୁ ସମ୍ମାନୀତ କରାଯାଇଥିଲା। 'ନନ୍ଦ ମାଷ୍ଟର' ଫିଲ୍ମଟି ଜଣେ ୧୦୪ବର୍ଷ ବୟସ୍କ ଶିକ୍ଷକଙ୍କ ଉପରେ ପର୍ଯ୍ୟବେଶିତ ହୋଇଛି। ଯିଏକି ୭୦ ବର୍ଷରୁ ଉର୍ଦ୍ଧ୍ୱ ଧରି ନିଜର ଚାଟଶାଳୀ ମାଧ୍ୟମରେ ଗରିବ, ଅସହାୟ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରି ସମାଜରେ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ। ଯେଉଁଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନଜନକ "ପଦ୍ମଶ୍ରୀ ପୁରସ୍କାର"ରେ ସମ୍ମାନୀତ କରାଯାଇଥିଲା। ଏହି ପୁରସ୍କାର ପାଇବା ପରେ ପ୍ରଯୋଜକ ଅଭୟ ଏବଂ ନିର୍ଦ୍ଦେଶକ ପ୍ରଣବ ବହୁତ ଖୁସିଥିବା କହିଥିବାବେଳେ, ଆଗାମୀ ଦିନରେ ଏହିପରି ଆହୁରି ଅନେକ ଚଳଚ୍ଚିତ୍ର ନିର୍ମାଣ କରିବେ ବୋଲି କହିଛନ୍ତି। ଏହି ଫିଲ୍ମଟି ନିର୍ମାଣ ସମୟରେ ନନ୍ଦ ସାରଙ୍କ ପରିବାର, କନ୍ତିରା ଗ୍ରାମବାସୀ ଏବଂ ସର୍ବୋପରି ତାଙ୍କର ନାତି ଖଗେଶ୍ୱର, ବବଲୁ ସହଯୋଗ କରିଥିବାରୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଫିଲ୍ମଟି ନିକଟ ଅତୀତରେ 'କାନ୍ସ ଇଣ୍ଟରନେସନାଲ୍ ଫିଲ୍ମ ଫେଷ୍ଟିଭାଲ', ଦିଲ୍ଲୀଠାରେ 'ହାବିଟାଟ୍ ଫିଲ୍ମ ଫେଷ୍ଟିଭାଲ୍' ଏବଂ 'କଲିକତା ଇଣ୍ଟରନେସନାଲ୍' ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ଅଫିସିଆଲ ସିଲେକ୍ସନ ହୋଇଥିଲା। ଫିଲ୍ମଟିକୁ ଏହି ଆୱାର୍ଡ ମିଳିବା ପରେ ଓଡ଼ିଶା ସମେତ, ଅନେକ ଦେଶର ପ୍ରଯୋଜକ ଏବଂ ନିର୍ଦ୍ଦେଶକ, ଅଭୟ ଏବଂ ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# କଣାସ ବ୍ଲକରେ ନୂତନ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କଣାସ (ଭାସ୍କର ନ୍ୟୁଜ୍) : ପୁରୀଜିଲ୍ଲା ଡେଲାଙ୍ଗ ବ୍ଲକର ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଗତକାଲି କଣାସ ବ୍ଲକର ନୂତନ ବ୍ଲକ ଶିକ୍ଷା ଅଧିକାରୀ ରୂପେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘଦିନ ହେଲା କଣାସ ବ୍ଲକରେ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିବାବେଳେ ସତ୍ୟବାଦୀ ବ୍ଲକର ଶିକ୍ଷା ଅଧିକାରିଣୀ ଭବମ ପ୍ରଧାନ କଣାସ ବ୍ଲକ ଶିକ୍ଷା ଅଧିକାରୀଣି ରୂପେ କାର୍ଯ୍ୟ କରୁଥିଲେ। ଗତମାସ ୨୧ ତାରିଖରେ ଶ୍ରୀମତୀ ପ୍ରଧାନ ପଦୋନ୍ନତି ପାଇ ଅତିରିକ୍ତ ଶିକ୍ଷା ଅଧିକାରୀ ଭାବରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଯୋଗ ଦେବା ପରେ ଉଭୟ କଣାସ ଓ ସତ୍ୟବାଦୀ ଶିକ୍ଷା ଅଧିକାରୀ ପଦ ଖାଲି ପଡିଥିଲା। ଯୁଗ୍ମ ନିର୍ଦ୍ଦେଶକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶାଙ୍କ ଦ୍ୱାରା ତା୩୦/୪/୨୫ ରିଖରେ ଡେଲାଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ କଣାସ ଓ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବିନାରାୟଣ ନନ୍ଦକୁ ସତ୍ୟବାଦୀ ବ୍ଲକର ଅତିରକ୍ତ ଶିକ୍ଷା ଅଧିକାରୀ ଦାୟିତ୍ୱ ମିଳିଥିଲା। ଗତ ୧ ତାରିଖ ଦିନ ଶ୍ରୀ ବେହେରା କଣାସ ବ୍ଲକର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ବେହେରାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ ସ୍ୱାଗତ କରିଥିଲେ। କଣାସ ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟାଳୟର ଶିକ୍ଷକ ଓ ନେତୃତ୍ୱମାନେ ଉପସ୍ଥିତ ରହିଥିଲେ।

# ଶାରଳା ମନ୍ଦିରରେ ବିଶ୍ୱଶାନ୍ତି ଚଣ୍ଡିଯଜ୍ଞ

ଡେରାବିଶ (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ଅନ୍ତର୍ଗତ ତରାପୁର ସ୍ଥିତ ମା' ଶାରଳାଙ୍କ ମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟା ଦିବସରୁ ବିଶ୍ୱଶାନ୍ତି ଚଣ୍ଡିଯଜ୍ଞ ଆରମ୍ଭ ହୋଇଯାଇଛି। ମା' ଶାରାଳା ଦେବୀ ମନ୍ଦିର ପରିଷଦ କମିଟି ଆନୁକୂଲ୍ୟରେ ମା'ଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଯଜ୍ଞର ଅଙ୍କୁରାରୋପଣ ଓ ଶୁଭାଧିବାସ ବୁଧବାର ପବିତ୍ର ଅକ୍ଷୟତୃତୀୟା ଦିବସରେ ଆରମ୍ଭ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଶୁଭଜଳପୂର୍ଣ୍ଣ କଳସକୁ ବିଭିନ୍ନ ଗ୍ରାମ ପରିକ୍ରମା କରାଇ ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ଘଟ ସ୍ଥାପନା କରାଯାଇ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା। ଶୁକ୍ରବାର ଶୋଡ଼ଷ ଉପଚାରରେ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପ ପୂଜା, ଦେବୀ ପୂଜନ, ଚଣ୍ଡିପାଠ, ରୁଦ୍ରାଭିଷେକ, ହନୁମାନ ପୂଜନ, ଚାଳିଶା ପାଠ ଓ ଯଜ୍ଞ ଆହୁତୀ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତୀ ହେବା ସହ ଚରୁଅନ୍ନ ବଣ୍ଟନ କରାଯିବ। ଏହି ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ମା' ଶାରଳା ଦେବୀ ମନ୍ଦିର ପରିଷଦ କମିଟିର କର୍ମକର୍ତ୍ତାମାନେ ସୂଚନା ପ୍ରଦାନ କରିଛନ୍ତି।

# ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଚଣ୍ଡିଖୋଲ/ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ କଟକ ଡୁବୁରୀ ବାଇ ପାସ ପାର୍ଶ୍ୱରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟଳୟ ଗୃହର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ ଯୋଗଦେଇ ବିଧାୟକଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇ ଗୃହ ନିର୍ମାଣ ଯଥାଶୀଘ୍ର କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦକ କୀର୍ତ୍ତି ରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ଯାହିଦ୍ ଖାଁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାୟୀ, ଦେବରଞ୍ଜନ ସ୍ୱାଇଁ, ଶୈଳେନ୍ଦ୍ର ନାୟକ, ଶେଷଦେବ ନାୟକ, ଦୀପକ ମିଶ୍ର, ସନ୍ତୋଷ କୁମାର ରାଉତ, ବିଜୟ ପାଲ ଯାଦବ, ହେମନ୍ତ କୁମାର ସାମଲ ଉମେଶ ଜେନା, ସତ୍ୟଜିତ ବଳ, ବିନାୟକ ପଣ୍ଡା, ସନ୍ତୋଷ ବିଶ୍ୱାଳ, ପ୍ରମୋଦ କୁମାର ନାୟକ, ଶୁଭ ନାରାୟନ ଓଝା, କରୁଣାକର ମାହାଲା, ମହେନ୍ଦ୍ର ନାୟକ ଲକ୍ଷ୍ମୀଧର ସାହାଣୀ, ନୃସିଂହ ଚରଣ ନାୟକ, ଅନିଲ କୁମାର ସାହୁ ତ୍ରୈଲୋକ୍ୟ ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପଣ୍ଡିତ ବିଜୟାନନ୍ଦ କର ଭୂମି ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ।



# ପରିବେଶବିତ୍ ଗନ୍ଧର୍ବ ଚରଣ ମଲ୍ଲିକ୍‌ଙ୍କ ସ୍ମୃତିଚାରଣ



ଗରଦପୁର (ଭାସ୍କର ନ୍ୟୁଜ୍) : ଅବସରପ୍ରାପ୍ତ ବନ ଅଧିକାରୀ, ପରିବେଶବିତ୍ ତଥା ସ୍ଥାନୀୟ ଅଞ୍ଚଳରେ ବୈଦ୍ୟ ଭାବେ ଜଣାଶୁଣା ତଳକୁସୁମା ଗ୍ରାମର ସ୍ୱର୍ଗତ ଗନ୍ଧର୍ବ ଚରଣ ମଲ୍ଲିକଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଏକ ସ୍ମୃତିଚରଣ ସଭା ତେନ୍ତୋଳ ସ୍ଥିତ ରେଣୁକା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ସ୍ମୃତିଚାରଣ ସଭାରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପାଟକୁରା ବିଧାୟକଙ୍କ ପ୍ରତିନିଧି କ୍ଷତିଶ୍ ଚନ୍ଦ୍ର ଦାଶ୍, ତଳକୁସୁମା ପଞ୍ଚାୟତର ସରପଞ୍ଚ ପ୍ରଭାତ ନଳୀନି ଜେନା, ପୂର୍ବତନ ସରପଞ୍ଚ ଅଜୟ କୁମାର ଦାଶ, ସମିତି ସଭ୍ୟ ପ୍ରଭାସ ରଞ୍ଜନ ସାହୁ, ଶିକ୍ଷାବିତ୍ ଗଗନ ବିହାରୀ ସ୍ୱାଇଁ, ତାଙ୍କ ସାନଭାଇ ରବିନ୍ଦ୍ର ମଲ୍ଲିକ, ସ୍ୱର୍ଗତ ଗନ୍ଧର୍ବ ମଲ୍ଲିକଙ୍କ ୩ ଡାକ୍ତରୀ ପୁଅ ନିର୍ମଳ ମଲ୍ଲୀକ୍, ବିମଳ ମଲ୍ଲୀକ୍, କମଳ ମଲ୍ଲୀକ୍, ଦୁଇ ଝିଅ ଶୁଭଲକ୍ଷ୍ମୀ ମଲ୍ଲୀକ୍, ରାଜଲକ୍ଷ୍ମୀ ମଲ୍ଲୀକ୍ ପ୍ରମୁଖ ଯୋଗ ଦେଇ ପ୍ରଥମେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ୱର୍ଗତ ଗନ୍ଧର୍ବ ମଲ୍ଲୀକ୍ କିପରି ତାଙ୍କ ଜୀବଦଶାରେ ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହିତ ନିଜ ବାରିରେ ବିଭିନ୍ନ ପ୍ରକାର ଔଷଧୀୟ ଗୁଳ୍ମ ମାନ ଲଗାଇ ସମ୍ପୂର୍ଣ୍ଣ ମାଗଣାରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ରୋଗୀ ସେବା ଯୋଗାଇ ଦେଇ ଆସୁଥିଲେ ତାହାକୁ ମନେପକାଇ ସ୍ମୃତୀ ଚାରଣ କରିବା ସହିତ ସ୍ୱର୍ଗତ ଗନ୍ଧର୍ବ ମଲ୍ଲୀକ୍ ଜଣେ ମିଷ୍ଟଭାଷୀ ମେଳାପି, ପରୋପକାରୀ, ଦରଦି ମଣିଷ ଥିଲେ, ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳବାସୀଙ୍କ ଏକ ଅପୂରଣୀୟ କ୍ଷତି ହେଲା ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଆଜିର ଏହି ସ୍ମୃତିଚାରଣ ସଭାକୁ ପରିଚାଳନା କରିଥିଲେ ତଳକୁସୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା।

# ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀକୁ ସୁରଭି ପ୍ରତିଭା ସମ୍ମାନ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ବାରଙ୍ଗବ୍ଲକ ଅନ୍ତର୍ଗତ ଗୁଆଳି ସୂର୍ଯ୍ୟ ଗୁରୁକୁଳରେ ନୃତ୍ୟ ଗୁରୁ ସଂଗୀତା ଛୋଟରାୟଙ୍କ ଦ୍ୱାରା ନୃତ୍ୟ ଶିକ୍ଷା କରୁଥିବା ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ କାଣ୍ଡି ଭୁବନେଶ୍ୱର ଏକାମ୍ର ନୃତ୍ୟ ମହୋତ୍ସବରେ ସୁରଭି ଅନୁଷ୍ଠାନ ତରଫରୁ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗ ମଞ୍ଚରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରେ ମନୋନିତ ହୋଇ 'ସୁରଭି ପ୍ରତିଭା ସମ୍ମାନ' ପାଇଛନ୍ତି। ଗୁଆଳୀ (ବାଲିଚନ୍ଦ୍ରପୁର) ମୌଜାର ପିତା ଜର୍ମାନ କାଣ୍ଡୀ ଓ ମାତା ସବିତାଙ୍କ କନ୍ୟା ଶୁଭଲକ୍ଷ୍ମୀ ବର୍ତ୍ତମାନ ପଞ୍ଚବଟୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ମନ୍ଦିରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରିବା ସହିତ ନୃତ୍ୟ କଳାପ୍ରତି ରୁଚି ରଖିବା ଦ୍ୱାରା ଅଞ୍ଚଳର କଳାପ୍ରେମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ରାଶିଫଳ

**ରବିବାର, ୦୪ ମଇ ୨୦୨୫**



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ। ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ରହିବ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ ।




**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ।



**ସିଂହ :** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ଘରୋଇ ଜୀବନରେ ସମସ୍ୟା ହୋଇପାରେ ।




**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ଭଲ ରହିବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।




**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ । କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ :** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ନୂଆପଡାର ବିଧାୟକ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ଖଡ଼ିଆଳ ଅଧିରାଜ ମୋହନ ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ ଅଧ୍ୟକ୍ଷା ଡଃ ସୋନିଆ ଜୈନ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଲେଯେ ଶ୍ରମିକ ମାନେ ହେଉଛନ୍ତି ସମାଜର ମେରୁଦଣ୍ଡ । ସେମାନଙ୍କ ପାଇଁ ପ୍ରଣୀତ ଯୋଜନା ସବୁର ବିଶେଷ ଲାଭ ଉଠାଇବା ପାଇଁ ଜିଲ୍ଲାର ସମସ୍ତ ଶ୍ରମିକ ଭାଇ ଭଉଣୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ ଏବଂ ସେମାନଙ୍କ ପରିବାରଜନଙ୍କୁ ଶିକ୍ଷା,ବିବାହ, ମାତୃତ୍ୱ ଓ ମୃତ୍ୟକାଳୀନ ସହାୟତା ଇତ୍ୟାଦି ଯୋଜନାରେ ଦୁଇ କୋଟି ଦୁଇ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ଅନେକ ଶ୍ରମିକମାନଙ୍କୁ ନୂତନ ଲେବର୍ କାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ଦଶମ ବୋର୍ଡ଼ ପରୀକ୍ଷା ଫଳ

# ଜିଲ୍ଲାରେ ପାସ୍ ହାର ୯୭ ପ୍ରତିଶତ



ନୂଆପଡା (ଭାସ୍କର ନ୍ୟୁଜ୍): ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଉଲ୍ଲେଖନୀୟ ଭାବରେ ଏଥିରେ ନୂଆପଡା ଜିଲ୍ଲାରେ ପାସ୍ ହାର ୯୭.୦୫ ପ୍ରତିଶତ ରହିଛି । ଜିଲ୍ଲାରେ ଏଥର ୧୫୫ ଟି ହାଇସ୍କୁଲ୍ ର ୬୩୬୭ ଜଣ ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ଦେଇଥିଲେ । ସେଥିରୁ ୬୧୮୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଏ ୧ ଗ୍ରେଡ୍‌ରେ ୨ ଜଣ, ଏ ୨ ଗ୍ରେଡ ରେ ୯୯ ଜଣ, ବି ୧ ରେ ୮୮୬ ଜଣ, ବି ୨ରେ ୧୮୦୩ ଜଣ, ସି ରେ ୧୯୮୮ , ଡି ରେ ୧୧୦୯, ଇରେ ୨୯୨ ଏବଂ ଏଫ୍ ଗ୍ରେଡ ରେ ୧୪୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ପାସ୍ ହାର ହେଉଛି ୪୩ ପ୍ରତିଶତ । ଗତ ବର୍ଷ ଏ ୨ ଗ୍ରେଡ ରେ ୪୫ ଜଣ ଥିଲାବେଳେ ଏବର୍ଷ ୯୯ ଜଣ ଏବଂ ବି ୧ ରେ ଗତ ବର୍ଷ ୬୬୦ ଜଣ ଥିଲା ବେଳେ ଏବର୍ଷ ୮୮୬ ଜଣ ପାସ୍ କରିଛନ୍ତି । ସେହିପରି ଜିଲ୍ଲାରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୮ ଟି ଆବାସିକ ହାଇସ୍କୁଲ୍‌ରେ ମୋଟ୍ ପାସ୍ ହାର ୯୯.୧୬ ପ୍ରତିଶତ ରହିଛି । ଏଠାରୁ ୪୭୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ସେମାନଙ୍କ ମଧ୍ୟରୁ ଏ ୨ ଗ୍ରେଡ ରେ ୪ ଜଣ, ବି ୧ ରେ ୯୦ ଜଣ, ବି ୨ରେ ୨୩୯ ଜଣ, ସି ରେ ୧୧୦ ଜଣ , ଡି ରେ ୧୮ ଏବଂ ଇ ଗ୍ରେଡରେ ୧୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

### ଧନ୍ୟବାଦ ଜଣାଇଲେ ଜିଲ୍ଲାପାଳ

୪୭୭ ଜଣଙ୍କ ମଧ୍ୟରୁ ୩୩୩ ଜଣ ଅର୍ଥାତ୍ ୬୯.୮୧ ପ୍ରତିଶତ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଗତବର୍ଷ ଏ ୨ ଗ୍ରେଡ ରେ ୧ ଜଣ ଥିଲାବେଳେ ଏବର୍ଷ ୪ ଜଣ ଏବଂ ବି ୧ ରେ ଗତ ବର୍ଷ ୫୩ ଜଣ ଥିଲା ବେଳେ ଏବର୍ଷ ୯୦ ଏବଂ ବି ୨ ରେ ୧୫୦ ଜଣ ଥିଲାବେଳେ ଏବର୍ଷ ୨୪୯ ଜଣ ରହିଛନ୍ତି । ପଞ୍ଚାୟତ ହାଇସ୍କୁଲ୍ ମୁଣ୍ଡାପଲାର ଛାତ୍ରୀ ଶ୍ରେଷ୍ଠା ପଣ୍ଡା ୯୩.୧୭ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ପ୍ରଥମ ଏବଂ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲି ର ଛାତ୍ରୀ ଝରଣା ମେହେର ୯୧ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।ବୋର୍ଡ ପରୀକ୍ଷାରେ ଜିଲ୍ଲାର ଏହି ଅଭୂତ ପୂର୍ବ ସଫଳତା ପାଇଁ ସମସ୍ତ କୃତୀ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗ ଏବଂ ଜିଲ୍ଲା ମଙ୍ଗଳ ବିଭାଗଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଜଣାଇଛନ୍ତି ।

## ଗ୍ରୀଷ୍ମକାଳୀନ କୋଚିଂ ଶିବିର ପାଇଁ ସପନ ବୈରାଗୀ ସମ୍ମାନିତ



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ନିକଟସ୍ଥ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଏସ ପଦର ସରକାରୀ ହାଇସ୍କୁଲରର କ୍ରୀଡା ଶିକ୍ଷକ ସପନ ବୈରାଗୀ ଙ୍କୁ ଓଡ଼ିଶା କ୍ରୀଡା ସଂଘ ପକ୍ଷରୁ ଆସନ୍ତା ୫ ତାରିଖ ଠାରୁ କଟକ ଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟ ଗ୍ରୀଷ୍ମ କାଳୀନ କୋଚିଂ ଶିବିରରେ କୋଚ ନିମନ୍ତେ ମନୋନୀତ ହେଇଛନ୍ତି। ଓଡ଼ିଆ କ୍ରୀଡା ସଂଘର ସଂପାଦକ ଅଭିଜିତ ପାଲ ସପନଙ୍କୁ ଦେଇଥିବା ପତ୍ରରେ ଆସନ୍ତା ୪ ତାରିଖ ସୁଦ୍ଧା କଟକ ଥରେ ପହଞ୍ଚିବ। ପାଇଁ ଅନୁରୋଧ କରିଛନ୍ତି। ଏହି ଗ୍ରୀଷ୍ମ କାଳୀନ କୋଚିଂ ଶିବିର ୫ ତାରିଖ ଠାରୁ ଆରମ୍ଭ ହେବ ବୋଲି ଏହି ପତ୍ରରେ ଉଲ୍ଲେଖ ରହିଛି। ସମଗ୍ର ଓଡ଼ିଶାରେ ୭ ଜଣ କ୍ରୀଡା ଶିକ୍ଷକଙ୍କୁ ଓଡ଼ିଶା କ୍ରୀଡା ସଂଘ କୋଚ ଭାବେ ମନୋନୀତ କରିଛି। ସେଥି ମଧ୍ୟରୁ ସପନ ଜଣେ। ସମଗ୍ର ନବରଙ୍ଗପୁର ଜିଲ୍ଲାରୁ ସପନ ବୈରାଗୀ ଜଣେ ମାତ୍ର କ୍ରୀଡ଼ା ଶିକ୍ଷକ ଯିଏ କି ଏହି ସମ୍ମାନଜନକ ଗ୍ରୀଷ୍ମ କାଳୀନ କୋଚିଂ ଶିବିର ପାଇଁ କୋଚ ଭାବେ ମନୋନୀତ ହେଇଛନ୍ତି।

# ଅବକାରୀ ଥାନା ଘୋଷଣା ପରେ ସମସ୍ୟାରେ ଅଧିକାରୀ

## ■ ନାହାନ୍ତି ଆବଶ୍ୟକ କର୍ମଚାରୀ, ଚାପରେ ଚାଲିଛି କାମ

କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଅବକାରୀ ଥାନା ଘୋଷଣା ପରେ, ଆବଶ୍ୟକ କର୍ମଚାରୀ ରହିବେ, ପୋଲିସ ଥାନା ସଦୃଶ୍ୟ ଚାଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ଆବଶ୍ୟକ କର୍ମଚାରୀ ନାହାଁନ୍ତି। କୁଚିଣ୍ଡା ଅବକାରୀ ଥାନା ଚାର୍ଜ କାର୍ଯ୍ୟାଳୟରେ ଜଣେ ଓଆଇସି ଜଣେ ଜମାଦାର,ଜଣେ ୨କନେଷ୍ଟବଳ ମଧ୍ୟରୁ ଜଣେ ମହିଳା ଏପରି ୩ ମହିଳା ଓ ଜଣେ କନେଷ୍ଟବଳରେ ଚାଲିଛି ଥାନା । ଏଣେ କୁଚିଣ୍ଡା, ଜମନକିରା ଓ ବାମରା ୩ଗୋଟି ବ୍ଲକ ପାଇଁ ଜଣେ ଇନ୍ସପେକ୍ଟର ଆଇଆଇସିଙ୍କ କାର୍ଯ୍ୟାଳୟ ବହୁ ପୂର୍ବରୁ ଭଡ଼ା ଘରେ ଚାଲିଥିଲା । ଏବେ ନିଜସ୍ୱ କୋଠାଘରେ ଚାଲିଛି କାର୍ଯ୍ୟାଳୟ। ଆଇଆଇସି ଥିଲେ ମଧ୍ୟ କାର୍ଯ୍ୟାଳୟରେ ନିମ୍ନ କର୍ମଚାରୀ ପଦବୀ ଖାଲି ରହିଛି। ପୁଣି ନିୟମମତେ ଏବେ ଥାନା ପରି ଆଇଆଇସି ଚାର୍ଜରେ ପରିଚାଳିତ। ପୁଣି କୁଚିଣ୍ଡା ଅବକାରୀ ବିଭାଗ ଗୁରୁତ୍ୱ ନେଇ ଜଣେ ଅତିରିକ୍ତ ଅଧିକ୍ଷ ଯୋଗଦାନ କରିଥିଲେ ।ଏହି ଅଧିକାରୀଙ୍କ ନିଜସ୍ୱ କାର୍ଯ୍ୟାଳୟ ନଥିବାରୁ ଆଇଆଇସିଙ୍କ କାର୍ଯ୍ୟାଳୟର ଗୋଟିଏ କୋଠରୀରେ ତାଙ୍କର ଅଫିସ କାର୍ଯ୍ୟ ଚାଲିଥିଲା। ୨ମାସ ପରେ ସମ୍ବଲପୁର ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଡେପୁଟେସନ୍ ରେ ବଦଳିପରେ, ସେ ସମ୍ବଲପୁର ଜିଲ୍ଲାର କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଉଚ୍ଚବିଭାଗ ତଥା ସରକାର ଡିଉଟି ନିମନ୍ତ ଇନ୍ସପେକ୍ଟର ତଥା ଓଆଇସି ମାନଙ୍କୁ ୪ ଚକିଆ ଗାଡି ବ୍ୟବସ୍ଥା କରିଛନ୍ତି। ସେହିପରି ଘରୋଇ ଜିପ୍‌ମାନ ବି ନିୟୋଜିତ ଅଛନ୍ତି। ପୂର୍ବତନ କମିଶନରଙ୍କ ଯୋଗଦାନ ପରେ ଅବକାରୀ ବିଭାଗର ମନ୍ଥର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହାଦ୍ୱାରା ନିମ୍ନସ୍ଥ ଅଧିକାରୀଙ୍କ କର୍ମତତ୍ପରତା ବଢ଼ିଛି। ଏଣେ ଓଆଇସିମାନଙ୍କର ମାସିକ କେଶ ସଂଖ୍ୟା ପୂର୍ବ ଅପେକ୍ଷା ତିନିଗୁଣା ବଢ଼ିଛି। ଆବଶ୍ୟକ କର୍ମଚାରୀ ନଥିବା ମଧ୍ୟରେ ଟାର୍ଗେଟ ପୂରଣ କରିବା କଷ୍ଟସାଧ୍ୟ ହୋଇପଡୁଛି। ତଥାପି ଚାପରେ ଟାର୍ଗେଟ ପୂରଣକାର୍ଯ୍ୟକୁ ତ୍ୱରାନ୍ୱିତ କରିଚାଲିଛନ୍ତି ଅଧିକାରୀ ।ଏବେ ଅବକାରୀ ବିଭାଗର ରେଡ୍ କାଳରେ ଅସାଧୁ ଚୋରା ମାଫିଆ ପାଲଟା ଆକ୍ରମଣ କରିବା ଓଡିଶାର କେତେକ ସ୍ଥାନରେ ନଜିର ରହିଛି। ଏଣୁ କେବଳ ମହିଳା ଓ ଆଇସିଓ କର୍ମଚାରୀ ୪ଜଣ ଭିତ୍ତିରେ କୁଚିଣ୍ଡା ଓ ବାମରା ଚାର୍ଜରେ ନିଯୁକ୍ତ ଅଛନ୍ତି। ତଥାପି କାର୍ଯ୍ୟଧାର୍ଯ୍ୟ ଓ ଅକ୍ଲାନ୍ତ ପରିଶ୍ରମ କରିଚାଲିଛନ୍ତି। ଏଣୁ ସରକାର ଓ ଅବକାରୀ କମିଶନର ଏଦିଗରେ ଦୃଷ୍ଟିଦେଇ କର୍ମଚାରୀ ନିଯୁକ୍ତ କଲେ ଏହି ସମାସ୍ୟା ସମାଧାନ ହୋଇପାରନ୍ତା ବୋଲି ଏଠାରେ ଆଲୋଚନା ହେଉଛି। ଏଠାକାର ଅବକାରୀ କ୍ଷେତ୍ର ତଥା ଆୟତନ ବଡ଼ ଅଗମ୍ୟ ଅଞ୍ଚଳ ଅଟେ ।

## ସାନ ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ ପାଳିତ



ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ଠାରେ ସାନ ଡ୍ୟାନ୍ସ ଏକାଡେମୀ, ବରଗଡ଼ର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏ ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋପାଳ କୃଷ୍ଣ ଦାଶ, ଡ. ଡୋଲାମଣୀ ଶତପଥୀ, ଏଡ୍‌ଭୋକେଟ୍ ସରୋଜ ଷଡ଼ଙ୍ଗୀ, ସମାଜସେବୀ ରାଜୁ ମହାନନ୍ଦ, ଅନନ୍ତ ମେହେର ଓ ପ୍ରକାଶ ମେହେର ମଞ୍ଚାସୀନ ଅତିଥି ରୂପେ ଉପସ୍ଥିତ ଥିଲେ । ପ୍ରଥମେ ଦୀପ ପ୍ରଜ୍ୱଳନ କରି ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯିବା ପରେ ନେହେରୁ ସରାଫଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ଅବସରରେ ସାନ ଡ୍ୟାନ୍ସ ଏକାଡେମୀର କୁନି କୁନି ଛାତ୍ର ଛାତ୍ରୀମାନେ ସୁନ୍ଦର ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସାନ ଡ୍ୟାନ୍ସ ଏକାଡେମୀର ଅଧ୍ୟକ୍ଷ କୁଶ ମଲ୍ଲିକ (ସାନ ସାର୍) ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରୋଶନ ପଣ୍ଡା, ଖୁସ୍‌ବୁ ସୁନା, ମାନସ, ଅଜୟ ଦୁବେ ପ୍ରମୁଖ ସହଯୋଗ କରିଥିଲେ ।

## କନ୍ଧମାଳରେ ପାସ୍ ହାର ୯୭.୪୫

କନ୍ଧମାଳ(ଭାସ୍କର ନ୍ୟୁଜ୍): ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ହୋଇଛି ।ଏହି ଅନୁସାରେ ଚଳିତ ବର୍ଷ କନ୍ଧମାଳ ଜିଲ୍ଲାରେ ପାସ୍ ହାର ୯୭.୪୫ ରହିଛି। ଜିଲ୍ଲାର ୨୧୪ଟି ହାଇସ୍କୁଲର ୯୮୭୭ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୬୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୩୫୪ ଛାତ୍ର ଏବଂ ୫୨୭୧ ଛାତ୍ରୀ ଅଛନ୍ତି। ୬ ଜଣ ଏ-୧ ଗ୍ରେଡ୍‌ରେ ପାସ ହୋଇଥିବା ବେଳେ ୪୬ ଜଣ ଏ-୨, ୩୦୩ ବିଦ୍ୟାର୍ଥୀ ବି-୧, ୧୨୯୨ ବି-୨, ୨୮୫୬ ସି, ୩୭୩୩ ଡି ଏବଂ ୧୩୮୯ ଇ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କନ୍ଧମାଳ ଜିଲ୍ଲାର ପାସ୍‌ହାର ରାଜ୍ୟ ପାସ୍‌ହାର ଠାରୁ ଅଧିକ ରହିଛି। ସେହିଭଳି ଗତବର୍ଷ ଏହା ୯୬.୬୦ ରହିଥିବା ବେଳେ ଚଳିତ ବର୍ଷ ଉନ୍ନତ ପ୍ରଦର୍ଶନ ସହିତ ୯୭.୪୫ରେ ପହଞ୍ଚିଛି। ଏ-୧ ଗ୍ରେଡ୍‌ରେ ଜିଲ୍ଲାର ସଫଳତା ନୈରାଶ୍ୟଜନକ ରହିଛି। ଗତବର୍ଷ ଜିଲାରୁ ୧୫ ଏହି ଗ୍ରେଡ୍‌ରେ ରହିଥିବା ବେଳେ ଚଳିତବର୍ଷ ଏହା ୬କୁ ଖସି ଆସିଛି। ଅପରପକ୍ଷେ, ଏ -୧ ଗ୍ରେଡ୍ ପାଇଥିବା ସମସ୍ତ ୬ ପରୀକ୍ଷାର୍ଥୀ ସରସ୍ୱତୀ ଶିଶୁ ମନ୍ଦିରର। କୌଣସି ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଏହି ସଫଳତା ମିଳିନାହିଁ। ସୂଚନା ଅନୁସାରେ, ଫୁଲବାଣୀ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅନ୍ୱେଷା ସାହୁ ୫୬୩ (୯୩.୮୩%) ମାର୍କ ସହ ଜିଲ୍ଲା ଟପ୍‌ପର ହୋଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିରୁପମା ଦୋରା ସୂଚନା ଦେଇଛନ୍ତି। ସେହିଭଳି ଫୁଲବାଣୀ ଶିଶୁ ମନ୍ଦିରର ବିକାଶ ରଞ୍ଜନ କର (୫୫୮,୯୩%), ବାଲିଗୁଡ଼ା ଶିଶୁ ମନ୍ଦିରର ସୁଶ୍ରୀ ସମ୍ପର୍ଣ୍ଣା ପଣ୍ଡା (୫୫୭,୯୨.୮୩%), ରାଇକିଆ ଶିଶୁ ମନ୍ଦିରର ଦିପ୍ତିମୟୀ ବିଷୋୟୀ (୫୪୭)। ସବୁଠାରୁ ଚର୍ଚ୍ଚା ଯେ କନ୍ଧମାଳ ଜିଲ୍ଲାରେ ସରକାରୀ ସ୍କୁଲର ଶିକ୍ଷକମାନେ ମାସକୁ ଭଲ ଦରମା ନେଇ ମଧ୍ୟ ସରକାରୀ ସ୍କୁଲରେ କୌଣସି ଭଲ ରେଜଲ୍ଟ କରିପାରିଲେ ନାହିଁ।

# ରାୟଗଡ଼ାରେ 'ଏକ ଦେଶ, ଏକ ନିର୍ବାଚନ' ଅଭିଯାନକୁ ବଡ଼ ପ୍ରୋତ୍ସାହନ




ରାୟଗଡା(ଭାସ୍କର ନ୍ୟୁଜ୍): ଖଣିଜ ସମ୍ପଦରେ ପ୍ରସିଦ୍ଧ ଓ ପୂର୍ବତନ ଅଖଣ୍ଡ କୋରାପୁଟ ଜିଲ୍ଲାର ଅଂଶ ଥିବା ରାୟଗଡା ଜିଲ୍ଲା ସାମାଜିକ ଓ ରାଜନୈତିକ ସଚେତନତା ପାଇଁ ଜଣାଶୁଣା। ଏଠାର ଜନସାଧାରଣ ମଧ୍ୟରେ ବର୍ତ୍ତମାନ 'ଏକ ଦେଶ, ଏକ ନିର୍ବାଚନ' ବିଷୟଟି ଏକ ଗରମ ଆଲୋଚନା ରୂପନେଇଛି। ୨ ମଇ ୨୦୨୫ ରେ ରାୟଗଡା ସର୍କିଟ୍ ହାଉସରୁ ଆରମ୍ଭ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେଲା, ଯେଉଁଥିରେ ବିଜେପି ଜିଲ୍ଲା ନେତୃତ୍ୱ, ସାଧାରଣ ଜନତା, ଛାତ୍ରଛାତ୍ରୀ, ବୃଦ୍ଧିଜୀବୀ, ନିୟୋଜିତ ଏନଜିଓ, ଅଧିବକ୍ତା, କାର୍ଯ୍ୟକର୍ତ୍ତା ଓ ସାମାଜିକ କର୍ମୀମାନେ ସାମିଲ ହେଇଥିଲେ। ଏହି ପଦଯାତ୍ରା ପରେ ଏକ ଅନୁରୋଧପତ୍ର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ପ୍ରଦାନ କରାଯାଇଛି, ଯାହା ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରେଷିତ କରାଯିବ। ଏହି ଅନୁରୋଧପତ୍ରରେ ଏକାସାଥି ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରଣାଳୀର ଲାଭ ଦର୍ଶାଇଯାଇଛି। ଅନୁରୋଧପତ୍ର ପ୍ରଦାନ କରିଥିବା ବ୍ୟକ୍ତିବୃନ୍ଦ ହେଲେ ଡ଼. ତପନ କୁମାର ଚାନ୍ଦ, ପୂର୍ବତନ ସିଏମ୍‌ଡି, ନାଲକୋ ଡିରେକ୍ଟର, ଗୋପୀ ଆନନ୍ଦ, ଜିଲ୍ଲା ବିଜେପି ଅଧ୍ୟକ୍ଷ, ରାୟଗଡା, ଅବିନାଶ ପଟ୍ଟନାୟକ, ପ୍ରମୁଖ ମିଡିଆ ହାଉସ ପ୍ରତିନିଧି, ବସନ୍ତ ଉଲ୍ଲକା,ବିଜେପି ପୂର୍ବତନ ବିଧାନସଭା ପ୍ରାର୍ଥୀ,ଦୁଷ୍ମନ୍ତ ସିଂହଦେଓ ବିଜେପି ଜିଲ୍ଲା ଇଣ୍ଡଷ୍ଟ୍ରିଜ ସେଲ୍ ସମନ୍ୱୟକ, ଶିବ ଶଙ୍କର ଉଲ୍ଲକା ,ପୂର୍ବତନ ଜିଲ୍ଲା ସଭାପତି, ରାମଚନ୍ଦ୍ର ବେହେରା, ବିଜେପି ରାଜ୍ୟ ଉପାଧ୍ୟକ୍ଷ, ଓବିସି ମୋର୍ଚ୍ଚା, ରବି ଗମାଙ୍ଗୋ, ବ୍ଲକ ଅଧ୍ୟକ୍ଷ, ରାମନଗୁଡା, ହଳାଧର ମିଶ୍ର, ବିଜେପି ସକ୍ରିୟ କାର୍ଯ୍ୟକର୍ତ୍ତା, ପରିଚାଳନା କର୍ତ୍ତା, ନିଳାଦ୍ରି ବିହାରୀ ପତ୍ର, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଉପାଧ୍ୟକ୍ଷ। ଏହି ଅଭିଯାନ ପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମହିଳା ମୋର୍ଚ୍ଚା ପାଇଁ ବିଶେଷ କାର୍ଯ୍ୟାଲୋଚନା ସଭା ଆୟୋଜିତ ହୋଇଥିଲା। ସଭାର ସଂଚାଳନ କରିଥିଲେ ଡ଼. ତପନ କୁମାର ଚାନ୍ଦ ଓ ଉପସ୍ଥିତ ଥିଲେ ବିଜେପି ଜିଲ୍ଲା ଅଧ୍ୟକ୍ଷ ଓ ଅନ୍ୟ ବରିଷ୍ଠ ନେତୃତ୍ୱ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ୨.୦ ସ୍ୱତନ୍ତ୍ର ସଚେତନତା ଶିବିର



ରାୟଗଡ:(ଭାସ୍କର ନ୍ୟୁଜ୍): ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ପୌରପରିଷଦ ଆନୁକୁଲ୍ୟରେ ପୌର ପରିଷଦ ସଭା ଗୃହରେ ୦୨ ମେ ୨୦୨୫ରିଖ ଦିବା ୯ ଘଟିକା ୩୦ ମିନିଟ ସମୟରେ "ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦" ସ୍ୱତନ୍ତ୍ର ସଚେତନତା ଅଭିଯାନ ଶିବିର ଉଦ୍‌ଘାଟିତ ହୋଇଯାଇଅଛି । ଦେଶର ସହରାଞ୍ଚଳରେ ବାସ କରୁଥିବା ସମସ୍ତ ଯୋଗ୍ୟ ଆର୍ଥିକ ଅନଗ୍ରସର ଏବଂ ନିମ୍ନ ଆୟ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇ ସେମାନଙ୍କ ମୁଣ୍ଡ ଉପରେ ପକା ଛାତ ଗଢିତୋଳିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ । ଏହି ସଚେତନତା ଶିବିର ରାୟଗଡ଼ ପୌରପରିଷଦର ସମସ୍ତ ୨୪ ଗୋଟି ୱାର୍ଡରେ ଜନସାଧାରଣଙ୍କ ନିମନ୍ତେ ପର୍ଯ୍ୟାୟକ୍ରମେ ୧ ମେ ୨୦୨୫ ଠାରୁ ୧୫ ମେ ୨୦୨୫ ମଧ୍ୟରେ ଆୟୋଜନ କରାଯିବ ବୋଲି ପରିଷଦର ନିର୍ବାହୀ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ସଚେତନତା ଶିବିରରେ ରାୟଗଡ଼ ପୌରପରିଷଦ ଅଧୀନରେ "ପ୍ରଧାନମନ୍ତ୍ରୀ ଆବାସ ଯୋଜନା" ପାଇ ଉପକୃତ ହୋଇଥିବା ତଥା ନିଜର ଜୀବନ ଶୈଳୀକୁ ଉନ୍ନତ ମାନର କରିପାରିଥିବା ଜଣେ ସଫଳ ମହିଳା ହିତାଧିକାରୀ "ଚିନ୍ତାଡ଼ା ଭବାନୀ " ୱାର୍ଡ ନ.୯ ର ଅଧିବାସୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ନଗର ଉନ୍ନୟନ ସଂସ୍ଥାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ସଭାରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡ, ପରିଷଦର ଅଧ୍ୟକ୍ଷ ପି. ମହେଶ କୁମାର ପଟ୍ଟନାୟକ , ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଉପଧ୍ୟକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା , ସମସ୍ତ ପାରିଷଦ ବର୍ଗ, ଜିଲା ନଗର ଉନ୍ନୟନ ସଂସ୍ଥାର କର୍ମକର୍ତ୍ତା, ପରିଷଦର ସମସ୍ତ କର୍ମଚାରୀ, ସମସ୍ତ ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜର ତଥା ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଫୁଲବାଣୀ ପବ୍ଲିକ ସ୍କୁଲ ଓ ବେଦାନ୍ତୁ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରୀତ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଶିକ୍ଷାର ଉନ୍ନତି କୁ ଦେଖି ଫୁଲବାଣୀର ଅଗ୍ରଣୀ ପବ୍ଲିକ ସ୍କୁଲର ସମ୍ପାଦକ ବିପ୍ରଚରଣ ପାତ୍ର ନିଜସ୍ୱ ସ୍କୁଲରେ କନ୍ଧମାଳ ଜିଲ୍ଲାର ଛାତ୍ର ଛାତ୍ରୀ ମାନଙ୍କ ଉତ୍ତମ ଜ୍ଞାନକୁ ଦେଖି ବେଦାନ୍ତୁ ଶିକ୍ଷା ଅନୁଷ୍ଠାନ ସହିତ ଏକ ଏମଓୟୁ ସ୍ୱାକ୍ଷରିତ କରିଛନ୍ତି ।ଏଥିରେ କମ ଖର୍ଚ୍ଚରେ ନିଟ ଓ ଜେଇ ଅଧ୍ୟୟନ କରିପାରିବେ। ଫୁଲବାଣୀରେ ପ୍ରଥମଥର ଭାବେ ନାରାୟଣୀ ରାସ୍ତା ନିକଟରେ ଥିବା ଫୁଲବାଣୀର ୩୦ ବର୍ଷ ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପବ୍ଲିକ୍ ସ୍କୁଲ୍, ଫୁଲବାଣୀ ସହ ଦେଶର ପ୍ରତିଷ୍ଠିତ ତାଲିମ୍ ପ୍ରଦାନକାରୀ ସଂସ୍ଥା 'ବେଦାନ୍ତୁ' ର ଏକ ଚୁକ୍ତିନାମା ଫୁଲବାଣୀର ଗାନ୍ଧିସ୍ମୃତି ଭବନ ଠାରେ ଛାତ୍ରଛାତ୍ରୀ ଓ ଅଭିଭାବକ ସମ୍ମୁଖରେ ସ୍ୱାକ୍ଷରିତ ହୋଇଯାଇଛି ।ଏଥିରେ ସ୍କୁଲର ସମ୍ପାଦକ, ସହ ସମ୍ପାଦକ, ସ୍କୁଲ ପ୍ରିନ୍ସପାଲ ଓ ବେଦାନ୍ତୁର ଶିକ୍ଷକ ଉପସ୍ଥିତ ରହି ସ୍ୱାକ୍ଷରୀତ ହୋଇଛି। ସବୁଆଡକୁ ଦୃଷ୍ଟିରେ ରଖି ଭଲ ପଦକ୍ଷେପ ଗ୍ରହଣ କରିଛି ପବ୍ଲିକ ସ୍କୁଲ। କନ୍ଧମାଳ ଜିଲ୍ଲା ର ଛାତ୍ରଛାତ୍ରୀମାନେ ମାଟ୍ରିକ ପାସ ପରେ ପୂର୍ବରୁ ଇଂଜିନିୟରିଂ ଓ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଏବଂ +୨ ବିଜ୍ଞାନ ପଢିବା ପାଇଁ ବିଭିନ୍ନ ଜିଲ୍ଲାରେ ଥିବା ଭଲ ଅନୁଷ୍ଠାନ ସନ୍ଧାନରେ ଅନ୍ୟ ଜିଲ୍ଲାକୁ ଯାଉଥିଲେ। ସେଠାରେ ଅଧିକା ଟଙ୍କା ଦେଇ ପାଠ ପଢୁଥିଲେ। କିନ୍ତୁ ନିଜ ପରିବାର ସମ୍ମୁଖରେ ରହି କମ ଖର୍ଚ୍ଚରେ ବେଦାନ୍ତୁରୁ ସେପରି ଗୁଣାତ୍ମକ ଶିକ୍ଷା ଲାଭର ସୁଯୋଗ ଫୁଲବାଣୀରେ ପାଇପାରିବେ। ଏପରିକି ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ୍ କୋର୍ସ ଶିକ୍ଷା ଦେବାର ବ୍ୟବସ୍ଥା କରାଯିବ ବୋଲି ବେଦାନ୍ତୁ ଓ ପବ୍ଲିକ୍ ସ୍କୁଲ୍‌ର ଶିକ୍ଷକ, ସମ୍ପାଦକ ପ୍ରକାଶ କରିଛନ୍ତି। ଏହି ଶୁଭ ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବାସ ପ୍ରଧାନ ଯୋଗଦେଇ କନ୍ଧମାଳ ପରି ପଛୁଆ ଅଞ୍ଚଳରେ ଏପରି ଉତ୍ତମ ଶିକ୍ଷା ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସହାୟକ ହେବ ବୋଲି ପ୍ରକାଶ କରିଥିଲେ ।ସେହିପରି ସମ୍ମାନୀତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଓ ବସନ୍ତ ସାହୁ ଯୋଗଦେଇ ଆଜିଠାରୁ




କନ୍ଧମାଳ ଜିଲ୍ଲାରେ ବେଦାନ୍ତୁ ଶିକ୍ଷା ଅନୁଷ୍ଠାନ ଦ୍ୱାରା ଫୁଲବାଣୀ ପ୍ଲବିକ ସ୍କୁଲ ଠାରେ ଛାତ୍ରଛାତ୍ରୀମାନେ ନିଟ, ଜେଇ ଶିକ୍ଷା ପାଇପାରିବେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପବ୍ଲିକ୍ ସ୍କୁଲର ସଂପାଦକ ବିପ୍ର ଚରଣ ପାତ୍ର ଏପରି ଚୁକ୍ତିନାମା ଆସନ୍ତା ଦିନରେ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପେନ୍ଦ୍ର ମହାପାତ୍ର ଶିକ୍ଷକ ସଭାକାର୍ଯ୍ୟକୁ ଆରମ୍ଭ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ମଞ୍ଚାସୀନ ହେବାକୁ ନିମନ୍ତ୍ରଣ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଧନଞ୍ଜୟ ସେଠୀ , ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ରୂପକ ମହାନ୍ତି ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିବା ବେଳେ ବେଦାନ୍ତୁର ଶିକ୍ଷାବିତ୍ କମଳ ପାତ୍ର, ଡ.ରାଜେଶ୍ ଘୋଷ୍, ବିବେକ୍ କୁମାର ଏବଂ ପବ୍ଲିକ୍ ସ୍କୁଲ୍‌ର ଯୁଗ୍ମ ସଂପାଦକ ରାଜେଶ୍ ପାତ୍ର ଉପସ୍ଥିତ ଥିବା ସମସ୍ତ ଅଭିଭାବକଙ୍କ ସହ ଆଲୋଚନା ମାଧ୍ୟମରେ ଭବିଷ୍ୟତ ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ଛାତ୍ରଛାତ୍ରୀମାନେ ଡେରି ନକରି ବେଦାନ୍ତୁ ଶିକ୍ଷା ଅନୁଷ୍ଠାନର ହାତ ଧରନ୍ତୁ ନିଜର ଭବିଷ୍ୟତ ଗଢ଼ନ୍ତୁ କନ୍ଧମାଳ ଜିଲ୍ଲାର ନାମକୁ ଦୁଇଗୁଣ କରନ୍ତୁ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରଶେଖର ପାତ୍ର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର ଓ ବନ୍ଧୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଯୋଗଦେଇ ଶ୍ରୀ ପାତ୍ରଙ୍କ ଦୀର୍ଘ ୩୫ ବର୍ଷ ଚାକିରି ଜୀବନ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ସ୍କୁଲ ପରିଚାଳନା କମିଟି ସଭାପତି ଟି ଚନ୍ଦ୍ରଶେଖର ରାଓ ,ସରପଞ୍ଚ ଗୌରୀ ମେଲେକା, ବି ରାମ ବାବୁ, କେ ଭରତ ରାଜୁ, କେ ଗୁରୁମୂର୍ତ୍ତୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଦନ ମୁଦୁଲି, ଈଶ୍ୱର ଚନ୍ଦ୍ର ମୁଦୁଲି, ମଦନ ପାଣି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବି ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା ପରେ ସ୍ଲୋଗାନ ଦେଇ ଆଲମଣ୍ଡା ଉଚ୍ଚ ବିଦ୍ୟାଳୟକୁ ଆସି ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହି ବିଦ୍ୟାଳୟରେ ପାଠ ପଢିଥିବା ସମସ୍ତ ପୂର୍ବତନ ଛାତ୍ରଛାତ୍ରୀ ଶ୍ରୀ ପାତ୍ରଙ୍କ ବିଦାୟକାଳୀନ ସଭାରେ ଉପସ୍ଥିତ ରହି କର୍ମମୟ ଜୀବନର ପାଠପଢା କାଳରେ ଗୁରୁ ଶିଷ୍ୟର ସ୍ମୃତିଚାରଣ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ଉପଢୌକନ ଓ ମାନପତ୍ର ଦେଇ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜଳିଗଲା ଦୋକାନ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଉପର କୁଟୀଙ୍ଗା ଗ୍ରାମାରେ ଏକ ଦୋକାନରେ ନିଆଁ ଲାଗି ଅଳ୍ପକେ ଦୋକାନ ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ସମେତ ଜଣେ ଛଅ ମାସର ଶିଶୁ କନ୍ୟା ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଖବର ପାଇ ଦମକଳ ଗାଡ଼ି ଆସି ନିଆଁକୁ ଆୟତ କରିଥିଲେ ମଧ୍ୟ ତିରିଶି ହଜାରରୁ ଊର୍ଦ୍ଧ୍ୱ ଜିନିଷ ନିଆଁରେ ପୋଡି ନଷ୍ଟ ହୋଇଯାଇଛି ।

## ମନୋରଞ୍ଜନ ବ୍ଲକ୍‌ରେ ଟପ୍ପର ଓ ଜିଲ୍ଲାରେ ଚତୁର୍ଥ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସରକାରୀ ଉଚ୍ଚବିଦ୍ୟାଳୟ କୋଷଗୁମୁଡାର ମନୋରଞ୍ଜନ ପଣ୍ଡା ମୋଟ ୬୦୦ ନମ୍ବରରୁ ୫୪୩ ନମ୍ବର (ଶତକଡା ୯୦. ୫) ରଖି ବ୍ଲକରେ ଟପ୍ପର ଓ ଜିଲ୍ଲାରେ ମୋଟ ପାଞ୍ଚ ଜଣ ଏ-୧ ମଧ୍ୟରେ ମନୋରଞ୍ଜନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ପିତା ରମେଶ ପଣ୍ଡା ଜଣେ ହାଟ ବ୍ୟବସୟୀ ହୋଇଥିବା ବେଳେ ମା' ସଂଯୁକ୍ତା ପଣ୍ଡା ଜଣେ ଗୃହିଣୀ । ଏହି ସଫଳତା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପବିତ୍ର ହାଲଦାର, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷା ଓ ମାର୍ଗଦର୍ଶନ ସହ ସମ୍ମାନୀୟ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ସୁପର-୧୦୦ ଶିବିରର ସମସ୍ତ ବିଷୟ ବିଶାରଦ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଭାଞ୍ଜଳି ଏଡ଼ଲା ୫୧୬ , ଜଗନ୍ନାଥ ଗୌଡ଼ ୫୦୧, ଶ୍ରୀଶାନ୍ତ ପଟ୍ଟନାୟକ ୪୯୭ ଓ ପୁନ୍ୟ କୁମାରୀ ନାୟକ ୪୮୫ ନମ୍ବର ରଖି ଏହି ଚାରି ଜଣ ଏ -୨ ଗ୍ରେଡ଼ରେ ପାସ ହୋଇଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ମୋଟ ୧୧୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ଜଣେ ଏ -୧, ୪ ଜଣ ଏ-୨, ୧୧ ଜଣ ବି-୧, ୪୦ ଜଣ ବି-୨, ୪୩ ଜଣ ସି, ୧୧ ଜଣ ଡି ଗ୍ରେଡ଼ରେ ମୋଟ ୧୧୦ ଜଣ ପାସ କରିଛନ୍ତି। ସମଗ୍ର ଜିଲ୍ଲାରେ ପାସ ହାର ୯୫.୧୭ ଥିବାବେଳେ ଏହି ବିଦ୍ୟାଳୟର ପାସ୍ ହାର ୯୭. ୩୫ ରହିଛି।

# କାଳବୈଶାଖୀରେ କେନ୍ଦୁପତ୍ର କ୍ଷୟକ୍ଷତିକୁ ନେଇ ଚିନ୍ତାରେ ବ୍ୟବସାୟୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଦୁଇରୁ ତିନି ଦିନ ଧରି କାଳବୈଶାଖୀ ତାଣ୍ଡବରେ ପଞ୍ଚାୟତ ଗୁଡ଼ିକରୁ କେନ୍ଦୁପତ୍ର କିଣାବିକା ପାଇଁ ଲାଇସେନ୍ସ ପାଇଥିବା ବ୍ୟବସାୟୀମାନେ କେନ୍ଦୁପତ୍ର କ୍ଷୟକ୍ଷତି ନେଇ ଚିନ୍ତାରେ । ତେବେ ଗତକାଲି ସନ୍ଧ୍ୟା ମାଥିଲି ଓ ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ଭେଜଗୁଡ଼ା, ବୀରଲକ୍ଷ୍ମଣପୁର ଓ ଅନେକ ଗ୍ରାମ ପଞ୍ଚାୟତ ରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି । ତେବେ ଏହି ଦୁଇଟି ପଞ୍ଚାୟତ ଭେଜାଗୁଡା ଓ ବୀର ଲକ୍ଷ୍ମଣପୁର ରେ ତୀବ୍ରଗତିରେ ପବନ ଏବଂ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଅଧା ଶୁଖିଥିବା କେନ୍ଦୁପତ୍ର କାଳବୈଶାଖୀ ପବନରେ ଉଡାଇ ନେଇ କେନ୍ଦୁପତ୍ର ବିଡ଼ା ସବୁ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ତେବେ ଲକ୍ଷଲକ୍ଷ ଟଙ୍କା ର କେନ୍ଦୁପତ୍ର ସବୁ ନଷ୍ଟ ହେବାରୁ ଚିନ୍ତାରେ କେନ୍ଦୁପତ୍ର ବ୍ୟବସାୟୀ । ଏହି କାଳ ବୈଶାଖୀ ଯୋଗୁଁ ଏହି ଦୁଇ ପଞ୍ଚାୟତର ବ୍ୟବସାୟୀ ମାନଙ୍କ ବହୁତ କିଛି ଏସ୍ ହୋଇଛି ବୋଲି ଅଞ୍ଚଳର ମୁନିସି ଶୁକଦେବ ବଡ଼ନାୟକ ଓ ଜୟରାମ ମାଡକାମି ଗଣ ମାଧ୍ୟମ ଆଗରେ ଦୁଃଖର ସହ ଗଣମାଧ୍ୟମକୁ ଜଣାଇଛନ୍ତି ।





ପୁରୀ (ଭାସ୍କର ନ୍ୟୁଜ) : ସମାଜରେ ଚାଲୁଥିବା ଘଟଣା ଏବଂ ଦୁର୍ଘଟଣା କୁ ସମ୍ଭାଳିବା ପାଇଁ ଆଇନ ଶୃଙ୍ଖଳା ରହିଛି । କିନ୍ତୁ ସବୁବେଳେ ଯେ ନ୍ୟାୟ ହୁଏ ତାହା ନୁହେଁ , ସବୁବେଳେ ମଧ୍ୟ ସଠିକ ଦୋଷୀ କୁ ଦଣ୍ଡ ମିଳିବା ସହଜ ହୋଇନଥାଏ । କିଛି ଜାଗାରେ ନ୍ୟାୟ କୁ ଦବାଇ ଦିଆଯାଉଥିବାବେଳେ, ଅନ୍ୟ କିଛି ଜାଗାରେ ନ୍ୟାୟ ପାଇବା ପାଇଁ କମ ପଡିଥାଏ ଟଙ୍କା । ମଣିଷ ସମାଜରେ ଚଳିବା ପାଇଁ ସମ୍ବିଧାନ ରେ ମଣିଷ ର ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ଅଧିକାର କ୍ଷୁର୍ଣ୍ଣ ହେଲେ ଆଇନ ର ଦାୟିତ୍ୱ ତାକୁ ରକ୍ଷା କରିବା କିନ୍ତୁ ଯେଉଁ ଜାଗାରେ ଏହା ହୋଇପାରେନାହିଁ ସେହି ଜାଗାରେ ' ଓଡିଶା ମାନବ ଅଧିକାର ପରିଷଦ ' ସାମ୍ନାକୁ ଆସି ସାଧାରଣ ଜନତାଙ୍କୁ ତାଙ୍କ ମୌଳିକ ଅଧିକାର ରକ୍ଷା କରିବା ଏବଂ ନ୍ୟାୟ ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏବେ ଏହି ସଂଗଠନ ତରଫରୁ ପୁରୀ ଜିଲ୍ଲା ରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ରେ ପୁରୀ ଜିଲ୍ଲା ସଂଯୋଜକ ଭାବରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ସାମ୍ବାଦିକ ହିମାଂଶୁ ମହାପାତ୍ର, ସାମ୍ବାଦିକା ଶୁଭଲକ୍ଷ୍ମୀ ସେନାପତି, ସାମ୍ବାଦିକ ଦୀପ୍ତିରଞ୍ଜନ ମହାନ୍ତି , ସୁଷମା ବରାଳ ଏବଂ ମଙ୍ଗରାଜ ମଲ୍ଲିକ । ଆସନ୍ତା ଦିନରେ ପୁରୀ ଜିଲ୍ଲା ରେ ସାଧାରଣ ଜନତାଙ୍କ ପ୍ରତି ହେଉଥିବା ସମସ୍ତ ଅନ୍ୟାୟ ଏବଂ ଆଇନ ର ଖାମଖିଆଲି ମନୋଭାବକୁ ଆଉ ସହ୍ୟ କରାଜୀବନି ଏବଂ ସାଧାରଣ ଜନତାଙ୍କ ସମସ୍ତ ସାମ୍ବିଧାନିକ ଅଧିକାର କୁ ଆଉ କ୍ଷୁର୍ଣ୍ଣ କରିବାକୁ ଦିଆଜିବନାହିଁ ବୋଲି ଶପଥ ନେବାପରେ ସମସ୍ତ ସଦସ୍ୟ ଏକ ସ୍ୱରରେ ଏକ ହୋଇଥିଲେ ।



## ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ଏ-୧ ଗ୍ରେଡ଼ରେ ଛାତ୍ରୀମାନେ ଆଗୁଆ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚଳିତ ମ୍ୟାଟ୍ରିକ୍ ପରୀକ୍ଷା ଫଳାଫଳ ଶୁକ୍ରବାର ସଂଧ୍ୟାରେ ପ୍ରକାଶ ପାଇଛି । ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୭ଟି ବିଦ୍ୟାଳୟର ୮ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡ଼ରେ ପାସ କରିଥିବା ଜଣା ପଡ଼ିଛି ।କଖଡ଼ି ହାଇସ୍କୁଲର ଅମିତ୍ କୁମାର ସାହୁ ୫୬୦ ନମ୍ବର ରଖିଥିବାବେଳେ ଓଟିଏମ୍ ହାଇସ୍କୁଲର ରୁଷା ଜେନା ମଧ୍ୟ ୫୬୦ ନମ୍ବର ରଖିଛନ୍ତି ।ସେହିପରି ମ୍ୟୁନିସିପାଲ ହାଇସ୍କୁଲର ଦିବ୍ୟ ପ୍ରତୀକ ମହାପାତ୍ର-୫୫୪, ଟାଙ୍ଗୀ ବିଦ୍ୟାପୀଠର ଜିଜ୍ଞାସା ନାୟକ-୫୫୨,କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠର ରଶ୍ମୀ ପ୍ରଜୋଜିତା ସାହୁ-୫୪୮, ଟାଙ୍ଗୀ ବାଳିକା ହାଇସ୍କୁଲର ସୁକନ୍ୟା ପ୍ରତିମା ସ୍ୱାଇଁ-୫୫୨,କନ୍ହେଇପୁର ହାଇସ୍କୁଲର ସାଇସ୍ମିତା ସାହୁ-୫୪୦ ଏବଂ ଓଟିଏମ୍ ହାଇସ୍କୁଲର ଅଭିପ୍ସା ପ୍ରିୟଦର୍ଶିନୀ ନାଥ ୫୫୭ ନମ୍ବର ରଖି ଏ-୧ ଗ୍ରେଡ଼ରେ ପାସ୍ କରିଥିବା ଖବର ମିଳିଛି ।ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଓମ୍ ପ୍ରକାଶ କର-୫୬୯ ଏବଂ ସୋନାକ୍ଷୀ ଜେନା-୫୬୪ ନମ୍ବର ରଖିଛନ୍ତି । ସେହିପରି ଗୋଡ଼ିପାଟଣା ସାରଦା ନଗର ଶିଶୁ ବିଦ୍ୟା ମନ୍ଦିରର ଅର୍ପିତା ଭୂୟାଁ-୫୬୦, ଓମ୍ ପ୍ରକାଶ ମହାପାତ୍ର-୫୬୦ ଏବଂ ପ୍ରତ୍ୟୁଶ କୁମାର ମଲ୍ଲ-୫୫୬ ନମ୍ବର ରଖିଛନ୍ତି ।ଦୌଲାତାବାଦ ନିଗମାନନ୍ଦ ବିଦ୍ୟାପୀଠର ଚିରଞ୍ଜୀବି ଦାସ-୫୬୦, ଶଳଗାଁ ସାଧୁ ସୁନ୍ଦର ବିଦ୍ୟାପୀଠର ହିମାଂଶୁ ଜଟ-୫୫୮ ନମ୍ବର ରଖିଛନ୍ତି । ପ୍ରକାଶଯୋଗ୍ୟଯେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ୩୯ଟି ସରକାରୀ ଉଚ୍ଚ ବିଦ୍ୟାଳୟର ମୋଟ ୨୪୩୦ଜଣ ପରୀକ୍ଷା ଦେଇଥିବାବେଳେ ସେଥି ମଧ୍ୟରୁ ଏ-୧ରେ ୧୦ଜଣ,ଏ-୨ରେ ୭୨ଜଣ,ବି-୧ରେ ୨୦୧ଜଣ,ବି-୨ରେ୪୭୩ଜଣ, ସିରେ ୬୮୫ଜଣ, ଡିରେ ୬୬୦ଜଣ ଏବଂ ଇ ଗ୍ରେଡ଼ରେ ୨୮୩ଜଣ ପାସ୍ କରିଛନ୍ତି । ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ମ୍ୟାଟ୍ରିକ୍ ପରୀକ୍ଷାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ନିଶାମୁକ୍ତି କେନ୍ଦ୍ରର ୩୫ ଡ୍ରପଆଉଟଙ୍କୁ ବିଦ୍ୟାଳୟରେ ସାମିଲ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବ୍ନର ୩୫ଜଣ ବିଦ୍ୟାଳୟ ଡ୍ରପଆଉଟ ଛାତ୍ରଙ୍କୁ ପୁଣିଥରେ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଛି ଏହାର ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ । ଏହି କେନ୍ଦ୍ରରେ ରହୁଥିବା ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ନିଶାମୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ୩୫ଜଣ ନାବାଳକଙ୍କୁ କେନ୍ଦ୍ର ତରଫରୁ ସ୍ଥାନୀୟ ଜନ୍ମେଜୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଳିଙ୍ଗ ପବ୍ଲିକ ସ୍କୁଲରେ ନାମ ଲେଖାଯାଇ ପୁନର୍ବାର ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି । ପବ୍ଲିକ ସ୍କୁଲର ପଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁ, ସାହିସ୍ତା ସୁଲତାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରହିମ ଖାନ,ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଏହି ଅସହାୟ ଓ ଦୁର୍ବଳ ଅର୍ଥିକ ପରିସ୍ଥିତିରେ ଥିବା ଛାତ୍ର ମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ କରିବେବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟରେ ବିଇଓ କୁନ୍ତଳା ଖଟୁଆ,ସିଆରସିସି ରାଜେଶ କୁମାର ନାୟକ ପ୍ରମୁଖଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

## ଉଦୟ ଲାବଣ୍ୟ ନବମ ସ୍ୱନକ୍ଷତ୍ର ଉତ୍ସବରେ ପ୍ରତିଭା ସମ୍ବର୍ଦ୍ଧିତ



ଆଠଗଡ(ଭାସ୍କର ନ୍ୟୁଜ): ଆଠଗଡରୁ ପ୍ରକାଶ ପାଉଥିବା ସାପ୍ତାହିକ ସମ୍ବାଦପତ୍ର ଉଦୟ ଲାବଣ୍ୟ ନବମ ସ୍ୱନକ୍ଷତ୍ର ଉତ୍ସଭ ମହାବୀର ପ୍ଲାଜା ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଲଲାଟେନ୍ଦୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି ମୁଖ୍ୟଅତିଥି ଏବଂ ସାହିତ୍ୟିକ ଡ଼ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଭାବେ ଯୋଗଦେଇ କହିଲେ ଲେଖକ ଓ କବିର ଏନ୍ତୁଡ଼ିଶାଳ ହେଉଛି ପତ୍ରପତ୍ରିକା ଆଉ ପତ୍ରପତ୍ରିକା ବଞ୍ଚିବାକୁ ହେଲେ ପାଠକ ପତ୍ରପତ୍ରିକା କିଣିବା ଆବଶ୍ୟକ, ଆଉ ତା ନହେଲେ ପତ୍ରପତ୍ରିକା ବଞ୍ଚିପାରିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଦୈନିକ ସମ୍ବାଦପତ୍ର କାଳାନ୍ତର ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟ, ଆଠଗଡ ସାହିତ୍ୟ ସମାଜ ସଭାପତି ସୁରେଶ ଚନ୍ଦ୍ର ପରିଡା, ପୂର୍ବତନ ପ୍ରଶାସକ ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଆଇନଜୀବୀ ଶ୍ୟାମାନନ୍ଦ ମହାରଣା ମାଉଥ ଅର୍ଗାନ ଓ ପୂର୍ବତନ ସେନା ଅଧିକାରୀ ସାରଙ୍ଗଧର ଜେନା ବଂଶୀବାଦନ ଜରିଆରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟିକ ଡ଼ ଶରତ ଚନ୍ଦ୍ର ମାଝୀ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବଡମ୍ବା ଓକିଲ ସଙ୍ଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କୁ ଓକିଲବନ୍ଧୁ, ଏଟିବିଏନ୍ ସଭାପତି ଫଣିଭୂଷଣ ରଥଙ୍କୁ ଓକିଲବନ୍ଧୁ ସମ୍ମାନ, ଓଟିଭି ଉପସ୍ଥାପିକା ସ୍ନିଗ୍ଧା ପ୍ରିୟଦର୍ଶିନୀ ଲେଙ୍କାଙ୍କୁ ଉପସ୍ଥାପିକା ସମ୍ମାନ, ସର୍ବେଶ୍ୱର ପଣ୍ଡାଙ୍କୁ ସାମ୍ବାଦିକ ସମ୍ମାନ, ପ୍ରିୟଙ୍କା ମହାପାତ୍ରଙ୍କୁ ଜ୍ୟୋତିର୍ବିଦ ସମ୍ମାନ ଏବଂ ଦିପୁନା ମୁଦୁଲିଙ୍କୁ ଦୁଃସାହସିକ କ୍ରୀଡ଼ାବିତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭାରେ ଧନ୍ୟବାଦ ପ୍ରଦାନ କରିଥିଲେ ସଦାନନ୍ଦ ପଟ୍ଟନାୟକ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଉଦୟ ଲାବଣ୍ୟ ପରିଚାଳନା ସମ୍ପାଦକ ଦେବାଶିଷ ସେନାପତି ।

## ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍

ବାଲୁଗାଁ(ଭାସ୍କର ନ୍ୟୁଜ): ବାଲୁଗାଁ ମୁଖ୍ୟ ବଜାର ସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ଦୋକାନୀ ମାଲିକ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତକାଲି ରାତିରେ ମହାବୀର ଜୁଏଲର୍ସ ମାଲିକ ଲକ୍ଷ୍ମୀଧର ନାୟକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳେ ଦୋକାନ ଖୋଲିବା ବେଳକୁ ଦେଖିଲେ ଘରର ଆଜବେଷ୍ଟସ ଓ ସିସି କ୍ୟାମେରା ଭାଙ୍ଗି ପ୍ରାୟ ୨୦୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଓ ୫ କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି ହୋଇଛି। ଏନେଇ ଶନିବାର ସକାଳେ ଦୋକାନୀ ମାଲିକ ଶ୍ରୀ ନାୟକ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ଘଟଣା ସ୍ଥଳରେ ବାଲୁଗାଁ ପୋଲିସ ପହଞ୍ଚି ଆଖପାଖ ସିସିଟିଭି ଯାଞ୍ଚ କରିବାସହ ତଦନ୍ତ ଜାରି ରଖିଛନ୍ତି।

## ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସର ଶୁଭକାମନା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସର ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, କୃତ୍ରିମ ବୁଦ୍ଧିମତାର ପ୍ରଭାବ ତଥ୍ୟ ସଂଗ୍ରହ, ତଥ୍ୟ ପ୍ରଚାର, ଭୁଲ ସମ୍ବାଦ ପ୍ରସାରଣ ଓ ଡିପଫେକ୍ ଅନୁକୃତି ସୃଷ୍ଟିରେ ଗଭୀର ଭାବେ ପଡୁଛି ।ନ୍ତ ନ୍ତବିଶ୍ୱ ସଂବାଦମାଧ୍ୟମ ସ୍ୱାଧୀନତା ଦିବସରେ, ଆସନ୍ତୁ ଆମେ ସମସ୍ତେ କୃତ୍ରିମ ବୁଦ୍ଧିମତାର ପତ୍ରକାରିତା ଉପରେ ପଡୁଥିବା ପ୍ରଭାବ ବିଷୟରେ ଚିନ୍ତନ କରିବା—ଯାହା ଆମ ଗଣତନ୍ତ୍ରର ଏକ ମୌଳିକ ସ୍ତମ୍ଭ ଓ ପତ୍ରକାରିତା କିପରି ନିର୍ପେକ୍ଷ, ବହୁମତୀ ଓ ପକ୍ଷପାତହୀନ ଭାବରେ ଅବ୍ୟାହତ ରହିପାରିବ, ତାହା ନିଶ୍ଚିତ କରିବା ଉପରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଛନ୍ତି ନବୀନ ।

## ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ସୋସିଏଲ ମିଡିଆ ଏକ୍ସରେ କେଭି ସିଂହଦେଓ କହିଛନ୍ତି ଯେ, ନ୍ତବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସରେ, ସତ୍ୟ, ଦାୟିତ୍ୱବୋଧ ଓ ଗଣତନ୍ତ୍ରର ମୂଲ୍ୟବୋଧକୁ ରକ୍ଷା କରୁଥିବା ସମସ୍ତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରଫେସନାଲଙ୍କ ମୁଁ ହୃଦୟପୂର୍ଣ୍ଣ ଶୁଭେଚ୍ଛା ଓ କୃତଜ୍ଞତା ଜଣାଉଛି।

## ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତରେ ବିକାଶ ଆଡ଼କୁ ଗତି କରୁଛି: ଲକ୍ଷ୍ମଣ ବାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଲୋକଙ୍କ ଜନ କଲ୍ୟାଣ କାମ କରିବା ରେ ତତ୍ପର । ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ଆଡ଼କୁ ଗତି କରୁଛି । ଶିକ୍ଷା ସ୍ୱାସ୍ଥ୍ୟ ଜଳ ସେଚନ ରୋଜଗାର ମହିଳା ସଶକ୍ତିକରଣ ୨୫ ଲକ୍ଷରୁ ଅଧିକ ଲକ୍ଷପତି ଦିଦି କରିବା ବିଭିନ୍ନ କାର୍ଯ୍ୟରେ ସରକାର ସକ୍ଷମ ଅଛନ୍ତି। ବିଜେପି ସରକାରରେ ଯେଉଁ ଭଳି କାମ ହେଉଛି ତାହା ପୂର୍ବରୁ ଅନ୍ୟ ସରକାର ସମୟରେ ହୋଇନଥିଲା ବୋଲି କହିଛନ୍ତି ବିଧାୟକ ଲକ୍ଷ୍ମଣ ବାଗ। ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ଓ ନିଗମ ଅଧ୍ୟକ୍ଷ ଚୟନ ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, କମିଟି ଗୁଡିକର ରିପୋର୍ଟ ଓ ରାଜ୍ୟ କ୍ୟାବିନେଟ ଓ ବିଧାୟକ ଦଳର ବୈଠକ ନିଷ୍ପତି ଆଧାରରେ ଖୁବ୍‌ଶୀଘ୍ର ନିଷ୍ପତି କରାଯିବ । ସଭାପତି ଚୟନ ଦଳୀୟ ନିଷ୍ପତ୍ତି । କେନ୍ଦ୍ର ନେତୃତ୍ୱ ନିଷ୍ପତି ଆଧାରରେ ସଭାପତି ନିଯୁକ୍ତ ହେବେ। କେନ୍ଦ୍ରର ଫୋକସ ରେ ଓଡ଼ିଶା ରହିଛି । ତେଣୁ ଓଡ଼ିଶାକୁ କିଭଳି ବିକାଶର ଗତି ଆଗକୁ ବଢିବ ସେ ଦିଗରେ କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ସେହିପରି କିଟ୍ ଛାତ୍ରୀ ମୃତ୍ୟୁ ଘଟଣା ରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଯେଉଁ ଘଟଣା ଘଟୁଛି ଏହା ଏକ ଅଭାବନୀୟ ଘଟଣା। ଦୀଘା ରେ ଜଗନ୍ନାଥ ମନ୍ଦିର ପ୍ରସଙ୍ଗ ରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, ଓଡ଼ିଶା ପାଇଁ ଏକ ନିନ୍ଦନୀୟ ଘଟଣା। ଭଗବାନଙ୍କ ୪ ଟି ଧାମ ଅଛି। ସେଥି ମଧ୍ୟରୁ ପୁରୀ ଅନ୍ୟତମ। କିନ୍ତୁ ଆଉ ଏକ ନୂଆ ଧାମ କିଭଳି କଲେ ତାହା ସେମାନେ ହିଁ କହିପାରିବେ।


**NOTICE**

By virtue of an affidavit sworn before the Executive Magistrate, Anandapur, dated: 01.05.2025, I Sushanta Kumar Sahoo, Address: village- Mochinda, Po- Salabani, Ps- Anandapur, Dist- Keonjhar, Odisha, PIN-758021, declare that I have changed my daughter's name from Shriyasi Sahoo to Samaira Sahoo. Henceforth, She shall be known as Samaira Sahoo for all purposes.
Sd/- Sushanta Kumar Sahoo

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 02-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନ୍‌ରେ ବାରଙ୍ଗ-ଭୁବନେଶ୍ୱର ନିୟୁ ଷ୍ଟେସନ୍ ମଧ୍ୟରେ କି.ମି. 422/4-6 ରେ ଲେଭେଲ୍ କ୍ରସିଙ୍ଗ୍ ନଂ. 182 ପରିବର୍ତ୍ତେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ନିଷ୍ପାଦନ।

ବିଜ୍ଞାପିତ ମୂଲ୍ୟ : ₹ 13,30,146.39, EMD : ₹ 26,600/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.07.05.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.05.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-90/Q/25-26



**ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୭୨ **ବିଜ୍ଞାପନ** ତା ୨୩.୦୪.୨୦୨୫

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ ଏଲଆଇଜି ବି-୬୧ (), ଡୁମୁଡୁମା, ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହନିର୍ମାଣ ପ୍ରକଳ୍ପରେ ଶ୍ରୀ କୈଳାଶ ଚନ୍ଦ୍ର ବଳ, ପିତା- ଗୋବିନ୍ଦ ଚନ୍ଦ୍ର ବଳ, ସା-କଥଯୋଳ, ପୋ-ପଇଦା, ଥାନା-ଏରସମା, ଜିଲ୍ଲା- ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ କୈଳାଶ ଚନ୍ଦ୍ର ବଳ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମନୋଜ କୁମାର ଚୌଧୁରୀ, ପିତା- ୰ ବୃନ୍ଦାବନ ଚୌଧୁରୀ, ସା-ତୋଟା ଷ୍ଟ୍ରିଟ୍, ଗୋଷାଣୀ ନୂଆଗାଁ, ବ୍ରହ୍ମପୁର, ପୋ/ଥାନା-ଗୋଷାଣୀ ନୂଆଗାଁ, ଜିଲ୍ଲା- ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା

CAD-289 OIPR 13030/11/0591/2526



**ODISHA CONSTRUCTION CORPORATION LTD.** CAD-306
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/Store-01/09/2025-26 dtd.03.05.2025.**

Type of work : Development, Customization, Integration and Implementation of Store Digitalization system for Central Workshop, Rasulgarh under Odisha Construction Corporation Ltd., Govt. Of Odisha.
Total No. of work : 01(One).
Project Period Timeline : 04 (four) months.

| Procurement Officer | Tender Call Notice No. | Cost of Tender document (Including GST) | EMD | Sale of tender document | Submission of tender document |
|---|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/Store-01/09 / 2025-26 dtd.03.05.2025 | Rs.7080/- (Non-refundable) | Rs.20,000/- | 03.05.2025 10.00AM to 17.05.2025 5.00 PM | 03.05.2025 10.00AM to 17.05.2025 5.00 PM |

Date of opening of the Technical Bid : 19.05.2025 at 11.00 A.M.
Further details can be seen from the website (www. odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

OIPR 34163/11/0066/2526
Sd/-
Senior Manager (Mech.)-I
OCC Ltd., Bhubaneswar



**OFFICE OF THE DIVISIONAL FOREST OFFICER, KALAHANDI NORTH DIVISION**
INFRONT OF THE OFFICE OF DISTRICT JUDGE, KALAHANDI, OLD GOVT. BUS STAND, BHAWANIPATNA, KALAHANDI, ODISHA - 766001
E-mail ID: north_kalahandi@yahoo.co.in , dfo.kalahandinorth@odisha.gov.in Phone No. 06670-230526

Tender Call Notice No- DFOKLDN-01/2025-26 dt.02.05.2025
**TENDER CALL NOTICE FOR HIRING VEHICLE** MM-21

Sealed tenders are invited from interested Reputed Travel Agencies/ Tour Operators or private individuals for providing 11 (Eleven) Nos. of Vehicle (Bolero BS VI compliant Diesel driven AC) vehicles having sitting capacity of seven persons including Driver, which shall confirm to the Terms and Conditions (Annexure-III) for official use at different Range Offices under Kalahandi North Division and at Division Office on monthly rent basis so as to reach in the Office of the Divisional Forest Officer, Kalahandi North Division, on or before **15.05.2025** up to **1.00 P.M.** through Registered Post/Speed Post/Courier Service and can also be dropped in the "Tender Box" placed in the Office of the Divisional Forest Officer, Kalahandi North Division. The tenders will be opened in the same office on **17.05.2025 at 10.00 A.M.** The Standard Bidding Document and Terms and Conditions can be downloaded from https://kalahandi.nic.in and also can be obtained from the Office of the Divisional Forest Officer, Kalahandi North Division, Bhawanipatna from **03.05.2025 to 15.05.2025** during office hours. The Tender inviting authority reserves the right of accepting or rejecting the tender offers or cancelling the tender without assigning any reason thereof.

OIPR 08107/11/0014/2526
Sd/-Divisional Forest Officer,
Kalahandi North Division


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ସନ୍ଦିଗ୍ଧଙ୍କୁ...

ପୂର୍ବାହ୍ନ ୧୧.୦୫ରେ ମିଳିଥିଲା। ଏଥିରେ ଲେଖାଥିଲା ଯେ ୟୁଏଲ-୧୧୨ରେ ଥିବା ୬ଜଣ ଦକ୍ଷିଣ ଭାରତୀୟ ପୁରୁଷ ଲସ୍କର ଆତଙ୍କବାଦୀ ବସିଛନ୍ତି। ହେଲେ ଏହି ମେଲଟି ମିଳିବା ପୂର୍ବରୁ ବିମାନଟି ଚେନ୍ନାଇ ବିମାନବନ୍ଦର ଛାଡ଼ି ସାରିଥିଲା। ତେଣୁ ତୁରନ୍ତ ସୂଚନା କଲମ୍ବୋ ବିମାନବନ୍ଦରକୁ ପଠାଯାଇଥିଲା। ଏହାପରେ ଶ୍ରୀଲଙ୍କା ପୋଲିସ ବିମାନଟି ଅବତରଣ କରିବା ପରେ ଯାତ୍ରୀମାନଙ୍କୁ ଓହ୍ଲାଇ ସଂପୂର୍ଣ୍ଣ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବି କୌଣସି ସନ୍ଦେହଜନକ ବ୍ୟକ୍ତି ନଥିବାର ଦେଖାଯାଇଥିଲା। ତେବେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ଗତମାସ ୨୨ ତାରିଖରେ ଜାମ୍ମୁକାଶ୍ମୀର ପହଲଗାମର ବୈଶାରଣ ଉପତ୍ୟକାରେ ଆତଙ୍କବାଦୀମାନେ ୨୬ଜଣ ପର୍ଯ୍ୟଟକଙ୍କୁ ବୀଭତ୍ସଭାବେ ହତ୍ୟା କରିଥିଲେ। ଏହି ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଆତଙ୍କବାଦୀମାନେ ପୁଣି ଏକ ବଡ଼ଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### ଦେଶ, ରାଜ୍ୟ ସୁରକ୍ଷାକୁ...

ଜାମ୍ମୁକାଶ୍ମୀର ସରକାର ପୂର୍ଣ୍ଣ ସମର୍ଥନ ଯୋଗାଇବେ। ଦେଶ ଓ ଜାମ୍ମୁକାଶ୍ମୀରର ସୁରକ୍ଷା ନେଇ ଚାଲେଞ୍ଜ ବଢୁଥିବାବେଳେ ଏହି ସାକ୍ଷାତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କେନ୍ଦ୍ର ସରକାର ପାକିସ୍ତାନ ବିରୋଧରେ କଠୋର ନିଷ୍ପତ୍ତି ନେବାକୁ ଯୋଜନା କରୁଥିବାର ଏହା ଏକ ସଂକେତ। ବୈଠକ ପୂର୍ବରୁ ଓମାର ପହଲଗାମ ହମଲାକୁ ଦୃଢ ନିନ୍ଦା କରିଥିଲେ। ଏଥିସହ ଆତଙ୍କବାଦୀଙ୍କ ବିରୋଧରେ ଜାମ୍ମୁକାଶ୍ମୀରବାସୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଆକ୍ରମଣରେ ସାମିଲ ଥିବା ଲୋକ ମାନବତ୍ୱର ଶତ୍ରୁ ଓ ସେମାନେ ନର୍କରେ ସଢିବେ ବୋଲି ଓମାର କହିଥିଲେ।

### ୨ରୁ ୪ ଡିଗ୍ରୀ...

ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଜିଲ୍ଲାର କିଛି ସ୍ଥାନରେ ଘଡ଼ଘଡ଼ି ଓ କୁଆପଥର ବର୍ଷାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୫ ତାରିଖ ପାଇଁ ଉତ୍ତର, ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ପବନର ବେଗ ୪୦ରୁ ୫୦ କିମି ରହିବ ବୋଲି ଆକଳନ କରାଯାଇଛି।

### ପାକିସ୍ତାନର ଅସ୍ତ୍ରବିରତି...

କିଲୋମିଟର। ଏହାର ଉଭୟ ପାଖରେ ଭାରତ ଓ ପାକ୍‌ସେନା ନିୟୋଜିତ ରହିଛନ୍ତି। ଦୁଇଦେଶ ମଧ୍ୟରେ ହୋଇଥିବା ବୈଠକରେ କେହି କାହା ଉପରେ ଫାଙ୍କା ଗୁଳି ଚଳାଇବେ ନାହିଁ ବୋଲି ଅସ୍ତ୍ରବିରତି ଚୁକ୍ତି ସମ୍ପାଦିତ ହୋଇଥିଲା। ତେବେ ପାକିସ୍ତାନ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରି ଚାଲିଛି।

### ମନ୍ଦିର ପ୍ରଶାସନର...

ନାହିଁ ବୋଲି ଶ୍ରୀମନ୍ଦିର ବରିଷ୍ଠ ସେବାୟତ ମତ ରଖିଥିଲେ ।ପରେ ଦ୍ୱିତୀୟ ପର୍ଯ୍ୟାୟରେ ବାଡଗ୍ରାହୀ ମାନଙ୍କ ସହ ବୈଠକ ବସିଥିବା ବେଳେ ବୈଠକରେ ଚାରି ବାଡ଼ଗ୍ରାହୀ ମଧ୍ୟରୁ ତିନି ବାଡ଼ଗ୍ରାହୀ ଉପସ୍ଥିତ ରହିଥିଲେ। ଦଇତାପତି ରାମଚନ୍ଦ୍ର ଦାସଙ୍କ ପ୍ରତିକ୍ରିୟା ।ଭାରତରେ ଚାରି ଧାମ,ଚାରି ଶଙ୍କରାଚାର୍ଯ୍ୟ ଅଛନ୍ତି। ଅନ୍ୟ କେଉଁ ଠାରେ ଧାମ ହୋଇପାରିବ ନାହିଁ। ଶ୍ରୀମନ୍ଦିର ଭିତରୁ ଦାରୁ ନେବାର ସୁଯୋଗ ନାହିଁ । ପ୍ରସ୍ତର ମୂର୍ତ୍ତି ସ୍ଥାପନା ଉତ୍ସବ ଶାସ୍ତ୍ର ବିରୋଧୀ। ପ୍ରତିଷ୍ଠା ଉତ୍ସବରେ ଦଇତାପତି ଯିବା କଥା ନୁହେଁ। ଯଦି ଦଇତାପତି ନିଯୋଗ ସମ୍ପାଦକ ଦାରୁ ନେଇଥିବେ ,କେବେ ଓ କିପରି ନେଲେ ତାଙ୍କୁ ପଚରା ଯାଉ। ଦିଘାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର ଧାମ ନୁହେଁ। ଏଣୁ ଧାମକୁ କାଟିବା ପାଇଁ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଲିଖିତ ଭାବେ ଜଣାଇବା ଦରକାର। ଗୋଟିଏ ସ୍ଥାନରେ ପଥର ମୂର୍ତ୍ତି ଓ କାଠ ମୂର୍ତ୍ତି ପୂଜିତ ହେବା ଶାସ୍ତ୍ର ବିରୋଧୀ ପରେ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା କରାଯାଇଥିଲା। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ରଙ୍କ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସହ ଆଲୋଚନା ପରେ ପ୍ରତିକ୍ରିୟା। ଆମେ ଦୃଢ ଭାବରେ କହୁଛୁ ନବ କଳେବର ବଳକା ଖଣ୍ଡ କାଠରେ ମୂର୍ତ୍ତି ନିର୍ମାଣ ଅସମ୍ଭବ। ବିଗ୍ରହ ନିର୍ମାଣ ସରିବା ପରେ ତାହା ଦଇତାପତି ନିଯୋଗଙ୍କ ହେପାଜତରେ ରହିଥାଏ। ବଳକା କାଠରେ କୌଣସି ମୂର୍ତ୍ତି ନିର୍ମାଣ ମିଥ୍ୟା କଥା। ସେ ବାହାରୁ କେଉଁଠାରେ ମୂର୍ତ୍ତି କିଣି ନେଇଥିବେ ବୋଲି ଅନୁମାନ କରୁଛୁ। ତେବେ ବଳକା ରହିଥିବା କାଠରେ ବିଗ୍ରହ ନିର୍ମାଣ ସମ୍ଭବ ନୁହେଁ ବୋଲି ବିଶ୍ୱକର୍ମା ମହାରଣା ମାନେ ମତ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ବିବାଦ ସମ୍ପର୍କରେ ଆସନ୍ତାକାଲି ଅପରାହ୍ନ ୫ଟା ସୁଦ୍ଧା ମତାମତ ଦେବା ପାଇଁ ସମସ୍ତ ନିଯୋଗକୁ ଚିଠି ମାଧ୍ୟମରେ ନିବେଦନ କରାଯାଇଅଛି ।ତେବେ ଆଜି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ, ସୁରକ୍ଷା ପ୍ରଶାସକ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।


**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल,चतरा**

ई–निविदा आमंत्रण सूचना
ई–निविदा सूचना संख्या :– RDD/SD/CHATRA/05/2024-25/RE-03

1.कार्य की विस्तृत विवरणी :–

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | चतरा जिलान्तर्गत प्रखण्ड पत्थलगडडा पंचायत सिंघानी में परसोनिया नदी में पुल निर्माण। | 5,40,86,200.00 | 10,82,000.00 | 10,000.00 | 24 माह |

2. वेबसाईट में निविदा प्रकाशन की तिथि –07.05.2025
3. ई–निविदा प्राप्ति की तिथि एवं समय – दिनांक–07.05.2025 से दिनांक–16.05.2025 के अपराह्न 05:00 बजे तक
4. ई–निविदा खोलने का स्थान– कार्यपालक अभियंता का कार्यालय, ग्रामीण विकास विशेश प्रमण्डल, चतरा।
5. ई–निविदा खोलने की तिथि एवं समय – 19.05.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, चतरा।
7. ई–निविदा प्रकोष्ठ का दूरभाष सं० – 9431060939 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,चतरा
PR 351596 Rural Development(25-26).D



AVANSE FINANCIAL SERVICES
ASPIRE WITHOUT BOUNDARIES

**ଆଭାନ୍‌ସେ ଫାଇନାନସିଆଲ ସର୍ଭିସେସ୍ ଲିମିଟେଡ୍**
ରେଜିଷ୍ଟ୍ରାର୍ଡ ଅଫିସ: ଟାଇମ୍ସ ସ୍କୋୟାର ବିଲଡିଂ, ଇ-ୱିଂ, ଚତୁର୍ଥ ମହଲା, ମିତଲ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ବିପରୀତ, ଗାମଦେବୀ ଅନ୍ଧେରୀ-କୁର୍ଲା ରୋଡ, ମାରୋଲ, ଅନ୍ଧେରୀ ଇଷ୍ଟ ମୁମ୍ବାଇ-୪୦୦୦୫୯, ମହାରାଷ୍ଟ୍ର
କୋଲକାତା ଶାଖା କାର୍ଯ୍ୟାଳୟ: ୪୪,ମଦର ଟେରେସା ସରଣୀ, ଦ୍ୱିତୀୟ ମହଲା, ସକେତ ବିଲଡିଂ, କୋଲକାତା-୭୦୦୦୧୬

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) (ଦି ଆକ୍ଟ) ଯାହାକି ଆଇନ ୩(୧) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋସମେଣ୍ଟ) ଆଇନ ୨୦୦୨ ଅନୁଯାୟୀ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆଭେନସ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍ (ଆଭେନସ)ର ପ୍ରାଧିକୃତ ଅଧିକାରୀ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ଧାରା ୧୩(୧୨)ର ଉପଧାରା ୩ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ-୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା(ମାନେ), ସହ-ଋଣଗ୍ରହୀତା(ମାନେ), ଗ୍ୟାରେଣ୍ଟରମାନଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ସେମାନଙ୍କ ଉପରେ ଥିବା ବକେୟା, ଋଣ, ବର୍ତ୍ତମାନ ପର୍ଯ୍ୟନ୍ତ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଚାର୍ଜ ଏହି ନୋଟିସ ପ୍ରାପ୍ତିର ୬୦ଦିନ ମଧ୍ୟରେ ପରିଶୋଧ ପାଇଁ କୁହାଯାଇଛି। ଏଥିପାଇଁ ଡିମାଣ୍ଡ ନୋଟିସ ମଧ୍ୟ ଜାରି କରାଯାଇଛି।
ଏହି ସଂଯୋଗରେ ନୋଟିସ ପୁଣିଥରେ ଋଣଗ୍ରହୀତାଙ୍କୁ ଆଭେନସ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍ (ଆଭେନ୍ସ) ପକ୍ଷରୁ ପ୍ରଦାନ କରାଯାଇ ନିମ୍ନରେ ପ୍ରଦତ୍ତ ମୂଳ ସହ ପରବର୍ତ୍ତୀ ସୁଧ, ଯାହାକି ଡିମାଣ୍ଡ ନୋଟିସରେ ଉଲ୍ଲେଖ ରହିଛି ୬୦ଦିନ ମଧ୍ୟରେ ପରିଶୋଧ କରିବା ପାଇଁ କୁହାଯାଇଛି। ଏଥିସହ ଋଣ ଏଗ୍ରିମେଣ୍ଟ, ଯାହାକି ଦସ୍ତାବିଜରେ ଲିଖିତ ଭାବେ ଉଲ୍ଲେଖ ରହିଛି, ତେଣୁ ଋଣଗ୍ରହୀତା ଏ ନେଇ ଉତ୍ତରଦାୟୀ ହେବା ଜରୁରି। ବନ୍ଧକ ଥିବା ସମ୍ପତ୍ତି ଆଭେନସ ଫାଇନାନସିଆଲ ସର୍ଭିସେସ ଲିମିଟେଡ୍ (ଆଭେନ୍ସ) ନିକଟରେ ବନ୍ଧକ ରହିଛି, ଯାହାକୁ ଋଣଗ୍ରହୀତାଙ୍କୁ ଅବଗତ କରାଯାଇଛି।

| ଋଣ ଆକାଉଣ୍ଟ ନଂ | ଋଣ ଗ୍ରହୀତା(ମାନେ)/ସହ ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ ତାରିଖ ଏବଂ ଦାବି ଅର୍ଥ | ବନ୍ଧକ ସମ୍ପତ୍ତିର ବିବରଣୀ(ସ୍ଥାବର ସମ୍ପତ୍ତି) |
|---|---|---|---|
| କେଓଏଲ୍‌ଇଇ ୦୦୨୭୮୫୬୮ | ୧. ପ୍ରତୀକ ଅଗ୍ରୱାଲ ଠିକଣା: ଏଲଟିବି ଆଶିଷ ଆପାର୍ଟମେଣ୍ଟ ଫ୍ଲାଟ ନଂ ୩୦୩, ବ୍ଲକ ଏ, ତୃତୀୟ ମହଲା, ଝାରପଡ଼ା, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ଆଉମଧ୍ୟ: ହାଉସ ନଂ ସି-୬୪୫, ଅଫିସର କଲୋନୀ, ସୋଫିପିଣ୍ଡ, ଜଲନ୍ଧର, ପଞ୍ଜାବ-୧୪୪୦୨୪ ୨. ଆତ୍ମା ସିଂ, ଠିକଣା- ହାଉସ ନଂ ୧୨୪, ସୋଫିପିଣ୍ଡ, ଜେଏଡି, ପିବି,ଆଇଏନ ୧୪୪୦୨୪, ଜଲନ୍ଧର, ପଞ୍ଜାବ, ଇଣ୍ଡିଆ-୧୪୪୦୨୪, ଆଉମଧ୍ୟ: ହାଉସ ନଂ ସି,୬୪୫, ଅଫିସର କଲୋନୀ, ସୋଫିପିଣ୍ଡ, ଜଲନ୍ଧର, ପଞ୍ଜାବ-୧୪୪୦୨୪ ୩. ସ୍ୱର୍ଗତଃ ସୁମନପ୍ରୀତ କାଉର, ଉତ୍ତରାଧିକାରୀଙ୍କ ମାଧ୍ୟମରେ, ଠିକଣା- ଏଲଟିବି ଆଶିଷ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ ୩୦୩, ବ୍ଲକ୍-ଏ, ତୃତୀୟ ମହଲା, ଝାରପଡ଼ା, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ଆଉମଧ୍ୟ: ହାଉସ ନଂ ସି-୬୫୪, ଅଫିସର କଲୋନୀ, ସୋଫିପିଣ୍ଡ, ଜଲନ୍ଧର, ପଞ୍ଜାବ-୧୪୪୦୨୪ ୪. ଜ୍ୟୋତି ଅଗ୍ରୱାଲ, ଠିକଣା- ଏଲଟିବି ଆଶିଷ ଆପାର୍ଟମେଣ୍ଟ, ଫ୍ଲାଟ ନଂ ୩୦୩, ବ୍ଲକ-ଏ, ତୃତୀୟ ମହଲା, ଝାରପଡ଼ା, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ଆଉମଧ୍ୟ: ହାଉସ ନଂ ସି, ୬୫୪, ଅଫିସର କଲୋନୀ, ସୋଫିପିଣ୍ଡ, ଜଲନ୍ଧର, ପଞ୍ଜାବ-୧୪୪୦୨୪। | ୨୩ ଏପ୍ରିଲ ୨୦୨୫ ଏବଂ ଟ.୨୪,୮୭,୨୮୪ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ଯାହାର ମୋଟ ଏରିଆ ୧୧୮୦ ବର୍ଗଫୁଟ, ଯେଉଁଥିରେ ୩ଟି ବେଡରୁମ୍, ୧ କିଚେନ, ୩ଟି ବାଥରୁମ୍, ଗୋଟିଏ ଷ୍ଟୋରରୁମ୍ ସହ ସୁମନପ୍ରୀତ କାଉରଙ୍କ ନାମରେ ଘର ନିର୍ମାଣ ଚାଲିଛି, ଯାହାର ଏରିଆର ଚାରିମାର୍ଲେ କିମ୍ବା ୨୩୨ ବର୍ଗଫୁଟ (୪ ମାର୍ଲେ ୨୩୨ ବର୍ଗଫୁଟ), ୨୨X୬୦= ୧୩୨୦ ବର୍ଗଫୁଟ, ମାର୍ଲା ଅନୁଯାୟୀ ୨୭୨ ବର୍ଗଫୁଟ ସହ ସମାନ। ବାଉଣ୍ଡାରୀ: ପୂର୍ବ- ଅନ୍ୟମାନେ, ପଶ୍ଚିମ- ଅନ୍ୟମାନେ, ଉତ୍ତର- ଅନ୍ୟମାନେ, ଦକ୍ଷିଣ- ରାସ୍ତା। ଜମାନବନ୍ଦୀ ଅନୁଯାୟୀ ୨୦୧୮-୧୯ରେ ହାଲ ବନ୍ଦୋବସ୍ତ ନଂ ୨୩୧ଖେୱାଟ୍/ଖାଟୋନି ନଂ ୮୭/୧୧୭, ୧୪୮/୨୦୦, ଯାହାର ସମାଧାନ ଖସଡ଼ା ନଂ ୧୬/୧୪, ୧୬/୧୭, ୧୬/୧୩, ଅଫିସର କଲୋନୀ, ସୋଫିପିଣ୍ଡ, ତହସିଲ ଏବଂ ଜିଲ୍ଲା- ଜଲନ୍ଧର, ପଞ୍ଜାବ-୧୪୪୦୨୪ |

ଯଦି କୌଣସି ପରିସ୍ଥିତିରେ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ଆଭେନ୍ସ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ(ଆଭେନ୍ସ) ଋଣଗ୍ରହୀତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଥିବା ନିୟମ ଅନୁସାରେ ଧାରା ୧୩(୪) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଯାହାକି ଋଣଗ୍ରହୀତାଙ୍କ ଖର୍ଚ୍ଚ ଓ ପରବର୍ତ୍ତୀ ଖର୍ଚ୍ଚ ପାଇଁ ଦାୟିତ୍ୱ ନେବେ। ଋଣଗ୍ରହୀତାଙ୍କୁ ଏହି ବନ୍ଧକ ସମ୍ପତ୍ତିର ଅଦଳବଦଳ, ବିକ୍ରି କିମ୍ବା ଲିଜ୍ ଆଭେନ୍ସ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ (ଆଭେନ୍ସ)ର ଅନୁମତି ନେବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ଏହାକୁ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ଆଇନ ଅନୁଯାୟୀ ଜେଲଦଣ୍ଡ କିମ୍ବା ଜରିମାନାରେ ଦଣ୍ଡିତ କରାଯାଇପାରିବ।

ତାରିଖ: ୦୪.୦୫.୨୦୨୫ ସ୍ୱା/- ଅଧିକୃତ ଅଧିକାରୀ
ସ୍ଥାନ: ଓଡ଼ିଶା ଆଭେନ୍ସ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଆଭେନ୍ସ) ପାଇଁ



OFFICE OF THE B-88
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail seec.bbsr2010 @ gmail.com
Bid Identification No.S.E.E.C (R&B) 03/2025-26

No 1524 /Date 02.05.2025

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.08.05.2025 at 05.00 P.M. to dt.22.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.23.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

OIPR 34006/11/0034/2526
Sd/- Superintending Engineer
Electrical Circle (R&B) Odisha, BBSR



C- 221
WATCO
**OFFICE OF THE GENERAL MANAGER,**
**WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001,
Odisha, India
Telefax: - +91-674-2390322 E-mail – gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
**Dtd.29.04.2025**

| | | |
|---|---|---|
| 01 | Name of Works | : Provision for Construction of Consumable Room Inside WATCO Division - II Office Campus Unit - V, Bhubaneswar |
| 02 | Estimate cost | : Rs.43.96 Lakhs |
| 03 | Period of completion | : 2 (Two Months) |
| 04 | Class of contractor | : B Class |
| 05 | Date & Time of availability of bid document In the portal | : From 11.00 AM of Dt.05.05.25 to 5.00 PM of 19.05.2025 |
| 06 | Last date / time of receipt of bids in the portal | : 5.00 PM of 19.05.2025 |
| 07 | Last date & time of seeking clarification | : 5.00 PM of 09.05.2025 |
| 08 | Date & Time of opening of bids | : At 12.30 PM of 20.05.2025 |
| 09 | Name and Address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR 13089/11/0019/2526
Sd/-GENERAL MANAGER,
WATCO DIVISION-II, BHUBANESWAR



ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀର ନ୍ୟାସନାଲ୍ କନଫରେନ୍ସ ମୁଖ୍ୟ ଫାରୁକ୍ ଅବଦୁଲ୍ଲା ପିଡିପି ମୁଖ୍ୟ ମେହବୁବା ମୁଫତୀଙ୍କୁ ଟାର୍ଗେଟ୍ କରିଛନ୍ତି। ପହଲଗାମ ଆକ୍ରମଣ ପଛରେ ସ୍ଥାନୀୟ ଲୋକଙ୍କ ସମର୍ଥନ ଥିବା କହିବା ପରେ ମେହବୁବା ସମାଲୋଚନା କରିଥିଲେ। ଏହାକୁ ନେଇ ଏବେ ମେହାବୁବାଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି ଫାରୁକ ଅବଦୁଲା। ଫାରୁକ କହିଛନ୍ତି, '୩୪ ବର୍ଷ ହୋଇଗଲା । କିଏ ଆରମ୍ଭ କଲା ଏହାକୁ । ବାହାରକୁ ଯାଇ ଫେରିଥିବା ଲୋକମାନେ କିଏ । ଆମ ପଣ୍ଡିତ ଭାଇଙ୍କୁ ଏଠାରୁ ବାହାର କରିଥିବା ଲୋକ କିଏ ଥିଲେ । ଏହାର ଉତ୍ତର ଦିଅନ୍ତୁ । ମୁଁ ଯେଉଁ ସ୍ଥାନକୁ ଯାଉଥିଲି ନଥିଲି, ସେଠାକୁ ଇଏ (ମେହବୁବା ମୁଫତୀ) ଯାଉଥିଲେ...ସେହି ଆତଙ୍କୀଙ୍କ ଘରକୁ।' ଫାରୁକ ଅବଦୁଲ୍ଲା କହିଛନ୍ତି, 'ଏଠି ସହିଦ ହୋଇଥିବା ପର୍ଯ୍ୟଟକଙ୍କ ପରିବାର କହୁଛି, ସେହି ନବବିବାହିତ ଝିଅଙ୍କୁ କହିବାକୁ ଚାହୁଁଛି..ମୁଁ ବି ସେତିକି କାନ୍ଦିଛି, ଯେତେକି ଆପଣ କାନ୍ଦିଛନ୍ତି । ଆଜି ବି ଆମକୁ ନିଦ ଆସୁନି ।

# ଆଦିବାସୀ ସ୍ୱାସ୍ଥ୍ୟ ପରମ୍ପରା ଏବଂ ଔଷଧ ବୋର୍ଡର ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ବିଷ୍ଣୁଦେବଙ୍କ ବଧାଇ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ରାଜଧାନୀ ରାୟପୁରସ୍ଥିତ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ଛତିଶଗଡ ଆଦିବାସୀ ସ୍ୱାସ୍ଥ୍ୟ, ପରମ୍ପର ଓ ଔଷଧ ପାଦପ ବୋର୍ଡର ନବ ନିଯୁକ୍ତ ଅଧ୍ୟକ୍ଷ ବିକାଶ ମରକାମଙ୍କ ପଦଭାର ଗ୍ରହଣ ସମାରୋହରେ ସାମିଲ ହୋଇ ତାଙ୍କୁ ବଧାଇ ଜଣାଇବା ସହ ଶୁଭକାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡ ଆଦିବାସୀ ସମାଜ ଏହି ବୋର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପାଇପାରିବେ। ଏଥିପାଇଁ ଜନ ସଚେତନତା କରାଯାଉଛି। ସେ ଆହୁରି କହିଥିଲେ ଯେ, ଆଦିବାସୀମାନେ ପ୍ରସ୍ତୁତ କରୁଥିବା ଜଡି ବୁଟିରେ ବହୁତ ଗୁଣ ରହିଛି। ଏହି ଔଷଧ ବ୍ୟବହାର କଲେ ଏହା ରୋଗର ନିଦାନ ପାଇଁ ସହାୟକ ହୋଇଥାଏ। ବସ୍ତର ଏବଂ ସରଗୁଜାରେ ଏଥିପାଇଁ ଅପାର ସମ୍ଭାବନା ଥିବା ସୂଚନା ଦେଇ ସେ କହିଥିଲେ, ନବ ନିଯୁକ୍ତ ଅଧ୍ୟକ୍ଷ ଏନେଇ ଧ୍ୟାନ ଦେବେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏବେ ବି ଆମ ରାଜ୍ୟରେ ଗୁଣିଆ ଏବଂ ବୈଦ୍ୟଙ୍କ ସହାୟତାରେ ଚିକିତ୍ସା ଜାରି ରହିଛି। ବହୁ ସମୟରେ ସେମାନଙ୍କ ଚିକିତ୍ସାରେ ଲୋକଙ୍କ ମୃତ୍ୟୁ ଘଟୁଛି। ତେଣୁ ଆଦିବାସୀ ସମାଜ ମଧ୍ୟରେ ସଚେତନତା ଭାବ ଜାଗ୍ରତ କରାଯାଇପାରେ। ସେମାନେ ସଚେତନ ହୋଇ ଏହି ଔଷଧ ବ୍ୟବହାର କରିବେ। ଆଦିବାସୀ ବିକାଶ ମନ୍ତ୍ରୀ ରାମବିଚାର ନେତମ୍ ଏହି ବୋର୍ଡର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ମରକାମଙ୍କ ନେତୃତ୍ୱରେ ଆଦିବାସୀ ଉନ୍ନତମାନର ଚିକିତ୍ସା ପାଇପାରିବେ। ଏହି ସମାରୋହରେ ଲୋକସଭା ସାଂସଦ ବ୍ରଜମୋହନ ଅଗ୍ରୱାଲ, ରାଜ୍ୟସଭା ସାଂସଦ ଦେବେନ୍ଦ୍ର ପ୍ରତାପ ସିଂ, ବିଧାୟକ ରାଜେଶ ମୁଣତ, ମୋତିଲାଲ ସାହୁ, ଗଜେନ୍ଦ୍ର ଯାଦବ, ନୀଳକଣ୍ଠ ଟେକାମ୍, ପ୍ରଣବ ପରପଚି ପ୍ରମୁଖ ଯୋଗ ଦେଇଥିଲେ।

## ୭ରୁ କେଦାରନାଥ ପାଇଁ ହେଲି ସେବା ବୁକିଂ

ରୁଦ୍ରପ୍ରୟାଗ : କେଦାରନାଥ ଯାତ୍ରା ନିମନ୍ତେ ଶ୍ରଦ୍ଧାଳୁ ମାନେ ମେ ୭ ତାରିଖରୁ ଆଇଆରସିଟିସି ଅଧିକାରୀକ ୱେବସାଇଟରେ ବୁକିଂ କରିପାରିବେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରାହୁଲ ଚୌବେ କହିଛନ୍ତି ଯେ ଏଥି ପାଇଁ ଅନ୍ୟ ୱେବସାଇଟ, ସୋସିଆଲ ମିଡିଆ ପେଜ୍,ହ୍ୱାଟସଆପ ଚାଟିଂ ଲିଂକରେ କରାଯାଉଥିବା ବୁକିଂ ଅମାନ୍ୟ ହେବ। ସେହିପରି ପୋଲିସ ବିଭାଗ ମଧ୍ୟ ଶ୍ରଦ୍ଧାଳୁଙ୍କୁ ସତର୍କ କରି କେବଳ ଅଧିକାରୀକ ୱେବସାଇଟ୍ ମାଧ୍ୟମରେ ଟିକେଟ୍ ବୁକିଂ କରିବାକୁ ପରାମର୍ଶ ଦେଇଛି। ଅନ୍ୟ କୌଣସି ମାଧ୍ୟମରେ ବୁକିଂ କେବଳ ଅମାନ୍ୟ ହେବନି ବରଂ ଏପରି ପ୍ରୟାସରେ ସାଇବର ଠକେର ଶିକାର ହେବା ସମ୍ଭାବନା ଅଧିକ ରହୁଛି ବୋଲି କୁହାଯାଇଛି।

## ଅଷ୍ଟ୍ରେଲିଆ ନିର୍ବାଚନ: ଜିତିଲେ ଆନ୍ଥୋନୀ ଆଲବାନିସ୍



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍ ଫେଡେରାଲ ନିର୍ବାଚନରେ ଅଧିକ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହୋଇଛନ୍ତି। ୧୫୦ ଆସନ ବିଶିଷ୍ଟ ପ୍ରତିନିଧି ସଭାରେ ଲେବର ପାର୍ଟି ଅତି କମରେ ୮୪ଟି ଆସନ ହାସଲ କରିଛି। ଲିବରାଲ-ନ୍ୟାସନାଲ ପାର୍ଟି ପାଖାପାଖି ୩୩ଟି ଆସନରେ ବିଜୟୀ ହୋଇଥିବା ବେଳେ ଭୋଟ ଗଣତି ବାକି ରହିଛି। ୨୧ ବର୍ଷ ମଧ୍ୟରେ ଆଲବାନିସ୍ ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଭାବେ କୌଣସି ରାଜନୈତିକ ଦଳରୁ କ୍ରମାଗତ ଦୁଇଟି ନିର୍ବାଚନରେ ବିଜୟୀ ହୋଇଛନ୍ତି। ଟିକସ ହ୍ରାସ, ଶସ୍ତା ସ୍ୱାସ୍ଥ୍ୟସେବା ଏବଂ ପ୍ରଥମ ଥର କ୍ରେତାଙ୍କ ପାଇଁ ନୂତନ ଘର ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ଦଳ ୨୦୫୦ ସୁଦ୍ଧା ନିଟ୍-ଶୂନ୍ୟ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହାସଲ କରିବାର ପ୍ରୟାସର ଏକ ଅଂଶ ଭାବରେ ଜୀବାଶ୍ମ ଇନ୍ଧନ ଚାଳିତ ବିଦ୍ୟୁତ ଜେନେରେଟର ବଦଳରେ ଅକ୍ଷୟ ଶକ୍ତି ଉତ୍ସର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏହି ନିର୍ବାଚନରେ ବିରୋଧୀ ଲିବରାଲ-ନ୍ୟାସନାଲ ମେଣ୍ଟର ନେତା ପିଟର ଡଟନ୍ ପରାଜୟ ସ୍ୱୀକାର କରିଛନ୍ତି।

## ପାକିସ୍ତାନୀ ମହିଳାଙ୍କୁ ବିବାହ କରି ଚାକିରିରୁ ବିଦା ହେଲେ ସିଆର୍‌ପିଏଫ୍ ଯବାନ



ନୂଆଦିଲ୍ଲୀ: ଜଣେ ପାକିସ୍ତାନୀ ନାଗରିକଙ୍କ ସହ ତାଙ୍କ ବିବାହକୁ ଲୁଚାଇବା ଏବଂ ଭିସାର ବୈଧତା ସରିବା ପରେ ବି ଜାଣିଶୁଣି ପାକିସ୍ତାନୀ ପତ୍ନୀଙ୍କୁ ସହଯୋଗ କରିବା ଅଭିଯୋଗରେ ଜଣେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରାଯାଇଛି ।ବହିଷ୍କୃତ ସିଆରପିଏଫ୍ ହେଲେ ମୁନିର ଅହମ୍ମଦ। ତାଙ୍କ କାର୍ଯ୍ୟ ସେବା ଆଚରଣ ନିୟମ ଉଲ୍ଲଂଘନ କରିଛି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଦର୍ଶାଇବା ସହିତ ସମ୍ପୃକ୍ତ କର୍ତ୍ତୃପକ୍ଷ ତାଙ୍କୁ ବହିଷ୍କାର କରିବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ମନୁର ଅହମ୍ମଦ ଜମ୍ମୁ ଏବଂ କାଶ୍ମୀରରେ ସିଆରପିଏଫ ଭାବେ ନିୟୋଜିତ ହୋଇଥିଲେ। ସୋସିଆଲ୍ ମିଡିଆ ସାଇଟ୍ ମାଧ୍ୟମରେ ପାକିସ୍ତାନ ପଞ୍ଜାବ ବାସିନ୍ଦା ମିନାଲ ଖାନଙ୍କ ଅହମ୍ମଦଙ୍କର ଅନ୍‌ଲାଇନ୍‌ରେ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଦୁହେଁ ମେ ୨୦୨୪ ବିବାହ କରିଥିଲେ। ଏକ ଅନଲାଇନ ନିକାହ ମାଧ୍ୟମରେ ସେମାନଙ୍କ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ଏହାପରେ ଅହମ୍ମଦଙ୍କ ପତ୍ନୀ ଭାରତ ଆସିବା ପାଇଁ ଦୀର୍ଘଦିନ ଧରି ଭିସାର ଅପେକ୍ଷା କରିବା ପରେ ମାର୍ଚ୍ଚ ୨୦୨୫ରେ ଭାରତ ଆସିଥିଲେ। ତେବେ ତାଙ୍କର ସ୍ୱଳ୍ପକାଳୀନ ଭିସା ଅବଧି ମାର୍ଚ୍ଚ ୨୨ରେ ଶେଷ ହୋଇଗଲା ଏବଂ ସେ ଭାରତରେ ରହିଗଲେ। ତାଙ୍କ ଓକିଲ ଦାବି କରିଥିଲେ ଯେ ସେ ଦୀର୍ଘକାଳୀନ ଭିସା ପାଇଁ ଆବେଦନ କରିଥିଲେ। ଅହମ୍ମଦଙ୍କୁ ବହିଷ୍କାର କରିବା ପୂର୍ବରୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମିନାଲ ଖାନଙ୍କୁ ଭାରତ ଛାଡିବା ପାଇଁ ନୋଟିସ ଦିଆଯାଇଥିଲା। ଏଥିପାଇଁ ସେ ଜମ୍ମୁ ଛାଡ଼ି ପାକିସ୍ତାନ ପ୍ରବେଶ କରିବା ପାଇଁ ଅଟାରୀ-ୱାଘା ସୀମାରେ ପହଞ୍ଚିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ, ତାଙ୍କୁ କୋର୍ଟ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଫଳରେ ତାଙ୍କୁ ଭାରତରେ ରହିବାକୁ ଅନୁମତି ମିଳିଥିଲା।

## ପାକିସ୍ତାନକୁ ୟୁରୋପୀୟ ଏୟାରଲାଇନ୍ସ ବନ୍ଦ




ନୂଆଦିଲ୍ଲୀ : ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବାର ଆଶଙ୍କା ଥିବାରୁ ପ୍ରମୁଖ ୟୁରୋପୀୟ ଏୟାରଲାଇନ୍ସଗୁଡ଼ିକ ପାକିସ୍ତାନ ଉପରେ ଉଡ଼ିବା ବନ୍ଦ କରିଦେଇଛନ୍ତି । ଏହାର ଅର୍ଥ ହେଉଛି ଏହି ରୁଟରେ ବିମାନ ଯାତ୍ରା ଅଧିକ ଲମ୍ବା ହୋଇପାରେ ଏବଂ ବିମାନ ସମୟ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବଢ଼ିପାରେ। ସୂଚନା ଅନୁସାରେ ପାକିସ୍ତାନ ପୂର୍ବରୁ ଭାରତୀୟ ବିମାନ ସେବା ପାଇଁ କିଛି ବିମାନପଥ ବନ୍ଦ କରିଦେଇଥିଲା। ଏବେ ୟୁରୋପୀୟ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଉତ୍ତର ପାକିସ୍ତାନ ଏୟାରସ୍ପେସକୁ ଏଡାଇବା ଆରମ୍ଭ କରିଛନ୍ତି। ଫ୍ଲାଇଟରାଡାର-୨୧ ଅନୁଯାୟୀ, ଏହି ପରିବର୍ତ୍ତନ ଏପ୍ରିଲ ୩୦ ତାରିଖରୁ ପରିଲକ୍ଷିତ ହୋଇଛି ଏବଂ ମେ ୨ ତାରିଖରୁ ଲୁଫଥାନ୍ସା, ଆଇଟିଏ ଏୟାରୱେଜ୍ ଏବଂ ପୋଲିସ ଏୟାରଲାଇନ୍ସ ମଧ୍ୟ ପାକିସ୍ତାନ ଉପରେ ଉଡ଼ାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ମ୍ୟୁନିଚ୍-ଦିଲ୍ଲୀ, ଫ୍ରାଙ୍କଫର୍ଟ-ମୁମ୍ବାଇ, ଫ୍ରାଙ୍କଫର୍ଟ-ହାଇଦ୍ରାବାଦ ଏବଂ ବ୍ୟାଙ୍କକ୍-ମ୍ୟୁନିଚ୍ ଭଳି ଅନେକ ଲୁଫ୍ଥାନସା ବିମାନ ଏବେ ପାକିସ୍ତାନକୁ ବାଇପାସ୍ କରୁଛନ୍ତି। ସେହିପରି, ଏଲଓଟି ପଲିସ୍ ଏୟାରଲାଇନ୍ସର ୱାର୍ସା-ଦିଲ୍ଲୀ ବିମାନ ଏବଂ ଆଇଟିଏ ଏୟାରୱେଜର ରୋମ-ଦିଲ୍ଲୀ ବିମାନଗୁଡ଼ିକୁ ମଧ୍ୟ ପାକିସ୍ତାନ ଦେଇ ସ୍ଥାନାନ୍ତର କରାଯାଇଛି। ଏହି ରୁଟ୍ ପରିବର୍ତ୍ତନ କୌଣସି ନିୟମିତ କାର୍ଯ୍ୟସୂଚୀର ଅଂଶ ନୁହେଁ, ବରଂ ଏକ ସୁରକ୍ଷା ପ୍ରୋଟୋକଲ୍ ଅନୁସାରେ କରାଯାଇଛି। ଅନେକ ବରିଷ୍ଠ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଏ, ତେବେ ବିମାନ ରୁଟଗୁଡ଼ିକୁ ବଡ଼ ସ୍ତରରେ ପରିବର୍ତ୍ତନ କରାଯିବ।

## ୨୭ରୁ ଚାରିଧାମକୁ ଗଡ଼ିବ ଭାରତ ଗୌରବ ଟ୍ରେନ୍



ନୂଆଦିଲ୍ଲୀ: ବଦ୍ରିନାଥଧାମ, ଜଗନ୍ନାଥଧାମ, ରାମେଶ୍ୱରମ୍ ଏବଂ ଦ୍ୱାରକା ଧାମକୁ ଭାରତ ଗୌରବ ଟ୍ରେନ୍ ୨୭ ତାରିଖ ଠାରୁ ଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ଆରମ୍ଭ ହେବ। ଏହା ଅଧୀନରେ ବଦ୍ରିନାଥ, ମାନା ଗ୍ରାମ, ନରସିଂହ ମନ୍ଦିର, ଯୋଶୀମଠ, ଋଷିକେଶ, ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭଗା ବେଳାଭୂମି, ରାମନାଥସ୍ୱାମୀ ମନ୍ଦିର ଏବଂ ଧନୁଶକୋଡି, ଦ୍ୱାରକାଧୀଶ, ଜ୍ୟୋତିର୍ଲିଙ୍ଗ ଏବଂ ଭେଟଦ୍ୱାରକା ପରି ସ୍ଥାନଗୁଡିକ ପରିଭ୍ରମଣ କରାଯିବ। ଏହି ଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର, ପୁଣେର ଭୀମାଶଙ୍କର ମନ୍ଦିର ଏବଂ ନାସିକର ତ୍ରୟମ୍ବକେଶ୍ୱର ମନ୍ଦିର ପରିଦର୍ଶନରେ ମଧ୍ୟ ସୁଯୋଗ ଉପଲାବଧା କରାଯିବ। ୧୭ ଦିନର ଯାତ୍ରା ମଧ୍ୟରେ ସମସ୍ତ ଭକ୍ତମାନେ ୮୪୨୫ କିଲୋମିଟର ଯାତ୍ରା କରିବେ। ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନରେ ଅନେକ ଆଧୁନିକ ଆରାମଦାୟକ ବୈଶିଷ୍ଟ୍ୟ ଯୋଡାଯାଇଛି, ଯେଉଁଥିରେ ଦୁଇଟି ଡାଇନିଂ ରେଷ୍ଟୁରାଣ୍ଟ, ଏକ ଆଧୁନିକ ରୋଷେଇ ଘର ଏବଂ ଗାଧୋଇବା ପାଇଁ କ୍ୟୁବିକ୍ ବାଥରୁମ୍ ସାମିଲ କରାଯାଇଛି। ସମସ୍ତ କୋଚରେ ବାୟୋ-ଟଏଲେଟ୍ ସହିତ ଶୌଚାଳୟ ଯୋଗାଇ ଦିଆଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ପାଦ ମସାଜର ମଧ୍ୟ ଉପଲବ୍ଧ କରାଯାଇଅଛି। ଏହି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଟ୍ରେନ୍‌ରେ ପ୍ରଥମ ଏସି, ଦ୍ୱିତୀୟ ଏସି ଏବଂ ତୃତୀୟ ଏସିରେ ଟିକେଟ ବୁକ୍ କରାଯାଇପାରିବ।ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଏବଂ ସୁରକ୍ଷାକର୍ମୀଙ୍କ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଟ୍ରେନ୍ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ ମାଧ୍ୟମରେ ପରିଚାଳିତ ହେବ। ଆଇଆରସିଟିସି ୱେବସାଇଟ୍ ମାଧ୍ୟମରେ ମଧ୍ୟ ଟିକେଟ୍ ବିକ୍ରି କରାଯିବ। ଏଥିପାଇଁ ଏକ ପ୍ୟାକେଜ୍ ହାର ସ୍ଥିର କରାଯାଇଛି, ଯେଉଁଥିରେ ଯାତ୍ରା ଟିକେଟ୍ ସହିତ ତିନି ତାରକା ହୋଟେଲରେ ରହିବା, ଦିନକୁ ତିନିଥର ଭୋଜନ, ସମ୍ପୂର୍ଣ୍ଣ ଦର୍ଶନୀୟ ସ୍ଥାନ ବ୍ୟବସ୍ଥା, ଯାତ୍ରା ବୀମା ଏବଂ ଟୁର୍ ପରିଚାଳକଙ୍କ ସେବା ଅନ୍ତର୍ଭୁକ୍ତ। ଏହି ଟ୍ରେନରେ ବୁକିଂ ପାଇଁ ୧୫୦ଟି ସିଟ୍ ଉପଲବ୍ଧ ଅଛି, ଯାହା ପ୍ରଥମେ ଆସ ପ୍ରଥମେ ସେବା ଆଧାରରେ ବୁକ୍ କରାଯିବ। ଭାରତୀୟ ରେଳବାଇର ସୂଚନା ଏବଂ ପ୍ରଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି ଯେ ଦେଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ପରିଚାଳିତ ହେଉଛି। ଏହି ଟ୍ରେନ୍ ଗୁଡିକର ପରିଚାଳନା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିବା ସହଜ ହୋଇଯାଇଛି।

# ବାଣିଜ୍ୟ




ଗୁରୁଗାଓଁ: ହୋଣ୍ଡା ମଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆ ଏପ୍ରିଲ୍୨୦୨୫ ମାସ ପାଇଁ ତାଙ୍କର ବିକ୍ରି ସଂଖ୍ୟା ଘୋଷଣା କରିଛି। ଏହିମାସରେ, କମ୍ପାନୀର ମୋଟ ବିକ୍ରି ୪,୮୦,୮୯୬ ଇଉନିଟ୍ ହୋଇଛି। ଯାହା ମଧ୍ୟରୁ ୪,୨୨,୯୩୧ ଇଉନିଟ୍ ହେଉଛି ଦେଶୀୟ ବିକ୍ରି ଏବଂ ୫୭,୯୬୫ ଇଉନିଟ୍ ହେଉଛିରପ୍ତାନି। ଭାରତରେ ସଡକ ସୁରକ୍ଷା ସଚେତନତା ବଢ଼ାଇବାପାଇଁ, ଦେଶର ୧୨ଟି ସ୍ଥାନରେ ସଚେତନତା ଅଭିଯାନ ଚଲାଇଛି– ନବସାରି (ଗୁଜରାଟ), ଯୋଲକ୍ୟାଣ୍ଡ (ହିମାଚଳପ୍ରଦେଶ), ରାଜାପାଲାୟମ୍ (ତମିଳନାଡୁ), ରାଞ୍ଚି (ଝାଡ଼ଖଣ୍ଡ), ବେଙ୍ଗଡୁବି (ପଶ୍ଚିମବଙ୍ଗ), ଗ୍ୱାଲିଅର (ମଧ୍ୟପ୍ରଦେଶ), ପୁଣେ (ମହାରାଷ୍ଟ୍ର), ବାରାଣସୀ (ଉତ୍ତରପ୍ରଦେଶ), ଅନନ୍ତପୁର (ଆନ୍ଧ୍ରପ୍ରଦେଶ), ତିରୁଭଲ୍ଲୁର୍ (ତମିଳନାଡୁ), ଜୟପୁର (ରାଜସ୍ଥାନ) ଓ ନୂଆଦିଲ୍ଲୀ। ଏହାସହିତ, HMSI ହାଇଦ୍ରାବାଦରେ ଥିବା ତାଙ୍କର ଟ୍ରାଫିକ୍ ଟ୍ରେନିଂ ପାର୍କର ୧୦ମ ବାର୍ଷିକୀ ଉତ୍ସବ ପାଳନ କରିଛି।

## ରଥଯାତ୍ରା ପାଇଁ ଟିପିସିଓଡିଏଲ୍‌ର ବ୍ୟାପକ ପ୍ରସ୍ତୁତି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶା ସରକାର ଏବଂ ଟାଟା ପାୱାରର ଏକ ଯୌଥ ଉଦ୍ୟୋଗ ଟିପିସିଓଡିଏଲ୍ ପୁରୀର ପବିତ୍ର ରଥଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହାରାଇଛି। ଏହି ମହାନ୍ ଉତ୍ସବ ସମୟରେ ପୁରୀ ସହରରେ ୭୪ ମେଗାୱାଟ୍ ପିକ୍ ଭାର ପୂରଣ କରିବା ପାଇଁ ୧୭୦ ଏମଭିଏର ସ୍ଥାପିତ କ୍ଷମତା ସହିତ ଟିପିସିଓଡିଏଲ ଏହି ପବିତ୍ର ଉତ୍ସବକୁ ସମସ୍ତ ଭକ୍ତଙ୍କ ପାଇଁ ସୁନିଶ୍ଚିତ ଏବଂ ସୁରକ୍ଷିତ ଅନୁଭୂତି କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଉତ୍ସବ ପାଇଁ ପ୍ରସ୍ତୁତି ସ୍ୱରୂପ ଟିପିସିଓଡିଏଲ ପୁରୀ ସହରରେ ୪ଟି ୧୨.୫/୧୬ ଏମଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର (ପିଟିଆର) ସ୍ଥାପନ କରିଛି ଯାହା ସ୍ଥାନୀୟ ନେଟୱାର୍କକୁ ସଶକ୍ତ କରିବା ସହ ଭାର ପରିଚାଳନାକୁ ସୁଦୃଢ଼ କରିଛି। ଏହା ଏନ-୨ ରିଡନଡାନ୍ସି ସୁନିଶ୍ଚିତ କରିବ ଯାହା ଫଳରେ ଉତ୍ସବ ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବ। ସମଗ୍ର ନେଟୱାର୍କ ଭୁବନେଶ୍ୱରର ଆଧୁନିକ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟର୍ ଦ୍ୱାରା ଚବିଶ ଘଣ୍ଟା ନିରୀକ୍ଷଣ କରାଯିବ। ଏଥିସହ ସହରଗୁଡ଼ିକରେ ୭୦୦ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ଚବିଶ ଘଣ୍ଟା ନେଟୱାର୍କ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି। ୩୩/୧୧ କେଭି ପ୍ରାଥମିକ ସବଷ୍ଟେସନ୍, ହାଇ ଟେନ୍ସନ୍ (ଏଚଟି) ଏବଂ ଲୋ ଟେନ୍ସନ୍ (ଏଲଟି) ସ୍ୱିଚଗିୟର୍ ସିଷ୍ଟମ୍, ଓଭରହେଡ୍ ଲାଇନ୍ ଏବଂ ଅଣ୍ଡରଗ୍ରାଉଣ୍ଡ୍ କେବଲ୍ ଉପରେ ଉପଯୁକ୍ତ ପ୍ରତିଷେଧକ ମରାମତି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ମୋବାଇଲ୍ ଟ୍ରାନ୍ସଫର୍ମର ତ୍ରୁଟି ଧରିବା, କ୍ରେନ୍, ମ୍ୟାନ୍ ଲିଫ୍ଟର୍ ଏବଂ ସ୍ପେୟାର୍ ଟ୍ରାନ୍ସଫର୍ମର୍ ଭଳି ଆଧୁନିକ ସାମଗ୍ରୀ ମଧ୍ୟ ଯେକୌଣସି ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ ରଖାଯାଇଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କମ୍ପାନୀର ପ୍ରତିବଦ୍ଧତା ବୟାନ କରି କହିଛନ୍ତି କହିଛନ୍ତି ଯେ, 'ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଏକ ଭାବନା ଯାହା ଲକ୍ଷାଧିକ ଲୋକଙ୍କୁ ଏକାଠି କରେ। ଆମେ ସହରକୁ ଶକ୍ତିଶାଳୀ ଏବଂ ସୁରକ୍ଷିତ ରଖିବାରେ ଆମର ଭୂମିକା ପାଇଁ ଅତ୍ୟନ୍ତ ଗର୍ବିତ। ଆମର ଟିମ୍ ଅବିଶ୍ରାନ୍ତ ପରିଶ୍ରମ କରିଛି ଏବଂ ଏହି ମହାନ୍ ଉତ୍ସବର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଭାବନାକୁ ସମର୍ଥନ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।'

## ଭାରତ ବିଶ୍ୱର କଣ୍ଟେଣ୍ଟ, ଫ୍ୟାଶନ୍ ଏବଂ ଆଧ୍ୟାତ୍ମ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବାକୁ ପ୍ରସ୍ତୁତ: ନୀତା ଅମ୍ବାନୀ



ମୁମ୍ବାଇ : ଦେଶର ସର୍ବବୃହତ ମିଡିଆ ଏବଂ ମନୋରନ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ ଜିଓଷ୍ଟାରର ଅଧକ୍ଷା ନୀତା ଅମ୍ବାନୀ ଦୃଢ଼ ଆଶା ପ୍ରକଟ କରିଛନ୍ତି ଯେ ଖୁବ୍ ଶୀଘ୍ର ଭାରତୀୟ କଳା ଏବଂ ହସ୍ତଶିଳ୍ପ ବିଶ୍ୱର ସୌନ୍ଦର୍ଯ୍ୟ ଶାସ୍ତ୍ର ବା ଫ୍ୟାଶନକୁ ଆକାର ଦେବା ଆରମ୍ଭ କରିବ। ସେ କହିଛନ୍ତି ଯେ କେବଳ ଫ୍ୟାଶନ୍ ନୁହେଁ, ଚିକିତ୍ସା, ଆଧ୍ୟାତ୍ମ, ନୃତ୍ୟ ଏବଂ ଭାରତୀୟ କାହାଣୀ ମଧ୍ୟ ବିଶ୍ୱ ମାନଚିତ୍ରରେ ନିଜର ସ୍ଥାନ ସୃଷ୍ଟି କରିବେ। ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ ସେଣ୍ଟରରେ ଆୟୋଜିତ ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଆଣ୍ଡ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭସ) ୨୦୨୫ରେ ନୀତା ଅମ୍ବାନୀ ଏହା କହିଛନ୍ତି। ଏହା ସହିତ ନୀତା ଅମ୍ବାନୀ ନ୍ୟୁୟର୍କର ପ୍ରତିଷ୍ଠିତ ଲିଙ୍କନ୍ ସେଣ୍ଟରରେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା 'ଗ୍ରାଣ୍ଡ ଇଣ୍ଡିଆନ୍ ୱିକେଣ୍ଡ' ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହି ଉତ୍ସବ 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର' ଦ୍ୱାରା ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ନୀତା ଅମ୍ବାନୀ କହିଛନ୍ତି, 'ଶହ ଶତାବ୍ଦୀ ଧରି ଭାରତ ତାର ଜ୍ଞାନ, ଶକ୍ତି ଏବଂ ସୁନ୍ଦରତା ସହିତ ବିଶ୍ୱକୁ ଚକିତ କରିଆସିଛି। କିନ୍ତୁ ଏବେ ଏହା ପୁଣି ଥରେ ଶକ୍ତିଶାଳୀ ହେଉଛି। ଆମେ ଆମର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପ୍ରତି ବେଶ କୃତଜ୍ଞ, ଯାହାଙ୍କ ଦୂରଦୃଷ୍ଟି ଏବଂ ନେତୃତ୍ୱ ବିଶ୍ୱ ମଞ୍ଚରେ ଭାରତର ସ୍ୱରକୁ ପୁଣି ଥରେ ଉଠାଇଛି।

## ସୁରକ୍ଷାକୁ ସୁଦୃଢ଼ କରିଛି ବେଦାନ୍ତ



ସୁନ୍ଦରଗଡ଼ (ଭାସ୍କର ନ୍ୟୁଜ୍) : କୋଇଲା ଖଣି ଶ୍ରମିକ ଦିବସ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ନିଜର ଦୃଢ ପ୍ରତିବଦ୍ଧତାକୁ ଦୋହରାଇଛି। ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡକୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟ କଳାପରେ ସୁରକ୍ଷାମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି। ଏହି ଆଗଧାଡିର ପଦକ୍ଷେପଗୁଡ଼ିକ ହେଉଛି ଏ କଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ, ଡ୍ରୋନ୍-ଆଧାରିତ ନିରୀକ୍ଷଣ ପ୍ରଣାଳୀର ନିୟୋଜନ।ଏହି ଅତ୍ୟାଧୁନିକ ସମାଧାନ ବ୍ୟବସ୍ଥା ମଣିଷ, ପଶୁ ଏବଂ ଯାନବାହାନର ଉପସ୍ଥିତିକୁ ସ୍ୱୟଂକ୍ରିୟ ଭାବରେ ଚିହ୍ନଟ ଏବଂ ରେକର୍ଡିଂ କରି ୫୦୦ମିଟର ବିସ୍ଫୋରଣ ଜୋନର ରିଅଲ୍ ଟାଇମ୍ ଏରିଆଲ୍ମନିଟରିଂକୁ ସକ୍ଷମକରେ। ଏହି ବ୍ୟବସ୍ଥା ଅନଧିକୃତ ପ୍ରବେଶ କ୍ଷେତ୍ରରେ ଲାଇଭ୍ ଷ୍ଟ୍ରିମିଂ ଏବଂ ତୁରନ୍ତ ଆଲର୍ଟକୁ ସହଜ ସହିତ ଏହାର ସମାଦାନ କରିଥାଏ । ବେଦାନ୍ତର ସ୍ମାର୍ଟ ନବସୃଜନ କାର୍ଯ୍ୟକ୍ରମ ସହ ଯୋଗରେ ଆରମ୍ଭ ହୋଇଥିବା ଏହି ଡ୍ରୋନ୍ ବ୍ୟବସ୍ଥା। ଅଧିକାରୀ, ଡ୍ରୋନ୍ସାଇଲଟ୍ ଏବଂ ବିସ୍ଫୋରଣକାରୀ ଅଧିକାରୀଙ୍କ ମଧ୍ୟରେ ଅଡିଓ ଯୋଗାଯୋଗକୁ ମଧ୍ୟ ସହଜ କରିଥାଏ, ଯାହା ସମନ୍ୱୟ ଏବଂ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିଥାଏ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର ଏହି ସୂଚନା ଦେଇ କହିଛନ୍ତି ଯେ 'ବେଦାନ୍ତଆଲୁମିନିୟମରେ, ଆମର ଶ୍ରମଶକ୍ତିର ସୁରକ୍ଷା ଏବଂ କଲ୍ୟାଣପ୍ରାଥମିକତା। କୋଇଲା ଖଣି ଶ୍ରମିକ ଦିବସରେ, ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂଟେକ୍ନୋଲୋଜି ନବସୃଜନର ନେତୃତ୍ୱ ନେଇ ଗର୍ବିତ, ଯାହା ଖନନ କ୍ଷେତ୍ରରେ ସୁରକ୍ଷା ମାନକକୁ ପୁନଃ ପରିଭାଷିତ କରୁଛି, ଯାହା ସ୍ମାର୍ଟ, ସୁରକ୍ଷିତ ଏବଂ ସ୍ଥାୟୀ ପରିଚାଳନା ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ସରିଲା 'ଚାନେଲ ପାର୍ଟନର୍ସ ମିଟ୍'



ନୂଆଦିଲ୍ଲୀ : କାମଧେନୁ ଗ୍ରୁପର ଏକ ବ୍ରାଣ୍ଡ ତଥା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପେଣ୍ଟସ ଏବଂ ଏମଲସନ୍‌ର ଅଗ୍ରଣୀ ନିର୍ମାତା କାମଧେନୁ ପେଣ୍ଟସ ପକ୍ଷରୁ ଓଡ଼ିଶାର ପୁରୀରେ ଆୟୋଜିତ ଦୁଇଦିନିଆ 'ଚାନେଲ ପାର୍ଟନର୍ସ ମିଟ' ସଫଳତାର ସହିତ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ସହରର ଏକ ସମ୍ମାନଜନକ ରିସର୍ଟରେ ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ବ୍ରାଣ୍ଡ ଡିଲର ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକାଶ କରି ରାଜକୁମାର ଶ୍ରୀବାସ୍ତବ, ସିଓଓ, କାମଧେନୁ ପେଣ୍ଟସ, କମ୍ପାନୀର ଆକାଂକ୍ଷିତ ଅଭିବୃଦ୍ଧି ଯୋଜନା ଏବଂ ଆଗାମୀ ବିକ୍ରୟ ରଣକୌଶଳ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଦୀର୍ଘ ୧୫ ବର୍ଷରୁ ଅଧିକ କାଳ ଧରି ରାଜ୍ୟରେ ନିଜର ମଜଭୁତ ଉପସ୍ଥିତି ସହିତ ଏହି ବ୍ରାଣ୍ଡ ନିଜକୁ ରାଜ୍ୟର ଶ୍ରେଷ୍ଠ ୫ଟି ବ୍ରାଣ୍ଡ ମଧ୍ୟରେ ସ୍ଥାନିତ କରିଛି। ରାଜ୍ୟର ଶୀର୍ଷ ପ୍ରଦଶନକାରୀ ଡିଲରମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ବିଷୟ ଥିଲା। ବିଜେତାମାନଙ୍କୁ ଟ୍ରଫି ଏବଂ ଉପହାର କମ୍ପାନୀ ତରଫରୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଯୋଗଦେଇଥିବା ବ୍ୟକ୍ତି ଓ ତାଙ୍କ ପରିବାରଙ୍କ ନିମନ୍ତେ ଆୟୋଜିତ ହୋଇଥିଲା।

## ବେନେଲି, କିୱେ, ମୋଟୋ ଭଲ୍ଟ ପକ୍ଷରୁ ନୂଆ ଡିଲରସିପ୍ ଉଦ୍‌ଘାଟିତ




ନୂଆଦିଲ୍ଲୀ: ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆ, ଉନ୍ନତ ଉପଲବ୍ଧତା ଓ ପ୍ରିମିୟମ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ଏହାର ଭୁବନେଶ୍ୱର ଡିଲରସିପକୁ ଏକ ନୂଆ ରଣନୈତିକ ସହଯୋଗୀ- ଶ୍ରୀ ମୋଟର୍ସକୁ ପୁନଃ ଆବଣ୍ଟିତ କରିଥିବା ସମ୍ପର୍କରେ ଘୋଷଣା କରିଛି। ନୂଆ କରି ଲଂଚ ହୋଇଥିବା ଏହି ଡିଲରସିପ ଭୁବନେଶ୍ୱର ଖାରବେଳ ନଗର ଶୁଭମ ମାର୍କେଟ ନିକଟରେ ଖୋର୍ଦ୍ଧା ଜନପଥ ରୋଡ ରାମ ମନ୍ଦିର ଛକରେ ଅବସ୍ଥିତ ରହିଛି ଏବଂ ଖାରବେଳ ନଗରରେ ଏହାର ସର୍ଭିସ ସେଂଟର ରହିଛି। ଶ୍ରୀ ମୋଟର୍ସର ଡିଲର ଅଧକ୍ଷ ଅଭିଷେକ ଦାସ ଏହି ସହଭାଗିତାକୁ ଏକ ଗ୍ରାହକ-ପ୍ରଥମ ଦୃଷ୍ଟିକୋଣ ଆଣିଛନ୍ତି, ଯାହା ବେନେଲି, କୀୱେ, ମୋଟୋ ଭଲ୍ଟର ବିଶ୍ୱସ୍ତରୀୟ ବିକ୍ରି ଓ ସେବା ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ସହ ଜଡିତ ରହିଛି। ଏହି ସହଭାଗିତା ସମ୍ପର୍କରେ ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝାବଖ କହିଛନ୍ତି, 'ଆମେ ଆମର ନୂଆ ପାର୍ଟନର, ଶ୍ରୀ ମୋଟର୍ସ ମାଧ୍ୟମରେ ଭୁବନେଶ୍ୱରରେ ଆମର ଗ୍ରାହକଙ୍କ ପାଇଁ ବେନେଲି, କୀୱେ , ମୋଟୋ ଭଲ୍ଟର ଅନୁଭୂତି ଆଣିବା ପାଇଁ ଉତ୍ସାହିତ ଅଛୁ। ଏହି ପଦକ୍ଷେପ ସହିତ ଆମେ ଓଡିଶାବ୍ୟାପୀ ଉତ୍କୃଷ୍ଟ ଉପଲବ୍ଧତା, ସର୍ବୋତମ ଶ୍ରେଣୀର ସେବା ଓ ପ୍ରିମିୟମ ମୋଟରସାଇକେଲ ମାଲିକାନା ଅନୁଭୂତି ଦିଗରେ ଆମର ପ୍ରତିବଦ୍ଧତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ସେହିଭଳି ଶ୍ରୀ ମୋଟର୍ସର ଡିଲର ପ୍ରିନ୍ସିପାଲ ଅଭିଷେକ ଦାସ କହିଛନ୍ତି, 'ଆମେ ଭୁବନେଶ୍ୱରରେ ବେନେଲି, କୀୱେ, ମୋଟୋ ମୋରିନି, ଜୋନ୍‌ଟିସ ଓ କ୍ୟୁଜେ ମୋଟର ବ୍ରାଣ୍ଡଗୁଡିକର ପ୍ରତିନିଧିତ୍ୱ କରି ଗର୍ବିତ ଅନୁଭବ କରୁଛୁ। ନୂଆ କରି ଲଂଚ କରାଯାଇଥିବା ଏହି ଶୋ'ରୁମ ବେନେଲି ରେଞ୍ଜରେ ୫୦୦ସିସି ସେଗମେଂଟରେ ମଡେଲଗୁଡିକ ଅନ୍ତର୍ଭୁକ୍ତ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ ୬.୨୦ ଲକ୍ଷ ଟଙ୍କା ରହିଛି। ଏଥିରେ ଟିଆର୍‌କେ ୫୦୨ (ଗ୍ରାଣ୍ଡ ଟୁଅରର୍) ସାମିଲ ରହିଛି। କୀୱେ ରେଞ୍ଜରେ ୧୨୫ ସିସିରୁ ଆରମ୍ଭ କରି ୩୦୦ସିସି ପର୍ଯ୍ୟନ୍ତ ମଡେଲ ସାମିଲ ରହିଛି।





ନୂଆଦିଲ୍ଲୀ: ଭାରତର ଷ୍ଟାର ବକ୍ସର ବିଜେନ୍ଦର ସିଂଙ୍କ କ୍ରିକେଟ ସମ୍ପର୍କୀତ ଏକ ବୟାନ ବିବାଦ ସୃଷ୍ଟି କରିଛି । ବିଜେନ୍ଦର ସୋସିଆଲ ମିଡିଆରେ କ୍ରିକେଟରେ ବୟସକୁ ନେଇ ହେରାଫେରି ଚାଲିଛି ବୋଲି ଲେଖିଥିଲେ। ଏହା ପରେ କ୍ରିକେଟପ୍ରେମୀମାନେ ପ୍ରତିକ୍ରିୟାଶୀଳ ହୋଇଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କୁ ଉଲ୍ଲେଖ କରି ବିଜେନ୍ଦର ଏହି ପୋଷ୍ଟ କରୁଥିବା ଅନୁମାନ କରାଯାଉଛି । ଆପଣଙ୍କ ପୋଷ୍ଟ କାହା ପାଇଁ ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରନ୍ତୁ ବୋଲି ଜଣେ ୟୁଜର୍ସ ଲେଖିଛନ୍ତି । ବକ୍ସିଂରେ ସବୁ କିଛି ଠିକ ରହୁଛି । ଆଉ ସବୁ ଖେଳରେ ଭୁଲଭାଲ ହେଉଛି ବୋଲି ଜଣେ ସମାଲୋଚନା କରି ଲେଖିଛନ୍ତି। ଆଉ ଜଣେ କହିଛନ୍ତି 'ବିଜେନ୍ଦ୍ର, ହୁଏତ ଏହି କାରଣରୁ ତୁମେ ସ୍ୱର୍ଣ୍ଣ ପଦକ ଜିତିପାରିଲ ନାହିଁ। ତୁମେ ନିଜ ଅପେକ୍ଷା ଅନ୍ୟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅ। ତାହା ମଧ୍ୟ ଏକ ଛୋଟ ପିଲା ପ୍ରତି, ଯିଏ କି ତୁମ କ୍ଷେତ୍ରର ହିଁ ନୁହେଁ। ତୁମେ କେବେ ଏହି କ୍ଷେତ୍ରକୁ ଯାଇପାରିବ ବି ନାହିଁ। ମୋତେ ତୁମର ଚିନ୍ତାଧାରା ଉପରେ ଦୟା ଆସୁଛି।' ଆଇପିଏଲ ମେଗା ନିଲାମରେ ବୈଭବଙ୍କୁ ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ ନେଇଥିଲା । ଏହା ପରେ ୧୪ ବର୍ଷର ଜଣେ ଖେଳାଳି ଭାବେ ସେ ବେଶ ଚର୍ଚ୍ଚିତ ହୋଇଥିଲେ । ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚରେ ବୈଭବ ୩୫ ବଲରେ ଶତକ ହାସଲ କରିଥିଲେ । ତାଙ୍କ ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରାଯାଉଛି । ବୈଭବଙ୍କ ପିତା ଏହି ଅଭିଯୋଗର ଉପଯୁକ୍ତ ଜବାବ ଦିଆଯିବ ବୋଲି କହିଛନ୍ତି ।

**୫୨ତମ ମ୍ୟାଚ୍ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

# ଆର୍‌ସିବି ୨ ରନ୍‌ରେ ବିଜୟୀ



ବେଙ୍ଗାଲୁରୁ : ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ ୨୦୨୫ର ୫୨ତମ ମ୍ୟାଚ ଚେନ୍ନାଇ ସୁପରକିଙ୍ଗସ୍ ଓ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବେଙ୍ଗାଲୁରୁ ୨ ରନ୍‌ରେ ଚେନ୍ନାଇକୁ ପରାସ୍ତ କରିଛି। ଚେନ୍ନାଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୧୩ ରନ କରିଥିଲା । ଦଳ ପକ୍ଷରୁ ବ୍ୟାଟିଂ ଓପନ କରିଥିବା ବିରାଟ କୋହଲି ଓ ଜାକବ ବେଥେଲ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ପ୍ରଥମ ୱିକେଟ ଯୋଡ଼ିରେ ୯୭ ରନ କରିଥିଲେ । କୋହଲି ୬୨ ରନ ଓ ବେଥେଲ ୫୫ ରନ କରିଥିଲେ । ଦେବଦତ୍ତ ପଡ଼ିକଲ ୧୭ କରିଥିବାବେଳେ ରଜତ ପଟିଦାର ୧୧ ରନ କରିଥିଲେ। ତେବେ ଆରସିବି ପାଇଁ ସବୁଠାରୁ ବିସ୍ଫୋରକ ଇନିଂସ ଖେଳିଥିଲେ ରୋମାରିଓ ସେଫାର୍ଡ। ସେ ମାତ୍ର ୧୪ଟି ବଲରେ ୬ ଛକା ଓ ୪ ଚୌକା ସହ ୫୩ ରନ କରିଥିଲେ । ଚେନ୍ନାଇ ପକ୍ଷରୁ ମହିଶ ପଥିରଣା ୩ଟି ୱିକେଟ ନେଇଥିବାବେଳେ ସାମ କୁରାନ ଓ ନୁର ଅହମ୍ମଦ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୨୧୪ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲେ ଚେନ୍ନାଇ ସୁପିରକିଙ୍ଗସ। ଚେନ୍ନାଇ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ୨୦ଓଭରରେ ୫ ୱିକେଟ ହରାଇ ୨୧୧ ରନ୍ କରିଥିଲା। ଯାହା ଫଳରେ ୨ ରନ୍‌ରେ ହାରି ଯାଇଥିଲା। ଦଳ ପକ୍ଷରୁ ଆୟୁଷ ମାହେତ୍ରେ ସର୍ବାଧିକ ୯୪ ରନ୍ କରିଥିଲେ। ସେ ମାତ୍ର ୪୮ବଲ୍‌ରେ ୫ଛକା, ୯ଚୌକା ସହିତ ୯୪ ରନ୍ କରିଥିଲେ। ଶେକ୍ ରସିଦ୍ ୧୨, ସାମ କୁରେନ୍ ୫, ରବିନ୍ଦ୍ର ଜାଡେଜା ୭୭, ଏମ୍ଏସ୍ ଧୋନୀ ୧୨, ଶିବମ୍ ଦୁବେ ୮ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ କ୍ରୁର୍ଣ୍ଣାଲ ପାଣ୍ଡ୍ୟା ଓ ୟାସ୍ ଦୟାଲ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଲୁଙ୍ଗି ନାଗିଡି ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ।

## ଆଇପିଏଲ୍ ଅଧାରୁ ପଳାଇଯିବା ଘଟଣାର ମୁହଁ ଖୋଲିଲେ ରାବଡା



ନୂଆଦିଲ୍ଲୀ: ଚଳିତ ଆଇପିଏଲରେ ଗୁଜରାଟ ଟାଇଟାନ୍ସର ଷ୍ଟାର ପେସ ବୋଲର କାଗିସୋ ରାବାଡା ହଠାତ ବ୍ୟକ୍ତିଗତ କାରଣ ଦର୍ଶାଇ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତନ କରିଥିଲେ। କିନ୍ତୁ ଏବେ କ'ଣ ପାଇଁ ଖେଳ ଛାଡିଥିଲେ ତା'ର କାରଣ କହିଛନ୍ତି। ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳୁଥିବା ରାବାଡାଙ୍କୁ ଡ୍ରଗ୍ସ ପରୀକ୍ଷାରେ ବିଫଳ ହେବା ପରେ ହଠାତ୍ ଆଇପିଏଲ ଛାଡି ନିଜ ଦେଶ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଲା ବୋଲି ସେ ସ୍ୱୀକାର କରିଛନ୍ତି। ସେ ନିଜର ଭୁଲ ସ୍ୱୀକାର କରି ଏକ ବିବୃତ୍ତି ଜାରି କରିଛନ୍ତି । ଗୁଜୁରାଟ ଟାଇଟାନ୍ସ ରାବାଡାଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଏବଂ ସେ ଏହି ସିଜନରେ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଏହା ପରେ, ହଠାତ୍ ଏପ୍ରିଲ ୨ ତାରିଖରେ, ରାବାଡା ଆଇପିଏଲ ମଝିରେ ଛାଡି ଦେଶକୁ ଫେରି ଆସିଲେ। ସେତେବେଳେ କୁହାଗଲା ଯେ ସେ ବ୍ୟକ୍ତିଗତ କାରଣରୁ ଫେରି ଯାଇଥିଲେ। ମେ ୨ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ବିଜୟର ଗୋଟିଏ ଦିନ ପରେ, ମେ ୩ ଶନିବାର ଦିନ, ରାବାଡା ଦକ୍ଷିଣ ଆଫ୍ରିକା କ୍ରିକେଟର୍ସ ଆସୋସିଏସନ (ଏସଏସିଏ)କୁ ଉଦ୍ଧୃତ କରି ଏକ ବିବୃତ୍ତି ଜାରି କରିଥିଲେ। କହିଥିଲେ ଯେ ତାଙ୍କର ଡ୍ରଗ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ହଠାତ୍ ଆଇପିଏଲରୁ ଫେରିବାକୁ ପଡିଲା। ରାବାଡା ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ତାଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି। ରିପୋର୍ଟ ଅନୁଯାୟୀ, ରାବାଡା ଜାନୁଆରୀ-ଫେବୃଆରୀରେ ଖେଳାଯାଇଥିବା ଏସଏ୨୦ ଲିଗ୍ ସମୟରେ ଏହି ଔଷଧ ବ୍ୟବହାର କରିଥିଲେ, ଯେତେବେଳେ ସେ ଏମଆଇ କେପ୍ ଟାଉନ୍ ପାଇଁ ଖେଳୁଥିଲେ। ସେ ନିଜେ ଏହା ପ୍ରଶଂସକଙ୍କୁ ଜଣାଇବା ସହ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି। ମୋର ଏହି ଖରାପ ସମୟରେ ଯେଉଁମାନେ ସହଯୋଗ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଉଛି। କିଛି ଦିନ ମଧ୍ୟରେ ମୁଁ ସଫଳତାର ସହ ପୁନର୍ବାର କ୍ରିକେଟକୁ ପ୍ରତ୍ୟାବର୍ତନ କରିବି ବୋଲି ସେ କହିଛନ୍ତି।

# ଖେଳରତ୍ନ ପୁରସ୍କାର ପରେ ସାତ୍ତ୍ୱିକ, ଚିରାଗଙ୍କ ପ୍ରତିକ୍ରିୟା




ନୂଆଦିଲ୍ଲୀ: ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଶେଷରେ ବହୁଦିନ ପରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଖେଳାଳି ଦ୍ୱୟଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଖେଳାଳି ଦ୍ୱୟ କହିଛନ୍ତି, ଫିଟ୍‌ନେସ୍ ସମସ୍ୟା ଯୋଗୁ ସେମାନେ ଏବେ ଖରାପ ସମୟ ଦେଇ ଗତି କରୁଛନ୍ତି। ଏହି ପୁରସ୍କାର ସେମାନଙ୍କୁ ଏହି ସମସ୍ୟାରୁ ଉଦ୍ଧାର ପାଇବାରେ ସହାୟକ ହେବ ବୋଲି ସେମାନେ ଆଶା କରୁଛନ୍ତି। ୨୦୨୩ ବର୍ଷ ପାଇଁ ଚିରାଗ ଓ ସାତ୍ତ୍ୱିକ ଗତବର୍ଷ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ଏହି ସମ୍ମାନ ପାଇଥାନ୍ତେ। ମାତ୍ର ସେତେବେଳେ ସେମାନେ ବିଦେଶରେ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବାରୁ ଏଥିରେ ଯୋଗଦେଇ ପାରି ନ ଥିଲେ। ସେମାନେ ଗତ ଫେବୃଆରୀରେ ମାଣ୍ଡବ୍ୟଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥାନ୍ତେ। ମାତ୍ର ସାତ୍ତ୍ୱିକଙ୍କ ପିତା ଆର. କାଶୀ ବିଶ୍ୱନାଥମଙ୍କ ହୃଦ୍‌ଘାତରେ ପ୍ରାଣହାନି ଘଟିବାରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ଦୁଇ ଖେଳାଳି କହିଛନ୍ତି, ଖେଳରତ୍ନ ପୁରସ୍କାର ଗ୍ରହଣ କରିବା ଲାଗି ସେମାନେ ଗତବର୍ଷ ରାଷ୍ଟ୍ରପତି ଭବନକୁ ଯାଇ ପାରି ନ ଥିଲେ। ତେବେ ଶେଷରେ ସେମାନଙ୍କୁ ମିଳିଛି। ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଆସନ୍ତା କିଛି ମାସ ମଧ୍ୟରେ ସେମାନେ ଟ୍ରାକ୍‌କୁ ଫେରିବା ନେଇ ଦୃଢ଼ ଆଶାବାଦୀ ଅଛନ୍ତି।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ପାଇଁ ନାମ ପଞ୍ଜିକରଣ

ବାରିପଦା (ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ଖେଳାଳି ମାନେ ନିଜ ନିଜର ବିଦ୍ୟାଳୟ ଜରିଆରେ ନାମ ପଞ୍ଜିକରଣ କରିପାରିବେ ଓ ଏଥିରେ ୭ମ ରୁ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ର ଅଂଶ ଗ୍ରହଣ କରିପାରିବେ। ପ୍ରତ୍ୟେକ ଦଳରେ ୭ମର ୩ ଜଣ, ୮ମର ୩ଜଣ, ୯ମର ୪ ଜଣ ଓ ୧୦ମ ଶ୍ରେଣୀର ୫ ଜଣ ଖେଳାଳି ରହିବା ଆବଶ୍ୟକ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ଗୋଟିଏ ବିଦ୍ୟାଳୟରେ ଅତିକମରେ ୧୧ ଜଣ ଓ ସର୍ବାଧିକ ୧୫ ଜଣ ରହିପାରିବେ। ଯଦି ବିଦ୍ୟାଳୟରେ ୭ମରୁ ୧୦ମ ଶ୍ରେଣୀ ନଥାଏ ସେ କ୍ଷେତ୍ରରେ ଉପରୋକ୍ତ ଯେକୌଣସି ଶ୍ରେଣୀରେ ପଢୁଥିଲେ ବ୍ୟକ୍ତିଗତ ଭାବେ ମଧ୍ୟ ନିଜର ନାମ ପଞ୍ଜିକରଣ କରିପାରିବେ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ଗୋଟିଏ ସ୍କୁଲର ଜଣେ ଖେଳାଳି ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ବିଦ୍ୟାଳୟ ପରିଚୟ ପତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଅଧ୍ୟକ୍ଷଙ୍କ ଠାରୁ ବିଦ୍ୟାଳୟରେ ପଢୁଥିବାର ପ୍ରମାଣ ପତ୍ର ସହ ଚଳିତ ମାସ ୪ ତାରିଖରୁ ୮ ତାରିଖ ମଧ୍ୟରେ ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ।

# ଅମ୍ପାୟରଙ୍କ ସହ ଯୁକ୍ତି କରି ଅଡୁଆରେ ଗିଲ୍



ନୂଆଦିଲ୍ଲୀ: ଶୁକ୍ରବାର ଖେଳାଯାଇଥିଲା ଆଇପିଏଲ୍‌ର ୫୧ତମ୍ ମ୍ୟାଚ୍। ମୁହାଁମୁହିଁ ହୋଇଥିଲେ ଗୁଜୁରାଟ ଟାଇଟନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ। ଏହି ମ୍ୟାଚ୍‌କୁ ଗୁଜରାଟ ୩୮ ରନ୍‌ରେ ଜିତି ନେଇଥିଲା। ଏହି ବିଜୟ ସହିତ ଟିମ୍ ପ୍ଲେଅଫ୍ ଦୌଡ଼ରେ ୨ଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ପାଇଛି। କିନ୍ତୁ ଗୁଜରାଟ ଅଧିନାୟକ ଶୁଭମନ ଗିଲ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତାଙ୍କ ବିରୁଦ୍ଧରେ ହୋଇପାରେ କଡା କାର୍ଯ୍ୟାନୁଷ୍ଠାନ । ଏହାକୁ ନେଇ ଗିଲ୍‌ଙ୍କ ଉପରେ ଆଇପିଏଲ ଲଗାଇପାରେ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗ। ଶୁଭମନ ଗିଲ ୩୮ ବଲରେ ୭୬ ରନ୍ କରିଥିଲେ । ତାଙ୍କୁ ୨ଥର ମ୍ୟାଚ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ଦେଖିବାକୁ ମିଳିଥିଲା। ଉଭୟଥର ସେ ଆଇପିଏଲ ଆଚରଣ ସଂହିତାର ଧାରା ୨.୮ ଉଲ୍ଲଂଘନ କରିଥିଲେ । ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍‌ରେ ଥାର୍ଡ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିଲେ ଗିଲ୍। ବାସ୍ତବରେ ଏସ୍‌ଆର୍‌ଏଚ୍ ଇନିଂସର ୧୪ତମ ଓଭରର ଚତୁର୍ଥ ବଲରେ ଗୁଜରାଟ ଟିମ୍ ଅଭିଷେକ ଶର୍ମାଙ୍କ ବିରୋଧରେ ଏଲ୍‌ବିଡବ୍ଲ୍ୟୁ ପାଇଁ ଅପିଲ୍ କରିଥିଲେ । କିନ୍ତୁ ଫିଲ୍ଡ ଅମ୍ପାୟାର ତାଙ୍କୁ ଆଉଟ୍ ଦେଇ ନଥିଲେ। ଯାହା ପରେ ଗିଲ୍ ରିଭ୍ୟୁ ନେଇଥିଲେ। ଏହାପରେ ଥାର୍ଡ ଅମ୍ପାୟର 'ଅମ୍ପାୟର କଲ୍' ଯୋଗୁଁ ଫିଲ୍ଡ ଅମ୍ପାୟାରଙ୍କ ନିଷ୍ପତ୍ତି ପରିବର୍ତ୍ତନ କରିନଥିଲେ। ଯେଉଁକାରଣରୁ ବର୍ତ୍ତିଯାଇଥିଲେ ଅଭିଷେକ ଶର୍ମା। ଥାର୍ଡ ଅମ୍ପାୟରଙ୍କ ନିଷ୍ପତ୍ତି ପରେ ଶୁଭମନ ଗିଲ ରାଗିଯାଇଥିଲେ । ସେ ପଡ଼ିଆ ମଝିରେ ଅମ୍ପାୟରଙ୍କ ସହ କରିଥିଲେ ଝଗଡ଼ା। ସେମାନେ ବହୁତ ସମୟ ଧରି ଯୁକ୍ତିତର୍କ କରୁଥିବା ନଜର ଆସିଥିଲେ। ଯାହାପରେ ଗିଲଙ୍କ ବନ୍ଧୁ ଅଭିଷେକ ଶର୍ମା ତାଙ୍କୁ ଶାନ୍ତ କରିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାରି ମଧ୍ୟରେ ଗିଲଙ୍କ ଉପରେ ବିପଦ ଘାରୁଛି । ଗିଲଙ୍କ ଏହି ରାଗ ତାଙ୍କୁ ପଡିପାରେ ମହଙ୍ଗା । ଏମିତିକି ବିସିସିଆଇ ତାଙ୍କ ଉପରେ ଲଗାଇପାରେ ବଡ ଜରିମାନା। ତେବେ କୁହାଯାଉଛି କି ଗିଲ ୨ଟି ନିୟମ ଉଲ୍ଲଂଘନ କରୁଥିବା ମନେ ହେଉଛି । ଗୋଟିଏ ହେଉଛି 'ଅମ୍ପାୟରଙ୍କ ନିଷ୍ପତ୍ତିରେ ସ୍ପଷ୍ଟ ନିରାଶା' ଏବଂ 'ଅମ୍ପାୟରଙ୍କ ସହ ଯୁକ୍ତିତର୍କ କରିବା।' ଏପରି କରିବା ଆଇପିଏଲ୍ ଆଚରଣ ସଂହିତା ଅନୁଯାୟୀ ୧ କିମ୍ବା ୨ ଲେବଲର ଅପରାଧ ଭାବରେ ବିବେଚନା କରାଯାଇପାରେ। ଲେବଲ୍ ୧ ଅପରାଧ ପାଇଁ ଚେତାବନୀ କିମ୍ବା ତାଙ୍କ ମ୍ୟାଚ୍ ଫିର ୨୫% ପର୍ଯ୍ୟନ୍ତ ଜରିମାନା ଏବଂ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିପାରିବ କିମ୍ବା ୨୬-୫୦% ଜରିମାନା ଏବଂ ଦୁଇଟି ଡିମେରିଟ୍ ପଏଣ୍ଟ ଦେବାକୁ ପଡ଼ିପାରେ। ଲେବଲ୍ ୨ ଅପରାଧ ପାଇଁ ମ୍ୟାଚ୍ ଫିର ୫୦-୧୦୦% ଜରିମାନା ଏବଂ ତିନୋଟି ଡିମେରିଟ୍ ପଏଣ୍ଟ ଦେବାକୁ ପଡ଼ିବ। ଏହା ଗୋଟିଏ କିମ୍ବା ଦୁଇଟି ସସପେନସନ୍ ପଏଣ୍ଟ ମଧ୍ୟ ଦେଇପାରେ। ଯାହା ୪ଟି ଡିମେରିଟ୍ ପଏଣ୍ଟ ପର୍ଯ୍ୟନ୍ତ ହୋଇପାରେ। ତେଣୁ ଲାଗିପାରେ ବଡ ଜରିମାନା । ଏମିତିକି ଗିଲ୍‌ଙ୍କ ଉପରେ ଲାଗିପାରେ ବ୍ୟାନ୍।

**କୃଷି ସୂଚନା**

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ହିସାବରେ ସର୍ବାଧିକ ୧ କୋଟି ଟଙ୍କାର ରିହାତି ବ୍ୟବସ୍ଥା ରହିଅଛି ।
- ଓଡିଶା ମିଲେଟ ମିଶନ ଅନ୍ତର୍ଗତ କ୍ଷେତରେ ଓ ଥାଳିରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଟାଙ୍ଗୀ ଓ ବାଣପୁର ବ୍ଲକରେ ମାଣ୍ଡିଆ, ଯଅ ଓ ବାଜରା ଫସଲ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଅଛି । ମାଣ୍ଡିଆର ଖରିଫ୍ ଉତ୍ପାଦନକୁ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ ଟଙ୍କାର ଚାଷି ମାନଙ୍କ ଠାରୁ କ୍ରୟ କରାଯିବାର ବ୍ୟବସ୍ଥା ରହିଅଛି ।
- ସି ଏମ୍- କିଷାନ ଓ ପି ଏମ୍- କିଷାନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀ ମାନଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- ରାଜ୍ୟ ଯୋଜନା ମାଧ୍ୟମରେ ସମନ୍ୱିତ କୃଷି ପାଇଁ ସଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- କୃଷି ସମୃଦ୍ଧି – ଏହା ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ନିଶୁଳ୍କ କୃଷି ପରାମର୍ଶ ସେବା ୧୫୫୩୩୩ କୁ ଫୋନ୍ କରି ଚାଷୀ ଭାଇ ଓ ଭଉଣୀ ମାନେ ଚାଷ ସମ୍ବନ୍ଧରେ ସମସ୍ତ ସୂଚନା ପାଇପାରିବେ।
- ମୃତ୍ତିକା ପରିକ୍ଷାଗାର ମାଧ୍ୟମରେ ବିନା ଦେୟରେ ମାଟି ପରିକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଓ ଅନୁମୋଦିତ ସାର ପ୍ରୟୋଗ ର ପରାମର୍ଶ ଦିଆଯାଉଛି ।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ରେ ବିଭିର୍ଣ ଫସଲକୁ ବିମାଯୁକ୍ତ କରାଯାଉଛି ।
- ରାଜ୍ୟ ଯୋଜନା ମାଧ୍ୟମରେ ଆଖୁ ଫସଲର ବିଭିର୍ଣ ପ୍ରଦର୍ଶନୀ କ୍ଷେତ୍ର ପାଇଁ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି ।
- ଚାଷୀମାନେ ସରକାରୀ ଅଧିନସ୍ଥ ବିକ୍ରେତାଙ୍କ ଠାରୁ ଉନ୍ନତମାନର ପ୍ରାମାଣିକ ବିହନ ରିହାତି ମୂଲ୍ୟରେ କ୍ରୟ କରି ଅଧିକ ଉତ୍ପାଦନ କରନ୍ତୁ ।

ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ବିସ୍ତୃତ ସୂଚନା ନିମନ୍ତେ ନିକଟସ୍ଥ ବ୍ଲକ୍ କୃଷି କାର୍ଯ୍ୟାଳୟରେ ଯୋଗଯୋଗ କରନ୍ତୁ ।

ପ୍ରକଳ୍ପ ନିର୍ଦ୍ଦେଶକ,
ଆତ୍ମା, ଖୋର୍ଦ୍ଧା

ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା, ଖୋର୍ଦ୍ଧା

**ପୌରପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର**
**ଜଗତ୍‌ସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**

**ନିବେଦନ**


- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଶ୍ରୀମତୀ ସାମା ଜେନା
(ଓ.ଆର.ଏସ)
ନିର୍ବାହୀ ଅଧିକାରୀ
ପୌରପରିଷଦ,ଜଗତସିଂହପୁର

ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ,
ଉପାଧକ୍ଷ
ଏବଂ ସମସ୍ତ ପାରିଷଦ ବୃନ୍ଦ
ପୌରପରିଷଦ, ଜଗତସିଂହପୁର

ଶ୍ରୀମତୀ ଅର୍ଚ୍ଚନା ସିଂହ
ଅଧକ୍ଷା
ପୌରପରିଷଦ, ଜଗତସିଂହପୁର

# ଆଇପିଏଲ୍‌ରେ ସର୍ବାଧିକ ଛକା ମାରିଲେ କୋହଲି



ନୂଆଦିଲ୍ଲୀ: କିଂ କୋହଲିଙ୍କ ଆଉ ଏକ ରେକର୍ଡ। ଶନିବାର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୬୨ ରନ୍‌ର ଇନିଂସ ଖେଳି ଆଇପିଏଲ୍ ଇତିହାସରେ ଆଉ ଏକସଫଳତା ଯୋଡ଼ିଛନ୍ତି ବିରାଟ କୋହଲି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ୩୦୦ ଛକା ମାରିଥିବା ପ୍ରଥମ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ କୌଣସି ଆରସିବି ବ୍ୟାଟର ଫ୍ରାଞ୍ଚାଇଜ୍ ପାଇଁ ଏତେ ସଂଖ୍ୟକ ଛକା ମାରିପାରି ନାହାଁନ୍ତି। ନିଜ ଦଳ ପାଇଁ ଛକ୍କା ମାରିବାରେ କୋହଲି ଆଇପିଏଲ୍‌ରେ ଶୀର୍ଷରେ ରହିଛନ୍ତି। ତାଙ୍କ ପରେ କ୍ରିସ୍ ଗେଲ୍ (ଆରସିବି ପାଇଁ ୨୬୩), ରୋହିତ ଶର୍ମା (ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୨୬୨), କିରନ୍ ପୋଲାର୍ଡ (ମୁମ୍ବାଇ ପାଇଁ ୨୫୮), ଏବଂ ଏମଏସ ଧୋନି (ସିଏଚ୍‌କେ ପାଇଁ ୨୫୭) ଛକ୍କା ମାରିଛନ୍ତି। ଆଜି ଖେଳାଯାଇଥିବା ୨୦୨୫ ସିଜିନର ୫୨ ତମ ମ୍ୟାଚ୍‌ରେ କୋହଲି ମାତ୍ର ୨୯ ବଲ୍‌ରେ ଟୁର୍ଣ୍ଣାମେଣ୍ଟର ସପ୍ତମ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ପ୍ରଥମ ୧୦ ବଲରୁ ସେ ୨୮ ରନ ସଂଗ୍ରହ କରିଥିଲେ, ଯେଉଁଥିରେ ତିନୋଟି ଛକା ଏବଂ ଦୁଇଟି ଚୌକା ଥିଲା। କୌଣସି ଆଇପିଏଲ୍ ଇନିଂସରେ ପ୍ରଥମ ୧୦ ବଲ ମଧ୍ୟରେ ଏହା ତାଙ୍କର ସର୍ବାଧିକ ରନ୍ ସଂଗ୍ରହ ଥିଲା। ଆଜିର ମ୍ୟାଚ୍‌ରେ କୋହଲିଙ୍କ ଜବରଦସ୍ତ ବ୍ୟାଟିଂ ଯୋଗୁ ସେ ଗୁଜରାଟର ସାଇ ସୁଦର୍ଶନଙ୍କ ଠାରୁ ଅରେଞ୍ଜ କ୍ୟାପର ଦାବିଦାର ଛଡ଼ାଇ ଆଣିଛନ୍ତି। ବର୍ତ୍ତମାନ କୋହଲି ଆଇପିଏଲ୍ ୨୦୨୫ରେ ୧୧ ମ୍ୟାଚ ଖେଳି ୫୦୫ ରନ କରି ରନ କରିଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ଗୁଜୁରାଟ ଟାଇଟାନ୍ସର ସାଇ ସୁଦର୍ଶନ। ସେ ବର୍ତ୍ତମାନ ମାତ୍ର ୧୦ ମ୍ୟାଚରେ ୫୦୪ ରନ କରିଛନ୍ତି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ ୧୧ ମ୍ୟାଚରୁ ୪୭୫ ରନ, ଗୁଜୁରାଟ ଟାଇଟାନ୍ସର ଜୋସ୍ ବଟଲର୍ ଏବଂ ଶୁଭମନ ଗିଲ୍ ୧୦ ମ୍ୟାଚରେ ଯଥାକ୍ରମେ ୪୭୦ ଏବଂ ୪୬୫ ରନ ସଂଗ୍ରହ କରିଛନ୍ତି। ଆଜିର ଅର୍ଦ୍ଧ ଶତକ ପରେ କୋହଲି ୨୦୨୫ ଆଇପିଏଲ୍‌ରେ ୫୦୦ରୁ ଅଧିକ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ଗୋଟିଏ ଆଇପିଏଲ୍ ସିଜିନରେ ସେ ଅଷ୍ଟମ ଥର ପାଇଁ ୫୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଯାହା ଆଇପିଏଲ୍ ଇତିହାସରେ ସର୍ବାଧିକ। କୋହଲି ୮ ଥର- ୨୦୧୧, ୨୦୧୩, ୨୦୧୫, ୨୦୧୬,୨୦୧୮, ୨୦୨୩, ୨୦୨୪, ୨୦୨୫ରେ ୫୦୦ ରନ୍ ପୂରା କରିଥିବା ବେଳେ ଡେଭିଡ୍ ୱାର୍ଣ୍ଣର ୭ ଥର ଏବଂ କେଏଲ ରାହୁଲ ୬ ଥର ଅର୍ଦ୍ଧଶତକ ହାସଲ କରିଛନ୍ତି।

# ପ୍ଲେ-ଅଫ୍ ଦୌଡ଼ରୁ ବାଦ ପଡ଼ିଲା ରାଜସ୍ଥାନ



ଜୟପୁର: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ରାଜସ୍ଥାନ ଦଳର ପ୍ଲେ-ଅଫ୍ ଆଶା ଶେଷ ହୋଇଯାଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨ଉଇକେଟ ବିନିମୟରେ ୨୧୭ରନ କରିଥିଲା। ଜବାବରେ ରାଜସ୍ଥାନ ୧୬.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟପକ୍ଷରେ ମୁମ୍ବାଇ ଏହି ବିଜୟ ଦ୍ୱାରା ପ୍ଲେ-ଅଫ୍‌ର ନିକଟତର ହୋଇଛି। ମ୍ୟାଚରେ ରୋହିତ ଶର୍ମା (୩୬ ବଲ୍‌ରୁ ୫୩ରନ) ଓ ର୍‌ୟାନ ରିକେଲଟନ (୩୮ ବଲ୍‌ରୁ ୬୧ରନ) ଚମତ୍କାର ଅର୍ଦ୍ଧଶତକ ସହ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲ୍‌ରୁ ୪୮) ଓ ସୂର୍ଯ୍ୟକୁମାର ଯାଦବ (୨୩ ବଲ୍‌ରୁ ୪୮) ଚିତ୍ତାକର୍ଷକ ବ୍ୟାଟିଂ କରି ମୁମ୍ବାଇ ଇନିଂସର ଫିନିଶିଂ ଟଚ୍ ଦେଇଥିଲେ। ଯଶପ୍ରୀତ ବୁମ୍ରା (୨/୧୫) ଓ ଟ୍ରେଣ୍ଟ ବୋଲ୍ଟ (୩/୨୮) ଓ ଲେଗ୍ ସ୍ପିନର କର୍ନ ଶର୍ମା (୩/୨୩) ପ୍ରଭାବୀ ବୋଲିଂ କରି ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଦଳ ପାଇଁ ବୃହତ୍ ବିଜୟ ଆଣି ଦେଇଥିଲେ। ରାଜସ୍ଥାନ ଦଳର ରହସ୍ୟମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ଟି ବଲ୍ ସାମ୍ନା କରି ବିନା କୌଣସି ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ।

ଶୁଭେଚ୍ଛା ସହ :-

**ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର**

ସ୍ୱା/-
ସମ୍ପାଦକ,
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ସ୍ୱା/-
ଉପାଧକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ସ୍ୱା/-
ଉପଜିଲ୍ଲାପାଳ-ତଥା-ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ଓଡ଼ିଶା ଭାସ୍କର
ODISHA BHASKAR
ସାହିତ୍ୟ





## ବର୍ଷା

**ରଜନୀକାନ୍ତ ମିଶ୍ର**

ବର୍ଷା କେବେ ଗାଏ ମେଘ ମହ୍ଲାର
ଶୂନ୍ୟ ହୃଦୟର ତଳେ
କେବେ ପୁଣି ବୋଳେ ପ୍ରୀତିର ଫଲଗୁ
ସମୟର ଅନ୍ତରାଳେ ।।

ଆସେ ପରା ବର୍ଷା ଆକାଶ ପୃଥିବୀ
ମିଳନ ଦୂତିକା ହୋଇ
ଭରେ ସବୁଜିମା ହସାଏ ସେ ଧରା
ଜୀବନ ସ୍ତବକ ଗାଇ ।।
ବର୍ଷା ପଦପାତେ ବିରାଗ ବିସ୍ମୃତ
ଲୁପ୍ତ ରୌଦ୍ର ଇତିହାସ
ରିକ୍ତ କରିନିଏ ଦେହ ଓ ମନରୁ
ଅସରନ୍ତି ଅବସୋସ ।।
ଗିରି ବନ ନଦୀ ସ୍ଥାବର ଜଙ୍ଗମ
ଭିଜାଏ ବରଷା ଆସି
ହସଇ ପ୍ରକୃତି ହସଇ ନିୟତି
ଉର୍ବୀରେ ଫେରଇ ଖୁସି ।।
ଚାତକ ଚଞ୍ଚୁରେ ଚମକଇ ହସ
ମନେ ଖେଳେ ପାରିଜାତ
ତୃଷ୍ଣାନୀରେ ତା'ର ସତେ ମରୁଝର
ଫିଟି ପଡେ ଅନାହୂତା
ବିଳାସୀ ବରଷା ହୃଦୟେ ସତେକି
ସ୍ନେହ ଅନୁରାଗ ଲେଖା
ବିହି ସର୍ଜନାର ଅନନ୍ୟ ସ୍ୱାକ୍ଷର
ଋତୁଚକ୍ର ପରେ ଦେଖା ।।

*ନୂଆପଡା, କଟକ*

# ଅମିୟ ଅନୁରାଗ



**ସୁଦର୍ଶନ ମହାପାତ୍ର**

ଆମ ଘରର ତଳ ମହଲାରେ ଭଡ଼ାରେ ରହୁଥିବା ଶୁଭମ୍ ମାଆଙ୍କର ପାଟି ଶୁଭିବାରୁ ସେଇ ଆଡକୁ ମନ ଚାଲିଗଲା। ଯେଉଁ ଶୁଭମ୍ କଥା କହୁଛି ସେ ଏଇ ଛଅ ସାତ ବର୍ଷର ହେବ। ସକାଳୁଆ ସ୍କୁଲ। ସେ ନିଶ୍ଚୟ ସ୍କୁଲ ଯିବାକୁ ପ୍ରସ୍ତୁତ ହେଉଛି। ନିଦ ଭାଙ୍ଗୁନଥିବ ଛୁଆଟାର ଆଉ ତାକୁ ତାଗିଦ୍ କରୁଛନ୍ତି ତା'ର ମା ।

ଶୁଭମ୍‌ର ବାପାଙ୍କର ଦୂର ସହରକୁ ବଦଳି ହେଲାପରେ ସେ ରହନ୍ତି ଚାକିରି ଜାଗାରେ ଏବଂ ପନ୍ଦର ଦିନରେ ଥରେ କିମ୍ବା ମାସକୁ ଥରୁଟିଏ ଆସନ୍ତି। ଶୁଭମ୍ ପାଠପଢ଼ା ପାଇଁ ସ୍କୁଲ ନବଦଳେଇ ତା ମାଆ ଏଇଠି ଅଛନ୍ତି।

ମନେ ପଡିଲା ମୋ ପୁଅ ସମ୍ବିତର ପିଲାଦିନର କଥା। ଏମିତି ସକାଳୁ ସକାଳୁ ବିଛଣା ସେ ଛାଡ଼ିବାକୁ ନାରାଜ ହେବାକୁ ତା ମାଆ ଲାଗି ପଡ଼ିଥିବ ତାକୁ ମନେଇବାରେ। କେତେ ଲାଞ୍ଚ ଯାଚିଲା ପରେ ଯାଇଁ ଗେହ୍ଲା ପୁଅ ଆମର ସମ୍ମତି ଦେବ ସ୍କୁଲ ଯିବାକୁ।

ପିଲାଦିନ କଥା ଏମିତି ମନମୁଗ୍ଧକର ରୂପେ ସ୍ମୃତି ପଟଳରେ ଚିର ଜାଜ୍ୱଲ୍ୟମାନ। ଶୁଭମ୍‌ର ଏଇ ଅଝଟପଣ ଶୁଣିବାକୁ ମୁଁ ବେଳେ ବେଳେ କାନଦିଏ ଆଉ ପୁଲକିତ ହୁଏ।

ଶୁଭମ୍ ମୋ ପାଖରେ ସବୁକଥା କହେ। ସବୁକଥା ଅର୍ଥାତ୍ ଛୋଟ ପିଲାର ମଗଜରେ ଗୋଳମାଳ ସୃଷ୍ଟି କରୁଥିବା ଯେତେ କଥା ସବୁକିଛି। ବାସ୍ ତା କଥା ଶୁଣିବାକୁ ମୁଁ ପ୍ରସ୍ତୁତ ରହିଲେ ହେଲା।ତା ଆସିବା ସମୟ ଜାଣି ମୁଁ ଓ ମୋ ପତ୍ନୀ ମଧ୍ୟ ପ୍ରାୟତଃ ପ୍ରସ୍ତୁତ ଥାଉ।ତା ମାଆର ଗାଳି କରିବାର ସୂତ୍ର ହେଉ ଅବା ତା ସାଙ୍ଗ ମାନଙ୍କ ବିଷୟରେ ହେଉ, ସେ ସବୁକଥା ପ୍ରାଞ୍ଜଳ ଭାବେ ବଖାଣି ବସେ। ସବୁଠୁ ବଡ଼କଥା ହେଲା ସେ କଥା କହିଲା ବେଳେ ତା'ର ଆଖି ଏବଂ ଦୋଳାୟମାନ ଅଙ୍ଗଭଙ୍ଗୀ ଇତ୍ୟାଦି ମୋତେ ଖୁବ୍ ଭଲ ଲାଗେ। କେତେ ସମୟ ଧରି ମୁଁ ଏକବାର ମଜ୍ଜିଯାଏ ତା ବାକପଟୁତାରେ।

ଥରେ ଶୁଭମ୍‌ର ଜନ୍ମଦିନକୁ ତା ବାପାଙ୍କ ଅନୁରୋଧରେ ତଳକୁ ଯାଇଥିଲି ତ ସେଇଦିନ ଶୁଭମର ବିଚକ୍ଷଣତାର ଆଭାସ ପାଇଥିଲି। ସେତେବେଳକୁ ସେ ପାଞ୍ଚବର୍ଷର ହୋଇଥିବ।

ମଜାରେ ପଚାରି ଦେଇଥିଲି -' ଆଚ୍ଛା ଶୁଭମ୍ ତୁମକୁ କିଏ ବେଶୀ ଭଲ ଲାଗନ୍ତି ? ବାପା ନା ମାଆ।'

କ'ଣ କହିବ ବୋଧହୁଏ ବିଚରା ବୁଝି ପାରିନଥିଲା ହଠାତ୍। ଥରେ ବାପାଙ୍କ ଆଡକୁ ଚାହିଁଲା ତ ଥରେ ମାଆଙ୍କ ଆଡକୁ ଚାହିଁଲା। ଦୁହେଁ ହସୁଥିଲେ ପୁଅର ଅପ୍ରସ୍ତୁତତାରେ। ତାକୁ ସହଜ ହୋଇ ଉତ୍ତର ଦେବାକୁ ପରାମର୍ଶ ଦେଉଥିଲେ ଦୁହେଁ। ଶୁଭମ୍ ଆଉ ଥରେ ଲେଖାଏଁ ଚାହିଁଲା ଦୁଇ ଜଣଙ୍କୁ ଏବଂ ଶେଷକୁ ଚାହିଁଲା ଜଗନ୍ନାଥଙ୍କ ଫଟୋ ଆଡକୁ।

-' ଜଗନ୍ନାଥ ସବୁଠୁ ଭଲ।' ଉତ୍ତର ଦେଲା ଶୁଭମ୍। ମୁଁ ଅବାକ୍ ହେଇଗଲି ତା ଉପସ୍ଥିତି ବୁଦ୍ଧିରେ।

ମୋ ମନକୁ ଖୁବ୍ ଛୁଇଁଥିଲା ଶୁଭମ୍‌ର ସେଦିନର ଉତ୍ତର। ସେଇ ଦିନ ଠାରୁ ଶୁଭମ୍ ସହିତ ମୋର କଥାବାର୍ତ୍ତା ଜମିଗଲା। ତା ସହିତ ଏମିତି ଅନେକ ତାତ୍ପର୍ଯ୍ୟହୀନ ଆଲୋଚନା ସତେ ସଞ୍ଜିବନୀ ଭାବରେ ମୋର ଅବସରକାଳୀନ ଜୀବନ ଏବଂ ଆମ ଏକାକୀତ୍ୱ ଭାବକୁ ମୁଖରିତ କରୁଥିଲା।

ସ୍କୁଲରୁ ଫେରିବ ତ ବ୍ୟାଗକୁ ମାଆର ଜିମା ଦେଇଦେଇ ଆଗ ଆସିବ ଆମ ଘରକୁ ଆଉ ସିଧା ରୋଷେଇ ଘରକୁ।କାରଣ ସେ ଜାଣେ ସେଇଠି ତା ଜେଜେ ମା ତା ପାଇଁ କିଛି ସୁସ୍ୱାଦୁ ଜିନିଷ ରଖିଥିବେ। ତା'ପରେ ଯାଇଁ ଆସିବ ମୋ ପାଖକୁ।ଆଉ ମୁଁ ଉଦଗ୍ରୀବ ହୋଇ ଅପେକ୍ଷାମାଣ ଥିବି ତାକୁ।

ଶୁଭମ୍ ସ୍କୁଲର ପାଠପଢ଼ା ବିଷୟଠୁ ଆରମ୍ଭ କରି ସାଙ୍ଗମାନଙ୍କ ବିଷୟରେ କଥା ହେବ। କଥା ମଝିରେ ପୁଣି ମୋର ଏକାଗ୍ରତା ପରୀକ୍ଷା କରି ବସିବ। ଯେମିତି -' ଜେଜେ,କହିଲ ମୋ ସାଙ୍ଗ ଚିରାଗ ମୋତେ ଆଜି କେତୋଟି ଚକୋଲେଟ ଦେଇଥିଲା ବୋଲି କହିଥିଲି ?'

ମୁଁ କ'ଣ ମନେ ରଖି ବସିଥାଏ ଯେ ତା'ର ଉତ୍ତର ଠିକ୍ ଦେଇ ପାରିବି ?ତା'ର ସୁନ୍ଦର ପିଲାଳିଆ ଅଙ୍ଗଭଙ୍ଗୀରେ ମୁଁ ଏମିତି ମଜ୍ଜିଥାଏ ଯେ ହଠାତ୍ ଥତମତ ହୋଇ ପଡ଼ିବି। ସେ ସେଇଠୁ ମୋତେ ଅନ୍ୟମନସ୍କ ନ ହେବାକୁ ତାଗିଦ୍ କରିବ। ସରଳାଙ୍କ ଆଗରେ ଯାଇଁ ମୋ ନାଁରେ ନାଲିସ କରିବ।

-' ଏଇ ଜେଜେ ନା ଭାରି ବୋକା। କିଛି ଉତ୍ତର ଠିକ୍ ଭାବରେ ଦେଇ ପାରନ୍ତି ନାହିଁ। ସେ କେମିତି କେଜାଣି ଓଏଏସ୍ ପାଇ ଅଫିସର ହୋଇଥିଲେ ?'

ସରଳା ମୁଚୁକି ମୁଚୁକି ହସିବେ ତା କଥା ଶୁଣି ଆଉ ତା ସପକ୍ଷରେ କହି ତାକୁ ଉତ୍ସାହିତ କରିବେ।

ସେଦିନ ସ୍କୁଲ ସମୟର ସବୁ ଅନୁଭୂତି ନବଖାଣିବାଯାଏ କିମ୍ବା ତା ମାଆ ଆସି ଭିଡ଼ି ଭିଡ଼ି ନେଇ ନଯିବା ଯାଏଁ ସେ ଆମ ପାଖରେ ବସିଥାଏ।

ଶୁଭମ୍‌ର ସ୍ମରଣ ଶକ୍ତି ଖୁବ୍ ପ୍ରଖର। ଓ୍ୱାନ,ଟୁ,ଥ୍ରୀ.. ଭଳି ମୁହେଁ ମୁହେଁ ସେ ତା'ର ପନ୍ଦର କୋଡ଼ିଏ ଜଣ ସହପାଠୀଙ୍କ ନାମ ଅନାୟାସରେ କହିଦେବ। ନିଜ ସାଙ୍ଗମାନଙ୍କ ସମ୍ବନ୍ଧରେ ସେ ପୁଣି ଖୁବ୍ ସ୍ପର୍ଶକାତର। ମୁଁ ଯଦି କୌଣସି ନାମକୁ ଭୁଲ୍ ଭାବରେ ଉଚ୍ଚାରଣ କରେ, ସେ ତା'ର ତୁରନ୍ତ ପ୍ରତିବାଦ କରିବ। ସେ ଭାବୁଥିବା ତା'ର ବେଷ୍ଟ ଫ୍ରେଣ୍ଡକୁ ମୁଁ ଜାଣିଶୁଣି ବଦମାସ୍ କହିଲେ ତା ପାଇଁ ଅସହ୍ୟ ହେବ। ପରେ ମୁଁ ନିଜକୁ ସୁଧାରି ନେଲେ ଯାଇ ସେ ଖୁସି ହେବ।

ଶୁଭମ୍ କେତେ କେତେ ସାଙ୍ଗଙ୍କ ବିଷୟରେ କୁହେ ମୋର କ'ଣ ସବୁ ମନେ ରହେ? ଯଦି ଭୁଲବଶତଃ କୌଣସି ସାଙ୍ଗ ନାମ ସହିତ ଅଲଗା ଘଟଣାକ୍ରମେକୁ ଯୋଡି ଦେବି ସେ ପ୍ରଥମେ ନିରୁତ୍ସାହିତ ହେଲାଭଳି ଦିଶିବ। ଅର୍ଥାତ୍ ତା'ର ଆଶାନୁରୂପ ବୁଦ୍ଧିମତା ମୋ ପାଖରେ ଅଭାବ ବୋଲି ବିବେଚନା କରିବ । ମୋର ସ୍ମରଣଶକ୍ତି ବୃଦ୍ଧି ନିମିତ୍ତ ଚ୍ୟବନପ୍ରାସ, ଆଲମଣ୍ଡ ଇତ୍ୟାଦି ଖାଇବାକୁ ପରାମର୍ଶ ଦେବ।

ଆଗରୁ କହିନଥିବା ଘଟଣାଟିଏ ବିଷୟରେ ମୁଁ ବେଳେ ବେଳେ ମନରୁ ବାନ୍ଧି ପ୍ରଶ୍ନଟିଏ ପଚାରିବି ତ ପ୍ରଥମେ ସେ ଅଳ୍ପ ହଡ଼ବଡ଼େଇ ଯିବ। ହେଲେ କିଛି କ୍ଷଣ ଉତ୍ତାରୁ ସେ ବୁଝିପାରେ ମୁଁ ମିଛ କହୁଛି ବୋଲି। ବୋଧହୁଏ ମୋ ଭିତର କଥାକୁ ମୋ ପଚାରିବାର ଶୈଳୀରୁ ସେ ପଢି ନେଇପାରେ। କିମ୍ବା ତାକୁ ହଇରାଣ କରିବାର ମୋର ମନୋବୃତ୍ତିକୁ ସେ ମୋ ଅଙ୍ଗଭଙ୍ଗୀରୁ ଜାଣିପାରେ। ସେଇଠୁ 'ଜେଜେ ଚିଟିଂ କରୁଛନ୍ତି' ବୋଲି ପାଟି କରି ଖଣ୍ଡ ମଣ୍ଡଳ ପ୍ରକମ୍ପିତ କରିବ।

ଥରେ ଏମିତି ଏକ ଘଟଣାରେ ଶୁଭମ୍‌ର ମାଆ ଉତ୍କ୍ଷିପ୍ତ ହୋଇ ପଡିଲେ ଏବଂ ପୁଅକୁ ଶାସନ କରିବାକୁ ଯାଇ 'ଜେଜେ କୁ ଏମିତି କଥା କହନ୍ତିନି' ବୋଲି କାନଧରି ତାଗିଦ୍ କଲେ। ତଥାପି ଶୁଭମ୍ କି ମାନେ ! ତା ପିଲା ମନକୁ ମୋ ମିଛ କଥା ଆନ୍ଦୋଳିତ କରୁଥିଲା ବୋଧହୁଏ।ସେ ଆହୁରି ଜୋର ଗଳାରେ 'ଜେଜେ ମିଛୁଆ' ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କଲା।

ପ୍ରତିକ୍ରିୟା ସ୍ୱରୂପ ଶୁଭମ୍ ଗାଲରେ ବସିଲା ତା ମାଆଙ୍କ ହାତର ଦୁଇ ଥାପଡ଼। ମୁଁ ସ୍ତମ୍ଭୀଭୂତ ହୋଇଗଲି ଯେମିତି। ଶୁଭମ୍ ମଉଳି ଗଲା ତତକ୍ଷଣାତ୍। ମୋ ଆଡକୁ ଥରେ ଚାହିଁ ଆଖି ଛଳଛଳ କରି ଧାଇଁ ପଳେଇଲା ତଳକୁ। କରୁଣ ଆଖିରେ ସେଇ ଦୃଶ୍ୟକୁ ଦେଖିବା ଛଡା ମୋର ଆଉ କିଛି ଗତି ନଥିଲା।

ପରପର ଦୁଇ ଦିନ ଧରି ଶୁଭମ୍ ଆଉ ଉପରକୁ ଆସିନଥିଲା। ସେଇ ଦୁଇ ଦିନ ଯେ କି ଅସହାୟ ମୋତେ ଲାଗିଥିଲା ସେସବୁ ବର୍ଣ୍ଣନାତୀତ। ଘରଦ୍ୱାର, ବଜାର ସବୁ ମୋତେ ଖାଁ ଖାଁ ଲାଗିଲା।

ତୃତୀୟ ଦିନ ମୁଁ ନିର୍ନିମେଶ ଆଖିରେ ଚାହିଁ ରହିଥିଲି ଶୁଭମ୍‌ର ବସ୍ ସମୟକୁ। ଗତ ଦୁଇଦିନ୍ ହେବ ସକାଳୁ ଏଇ ସମୟରେ ହିଁ ସେ ତା'ର ଦୁଷ୍ଟ ମଧୁର ଚାହାଣି ଉପହାର ସ୍ୱରୂପ ମୋତେ ଦେଇ ଟିକିଏ ସାନ୍ତ୍ୱନା ଦେଇଥିଲା। ହେଲେ ଆଜି କାହିଁକି ନୁହେଁ ?

ତଳକୁ କାନ ପାରିଲି। କିଛି ସୋର ଶବ୍ଦ ନାହିଁ। ଏତେ ବେଳକୁ ପୁଅକୁ ପ୍ରସ୍ତୁତ କରିବାକୁ ଶୁଭମ୍ ମାଆଙ୍କର ପାଟି ଶୁଭିବା କଥା। ବାସ୍ କିଛି ସମୟ ଗେଟ୍ ପାଖରେ ହର୍ଣ୍ଣ ଦେଇ ଦେଇ ବାହାରି ଗଲା।

-' ଛୁଆଟାର କ'ଣ ହୋଇଛି ଯାଇଁ ଟିକିଏ ଦେଖି ଆସୁନା।' ପଛରୁ ସରଳାଙ୍କ ସ୍ୱରରେ ପ୍ରକୃତିସ୍ଥ ହେଲି। ଆଣ୍ଠୁ ଗଣ୍ଠି ଜନିତ ସମସ୍ୟା ପାଇଁ ସରଳାଙ୍କୁ ପାହାଚ ବ୍ୟବହାର ମନା କରିଥିଲେ ଡାକ୍ତର ତ ମୋତେ ଏ କାମ କରିବାକୁ ନିର୍ଦ୍ଦେଶ ମିଳିଲା।

ମୋ ନକ୍ ରେ କବାଟ ଖୋଲିଲେ ଶୁଭମ୍‌ର ମାଆ। ତାଙ୍କ ଆଖିରେ ଲୁହ ଦେଖିଲି।

-' ଦୁଇ ଦିନ ହେବ ତାକୁ ଜରୁଆ ଜରୁଆ ଲାଗୁଥିଲା। ଆଜି ବହୁତ ତାତି ତା ଦେହରେ। ତାକୁ ଡାକ୍ତରଖାନା ନେଇଯିବି ବୋଲି ଭାବୁଛି।'

ଏତିକି ବେଳକୁ ଶୁଭିଲା କ୍ଷୀଣ ସ୍ୱରଟିଏ -' ଜେଜେ...!'

ଓଃ.. ସେ ଡାକରେ କି ନମନୀୟତା ! କେତେ ଆପଣାର ଭାବ! ମୁଁ ଯେମିତି ପାଲଟିଗଲି ଶୁଭମ୍ ବୟସର। ତା'ର ସାଥୀ।ଏକା ଝଟପଟରେ ଯାଇ ତା' ପାଖରେ।

-' ତୁ ଜମା ବ୍ୟସ୍ତ ହୁଅନା। ଏବେ ମୁଁ ତୋତେ ଡାକ୍ତରଙ୍କ ପାଖକୁ ନେଇଯିବି। ଆଜି ହିଁ ତୁ ଭଲ ହୋଇଯିବୁ।' ଶୁଭମ୍‌କୁ ଆଶ୍ୱସନା ଦେଇ କହିଲି।

-' ଜେଜେ, ତୁମେ ରାଗିଛ ? ମୁଁ ଖରାପ ପିଲା...!' ଶୁଭମ୍‌ର କଥା ମୋତେ ବ୍ୟତିବ୍ୟସ୍ତ କରି ପକେଇଲା।

-' ଜମା ନୁହେଁ ବାବୁ। ତୁ ତ ଗୋଟିଏ ସୁନା ପିଲା। ଜେଜେ ହିଁ ମିଛ କହନ୍ତି। ମୋତେ ପା ପିଲାଦିନେ ମୋ ଜେଜେ ମିଛ କହି ଡରାନ୍ତି।'

-' ସତରେ ଜେଜେ ?'

-' ଜେଜେ ମାନଙ୍କୁ ମିଛ କହିବାକୁ ଭଲ ଲାଗେ ତ, ସେଥିପାଇଁ।'

-' ପାପ ହୁଏନା ?'

-' ବୁଢା ଲୋକଙ୍କୁ ପାପ ହୁଏନା।' ମୁଁ ମଜା କରୁଛି ବୋଲି ସେ ବୁଝି ପାରିଲା। ଅଳ୍ପ ହସିଲା।

-' ତୋତେ ଭୋକ ହେଲାଣି କି ଶୁଭମ୍ ?

-' ହଁ ଜେଜେ, ମୁଁ ଶୋଇଥିଲି ତ ଏଯାଏଁ ଖାଇନି। ସ୍କୁଲ ଟାଇମ୍ ହେଲାଣି ?'

ତୁ ଆଜି ସ୍କୁଲ ଯିବୁନି। ଆମେ ଆଜି ଦିନ ଭରି ଗପିବା ହେଲା। କାଲି ମୁଁ ତୋତେ ନିଜେ ସ୍କୁଲରେ ନେଇ ଛାଡି ଆସିବି। ତୋ ସାଙ୍ଗ ମାନଙ୍କୁ ଭେଟି ଆସିବି

ଶୁଭମ୍ ହସିଲା। ତା' ଦେହରେ ଆଉ ଜର ନଥିଲା।

ପରଦିନ ସ୍କୁଲରେ ତାକୁ ଛାଡି ଆସିଲା ବେଳକୁ ଶୁଭମ୍ ତା ସାଙ୍ଗମାନଙ୍କୁ ମୋର ପରିଚିତ କରାଇଲା। -' ଏ ମୋ ଜେଜେ। ପିଲାଦିନେ ସବୁଠୁ ଭଲ ପଢୁଥିଲେ ଜେଜେ। ତାଙ୍କ ନାଁ ପ୍ରଦୋଷ ପଟ୍ଟନାୟକ। ଓଏଏସ୍ ଅଫିସର ଥିଲେ ।

ଏତେ ସବୁ ପିଲାଙ୍କୁ ଦେଖି ଭାବୁଥିଲି ସେଇ ମର୍ମନ୍ତୁଦ ଦୁର୍ଘଟଣା ପୁଅ ବୋହୂ ନାତିଙ୍କୁ ଆମଠୁ ଛଡେଇ ନନେଇଥିଲେ ଆଜି ହୁଏତ ଶୁଭମ୍ ଭଳି ନାତିକୁ ସ୍କୁଲ ଛାଡ଼ିବାକୁ ଆସିଥାନ୍ତି। ଆଉ ସେ କେତେ ଖୁସି କୋଳାହଳ ରେ ତା'ର ପିଲାଦିନକୁ ଉପଭୋଗ କରୁଥାନ୍ତା ! ଆଉ ସେଇ ଖୁସିର ଝଲକ ଆମ ପରିବାରକୁ ଆନନ୍ଦାଲୋକରେ ଭରି ଦେଇଥାନ୍ତା...!

ଆଖି ଲୁହରେ ଝାପସା ହେବାର ଉପକ୍ରମ କଲା ତ ତୁରନ୍ତ ପୋଛିଦେଲି । ନଚେତ୍ ଶୁଭମ୍ ଆଖିରେ ପଡ଼ିଯିବ ତ ଜେଜେ କାନ୍ଦୁଥିଲେ ବୋଲି ଚାରିଆଡ଼େ ହାଲ୍ଲା କରିଦେବ...!!!

*କୁଞ୍ଜବିହାରୀ ଲେନ, କଟକ*

## କବିତା ଗୁଚ୍ଛ

### ଜୀବନର ବାଟ ଫୁଲ କଣ୍ଟାଭରା

**ପ୍ରଶାନ୍ତ କୁମାର ଦାଶ**

ମୁଁ ଦେଖୁଛି ତୁମ ଚନ୍ଦ୍ରମା ମୁହଁରେ
ଫଗୁଣ ଫୁଲର ହସ
ମେଘ ବିଚ୍ଛୁରିତ ମାଟିକୁ ଯେମିତି
ବରଷା କରଇ ବଶ ।।

ତୁମରି ଚାହାଣୀ ପ୍ରେମର କାହାଣୀ
ଲେଖୁଛି ନିରବେ ବସି
ତୁମକଥା ଯଦି ମନେପଡେ ଥରେ
ସୁଖରେ ଦିଏ ମୁଁ ହସି ।।

ଯେଉଁ ମନ ତୁମେ ମତେ ଦେଇଥିଲ
ସେ ମନ ଅଛି ମୋ ପାଖେ
ତମ ସେଇ ସ୍ମୃତି ମିଠା ଜହ୍ନରାତି
ମତେତ ପାଖକୁ ଡାକେ ।।

ମୋ ଆଖିର ଲୁହ ପାଲଟିଛି ଆଜି
ଦୁଃଖର ଅଳସୀ ନଈ
ଖୋଜୁଛି ତୁମକୁ ମନେ ଆଶା ସଞ୍ଚି
ବୀରହର ଗୀତିଗାଇ ?।।

ତୁମ ପ୍ରେମ ପ୍ରୀତି ମିଳନର ଗୀତି
ସତେକି ଅମୃତଧାରା
ତମ ମୁଖ ଛବି ଦେଖେ ମୋ ନେତ୍ରରେ
ଚେଇଁରହି ରାତିସାରା ।।

ଜଟିଳ ଜ୍ୟାମିତି ପରି ଏ ଜୀବନ
ଫୁଲ ଆଉ କଣ୍ଟାଭରା
ସବୁ ଦୁଃଖଭୁଲି ପାରୁଥିବି ଚାଲି
ସହି ନିଦାଘର ଖରା ।।

*କୁଞ୍ଜର, ସଙ୍ଗଲାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

### ନିରବ ଆଖିର ଲୁହ

**ଡକ୍ଟର ମନସା ଶ୍ରୀଚନ୍ଦନରାୟ**

ଭୂସ୍ୱର୍ଗର ପାଇନ୍ ଗଛତଳେ
ଦୁଇ ପ୍ରେମ ପକ୍ଷୀ
ପ୍ରେମ ଗୀତ ଗାଉଥିବାବେଳେ
ଧର୍ମ ନାମରେ ମଣିଷର କ୍ରୁର ଆଚରଣ
ପ୍ରେମିକଟି ଟଳି ପଡ଼େ
ପ୍ରେମିକା ଆଗରେ
ଛିଟିକି ପଡେ଼ ବୁନ୍ଦାବୁନ୍ଦା ରକ୍ତ
ଖସି ପଡ଼େ ହୃଦ ଖଣ୍ଡଖଣ୍ଡ
କ୍ଷଣିକରେ ଲିଭିଯାଏ ସ୍ୱପ୍ନ ସମ୍ଭାବନା
ଆକାଶେତ ଲାଗିଯାଏ ନିଆଁ
ଆଖି ଆଗରେ କୁହୁଳି ଉଠେ
ଧର୍ମ ଧର୍ମ ନାମରେ
କାହିଁ କେଉଁ ଯୁଗର ଅସମାହିତ ଧୂଆଁ
କାନ୍ଦୁରା କାନ୍ଦୁରା ଦେଖାଯାଏ
ଇତିହାସର ସାକ୍ଷୀ ସୂର୍ଯ୍ୟ
ନିରବ ଆଖିର ଲୁହ
ଆଉ କୋରେଇ ହେଇଯାଉଥିବା
ହୃଦୟ ପାଖରେ
ମୂଲ୍ୟ କ'ଣ ତନାଘନା,ରାଜନୀତି, ଯୁଦ୍ଧ ଏସବୁତ
ଆଜି ଅଛି କାଲିକୁ ନଥିବ
ମାଆ କୋଳ ପୁଅ, ଭଉଣୀର ରାକ୍ଷୀ
ଅର୍ଦ୍ଧାଙ୍ଗିନୀ ମଥାର ସିନ୍ଦୂର ଆଉ କି ଫେରିବ ?
ମାନବ ଧର୍ମ କ'ଣ ଆଉ କେବେ ପ୍ରତିଷ୍ଠା ହେବନି
ମଣିଷଟେ କଣ ମଣିଷତ୍ୱକୁ କେବେବୁଝିବନି ?
ବୀର ନୁହେଁ ଗୁଳି କରି କେଉଁଠି ଲୁଚିବା
ବୀର ସିଏ ଯିଏ ନିଜ ରକ୍ତର ଶବ ଧରି ଘରକୁ ଫେରିବା
ବୁକୁ ଫଟାଇ ନ୍ୟାୟ ପାଇଁ ଚିତ୍କାର କରିବା।

*ବରିଷ୍ଠଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର*
*ଶିକ୍ଷା ମନ୍ତ୍ରାଳୟ*
*ଭାରତ ସରକାର*
*ଭୁବନେଶ୍ୱର -୯*

### ପ୍ରକୃତ ଦାନୀ

**ଶେଖ୍ ମୁନତାଜ୍ ଖାତୁନ୍**

କୁନା ପଚାରିଲା ଅଜା ଆଇଙ୍କର ପାଖରେ ଥାଇ
କଥାଟେ ମନରେ ଆସୁଛି ଅଜା ହେ ! ଦିଅ ବତାଇ ?
ହରିଶ୍ଚନ୍ଦ୍ର ରାଜା ଦାନୀ ବୋଲାଇଲେ କିପରି କୁହ ?
ରାଜ୍ୟ ତ ରାଜାର ସିଂହାସନ ଟା ବି ନିଜର ନୁହଁ !

ନିଜ ଧନ ସିନା ଦାନ କରିଦେଲେ ଦାନୀ ବୋଲାଇ
ଅନ୍ୟର ଦରବ କେଉଁ ଅଧିକାରେ ଦେବା ବା କେହି !
ଶବ୍ୟା ରାଣୀ ଆଉ ରୋହିତ କୁମାର; ମାଆ ପୁଅ ଦୁଇ
ଧର୍ମ ସମ୍ପର୍କରେ ରାଜାଙ୍କର ସ୍ତ୍ରୀ ପୁତ୍ର ବୋଲାଇ ?

ମିଛ ମାୟା ସଂସାରରେ ଯେବେ କେହି କାହାର ନୁହେଁ,
କେଉଁ ଅଧିକାରେ ବିକିବେ ତାହାଙ୍କୁ ଅଯୋଧ୍ୟା ରାଏ !
ଜାଣିଥିଲେ କୁହ ପ୍ରିୟ ଅଜା ମୋର ନିଗୂଢ଼ ସତ୍ୟ
ସତ୍ୟସନ୍ଧ ରାଜା ବିକି ପାରିବେ କି ଭାର୍ଯ୍ୟା ଓ ପୁତ୍ର !
ଏଇ କାରଣରୁ ଯଦିବା ତାହାଙ୍କୁ କହିବା ଦାନୀ,
କାହିଁକି କେଜାଣି (ଅଜା ହେ), ଅବୁଝା ମନ ମୋ ଜମା ମାନୁନି ।

କୁନା ମନକଥା ବୁଝିପାରି ଅଜା କହିଲେ ଧୀରେ,
ଏଇଥି ପାଇଁ କି ଏତେ ମନ ଊଣା କରୁଛୁ କିରେ !
ହରିଶ୍ଚନ୍ଦ୍ର ରାଜା ସତ୍ୟସନ୍ଧ ବୋଲି ଜାଣିଛୁ ତୁହି
ସତ୍ୟ ରକ୍ଷା ପାଇଁ ସବୁକିଛି କରିପାରନ୍ତି ସେହି ।

ରାଜ୍ୟ ରାଜସିଂହାସନ ଦେଇଦେଲେ ନଥିଲା ଦୁଃଖ
ଭାର୍ଯ୍ୟା ପୁତ୍ର ବିକି ରଖିଲେ ସେ ସତ୍ୟର ଟେକ ?
ଏଥିପାଇଁ ତାଙ୍କୁ ଦାନୀ କୁହାଯାଏ ସାରା ସଂସାରେ
ନିଜକୁ ସେ ବିକିଦେଲେ ଯେତେବେଳେ ଚଣ୍ଡାଳ ଘରେ ?

ନାହିଁ ଅହଙ୍କାର ନଥିଲା ତାଙ୍କର ମନେ ବିକାର
ପ୍ରାଣ ଯାଉ ପଛେ ବଚନ ରକ୍ଷା ଧର୍ମ ରାଜାର ?
କଥା ଦେଇ କଥା ରଖିବା ପାଇଁ ସେ କରିଲେ ପଣ
ପ୍ରଜାଙ୍କ ସୁରକ୍ଷା ସକାଶେ କରିଲେ ସର୍ବସ୍ୱ ଦାନ ?
ନିଜର ବଡିମା, ସମ୍ମାନ ଅର୍ଥେ କରେ ଯେ ଦାନ,
ସେ ବ୍ୟକ୍ତି ନୁହଁଇ ବାବୁରେ ଦାନୀ ପଣରେ ଗଣ୍ୟ ?
ସମାଜ ଓ ଦେଶ ହିତରେ ଯିଏ ନିଜକୁ ହାରେ
'ପ୍ରକୃତ ଦାନୀ' ସେ ବୋଲାଏ ବାବୁ ଏଇ ଧରାରେ ?

*ମୋ- ୭୮୭୩୮୩୩୭୪୭*

### ପୁରସ୍କାର

**ପ୍ରଭୁ କଲ୍ୟାଣ ମହାପାତ୍ର**

ଦିଆ, ନିଆ ହୁଏ ଏଠି କେତେ ପୁରସ୍କାର,
ତାହା ପୁଣିଥାଏ ଭିନ୍ନଭିନ୍ନ କିସମର।
କେଉଁଠି ଚିହ୍ନ ତାହା ପୂର୍ବଜଙ୍କ ସ୍ମୃତିର,
ଅନ୍ୟଠି ତାହା ସ୍ୱୀକୃତି ଅମୂଲ୍ୟ ଦାନର।
ଏବେତ ମିଳୁଛି ମାଳମାଳ ପୁରସ୍କାର,
ତହିଁରୁ ଖାଣ୍ଟି ବାଛିବା ଅତି କଷ୍ଟକର।
ତାହା ଦେବା ଲାଗିଚାଲିଥାଏ କେଁକଟର,
ନେବାପାଇଁ ଭିଡ଼ାଭିଡ଼ି ନସରପସର।
ପୁରସ୍କାର କାହା ପାଇଁ ପଣ୍ୟ ବେପାରର,
କେଉଁଠି ପ୍ରତୀକ ତାହା ଆତ୍ମସମ୍ମାନର।
ଜଳ ପାଇଁ ମୀନ ହୁଏ ଯେମିତି ଆତୁର,
କା'ଲାଗି ଏହା ସେମିତି ନିହାତି ଦର୍କାର।
ପୁରସ୍କାର ଦେବା ପାଇଁ କିଏ ହରବର,
ତାହା ନେବା ଲାଗି ପୁଣି ଆନତରତର।
ତାହା ପାଇବାକୁ କିଏ ସାଜେ ବଟସ୍କର,
ମାରିବାକୁ ପଡ଼େ ପୁଣି କେତେ ନମସ୍କାର।
ସେଥିପାଇଁ ଚାଲେ କେତେ ଯୋଗାଡ଼ ଜନ୍ତର,
ଚାପର ପ୍ରହାର ସହ ଅର୍ଥ କାରବାର।
ତଥାପି ରହିଛି ଆଦର ଏହି ଭୂଷଣର,
ତାକୁ କରିହୁଏ ନାହିଁ ପରା ହତାଦର।
ଅସଲି ପୁରସ୍କାର ରରହିଛି ଆଦର,
ନକଲି ବିଭୂଷଣକୁ ଦୂରରୁ ଜୁହାର।

### ନିବୁଜ ଘରର କାହାଣୀ

**ଡ଼ ସୀତାକାନ୍ତ ତ୍ରିପାଠୀ**

ନିବୁଜ ଘରର କାହାଣୀ
କାଇଁ କେତେ ଦିନରୁ ଆଉ କାହିଁକି ଘରଟି
ନିବୁଜ ରହିଛି ତାର ସଠିକ୍ ହିସାବ
କାହାରି ପାଖରେ ନାହିଁ।
ନଜାଣିଲା ଲୋକେ ଜାଣିଲା ଭଳି
କୁହନ୍ତି ସେଠି କାଳେ ଅଶରିରୀମାନେ ରୁହନ୍ତି
ଆଉ ଚୁପ୍ ଚାପ ନିଜ ନିଜ ଭିତରେ କଥା ହୁଅନ୍ତି।

କିଏ କହେ ଇଏ ଗୋଟେ ବଉଁଶବୁଡ଼ା ପରିବାରର କାହାଣୀ
ତ ଆଉ କିଏ କୁହେ ଇଏ ହେଲା ଜଣେ
ଉଦ୍ଧତ- ଅତ୍ୟାଚାରୀ କିମ୍ବା ନିସଙ୍ଗର ଆତ୍ମଲିପି।
ଘର ଖୋଲା ଥିଲେ ଅନ୍ତତଃ ଜାଣି ହୁଅନ୍ତା
ଏହାର ଅସଲ ସ୍ୱରୂପ ଆଉ ମିଳି ପାରନ୍ତା
ଏ ବାବଦୀୟ କିଛି ନଥିପତ୍ର ।
କିନ୍ତୁ ଆଇନକୁ ହାତକୁ ନେଇ
ଏ ବାବଦରେ ଭାବିବା ଆଉ ଚିନ୍ତା କରିବାର ଅବକାଶ
ଏ ପର୍ଯ୍ୟନ୍ତ ବୋଧେ କାହାକୁ ଯୁଟିନାହିଁ।
ଆମ ମନ କଣ ନିବୁଜ ଘରର କାହାଣୀ ଠାରୁ କିଛି କମ,
ସେ ବିଷୟରେ ନା ଅଛି କିଛି ଶୋଚନା ନା କିଛି ଅନ୍ତର୍ଦାହ
ବରଂ ଫାଙ୍କି ଚାଲିବାର ଅଦମ୍ୟ ଲାଳସା।

*ଅର୍ଣ୍ଣପାଳ,ଭଦ୍ରକ, ମୋ-୯୭୭୮୭୬୪୩୯୪*

### ତୁମେ ଆସ ଏ ସଞ୍ଜରେ

**ନୀଳମଣି ଚାନ୍ଦ**

ତୁମେ ଆସ ଏ ସଞ୍ଜରେ ଶୁଣି ବେଣୁ ତାନ
ଭୁଲିଯାଇ ମନୁ ସବୁ ରାଗ ଅଭିମାନ।

ନଭେ ଥାଇ ତାରା କରୁଥିଲେ ମିଟି ମିଟି
ଜହ୍ନ ହସୁଥିଲା ଜ୍ୟୋତ୍ସ୍ନା ପୀୟୁଷକୁ ବାଣ୍ଟି
ଆଗୋ ରାଧା ତୁମ ପାଇଁ ଝୁରେ ଏକା ଶ୍ୟାମ।

ମନ ଯମୁନାରେ ଏବେ ଉଠୁଛି ଜୁଆର
ଆସ ଆସ କଦମ୍ବଟି ଡାକେ ବାରବାର
ପ୍ରୀତି ଭରା ମଧୁ ଝରା ଲାଗେ ତୁମ ନାମ।

ଏ ମିଳନ ପାଇଁ ଥିଲା ପ୍ରତୀକ୍ଷାଟି ଏତେ
ଭାଷାରେ ହେବନି ବର୍ଣ୍ଣ ସଂଯୋଗକୁ ସତେ
ତୁମେ ଆସ ପ୍ରତୀକ୍ଷାର ଅନ୍ତ ହେବ ଆମ।

*ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଞ୍ଚପିଡ଼ ଉପଜିଲ୍ଲାପାଳ ପ୍ରୋମୋଦ ଚାନ୍ଦ ଗତ ୩୦ ତାରିଖ ଦିନ ନିଜ ଚାକିରୀ କାର୍ଯ୍ୟକାଳରୁ ଅବସର ନେଇଛନ୍ତି। ଏହି ଅବସରରେ ପ୍ରେସକ୍ଲବ୍ କରଞ୍ଜିଆ ପକ୍ଷରୁ ଶୁକ୍ରବାର ଦିନ ରାଜସ୍ୱ ବିଭାଗ ବିଶ୍ରାମାଗାର ସମ୍ମିଳନୀ କକ୍ଷରେ ପ୍ରେସ କ୍ଲବ୍ ସଭାପତି ଧରଣୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦାୟୀ ଉପଜିଲ୍ଲାପାଳ ପ୍ରୋମୋଦ ଚାନ୍ଦ, ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ ଯୋଗ ଦେଇଥିଲେ। ସଭାରେ ବିଦାୟୀ ଉପଜିଲ୍ଲାପାଳଙ୍କୁ ପ୍ରେସକ୍ଲବ୍ ପକ୍ଷରୁ ଏକ ମୁଗୁନିପଥରର ଗଣେଶ ମୂର୍ତ୍ତି ଉପହାର ଦେବା ସହିତ ସାଲ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରେସ କ୍ଲବ୍ ସମ୍ପାଦକ ସ୍ୱାଗତ ଭାଷଣ ସହିତ ବିଦାୟୀ ଉପଜିଲ୍ଲାପାଳ କାର୍ଯ୍ୟକାଳ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜକୁମାର ବେହେରା, ଭାଗବତ ଚନ୍ଦ୍ର ଦାସ, ରମାକାନ୍ତ ଦାସ, ବିଦାୟୀ ଉପଜିଲ୍ଲାପାଳଙ୍କ ସମୟର ଉଲ୍ଲେଖନୀୟ କାର୍ଯ୍ୟକୁ ବର୍ଣ୍ଣାଇଥିଲେ। ପରେ ବିଦାୟୀ ଉପଜିଲ୍ଲାପାଳ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସେହିପରି ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ବିଦାୟୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତାକୁ ଅନୁସରଣ କରିବେ ବୋଲି କହିଥିଲେ। ଶେଷରେ ସତ୍ୟବ୍ରତ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ସିଆଇଟିୟୁ ଆନୁକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ

କୋଇଡା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକର କୋଇଡା ସିଟୁ କାର୍ଯ୍ୟାଳୟ ପରିସରରେ ସିଆଇଟିୟୁ ତରଫରୁ ସିଟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବିଶାଳ ଶ୍ରମିକ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଯୁବ ଆଇନଜୀବୀ ବାଦଲ ବାରିକ, କୋଇଡା ଡିଗ୍ରୀ କଲେଜ ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ସିଟୁ ନେତା ଅଶୋକ ସାମଲ, ସିଟୁର ବହୁତ ନେତୃବୃନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ପ୍ରାରମ୍ଭରେ ସିଟୁ ଦଳୀୟ କର୍ମୀବୃନ୍ଦ ଏକ ବିଶାଳ ଶୋଭାଯାତ୍ରାରେ କୋଇଡ଼ା ସିଟୁ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରି ବସଷ୍ଟାଣ୍ଡ ନିକଟସ୍ଥ ରୁଙ୍ଗଟା ମାର୍କେଟ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଦେଶ ନିର୍ମାଣରେ ଶ୍ରମିକମାନଙ୍କର ଯୋଗଦାନ ଅନନ୍ୟ ଓ ଅବର୍ଣ୍ଣନୀୟ ଘାତ ପ୍ରତିଘାତକୁ ଖାତିର ନକରି ନିଜର ଲହୁ, ଝାଳ ଓ ଶ୍ରମ ଦାନରେ ସେମାନେ ଦେଶର ପ୍ରଗତିକୁ ଆଗେଇ ନେଇଛନ୍ତି। ଦୁଃଖର ବିଷୟ ଶ୍ରମିକମାନେ ଆଜି ଶୋଷଣର ଶିକାର ହେବାକୁ ଯାଉଛନ୍ତି। ବର୍ତ୍ତମାନର ସରକାର ଶ୍ରମ ନିୟମକୁ ଦଳିଚକଟି ମାଲିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି। ଶ୍ରମିକମାନେ ୮ଘଣ୍ଟା ଶ୍ରମ ଦାନ ନିୟମ ଥିବାବେଳେ ବର୍ତ୍ତମାନ ୧୨ ଘଣ୍ଟା ଶ୍ରମଦାନ ପାଇଁ ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି। ଶ୍ରମିକମାନଙ୍କ ମୌଳିକ ଅଧିକାର ଛଡ଼ାଇ ନେବାକୁ ବସୁଛନ୍ତି। ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ଆଇନ କାନୁନ କାଟଛାଟ କରାଯାଉଛି। ଅଧିକାଂଶ ଲାଭଜନକ ସରକାରୀ ଶିଳ୍ପାନୁଷ୍ଠାନ, ରେଳ, ବ୍ୟାଙ୍କ, ଏରୋଡ୍ରମ, ସେଲ୍, ହାଲ୍, ଏଲଆଇସି, ଏସଏନେଲ, ଶିକ୍ଷାନୁଷ୍ଠାନକୁ ଘରୋଇକରଣ କରିବାକୁ ଯାଉଛନ୍ତି। ତେଣୁ ଏହା ବିରୋଧରେ ଆସନ୍ତା ମେ ୨୦ ତାରିଖ ଦିନ ସର୍ବଭାରତୀୟ ସ୍ତରରେ ଭାରତ ବନ୍ଦ ଡାକରା ବିଭିନ୍ନ ଟ୍ରେଡ ୟୁନିଅନ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଛି। ତେଣୁ ସମସ୍ତ ଶ୍ରମିକ ଏହି ବନ୍ଦରେ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନକୁ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ସିଟୁ ସବୁବେଳେ ସର୍ବହରା ଶ୍ରମିକମାନଙ୍କ ସ୍ୱାର୍ଥ ସହିତ ଅଛି। ଶ୍ରମିକମାନଙ୍କ ନାର୍ଯ୍ୟ ଦାବି ପାଇଁ ସବୁବେଳେ ଲଢେଇ ଜାରି ରଖିଛି ଏବଂ ରଖୁଥିବ। ତେଣୁ ସମସ୍ତେ ସିଟୁ ଛାତ ତଳେ ରହି ଶ୍ରମିକର ହକ୍ ପାଇଁ ଲଢେଇ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

## କେ ନରସିଂହ ରେଡ୍ଡୀ ଏନଟିପିସି କଣିହାର ନୂଆ ଇଡି

କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁର ଇଡି ଏବଂ ପ୍ରକଳ୍ପ ମୁଖ୍ୟ ଭାବରେ କେ ନରସିଂହ ରେଡ୍ଡୀ ଏପ୍ରିଲ ୩୦ ତାରିଖ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗଦାନ ପରେ ଏନଟିପିସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ତାଙ୍କୁ



ଫୁଲତୋଡା ଦେଇ ସ୍ୱାଗତ କରିଥଲେ। ୧୯୬୬ ମସିହା ଏପ୍ରିଲ ୨ତାରିଖରେ ଜନ୍ମଗ୍ରହଣ କରିଥିବା ରେଡ୍ଡୀ ୫ ସେପ୍ଟେମ୍ବର ୧୯୮୯ ମସିହାରେ ମେକାନିକାଲ୍ ରକ୍ଷଣାବେକ୍ଷଣ ବିଭାଗରେ ଜଣେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷାର୍ଥୀ ଭାବରେ ଏନଟିପିସିରେ ଯୋଗଦେଇ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ସେବେଠାରୁ, ସେ ବିଭିନ୍ନ କାର୍ଯ୍ୟରେ ଯଥା ପରିଚାଳନା, ପ୍ରକଳ୍ପ ପରିଚାଳନା, ପ୍ରକଳ୍ପ ଯୋଜନା ଏବଂ ମନିଟରିଂ ଇତ୍ୟାଦି କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଅର୍ଜନ କରିଛନ୍ତି। ତିନିଦଶନ୍ଧିରୁ ଅଧିକ ସମୟ ଧରି ଏକ ବିଶିଷ୍ଟ କ୍ୟାରିଅର ସହିତ, ରେଡ୍ଡୀ ତାଙ୍କ ସହିତ ଅଭିଜ୍ଞତାର ଭଣ୍ଡାର ଏବଂ ଦୃଢ଼ ନେତୃତ୍ୱ ଜ୍ଞାନ ଆଣିଛନ୍ତି। ରେଡ୍ଡି କହଲଗାଓଁ, ସିମାଦ୍ରି, ବାର୍ଡ, ରିହାଣ୍ଡ ଏବଂ ଫରିଦାବାଦ ସମେତ ଏନଟିପିସି ପାୱାର ଷ୍ଟେସନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ରକ୍ଷଣାବେକ୍ଷଣ ମୁଖ୍ୟ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମୁଖ୍ୟ ଏବଂ ଶେଷରେ ପ୍ରକଳ୍ପ ମୁଖ୍ୟ ଭଳି ପ୍ରମୁଖ ନେତୃତ୍ୱ ପଦବୀରେ ରହି ସଫଳତା ହାସଲ କରିଛନ୍ତି। ତାଙ୍କ ନେତୃତ୍ୱରେ ଏନଟିପିସି କଣିହାଁ ପ୍ରକଳ୍ପ ସୁରକ୍ଷା, ନିର୍ଭରଯୋଗ୍ୟତା, ଦକ୍ଷତା ଏବଂ ପରିବେଶ ଗତ ପରିଚାଳନାରେ ନୂତନ ମାନଦଣ୍ଡ ହାସଲ କରିବ।

# ୧୫ଟି ଆରଆଇ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ଶିଳାନ୍ୟାସ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଆମେମାନେ ସେବକ ଏବଂ ଆପଣମାନଙ୍କର ସେବା କରିବାକୁ ନିର୍ବାଚିତ ହୋଇଛୁ। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧିନରେ ଥିବା ମୋଟ ୧୬ଟି ଆରଆଇ ଅଫିସ ମଧ୍ୟରୁ ୧୫ଟି ଅଫିସର ନୂତନ କାର୍ଯ୍ୟାଳୟ ଓ ଆବାସିକ ଗୃହ ଶିଳାନ୍ୟାସ କରିଛନ୍ତି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟସ୍ତ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ବିଭାଗ ପକ୍ଷରୁ ୧୩ କୋଟି ୭୩ଲକ୍ଷ ଅର୍ଥ ବ୍ୟୟ ବରାଦରେ ହୋଇଥିବା ଆରଆଇ ଅଫିସ ମାତ୍ର ନଅମାସରେ ନିର୍ମାଣକାର୍ଯ୍ୟ ଶେଷହେବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ବିଭାଗିୟ ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଠିକ ନଅମାସ ପରେ ସେ ଏହିସବୁ ଅଫିସର ଉଦ୍‌ଘାଟନ କରିବାକୁ ଆସିବେ ବୋଲି ସିଧାସଳଖ ବିଧାୟକଙ୍କୁ କହିଥିଲେ। ବଡ଼ଚଣା ନିର୍ବାଚନ ମଣ୍ଡଳୀ ବିକାଶ କରିବାକୁ ହେଲେ ଆପଣମାନଙ୍କୁ ଧର୍ମପଦ ହେବାକୁ ପଡିବ ବୋଲି ସେ ସୂଚନା ଦେଇଥିଲେ। କେବଳ ସେତିକି ନୁହେଁ ଦର୍ପଣ ତହସିଲରେ ଆଗ କିନ୍ତୁ




ଜନସାଧାରଣଙ୍କ ବସିବା ପାଇଁ ଏକ ନୂତନ ଗୃହ ନିର୍ମାଣ କରିବାକୁ ଆକଳନ କରି ତୁରନ୍ତ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଁ ରାଜ୍ୟର ଅନେକ ଅଂଚଳକୁ ଯାଇଛି କିନ୍ତୁ ଏଠାରେ ଲୋକଙ୍କ ଧର୍ଯ୍ୟ ଅନ୍ୟ କେଉଁଠି ଦେଖିନାହିଁ ବୋଲି ପୂଜାରୀ କହିଥିଲେ। ଚଣ୍ଡିଖୋଲକୁ ସବଡିଭିଜନ ମାନ୍ୟତା ଦେବାକୁ ଯେଉଁ ଦାବି ରହିଛି ତାହା ଆଗାମି ଦିନରେ ନିଶ୍ଚିତ ପୂରଣ କରାଯିବ ବୋଲି ମଧ ରାଜାସ୍ୱମନ୍ତ୍ରୀ ପୂଜାରୀ ପ୍ରକାଶ କହିଥିଲେ। ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦଙ୍କ ଅଧକ୍ଷତା ଏବଂ ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବିନାରାୟଣ ବେହେରା, ବିଧାୟକ ଅମର କୁମାର ନାୟକ, ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଉପଜିଲ୍ଲାପାଳ ତପନରଞ୍ଜନ ଦେହୁରୀ, ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅବିନାଷ ବାରିକଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ଫାର୍ମାସିଷ୍ଟଙ୍କ ଅବସର ଗ୍ରହଣ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ବରିଷ୍ଠ ଫାର୍ମାସିଷ୍ଟ ନୌକେଶ ପାତ୍ର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟ ବୈଠକ ଗୃହରେ ଅଧିକ୍ଷକ ଡ଼ା. ସୁଦର୍ଶନ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବିଦାୟୀକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମସ୍ତ ଡାକ୍ତର, କର୍ମଚାରୀମାନେ ଉପସ୍ଥିତ ରହି ଅବସର କାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ସେ ନିଜର ଚାକିରୀ ଜୀବନ ୧୯୮୮ରୁ ଆରମ୍ଭ କରି ୩୦ ଏପ୍ରିଲ ୨୦୨୫ ଦୀର୍ଘ ୩୭ ବର୍ଷ ଧରି ନୌକେସ ପାତ୍ର ସରକାରୀ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହା ସହିତ ସେ



ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏଥି ପୂର୍ବରୁ ସେ କଳାହାଣ୍ଡି, ଫୁଲବାଣୀ, ନୂଆପଡ଼ା ଜିଲ୍ଲାରେ ବହୁବର୍ଷ ଧରି ଲୋକଙ୍କୁ ସେବା ପ୍ରଦାନ କରି ପ୍ରୀୟଭାଜନ ହୋଇଥିଲେ।

# ଓଡ଼ିଆରେ ନାମଫଳକ ଲେଖିବାକୁ ନିର୍ଦ୍ଦେଶ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ପ୍ରତି ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆରେ ନାମ ଫଳକ ଲେଖାଯିବା ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଶନିବାର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦଣ୍ଡଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବାକୁ ଏକ ସମନ୍ୱୟ କମିଟି ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ" ୧୯୫୬ର ପ୍ରାବଧାନ ଅନୁଯାୟୀ ଗଠନ କରାଯାଇଛି। ଏହି ବୈଠକରେ ଭଦ୍ରକ ଓ ବାସୁଦେବପୁର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳର ବ୍ୟବସାୟୀ ସଂଘ, ବଣିକ ସଂଘ, ନିୟମିତ ବଜାର କମିଟିର କାର୍ଯକର୍ତ୍ତା, ଚାମ୍ବର ଅଫ କମର୍ସର କର୍ମକର୍ତ୍ତା, ଜିଲ୍ଲା ଶ୍ରମ ଅଧିକାରୀ, ପ୍ରବର୍ତ୍ତନ, ସହଶ୍ରମ ଅଧିକାରୀ ଏବଂ ଅନ୍ୟାନ୍ୟ ଶ୍ରମ ବିଭାଗ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏଥିସହ ଉକ୍ତ ଆଇନରେ ଥିବା ପ୍ରାବଧାନ ଅନୁଯାଇ ପଞ୍ଜିକୃତ ହୋଇନଥିବା ପ୍ରତିଷ୍ଠାନଗୁଡିକ ଯଥାଶୀଘ୍ର ପଞ୍ଜୀକରଣ କରାଇ ନେବାକୁ ଅନୁରୋଧ କରାଯାଇଛି। ସ୍ପଷ୍ଟ ଭାବେ ଓଡ଼ିଆ ନାମ ଫଳକ ଲେଖିନଥିବା ସମସ୍ତ ବ୍ୟବସାୟୀ ସଂଘମାନଙ୍କୁ ସୁସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ଅନୁରୋଧ କରାଯାଇଅଛି। ଏଥିସହ ୧୪ ବର୍ଷରୁ କମ ବୟସ ଶିଶୁ ଶ୍ରମିକ ନିୟୋଜନ ଦଣ୍ଡନୀୟ ଅପରାଧ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରାଯାଇଥିଲା।


# ସୈରାତରୁ ବେଆଇନ ବାଲି ଉଠାଣ ଅଭିଯୋଗ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବାଲିପୋଖରୀ ଏସକେପ ସମ୍ମୁଖ ଜଗନ୍ନାଥପ୍ରସାଦ ବୈତରଣୀ ନଦୀ ସୈରାତରୁ ବେଆଇନ ବାଲି ଉଠାଣ ହେଉଥିବା ଅଭିଯୋଗ ହୋଇଛି। ୨୦୨୧ ମସିହାରେ ୧୨.୨୦ଏକର ଜମିରୁ ବାଲି ଉତ୍ତୋଳନ ପାଇଁ ବାର୍ଷିକ ୫ କୋଟି ଟଙ୍କାରେ ନିଲାମ ହୋଇଥିଲା। ମାତ୍ର ଏହି ଜମି ସୀମାକୁ ବେଆଇନ ଭାବେ ଅତିକ୍ରାନ୍ତ କରି ଗ୍ରାମ୍ୟଜଙ୍ଗଲ, ମଶାଣି ଜମି, ନଦୀବନ୍ଧ ନିକଟରୁ ବିପୁଳ ପରିମାଣରେ ବାଲି ହିଟାଚି ଓ ପ୍ରୋକଲିନ ମେସିନ ଦ୍ୱାରା ଅହର୍ନିଶି ଉତ୍ତୋଳନ କରାଯାଉଛି। ବାଲି ଉତ୍ତୋଳନ ପାଇଁ ଧାର୍ଯ୍ୟ ରାସ୍ତା ସହ ଯାଜପୁର ପଟୁ ନଦୀ ଜଳଧାରାରେ ବନ୍ଧବାନ୍ଧି ଶହଶହ ହାଇୱା ସହାୟତାରେ ବାଲି ଉତ୍ତୋଳନ ଓ ପରିବହନ କରାଯାଉଛି। ଏହାକୁ ତଦାରଖ କରିବାକୁ କୌଣସି ଅଧିକାରୀ ଆସୁନାହାନ୍ତି। ବାଲି ତଦାରଖ ଦାୟିତ୍ୱ ଲଘୁ ଖଣି ଓ ଇସ୍ପାତ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି ଆଳ ଦର୍ଶାଇ ତହସିଲ କର୍ତ୍ତୃପକ୍ଷ ଅଭିଯୋଗକୁ ଏଡାଇ ଯାଉଛନ୍ତି। ଅନ୍ୟପକ୍ଷରେ ଲଘୁଖଣିଜ ଅଧିକାରୀଙ୍କୁ ଏଥିନେଇ ଅଭିଯୋଗ କଲେ ମଧ ସେ କର୍ଣ୍ଣପାତ କରୁନାହାନ୍ତି କି କ୍ଷେତ୍ର ଅନୁଧ୍ୟାନ କରୁନାହାନ୍ତି। ଏବେ ସଦ୍ୟ ବାଲି ନିୟନ୍ତ୍ରଣ କ୍ଷମତା ପାଇଥିବା ପୁଲିସ ପାଇଁ ଏହା ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ନିୟନ୍ତ୍ରଣ ଆଳରେ ଦି ପଇସା ରୋଜଗାର କରିବା ପୁଲିସର ନୀତି ହୋଇଥିବାରୁ ପୁଲିସ ନିଲାମଧାରୀଙ୍କ ସାଥ ଦେଉଛି। ଫଳରେ ସାଧାରଣ ଲୋକଙ୍କ ଅଭିଯୋଗ ଚାପି ହୋଇଯାଉଛି। ଗ୍ରାମବାସୀ ବସନ୍ତ ମହାପାତ୍ର, ମହେଶ୍ୱର ଦାଶ, ପ୍ରସନ୍ନ ବାରିକ, ବିଜୟ କୁମାର ମଲ୍ଲିକ, ଅମର କୁମାର ନାୟକ ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରଦାନ




କରି କାର୍ଯ୍ୟାନୁଷ୍ଠାନ ଲୋଡିଥିବା ଜଣାଯାଇଛି। ଭଦ୍ରକ ଲଘୁଖଣିଜ ଅଧିକାରୀଙ୍କୁ ଫୋନ ଯୋଗେ ଏ ସମ୍ପର୍କରେ ବହୁବାର ଯୋଗଯୋଗ କରାଯାଇଥିଲେ ହେଁ ଫୋନ ରିସିଭ କରିନଥିଲେ।

# ପୋଖରୀରେ ବୁଡ଼ି ନାବାଳକ ମୃତ



ଆଳି, (ଭାସ୍କର ନ୍ୟୁଜ୍): ଶନିବାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ପଞ୍ଚାୟତ ନାଉଡ଼ିହ ଗ୍ରାମରେ। ଗ୍ରାମରେ ଥିବା ଶନି ମନ୍ଦିର ଠାରେ ଶନିବାର ଶତାଧିକ ଶ୍ରଦ୍ଧାଳୁ ଜଳାଭିଷେକ କରିବା ଅବସରରେ ନାଉଡ଼ିହ ବେଲାରୀର ପ୍ରହଲ୍ଲାଦ ପରିଡ଼ାଙ୍କ ପୁଅ ପ୍ରଭୁପଦ (୧୧) ମା'ଙ୍କ ସାଙ୍ଗରେ ଶନି ମନ୍ଦିରକୁ ପାଣି ଢ଼ାଳିବାକୁ ଯାଇଥିବା ସମୟରେ ପାଣି ଢାଳି ଦ୍ୱିତୀୟ ଥର ମନ୍ଦିର ପାର୍ଶ୍ୱ ପୋଖରୀକୁ ପାଣି ଆଣିବାକୁ ଯାଇ ଫେରି ନଥିବା ବେଳେ ତାଙ୍କ ମା' ଖୋଜା ଖୋଜି କରି ପାଇ ନଥିଲେ। ଏ ସମ୍ବନ୍ଧରେ ଜାଣିବା ପରେ ସେହି ଗ୍ରାମର କିଛି ଯୁବକମାନେ ତାକୁ ପୋଖରୀ ଭିତରୁ ଖୋଜି ଉଦ୍ଧାର କରିବା ପରେ ପ୍ରଥମେ ତାକୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରଭୁପଦକୁ ମୃତ ଘୋଷଣା କରିଥିଲେ। ଏକ ଅପମୃତ ମାମଲା ରୁଜୁ ପୋଲିସ ନାବାଳକ ମୃତ ଶରୀରକୁ ପୋଷ୍ଟମର୍ଟମ ପାଇଁ ଆଳି ପଠାଇଥିବା ନେଇ ସୂଚନା ମିଳିଛି।

# ଗୋଚର ଜମିରୁ ମାଟି ଲିଜ୍ ବାତିଲ୍ ସହ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ତହସିଲଦାରଙ୍କୁ ଦାବିପତ୍ର



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): ଆଞ୍ଚଳିକ ବିକାଶ ପରିଷଦ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶନିବାର ଦିନ କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କୁ ଦକ୍ଷିଣପୁର ରାଜସ୍ୱ ମୌଜାର ଗୋଚର ଜମିରୁ ମାଟି ଲିଜ ବାତିଲ ଦାବିରେ ଦାବିପତ୍ର ପ୍ରଦାନ କରାଯାଇଛି। କୁକୁଡାଖଣ୍ଡି ତହସିଲ ଅନ୍ତର୍ଗତ ଦକ୍ଷିଣପୁର ମୌଜାର ଭଗବାନପୁର ନିକଟରେ ଥିବା ଗୋଚର ଜମିରେ ବିଭିନ୍ନ କିସମର ବୃକ୍ଷ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଆସିଛି। ଗତ କିଛିଦିନ ପୂର୍ବେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିଗତ ବର୍ଷ ୫୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ବୃକ୍ଷ ରୋପଣ କରାଯିବା ସହ ଯତ୍ନ ନିଆଯାଉଛି। ଉକ୍ତ ସ୍ଥାନରେ ବିଗତ ବର୍ଷ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ପଞ୍ଚାୟତ ପାଇଁ ଜଙ୍ଗଲ ଟିଏ', 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମକୁ ଓଡ଼ିଶା ପରିବହନ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ସ୍ଥାନୀୟ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତେବେ କେଉଁ କାରଣରୁ ଏହି ସ୍ଥାନରେ ଥିବା ବଡ଼ ବଡ଼ ବୃକ୍ଷକୁ ଜେସିବି ଦ୍ୱାରା ମୂଳରୁ ଉପାଡି ବନ ବିଭାଗର ବିନା ଅନୁମତିରେ ଗଛ କଟାଯିବା ସହ ଚୋରାରେ ମାଟି ଚାଲାଣ ହେଉଛି, ଏହି ଘଟଣାକୁ ନେଇ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବଚୀ ସୃଷ୍ଟି କରିଛି। ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ନଳିନୀ କାନ୍ତ ପରିଡା ଓ ରଞ୍ଜନ କୁମାର ବେହେରା ଉପସ୍ଥିତ ରହି ତୁରନ୍ତ ଉକ୍ତ ସ୍ଥାନରୁ ମାଟି ଚାଲାଣ ବନ୍ଦ କରିବା ସହ ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ସହ ଉକ୍ତ ସ୍ଥାନରେ ରହୁଥିବା ବନ୍ୟ ପ୍ରାଣୀ ସୁରକ୍ଷା ଅଧିନିୟମ ସୂଚୀ (୧) ଓ (୨) ଅନ୍ତର୍ଗତ ବନ୍ୟପ୍ରାଣୀ ମୟୁର, ବାରହା, ଅଜଗର, ଚନ୍ଦନିଆ ବୋଡା, କୁଟୁରା ଆଦି ବନ୍ୟ ପ୍ରାଣୀ ସହ ବିଭିନ୍ନ ପକ୍ଷୀର ସୁରକ୍ଷା କରିବା ପାଇଁ କୁକୁଡ଼ାଖଣ୍ଡି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଶନିଦେବଙ୍କ ଶନିଶ୍ଚର ପୂଜା



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ସହିତ ବିଭିର୍ଣ୍ଣ ସ୍ଥାନରେ ଶନିବାର ଦିନ ଶନିଦେବଙ୍କ ଶନିଶ୍ଚର ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ପରଜଙ୍ଗ ଗ୍ରାମରେ ଭିନ୍ନ ଭିନ୍ନ ସ୍ଥାନରେ ଶନିଶ୍ଚର ମନ୍ଦିରରେ ପୂଜାର୍ଚ୍ଚନା ଦେଖିବାକୁ ମିଳିଥିବା ବେଳେ ଗ୍ରାମର ଶନିଶ୍ଚର ପଡ଼ିଆ, ତହସିଲ କାର୍ଯ୍ୟାଳୟ ପଛ ପାର୍ଶ୍ୱ ଓ ସାପ୍ତାହିକ ହାଟ ପଡିଆରେ ରହିଥିବା ଶନିଶ୍ଚରଙ୍କ ପୀଠରେ ଏହି ପୂଜା ବ୍ରତଧାରି ଭକ୍ତ ମାନେ ନିଷ୍ଠାର ସହ ରହି ପୂଜାର୍ଚ୍ଚନା କରିଥିଲେ। ପୂଜା ସ୍ଥଳରେ ବିଭିନ୍ନ କିସମର ଭୋଗ ସାମଗ୍ରୀ ଓ ନୂଆ ଲୁଗା ନେଇ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଶନିଶ୍ଚର ମନ୍ଦିରରେ ସର୍ବେଶ୍ୱର ଦଳବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ବାସୁ ତ୍ରିପାଠୀ, ଦିବାକର ତ୍ରିପାଠୀ ଓ ଅନ୍ୟ ସହଯୋଗୀ ପୂଜକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ ଓରଫ ଜିତୁ , ସୁବ୍ରତ କୁମାର ପରିଡ଼ା, ବିନୟ କୁମାର ଦଳବେହେରା, ସଞ୍ଜିତ ସାମଲ ଓ ଅନ୍ୟ ସହଯୋଗୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ଶନି ମନ୍ଦିରରେ ଦୁଷ୍ମନ୍ତ କୁମାର ସାମଲ, ସହଧର୍ମିଣି ଶୋଭାଗିନୀ ସାମଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ନିମାଇଁ ଚରଣ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ।

## ମୟୁରଭଞ୍ଜ ଜିଲ୍ଲାପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପରିଷଦର ୮ମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ଉଦଳା ଭାସ୍କର ମଢେଇ, ମାନ୍ୟବର ବିଧାୟକ ବାରିପଦା ପ୍ରକାଶ ସୋରେନ, ମାନ୍ୟବର ବିଧାୟକ ସାରସକଣା ଭାଦବ ହାଁସଦା, ମାନ୍ୟବର ବିଧାୟକ ବଡ଼ସାହି ସନାତନ ବିଜୁଳି, ମାନ୍ୟବର ବିଧାୟକ ରାଇରଙ୍ଗପୁର ଜଲେନ ନାଏକ, ମାନ୍ୟବର ବିଧାୟିକା ବାଙ୍ଗରିପୋଷୀ ସୁଶ୍ରୀ ସଞ୍ଜଲୀ ମୁର୍ମୁ, ମୟୁରଭଞ୍ଜ ଜିଲ୍ଲପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମା ନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ/ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ କାଯ୍ୟକାରି କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ବିଭାଗୀୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକ ଆଗେଇ ନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ବୈଠକ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ଆରମ୍ଭରେ କାଶ୍ମୀରର ପହଲଗାମ ଠାରେ ଆତଙ୍କୀ ହମଲାରେ ନିହତ ହୋଇଥିବା ବ୍ୟକ୍ତି ତଥା ସେମାନଙ୍କ ଶୋକସନ୍ତପ୍ତ ପରିବାରଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ନିହତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ଆଦିବାସୀ ବହୁଳ ଜିଲ୍ଲାରେ ବାଲ୍ୟ ବିବାହକୁ ସାମୁହିକ ପ୍ରୟାସରେ ସମ୍ପୂର୍ଣ୍ଣ ବିଲୋପ କରିବା ଉଦେଶ୍ୟରେ ଅଧ୍ୟକ୍ଷା ହାଁସଦା ଉପସ୍ଥିତ ଥିବା ସମସ୍ତଙ୍କୁ ଏକ ଶପଥପାଠ କରାଇଥିଲେ। ବୈଠକରେ ବିଶେଷ କରି ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ତଥା ବୟୋ ବନ୍ଦନ ଯୋଜନାରେ ଚିହ୍ନଟିକରଣ ସ୍ଥିତି, ସାଧାରଣ ବଣ୍ଟନ, ରାସନକାର୍ଡ ବଣ୍ଟନ, କୃଷି, ଉଦ୍ୟାନ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ, ଗ୍ରାମ୍ୟ ସଡ଼କ ଯୋଜନା, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ କଲ୍ୟାଣ, ସେରିକାଲଚର, ଜିଲ୍ଲା ମଙ୍ଗଳ, ଆଦି ବିଭିନ୍ନ ବିଭାଗ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଲୋଚନା ପ୍ରସଙ୍ଗ କ୍ରମରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷଅଧ୍ୟକ୍ଷାମାନଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଆପତ୍ତି ଅଭିଯୋଗ ତଥା ଗଠନ ମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରିଥିଲେ। ବିଧାୟକ ସନାତନ ବିଜୁଳି ଡିଏମଏଫ ଟ୍ରଷ୍ଟ ବୋର୍ଡ଼ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟାନ୍ୟ କିଛି ଆପତ୍ତି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରି କ୍ଷେତ୍ର ପରିଦର୍ଶନ ପୂର୍ବକ ତଥ୍ୟ ଆହୋରଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମା ନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପୌରସଂସ୍ଥା ଟାଉନ ହଲ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ଅଭିଭାଷଣରେ ସଚିବ ସାହୁ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଶ୍ରମିକମାନେ ନିଜ ନିଜର ହକ୍ କିପରି ଆଇନ ଅନୁଯାୟୀ ପ୍ରାପ୍ତ କରିପାରିବେ ଓ ଶିଶୁ ଶ୍ରମିକ ପ୍ରଥାକୁ ଉଚ୍ଛେଦ କରାଯାଇ ସେହି ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ କରାଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହି ଶିଶୁମାନଙ୍କ ପିତାମାତା ଏହା ଉପରେ ପ୍ରଯତ୍ନ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ଶ୍ରଢ଼ ଅଧିକାରୀ ଏପି ମହାମାନସିଂ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ଶ୍ରମିକ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଶ୍ରମକାର୍ଡ଼ ପ୍ରଦାନ କରାଯାଇଥିଲା।

## ଶୁଳିଆପଦା ବ୍ଲକ୍ ଟପ୍ପର ଶୁଭ୍ର ସ୍ମିତା

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦ ଅନ୍ତର୍ଗତ ଦେଉଳି ସରକାରୀ ହାଇସ୍କୁଲର ଛାତ୍ରୀ ଶୁଭ୍ର ସ୍ମିତା ଦେ ମାଟ୍ରିକ୍ ପରୀକ୍ଷାରେ ୫୪୯ ନମ୍ବର ରଖି ଶୁଳିଆପଦା ବ୍ଲକରେ ଟପ୍ପର ହେଇଛନ୍ତି। ତାଙ୍କ ଘର ଝାଲିଆମରା ପଞ୍ଚାୟତର କୁସୁମା ଶୋଳ ଗ୍ରାମରେ। ବାପା ମିହିର କୁମାର ଦେ ଜଣେ ବ୍ୟବସାୟୀ ଓ ମାଆ ସାବିତ୍ରୀ ଜଣେ ଗୃହିଣୀ ଅଟନ୍ତି। ବାପା, ମାଆ ଏବଂ ଶିକ୍ଷକ,ଶିକ୍ଷୟତ୍ରୀଙ୍କ ଆଶୀର୍ବାଦ ଓ ନିଜ ପରିଶ୍ରମ ଯୋଗୁଁ ସଫଳତା ମିଳିଛି ବୋଲି ଶୁଭ୍ର ସ୍ମିତା ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରି ଡାକ୍ତର ହେବାକୁ ତାଙ୍କର ଲକ୍ଷ୍ୟ ରହିଛି।

# ବିଶ୍ୱ ଶ୍ରମିକ ଦିବସରେ ଓକାର ୧୧ତମ ଚଳଚ୍ଚିତ୍ର ପୁରସ୍କାର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ୍ ତରଫରୁ ଖୋର୍ଦ୍ଧା ଡାକ ବଙ୍ଗଳାରେ ବିଶ୍ୱ ଶ୍ରମିକ ଦିବସ ପାଳନ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ୍ ତରଫରୁ ପ୍ରତିବର୍ଷ ପରି ଏବର୍ଷ ଅନୁଷ୍ଠାନର ୧୧ତମ ବିଶ୍ୱ ଶ୍ରମିକ ଦିବସ ଓ ୧୧ତମ ଚଳଚ୍ଚିତ୍ର ପୁରସ୍କାର ତଥା କବି କଳାକାର ମହାକୁମ୍ଭ କାର୍ଯ୍ୟକ୍ରମ ଆଗାମୀ ୨୨ ତାରିଖରେ ଜୟଦେବ ଭବନ ଭୁବନେଶ୍ୱର ଠାରେ ହେବାକୁ ଯାଉଥିବା କାର୍ଯ୍ୟକ୍ରମ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ର ଜଗତର ପିତାମହ ତଥା ବରିଷ୍ଠ ଅଭିନେତା ଜୟୀରାମ ସାମଲଙ୍କୁ ଅନୁଷ୍ଠାନର ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ୧୦ହଜାର ଚେକ, ଅଙ୍ଗବସ୍ତ୍ର, ଉପାୟନ, ମାନପତ୍ର ପ୍ରଦାନ କରାଯିବ। ଉତ୍ତମ ଚଳଚ୍ଚିତ୍ର ଭାବେ ପାୱାର, ଡଷ୍ଟପିନ୍, ତେଜସ୍ୱିନୀ, ଓ କର୍ମ କୁ ପ୍ରଦାନ କରାଯିବା ପାଇଁ ସ୍ଥିର




କରାଯାଇଛି। ପାୱାର ଫିଲ୍ମର ନିର୍ଦ୍ଦେଶକ ଅଶୋକ ପତି, ନାୟକ ବାବୁସାନ ମହାନ୍ତି, ନାୟିକା ଏଲିନା ସାମନ୍ତରାୟ ଓ ପ୍ରଯୋଜିକା ତ୍ରିପ୍ତି ଦାସଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ପ୍ରଦାନ କରାଯିବ। ସେହିପରି ଡଷ୍ଟପିନ୍‌ର ନିର୍ଦ୍ଦେଶକ ତଥା କାହାଣୀକାର ଓ ଅଭିନେତା ତତ୍ତ୍ୱପ୍ରକାଶ ଶତପଥି ଓ ନାୟିକାଙ୍କୁ ଉତ୍ତମ ଡେବ୍ୟୁ ଚଳଚ୍ଚିତ୍ର ଭାବେ ସମ୍ମାନିତ କରାଯିବ। ସେହିପରି କର୍ମ ଚଳଚ୍ଚିତ୍ରର ଉତ୍ତମ ସପଟିଂ ଚରିତ୍ର ଭାବେ ଜୟପ୍ରକାଶ ଦାସ ଓ ସଂଗୀତ ଚିରିଂଚିରିଂକୁ ସମ୍ମାନ ଦିଆଯିବ। ସେହିପରି ତେଜସ୍ୱିନୀ ଚଳଚ୍ଚିତ୍ରର ଉତ୍ତମ ଚାଇଲଡ୍ ଆକ୍ଟର ଭାବେ ସମ୍ମାନ ଦିଆଯିବ। ଏଥିସହ ଉତ୍ତମ ଅଭିନେତା ଭାବେ ଶ୍ରୀତମ ଦାସ ଓ ଉତ୍ତମ କମେଡିଆନ ଭାବେ ହରିହର ମହାପାତ୍ରଙ୍କୁ ପ୍ରଦାନ କରାଯିବ। ଏଥିସହିତ ରାଜ୍ୟରୁ ୧୦୦ ଜଣ ପ୍ରମୁଖ କବି, କଳାକାର, ସମାଜସେବୀ ମାନଙ୍କୁ ସମ୍ମାନିତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଭଏସ ମିଡ଼ିଆର ରାଜ୍ୟ ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ମିଶ୍ର ଓ ବିଶିଷ୍ଟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଭଏସ ମିଡ଼ିଆର ଧନେଶ୍ୱର ବିଧାର, ସାମ୍ବାଦିକ ଦେବପ୍ରସାଦ ହୋତା, ପ୍ରମେୟର ସାମ୍ବାଦିକ ସତ୍ୟ ବାରିକ ଓ ଜିଲ୍ଲାର ବହୁ ସାମ୍ବାଦିକ ଯୋଗ ଦେଇଥିଲେ।



ବାରିପଦା, (ଭାସ୍କର ନ୍ୟୁଜ): ବାରିପଦାର ସ୍ଥାନୀୟ ଶହୀଦସ୍ମୃତି ଭବନରେ 'ରୂପାଗର' ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ବସନ୍ତଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭରେ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟକାର ତଥା ମଞ୍ଚ ଅଭିନେତା ଏବଂ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଗାରିକର ଦିବଂଗତ ସଂଗୀତ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅପବାଦ' ମଞ୍ଚସ୍ଥ ହୋଇଥିଲା। ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ଓ ସଂଗୀତ ନିର୍ଦ୍ଦେଶନାରେ ଗୁରୁ ନବକିଶୋର ଦାସ ସହଯୋଗ କରିଥିଲେ। ନାଟକରେ ସତ୍ୟ, ସପନ, ମଦନ, ରବିନ୍ଦ୍ର, ଆଲୋକ, ଦିନେଶ, ପ୍ରଦୀପ, ପିଣ୍ଟୁ, ପଦ୍ମିନୀ ଏବଂ ଅପୂର୍ବା ଅଭିନୟ କରିଥିବାବେଳେ ବୈଦ୍ୟୁତିକ ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଞ୍ଚ ସଜ୍ଜାରେ ସନ୍ତୋଷ କମ୍ପିଳା, ଦଳ ପରିଚାଳନାରେ ନାରାୟଣ ମଣ୍ଡଳ ଓ ମଞ୍ଚ ପରିଚାଳନାରେ ମନୋଜ କୁମାର ଜେନା ସାହାଯ୍ୟ କରିଥିଲେ। ଓ ଉକ୍ତ ଉତ୍ସବକୁ ଆନୁଷ୍ଠାନିକ ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପାଗରର ଅଧ୍ୟକ୍ଷ ବିରେନ୍ଦ୍ର ନାଥ ସାହୁ, ଉପାଧ୍ୟକ୍ଷ ଡକ୍ଟର ଦମୟନ୍ତୀ ବେଶ୍ରା, ନିର୍ଦ୍ଦେଶକ ପରେଶ ସାହୁ, ନୃତ୍ୟ ନିର୍ଦ୍ଦେଶିକା ବର୍ଣ୍ଣାଲୀ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ ଭରପୂର ପ୍ରେକ୍ଷାଳୟରେ ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

## ସୋଲାର ହାଇମାକ୍ସ ଲାଇଟ ଲଗାଇବାରେ ଅନିୟମିତତା

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ସୋଲାର ହାଇମାକ୍ସ ଲାଇଟ ଲଗାଇବାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଆରଟିଆଇରେ ମାଗିଥିବା ରିପୋର୍ଟରେ ଏହି ଅନିୟମିତତାର ପର୍ଦ୍ଦାଫାସ ହୋଇଛି। ଏହି ଅନିୟମିତତାର ଏବେ ଭିଜିଲାନ୍ସ ତଦନ୍ତ ଚାଲିଥିବା ଜଣାପଡିଛି। ଆରଟିଆଇରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୦୨୩ ମସିହା ମାର୍ଚ୍ଚ ୨୭ ତାରିଖରେ ସ୍ୱତନ୍ତ୍ର ବିକାଶ ପରିଷଦ ବୈଠକରେ ରେଜୋଲେସନ ହୋଇଥିଲା ଯେ ୨୦୨୦-୨୧ ବର୍ଷ ପାଇଁ ୧କୋଟି ୫୦ ହଜାର ଟଙ୍କାର ହାଇମାକ୍ସ ଲାଇଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଗାଯିବ। ପ୍ରଥମ ଥରେ ଏହା ଗତ ୧୫.୪.୨୦୨୩ ରେ ପ୍ରୋସିଡିଂ ହୋଇଥିଲା। ପ୍ରୋସିଡିଂରେ ଉଲ୍ଲେଖ କରାଯାଇଥିଲା ଯେ ଜିଲ୍ଲାର ୬୭ଟି ସ୍ଥାନରେ ଏହି ସୋଲାର ହାଇମାକ୍ସ ଲାଇଟ ଲଗାଯିବ। କିନ୍ତୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଡେକ୍ସିକାଲ କନିଷ୍ଠ ଯନ୍ତ୍ରୀ ଦ୍ୱାରା ବୈଠକରେ ପ୍ରୋସିଡିଂ ହେବା ପୂର୍ବରୁ ୧୦.୪.୨୦୨୩ରେ ଗୋଟିଏ ଗୋଟିଏ ହାଇମାକ୍ସ ଲାଇଟ ପିଛା ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନେଇ ମଞ୍ଜୁର କରାଯାଇଥିଲା। ତେବେ କିପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଏକତିଏ ବୈଠକରେ ପ୍ରୋସିଡିଂ ପୂର୍ବରୁ ପ୍ରୋଜେକ୍ଟକୁ ମଞ୍ଜୁର କରାଯାଇ କାର୍ଯ୍ୟାଦେଶ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଗଲା ବୋଲି ଅଭିଯୋଗ ହୋଇଛି। ଏଠାରେ ସ୍ପଷ୍ଟ ହୋଇଯାଉଛି ଯେ ସମ୍ପୃକ୍ତ ବିଭାଗ ତରଫରୁ ଅତି ତରବରିଆ ଭାବେ ପ୍ରୋଜେକ୍ଟକୁ ମଞ୍ଜୁର କରି ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ବିକାଶ ପରିଷଦର ବୈଠକରେ ଏହାକୁ ପ୍ରୋସିଡିଂ କରାଯାଇଛି। ପୁଣି ଏହି ପ୍ରୋଜେକ୍ଟ ପାଇଁ ତିନୋଟି ସଂସ୍ଥା ଠାରୁ



କୋଟେସନ ଆଣିଥିବା କୁହାଯାଇଛି। ସେମାନେ ହେଲେ ଭୁବନେଶ୍ୱରର ଅଂଶୁ ଗ୍ଲୋବାଲ ପାୱାର ସୋଲ୍ୟୁସନ, ଜୟପୁରର ମଧୁମିତା ଟ୍ରେଡର ଏବଂ ଭୁବନେଶ୍ୱରର ଏସ.ଏନ ଏଣ୍ଟରପ୍ରାଇଜର୍ସ। ତେବେ ଏମାନଙ୍କ ଠାରୁ ଆଣାଯାଇଥିବା କୋଟେସନରେ ଏମାନେ ଏସପିଭି ମୋଡ୍ୟୁଲ-୩୦୦ ୱାଟ ବ୍ୟାଟେରୀ ପାୱାର-୧୨୮ ଭୋଲ୍ଟ-୧୬୮ଏଏଚ, ୭ ମିଟରର ଜିଆଇ ପୋଲ ସହ ଆନ୍ୟ ଜିନିଷ ପ୍ରଦାନ କରିବେ ବୋଲି କୁହାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ସମସ୍ତ ସରକାରୀ ନିୟମକୁ ଫୁ କରି ଫେକ କାଗଜ ପତ୍ର କରି ଜୟପୁରର ମଧୁମିତା ଟ୍ରେଡରକୁ ଏହା ଟେଣ୍ଡର ପ୍ରଦାନ କରାଗଲା ବୋଲି କୁହାଯାଇଥିଲା। ତେବେ ବିଭାଗୀୟ ଅଧିକାରୀ କୌଣସି ସଂସ୍ଥାର କାଗଜ ପତ୍ର ନନେଇ କେବଳ ଟଙ୍କା ଲୁଟ କରିବା ପାଇଁ ଏଭଳି ମିଥ୍ୟା କାଗଜ ପତ୍ର ପ୍ରସ୍ତୁତ କରିଥିଲେ। ତେବେ ଏହି କାମକୁ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ କରଙ୍କ ନେତୃତ୍ୱରେ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସେଠ ଏବଂ ଆଶିଷ କୁମାର ପାତ୍ରଙ୍କ ଦ୍ୱାରା କରାଯାଇଥିଲା। ପୁଣି ବିଭାଗୀୟ ନିର୍ଦ୍ଦେଶ ରହିଥିଲା ଯେ ଏହି କାର୍ଯ୍ୟ ୧୦.୪.୨୦୨୩ ରେ ଆରମ୍ଭ ହୋଇଥିବା ବେଳେ ୧୦.୭.୨୦୨୩ରେ ସମାପ୍ତ କରାଯିବ। କିନ୍ତୁ କାର୍ଯ୍ୟ ବିଭିନ୍ନ ସମୟରେ ସମାପ୍ତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସରକାରୀ ନିୟମ କହୁଛି କୌଣସି ବିଦ୍ୟୁତ କାର୍ଯ୍ୟ ହେଲେ ଓଆରଇଡିଏ କିମ୍ବା ଓଏଏସଆଇସିଙ୍କର ନିର୍ଦ୍ଦେଶ ଏବଂ ଭୁବନେଶ୍ୱର ସ୍ଥିତି ଏସଇସି ଅଧିକଙ୍କର ନିର୍ଦ୍ଦେଶ ରହିବା ଦରକାର ପଡିଥାଏ। ତେବେ ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ଏହାକୁ ଗୁରୁତ୍ୱ ନେଦେଇ ଅତି ତରବରିଆ ଭାବେ ବା ଖାମଖିଆଲି ଭାବେ ଏହାକୁ କାର୍ଯ୍ୟକାରୀ କରିଥିଲେ। ଏନେଇ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଗତ ୧୮.୧୦.୨୦୨୪ରେ ମାଲକାନଗିରି ଜିଲ୍ଲାପାଳଙ୍କ ନିକଟରେ ଏହି ଅନିୟମିତତାକୁ ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାପାଳ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ପାଇଁ ପ୍ରଦାନ କରିଥିଲେ। ତେବେ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ତଦନ୍ତ ବେଳେ ଜାଣିପାରିଥିଲେ ଯେ ସୋଲାର ହାଇମାକ୍ସ ଲାଇଟ ଲଗାଇବାରେ ବ୍ୟାପକ ଅନିୟମିତତା ହୋଇଛି। ଏନେଇ ରିପୋର୍ଟ ସେ ଜିଲ୍ଲାପାଳଙ୍କୁ ଗତ ୧୦.୧.୨୦୨୫ରେ ପ୍ରଦାନ କରିଛନ୍ତି। ସେତେବେଳେ ଏହି ଦୁର୍ନୀତିରେ ପିଏ, ଆଇଟିଡିଏ ତ୍ରିନାଥ ମାଝି, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ କର, କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସେଠ ଏବଂ ପିଏ, ଆଇଟିଡିଏ ଜୟଶ୍ରୀ ଜଡିତ ଥିବା କୁହାଯାଉଛି। ତେବେ ଭିଜିଲାନ୍ସ ତରଫରୁ କରାଯାଉଥିବା ତଦନ୍ତରେ ସବୁ ପର୍ଦ୍ଦାଫାସ ହେବ ବୋଲି କୁହାଯାଇଛି।

## ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ




କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ): କୁକୁଡାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବିଜ୍ଞାନର ଯୁବ ରେଡକ୍ରସ୍ ବିଭାଗ, ଯୁଗ ଜ୍ୟୋତି ଯୁବ ସଂସଦର ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହାୟତା ପ୍ରାପ୍ତରେ ଏକ ସଡ଼କ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ବିଭୁ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୋଟର ଯାନ ନିରୀକ୍ଷକ ରବୀନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥି ରୂପେ ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ, ଜାତୀୟ ସଡ଼କ ବ୍ରହ୍ମପୁର ଶାଖାର ସହକାରୀ ଯନ୍ତ୍ରୀ ଶତ୍ରୁଘ୍ନ ସିଂହ, ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ରୂପେ ବି. ଗୋବିନ୍ଦ ରାଓ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନିତ୍ୟାନନ୍ଦ ଦଳାଇ, ଯୁଗ ଜ୍ୟୋତି ଯୁବ ସଂସଦର ସଭାପତି ବି. ଶିବାଜୀ ପାତ୍ର ସହ ଅନ୍ୟାନ୍ୟ ଅତିଥି ଗଣ ମଞ୍ଚସ୍ଥ ହୋଇଥିଲେ। ମୁଖ୍ୟ ଅତିଥି ଜେନା ସ୍ୱାଗତ ସୋ ମାଧ୍ୟମରେ ଗଞ୍ଜାମ ଜିଲ୍ଲା ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ କରାଇବା ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସହ ଦୁର୍ଘଟଣାରେ ପିଡୀତ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇବା ଆଦି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୯୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦାନ କରିଥିଲେ। ଆୟୋଜକ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ, ପୂର୍ବତନ ଛାତ୍ର ଗଣ ଅଦଳ ଜଗନ୍ନାଥ,ପ୍ରିୟସୁ ବେହେରା ଏବଂ କଲେଜ କର୍ମଚାରୀଙ୍କ ସହଯୋଗରେ କାର୍ଯକ୍ରମ ସଫଳ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରେଡକ୍ରସ୍ ଉପଦେଷ୍ଟା ରଞ୍ଜିତ କୁମାର ଗୌଡ଼ ସଂଯୋଜନା କରିଥିବା ବେଳେ ଇଂଜିନିୟରିଂ ଶ୍ରୀନିବାସ ରାଉଳ, ପି. ଜଗନ୍ନାଥ, ଯୁକ୍ତଦୁଇ ଛାତ୍ରଛାତ୍ରୀ, ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତତିନି ଛାତ୍ରଛାତ୍ରୀ, କର୍ମକର୍ତ୍ତା, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ବୃନ୍ଦ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ସଡ଼କ ସୁରକ୍ଷାର ସମସ୍ୟା ଓ ସମାଧାନ ଦିଗରେ ବହୁ ପ୍ରସ୍ତାବ ରଖିଥିଲେ। ଶେଷରେ ବି. ଶିବାଜି ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦୟା ନଦୀ ପଠାରୁ ଗେଞ୍ଜେଇ ଗଛ କାଟିଲା ଅବକାରୀ ବିଭାଗ

କଣାସ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଡା ଥାନା ପରିସରଭୁକ୍ତ ଗୋପୀନାଥପୁର ଗ୍ରାମପଞ୍ଚାୟତରେ ଗୋପୀନାଥ ପୁର ଗ୍ରାମ ନିକଟ ଦୟାନଦୀ ପଠାରୁ ଶନିବାର ସଂନ୍ଧ୍ୟାରେ ପୁରୀ ଅବକାରୀ ବିଭାଗର କେତେକ କମର୍ଚାରୀ ପହଁଚି ୧୫ ଶହରୁ ଉର୍ଦ୍ଧ୍ୱ ଗେଞ୍ଜାଇ ଗଛ କାଟି ପୋଡି ଦେଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଗତ ୨୮ତାରିଖ ଦିନ ଗୋପୀନାଥପୁର ସରପଞ୍ଚଙ୍କ ଅନସ୍ଥାପ୍ରସ୍ତାବ ଭୋଟ ଗ୍ରହଣ ହେଉଥିବାରୁ କେତେକ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳକୁ ଯାଇଥିଲେ। ନଦୀ ପଠାରେ ଗେଞ୍ଜାଇ ଚାଷ ହୋଇଥିବା ଦେଖି ପୁରୀ ଅବକାରୀ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ପୁରୀ ଅବକାରୀ ବିଭଗର ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ତତ୍ୱାବଧାନେର ଶାତପଡା ଓ ପୁରୀ ସଦର କମର୍ଚାରୀଙ୍କମାନେ ଘଟଣାସ୍ଥଳେର ପହଁଚି ପଠାରେ ଥିବା ୧୫ ଶହରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡି ଦେଇଥିଲେ ସୁଧା କାହାରିକୁ ଗିରଫ କରିନଥିବା ଜଣାପଡିଛି। ଏ ସମ୍ପକର୍ରେ ଅବକାରୀ ବିଭାଗର କମର୍ଚାରୀମାନଙ୍କୁ ପଚାରିବାରୁ ସେମାନେ କୁହନ୍ତି ଗଞ୍ଜେଇର କଲି ହୋଇନାହିଁ ତେଣୁ ଏହାକୁ ଭାଙ୍ଗ ଗଛ କୁହାଯିବ। ଏହି ଗଛକଟା ସମୟରେ ଗଡିଶାଗୋଡା ପୁଲିସ ସୟାୟତା କରିଥିଲେ।

## କୃତୀ ଛାତ୍ରୀ ତପସ୍ୱିନୀ ନାଥ ସମ୍ବର୍ଦ୍ଧିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଭଣ୍ଡାରିପୋଖରୀ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ହାସଲକାରୀ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ବିଦ୍ୟାପୀଠ ଛାତ୍ରୀ ତପସ୍ୱିନୀ ନାଥଙ୍କୁ ମଣିନାଥପୁର ବାସଭବନରେ ପ୍ରଧାନ ଶିକ୍ଷକ ସମୀର କୁମାର ଚୌଧୁରୀ, ଶିକ୍ଷୟତ୍ରୀ ରଶ୍ମିରେଖା ରାଉତ ଓ ଶିକ୍ଷା ସଂଯୋଜକ ଅକ୍ଷୟ ନନ୍ଦ ଶନିବାର ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଓ ଚକୋଲେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି। ଭବିଷ୍ୟତରେ ପ୍ରଶାସିକା ହେବାକୁ ଲକ୍ଷ୍ୟ ରଖିଥିବା ତପସ୍ୱିନୀଙ୍କ ବିଦ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରଧାନଶିକ୍ଷକ ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ।

## ବିଭିନ୍ନ ଶନି ମନ୍ଦିରରେ ଜଳ ଲାଗି

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବ୍ଲକ ଅଧିନସ୍ତ ପୋଖରୀ ଗାଁ ଗ୍ରାମପଞ୍ଚାୟତ ଅଧୀନ ଶନିଶ୍ଚର ଦେବ ମା ଆମ୍ବିକେଇ ପୀଠ, ପଥରଦା ପଡା ପୀଠ ଆଜି ଶ୍ରୀ ଶ୍ରୀ ଶନିଶ୍ଚର ଦେବଙ୍କ ଜଳାଭିଷେକ ବେଶ ଆଡମ୍ବର ଶହ ପାଳନ ହୋଇଯାଇଛି। ସେହିଭଳି ଜଲାର ପୂର ପଞ୍ଚାୟତରେ ଥିବା ଟୋଲା ଗୋପୀନାଥ ଦେବଙ୍କ ଶନିଶ୍ଚର ମନ୍ଦିରରେ ଶହଶହ ଭକ୍ତ ଶ୍ରଦ୍ଧାଳୁବୃନ୍ଦ ମାନେ ଆସି ଶନିଦେବଙ୍କ ଉପରେ ଜଳ ଢ଼ାଳିବା ଶହ ମାନସିକ ପୁର୍ଣ ପାଇଁ ଶନିଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅଧିଆ ପଡ଼ିଥିଲେ। ମନ୍ଦିରରେ ହୋମଯଜ୍ଞ ସହ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଟୋଲା ଓ ପୋଖରୀ ଗାଁ ସମେତ ନିଆଳି ବ୍ଲକର ଅନେକ ଅଞ୍ଚଳରେ ଜଳ ଲାଗି ନିମନ୍ତେ ଭକ୍ତ ମାନଙ୍କ ସମାଗମ ହୋଇଥିଲା।

## ଲକ୍ଷ୍ମୀପୁର ବ୍ଲକରେ ଦୁଇଜଣ ଛାତ୍ରୀ ଟପ୍ପର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ମେଟ୍ରିକ୍ ପରୀକ୍ଷା ଫଳରେ ଚଳିତ ବର୍ଷ ୧୪୭ଜଣଙ୍କ ମଧ୍ୟରୁ ୧୪୩ ଜଣ ପାସ ହୋଇ ୯୭ପ୍ରତିଶତ ପାସହାର ରହିଛି। ସେଥି ମଧ୍ୟରେ ଦଶଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୨ଜଣ ବି ଗ୍ରେଡ଼ ଓ ୮ ଜଣ ବି ୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୮ ଜଣ ଦ୍ୱିତୀୟ ସ୍ଥାନ ଅଧିକାର କରି ସି ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ଥିବା ୧୦ ଜଣ ହେଲେ ବିଶ୍ୱନାଥ ବିଷୋୟୀ-୪୬୪, ଶାଶ୍ୱତ ପଟ୍ଟନାୟକ-୪୫୯, ଇଲାପୁ ଲିପ୍ସିତା ପୂଜାରୀ -୪୦୭, ଡଲି ଖରା -୩୯୭, ବବୁଲୁ ସାହୁ -୩୯୪, ସସ୍ମିତା କୁଲେଶିକା-୩୮୬, ଇନ୍ଦ୍ରଜିତ ମାଣ୍ଡିଙ୍ଗା -୩୭୧, ଜିହୋଷୀୟ ମିଣିଆକା-୩୬୭, ଉମାଶଙ୍କର ଖରା -୩୬୪, ଚୁମୁକି ସାଉନ୍ତା -୩୬୨। ସେହିପରି ବ୍ଲକରେ ୪ ଟି ସେଣ୍ଟରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିବାବେଳେ ୟୁଏନ ରାଜୁ ବାଳିକା ବିଦ୍ୟାଳୟରୁ ୪୯ରୁ ୪୮, ଗିର୍ଲିପୁଟ ସ୍କୁଲରୁ ୧୯ ରୁ ୧୬, କାକିରିଗୁମା ଉଚ୍ଚ ବିଦ୍ୟାଳୟରୁ ୯୩ ରୁ ୮୪, ଲୁଲୁପଦର ସ୍କୁଲରୁ ୨୪ରୁ ୨୩, ତୟାପୁଟ ନେତାଜୀ ସ୍କୁଲରୁ ୫୦ ରୁ ୪୯ ଜଣ, ମିନାପାଇ ଆଶ୍ରମ ସ୍କୁଲରେ ୫୮ଜଣ ଛାତ୍ରୀଙ୍କ ମଧ୍ୟରୁ ଶତପ୍ରତିଶତ ହାରରେ ସମସ୍ତେ ପାସ ହୋଇଛନ୍ତି। ବୁର୍ଜା ଆଶ୍ରମ ବିଦ୍ୟାଳୟରୁ ୫୭ ରୁ ୫୪, ଚମ୍ପି ଆଶ୍ରମ ବିଦ୍ୟାଳୟରୁ ୭୬ ରୁ ୭୩, ପଞ୍ଚଡା ସେବାଶ୍ରମ ବିଦ୍ୟାଳୟରୁ ୯୮ରୁ ୮୮, ତୁନପାର ଆଶ୍ରମ ସ୍କୁଲରୁ ୭୭ ରୁ ୬୯, ଧରଡ଼ା ଆଶ୍ରମ ବିଦ୍ୟାଳୟରୁ ୫୧ ରୁ ୪୯ ଓ ଗୌଡ଼ଗୁଡା ସ୍କୁଲରୁ ୨୯ରୁ ୨୭ ଛାତ୍ରଛାତ୍ରୀ ପାସ ହୋଇଥିବା ଜଣାପଡିଛି। କାକିରିଗୁମା ଉଚ୍ଚବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ମହାରଥୀ ୫୦୧ ନମ୍ବର ରଖି ପ୍ରଥମ ସ୍ଥାନରେ ଥିବା ବେଳେ ଗୌଡ଼ଗୁଡା ବିଦ୍ୟାଳୟର ଗାୟତ୍ରୀ ନାୟକ ୪୮୫ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ୟୁନାଇଟେଡ ଇଲକ୍ଟ୍ରିସିଟି ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଶ୍ରମିକ ଦିବସ ପାଳିତ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଟିପିସିଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡା ୟୁନାଇଟେଡ ଇଲକ୍ଟ୍ରିସିଟି ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ଭୀମସେନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟିପିସିଓଡିଏଲର ମୁଖ୍ୟ ପରିଚାଳକ ମନୋଜ ସିଂ ଓ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ସମ୍ମାନିତ ଅତିଥି ଭାବେ ପାରାଦୀପ ଡିଭିଜନ ସମ୍ପାଦକ ଆଦିତ୍ୟ ପ୍ରସନ୍ନ ମହାନ୍ତି, ମାର୍ଶାଘାଇ ଡିଭିଜନ ସମ୍ପାଦକ ନିକୁଞ୍ଜ ନାୟକ, କେନ୍ଦ୍ରାପଡା ଏମଆରଟି ଡିଭିଜନ ସମ୍ପାଦକ ସୁଶାନ୍ତ କୁମାର ପତି, କ୍ଷେତ୍ରୀୟ ମୁଖ୍ୟ ମନୋରଞ୍ଜନ ତ୍ରିପାଠୀ, କେନ୍ଦ୍ରାପଡା ଅଧିକ୍ଷଣ ଯନ୍ତ୍ରୀ, ସଂଘ ସଭାପତି ରାଜୀବ ମହାନ୍ତି, ଛେଣ୍ଡିପଦା କଲେଜ ପ୍ରାକ୍ତନ ଅଧକ୍ଷ ଡ. ଉପେନ୍ଦ୍ର ପ୍ରଧାନ, ଅଧ୍ୟାପକ ଅଜୟ ସାମଲ, କେନ୍ଦ୍ରାପଡା ଏସ୍‌ଡିଓ ଦେବେନ୍ଦ୍ର ସାହୁ, ରାଜନଗର ଏସ୍‌ଡିଓ ସତ୍ୟପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସଂଘ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀରେ କେନ୍ଦ୍ରାପଡା ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଶତକଡା ୯୦ ଭାଗ କର୍ମଚାରୀ ସଂଘରେ ପଞ୍ଜିକୃତ ହୋଇ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସହିତ ଅନୁବନ୍ଧିତ ହୋଇଛନ୍ତି। ସେହି କର୍ମଚାରୀମାନେ ଟିପିସିଓଡିଏଲ ଓ ଏକ ନମ୍ବରରେ ଡିସ୍‌କମ୍‌ରେ ପରିଣତ କରି ସୁଦ୍ଧା ଅବହେଳିତ ହୋଇଛନ୍ତି। ଏଥିପାଇଁ ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବାକୁ ଦାବି କରିଛନ୍ତି। କାରଣ ଠିକା କର୍ମଚାରୀମାନେ ସ୍ୱଳ୍ପ ବେତନରେ ପରିବାର ପୋଷଣ କରିବାକୁ କଷ୍ଟ ହେଉଛି। ସେହିପରି ଠିକା ଶ୍ରମିକମାନଙ୍କ ଉନ୍ନତି, ଆଠଘଣ୍ଟିଆ ଡ୍ୟୁଟି, କଷ୍ଟମର୍ କେୟାର କର୍ମଚାରୀଙ୍କ ସ୍କିଲ ଦରମା, ଇଣ୍ଟରଜୋନ୍ ଟ୍ରାନ୍ସଫର୍ ପଲିସି, ଠିକା କରାନଯିବା ଭଳି ବହୁ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଦାବି ଗୁଡିକ ତର୍ଜମା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ। ପ୍ରଥମେ ସଂଘର ସଦସ୍ୟ ବାପିନ୍ କୁମାର ମଣ୍ଡଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏମଆରଟି ଡିଭିଜନ ସମ୍ପାଦକ ସୁଶାନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ମୀନକେତନ ସାହୁ, କୁଳମଣି ସାହୁ, ସାଗର କୁମାର ଲାଲ୍, ପ୍ରସନ୍ନ କୁମାର ପଣ୍ଡା, ରାଜୀବ ସାହୁ, ଅଭିଜିତ୍ ନାୟକ, ଦର୍ପ ନାରାୟଣ ବେହେରା, ଶାନ୍ତନୁ ମହାରଣା, ମହେଶ୍ୱର ରାଉତ, ସୁଜିତ୍ ବୋଷ, ଅଧିକାରୀ ଆଶିଷ କୁମାର ଦାସ, ଉମେଶ ପତି, ଅଖିଳ ପୃଷ୍ଟି, ବିରେନ ମହାନ୍ତି, ରବି ନାରାୟଣ ସୂତାର, ଗୌରାଙ୍ଗ ସିଂଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।


## ନୟାପାଟଣା ଠାରୁ ରୋଲସିଂହ ରାସ୍ତା ମରଣଯନ୍ତା

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଡାବରଧୁଆ ପଞ୍ଚାୟତ ଅନ୍ତର୍ଗତ ନୟାପାଟଣା ଗ୍ରାମ ଠାରୁ ରୋଲସିଂହ କୁ ସଂଯୋଗ କରୁଥିବା ୨ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଏହି ରାସ୍ତାଟି ନୟାପାଟଣା, ରୋଲସିଂହ ଦେଇ ଡାବରଧୁଆ ପଞ୍ଚାୟତଠାରୁ ଚୁଡା ଦେଇ ବୋଲଗଡକୁ ସଂଯୋଗକ ସଂଯୋଗ କରିଛି। ଅପରପକ୍ଷେ ସୁର୍କାବାଡ଼ି ଦେଇ ରଣପୁରକୁ ଏହି ରାସ୍ତାଟି ସଂଯୋଗ ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ବୋଲଗଡ ସ୍ଥିତ ମହାବିଦ୍ୟାଳୟ କୁ ଏବଂ ରାଜସୁନାଖଳା ଏବଂ ହାଟବସ୍ତ ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାକୋଇ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଜସୁନାଖଳା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର, ବାକୋଲ ଇଣ୍ଡଷ୍ଟ୍ରି ଆଲ ଟ୍ରେନିଂ କଲେଜ, ହାଟବସ୍ତସ୍ଥିତ ଡିଗ୍ରୀ କଲେଜକୁ ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣମାନେ ଯାତାୟାତ କରିଥାନ୍ତି। ସେହିପରି ରୋଗୀ, ବ୍ୟବସାୟୀ, ଚାଷୀ, ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣଙ୍କ ପ୍ରମୁଖ ରାସ୍ତା ଅଟେ। ଏହି ରାସ୍ତାଟି ପାହାଡ଼ ପାଦଦେଶ ଦେଇ ଯାଇଥିବାବେଳେ ବହୁବର୍ଷ ଧରି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ରହିଛି। ସେହିପରି ବର୍ଷାଦିନେ ଏହି ରାସ୍ତା ଦେଇ ଯାତାୟାତ କରିବା ମୁସ୍କିଲ ହୋଇପଡେ। ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମାଟି ରାସ୍ତା ହୋଇଥିବାରୁ ବର୍ଷା ଅସରାଏ ହେଲେ ରାସ୍ତାଟି ସାଜେ ଲୋକମାନଙ୍କ ପାଇଁ କାଳ। କୋଉଠି ପାଣି ରେ ଭର୍ତ୍ତି ତ ଆଉ କେଉଁଠି ରାସ୍ତାଟି ପାଣି ଯାଇକି ମାଟି ଗୋହି ହୋଇ ଗୋଧେଇ ହୋଇଥାଏ। ରାସ୍ତାଟି ନୟାଗଡ ଜିଲ୍ଲା ଏବଂ ଖୋର୍ଦ୍ଧା ଜିଲ୍ଲା ସୀମାନ୍ତରେ ଥିବାରୁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ବୋଲି ସମାଜସେବୀ ଗଣେଶ ବାରିକ ଓ ନ୍ୟାୟବିତ ରାଜକିଶୋର ବାରିକ କହିଛନ୍ତି କ୍ଷ ରଣପୁରହେଉ କିମ୍ବା ବୋଲଗଡରୁ ଏହି ରାସ୍ତାଟି ନୂତନ ଭାବେ ନିର୍ମାଣ କରାଗ ରାଗଲେ ଜନସାଧାରଣମାନେ ବିଶେଷ ଭାବେ ଉପକୃତ ହୋଇପାରିବେ।

## ପିଏମଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୫ରେ ପିଏମଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଓଡ଼ିଶା ରାଜ୍ୟର ପାସ୍ ହାର ଶତକଡ଼ା ୯୪.୯୩ ଓ ଢେଙ୍କାନାଳ ଜିଲ୍ଲାର ପାସ୍ ହାର ଶତକଡ଼ା ୯୩.୭୧ହୋଇଥିବା ବେଳେ ଏହି ବିଦ୍ୟାଳୟର ପଞ୍ଜୀକରଣ କରି ପରୀକ୍ଷା ଦେଇଥିବା ମୋଟ ୧୯୧ ଜଣ ଛାତ୍ରୀ -ଛାତ୍ରଙ୍କ ମଧ୍ୟରୁ ମୋଟ ୧୭୯ଜଣ ଉତ୍ତୀର୍ଣ୍ଣ ହୋଇ ପାରିଛନ୍ତି ଓ ମୋଟ ପାସ୍ ହାର ଶତକଡ଼ା ୯୩.୭୧ହୋଇପାରିଛି। ସେଥିମଧ୍ୟରୁ ଏ-ୱାନ୍ ଗ୍ରେଡ୍ ରେ ୦୨ ଜଣ,ଏ -ଟୁ ଗ୍ରେଡ୍ ରେ ୦୪ ଜଣ,ବି-ୱାନ୍ ଗ୍ରେଡ୍ ରେ ୧୩ ଜଣ,ବି -ଟୁ ଗ୍ରେଡ୍ ରେ ୩୬ ଜଣ,ସି -ଗ୍ରେଡ୍ ରେ ୫୧ ଜଣ, ଡି- ଗ୍ରେଡ୍ ରେ ୪୮ ଜଣ ଓ ଇ-ଗ୍ରେଡ୍‌ରେ ୨୫ ଜଣ କୃତିତ୍ୱର ସହ ପାସ୍ କରିପାରିଛନ୍ତି। ସମସ୍ତ ଗ୍ରେଡ଼ଧାରୀ ଛାତ୍ରୀ -ଛାତ୍ରମାନେ ସମ୍ମିଳିତ ଭାବରେ ନିଜନିଜର ସଫଳତା ପାଇଁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡା.ଦେବୀ ପ୍ରସାଦ ମିଶ୍ର,ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଧ୍ୟାନଚାନ୍ଦ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ବୃନ୍ଦ ଓ ନିଜନିଜର ପିତାମାତା, ବନ୍ଧୁ ପରିଜନ ତଥା ଶୁଭେଚ୍ଛୁମାନଙ୍କୁ ଶ୍ରେୟ ଦେଇ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ବେହେରା ଉଲ୍ଲେଖନୀୟ ମୋଟ୍ ୫୬୦ନମ୍ବର୍ ଓ ୯୩.୩୩ପ୍ରତିଶତ ନମ୍ବର ରଖି ଏ -ୱାନ ଗ୍ରେଡ୍ ପାଇବା ସହ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିବା ସଙ୍ଗେସଙ୍ଗେ ସ୍ୱର୍ଗତ ବିମଳ କିଶୋର ମିଶ୍ର ସ୍ମାରକୀ ଶ୍ରେଷ୍ଠ ଛାତ୍ରଛାତ୍ରୀ ସମ୍ମାନରେ ୫୦୦୦ ଟଙ୍କାର ଅର୍ଥରାଶି, ମେମେଣ୍ଟୋ, ମେଡାଲ, ପୁରସ୍କାର ଭାବରେ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହୋଇ ସମାଜସେବା କରିବାକୁ ଜୀବନରେ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେହିପରି ଛାତ୍ର ସୌମ୍ୟ ପ୍ରିୟଦର୍ଶନ ମୋଟ୍ ୫୪୫ ନମ୍ବର ଓ ଶତକଡ଼ା ୯୦.୮୩ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଚିନ୍ମୟୀ ବେହେରା,ହେଉଛନ୍ତି ଆଠଗଡ଼, କଟକ ନିବାସୀ ପ୍ରତିମା ବେହେରା ଏବଂ ନାରାୟଣ ବେହେରାଙ୍କର ସଫଳ ସନ୍ତାନ। ସେହିପରି ଛାତ୍ର ସୌମ୍ୟ ପ୍ରିୟଦର୍ଶନ ହେଉଛନ୍ତି ଢେଙ୍କାନାଳ ବଉଳପୁର ଗ୍ରାମର ମାତା ବିଜୟରଶ୍ମି ଦାସ, ପିତା ନୀଳମାଧବ ଦାସଙ୍କ ସୁପୁତ୍ର। ସେ ଭବିଷ୍ୟତରେ କମ୍ପ୍ୟୁଟର ଇଞ୍ଜିନିୟର ହୋଇ ସମାଜର ସେବା କରିବାକୁ ଜୀବନରେ ଲକ୍ଷ୍ୟ ରଖିଛନ୍ତି। ସମସ୍ତେ ସ୍ୱୀୟ ବକ୍ତବ୍ୟରେ ଉପସ୍ଥାପନ କରିଛନ୍ତି ଯେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଜୀବନର ପ୍ରଥମ ପାହାଚକୁ ସଫଳତାର ସହ ଅତିକ୍ରମ କରିଛନ୍ତି ଏବଂ ସେମାନଙ୍କ ପାଖରେ ଅସୀମକୁ ଅତିକ୍ରମ କରିବାର ଶକ୍ତି ମଧ୍ୟ ରହିଛି। ସଠିକ ରାସ୍ତା ବାଛି ଏବଂ କଠିନ ପରିଶ୍ରମ ଦ୍ୱାରା ତୁମେମାନେ ଏହିପରି ନିଜର,ନିଜ ପିତା ମାତା ଓ ପରିବାର ତଥା ବିଦ୍ୟାଳୟର ନାମ ଉଚ୍ଚ ରଖିବା ପାଇଁ ଆମ୍ଭେମାନେ ଗଭୀର ଆଶାବାଦୀ ବୋଲି ଦୃଢ଼ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ହୁଏତ କୌଣସି କ୍ଷେତ୍ରରେ କିଛି ପିଲା ଆଶାନୁରୂପ ସଫଳତା ପାଇ ପାରି ନାହାନ୍ତି,ତଥାପି କିଛି ବ୍ୟସ୍ତ ହେବାର ନାହିଁ। ସେମାନେ ଅନଲାଇନ୍ ମାଧ୍ୟମରେ ବିଭିନ୍ନ ବିଷୟରେ ନିଜର ସଠିକ ମାର୍କ ରହିଛି କି ନାହିଁ ଆବେଦନ କରି ମଧ୍ୟ ସଫଳ ହୋଇପାରିବେ। ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡିଶା, କଟକ ସହିତ ଯୋଗାଯୋଗ କରି ପ୍ରତ୍ୟେକ ବିଷୟର କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନର ଓଏମ୍‌ଆର୍ ଫର୍ଦ୍ଦ (ଓଏମ୍‌ଆର୍ ସିଟ୍) ଓ ବିଷୟଗତ ବିଷୟ ସମ୍ପର୍କରେ ଉତ୍ତର ଖାତାର ଅବିକଳ ନକଲ ପାଇଁ ଆବେଦନ କରି ସେମାନେ ପ୍ରାପ୍ତ ହୋଇଥିବା ମାର୍କର ସଠିକତା ନିରୂପଣ କରି ସଠିକ୍ ମାର୍କ ପାଇବା ପାଇଁ ଆବେଦନ କରି ସଫଳ ହୋଇ ପାରିବେ। ଆଗକୁ ସମସ୍ତଙ୍କ ପାଇଁ ଲମ୍ବା ରାସ୍ତା ପଡିଛି। ଦିନେନା ଦିନେ ତୁମେମାନେ ମଧ୍ୟ ସଫଳତାର ଶୀର୍ଷରେ ଅଧିଷ୍ଠିତ ହେବ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ। ଅସଫଳତା ସଫଳତାର ଚାବିକାଠି। ଅବିରତ ଉଦ୍ୟମ ସମସ୍ତଙ୍କୁ ଦିନେ ନା ଦିନେ ସଫଳତାର ଶୀର୍ଷରେ ଅଧିଷ୍ଠିତ କରାଇ ପାରିବ ବୋଲି ସେମାନେ ସୁପରାମର୍ଶ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ବିଗତ ବର୍ଷ ଠାରୁ ପରୀକ୍ଷାର୍ଥୀମାନେ ନିଜ ନିଜର ବୋର୍ଡ଼ ସାର୍ଟିଫିକେଟ୍ ଓ ମାର୍କସିଟ୍ ଅନଲାଇନ୍ ମାଧ୍ୟମରେ ପାଇପାରୁ ଥିବାରୁ ସମସ୍ତେ ଏହି ଅଭିନବ ବ୍ୟବସ୍ଥାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସ୍ୱୀୟ ଅଭିମତ ପ୍ରକାଶ କରିଛନ୍ତି।

## ମା’ ନାକୀମଙ୍ଗଳା କୃଷକ ସଙ୍ଘ ତରଫରୁ ଅକ୍ଷୟ ତୃତୀୟ ପାଳିତ



ଆଳି, (ଭାସ୍କର ନ୍ୟୁଜ୍): କୃଷି ଓ କୃଷକର ମହାନ ପର୍ବ ଅକ୍ଷୟ ତୃତୀୟା ସାରା ଦେଶରେ ମହା ଆଡ଼ମ୍ବର ସହକାରେ ଚାଷୀମାନେ ପାଳନ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପତ୍ରପୁର ମା’ ନାକୀ ମଙ୍ଗଳା ମନ୍ଦିର ପରିସରେର ମା ନାକୀମଙ୍ଗଳା କୃଷକ ସଂଘର ସଭାପତି ସୁରେଶ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆଳି ବିଜେପି ବିଧାନସଭା ପାର୍ଥୀ ତଥା ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ପଣ୍ଡା କହିଥିଲେ ଯେ ଅକ୍ଷୟ ତୃତୀୟ ହେଉଛି ଚାଷୀ ମାନଙ୍କର ଏକ ମହାନ ପର୍ବ। ଏହି ପର୍ବ ଚାଷୀମାନଙ୍କୁ ଚାଷକାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥାଏ। ଚାଷୀମାନେ ଦେଶକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇଥାନ୍ତି। ଯାହାଫଳେର ଚାଷୀଙ୍କ ଠାରୁ ଦୁନିଆରେ କେହି ବଡ ନ ହୋଇପାରେ। ସେହିପରି ସମ୍ମାନନୀୟ ଅତିଥି ଭାବେ ପାତ୍ରପୁର ସରପଞ୍ଚ କାନନ ବିହାରୀ ପରିଡା, ବିଜେପି କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ରଥ, ଜିଲ୍ଲା କୃଷକ ମୋର୍ଚ୍ଚା ସଦସ୍ୟ ପ୍ରକାଶ ମିଶ୍ର, ସୁରେଶ ରାଉତ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସାହୁ, ବିନୋଦ ବିହାରୀ ପରିଡା, ସୁନୀଲ ରାଉତ, ସୁଧାଂଶୁ ଶେଖର ସାହୁ, କଳ୍ପତରୁ ଦାସ, କୃଷକ ସାଥି ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବଧୂ ହତ୍ୟା ଅଭିଯୋଗ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଗଡଖାରଦ ପଞ୍ଚାୟତ ମାଙ୍କଗାଁ ପ୍ରମୋଦ ସାହୁଙ୍କ ଝିଅ ଲକ୍ଷ୍ମୀ ପ୍ରିୟାଙ୍କୁ ଶାଶୁ ବଘର ଲୋକ ମାରି ଦେଇଥିବା ଲକ୍ଷ୍ମୀପ୍ରିୟାଙ୍କ ପିତା ଗଡିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ବାଦୁରାବର ଗ୍ରାମର ସୁବଳ ପ୍ରଧାନଙ୍କ ପୁଅ ବାଟୁ ପ୍ରଧାନ ୧୦ ମାସ ତଳେ ଭଲ ପାଇ ଲକ୍ଷ୍ମୀ ପ୍ରିୟାକୁ ବିବାହ କରିଥିଲେ । ଶନିବାର ହଠାତ ଲକ୍ଷ୍ମୀପ୍ରିୟା ଶାଶୁ ଘରୁ ଖବର ଆସିଲା ଲକ୍ଷ୍ମୀପ୍ରିୟା ରଶି ଲଗାଇ ଆତ୍ମ ହତ୍ୟା କରିଛି। ଖବର ପାଇବା ପେର ଲକ୍ଷ୍ମୀପ୍ରିୟାଙ୍କ ପିତା ପ୍ରମୋଦ ଓ ପରିବାର କେତେକ ବ୍ୟକ୍ତି ଲକ୍ଷ୍ମୀ ପ୍ରିୟାଙ୍କ ଶାଶୁ ଘେର ପହଁଚି ଦେଖିଲେ ଲକ୍ଷ୍ମୀପ୍ରିୟା ମୁହଁରେ ରକ୍ତ ଛିଟା ଲାଗିଛି । ଶାଶୁ ଘରେ ଶାଶୁଙ୍କ ବିନା ଆଉ କେହିନାହାଁନ୍ତି। ପ୍ରମୋଦଙ୍କ ଅଭିଯୋଗ ପାଇ ଗଡିଶାଗୋଦା ଆଇଆଇସି ସୁଧିର କୁମାର ଦାସ ଗଡିଶାଗୋଦା ଥାନାରେ ଏକ ମକଦମା ରୁଜ କରି ବାଦୁରାବର ଗ୍ରାମକୁ ଯାଇ ଲକ୍ଷ୍ମୀପ୍ରିୟା ଶବକୁ ଜବତ କରି ପୁରୀ ବ୍ୟବେଚ୍ଛଦ ପାଇଁ ପଠାଇଥିଲେ।

## ସରକାରୀ ଜାଗାରେ ଚାଲିଛି ଇଟା ଭାଟି



ଆସିକା, (ଭାସ୍କର ନ୍ୟୁଜ୍): ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି ସରକାରୀ ଜାଗାରେ ରାସ୍ତା କଡରେ ଚାଲିଛି ଇଟା ଭାଟି ପୋଡା। ଆସିକା ତହସିଲ ଅନ୍ତର୍ଗତ ବରଗା ଠାରୁ ପଢାଳ ଯିବା ରାସ୍ତା କଡରେ ଇଟାଭାଟି ପୋଡା ହେଉଛି। ରାସ୍ତା କଡରେ ଇଟା ପ୍ରସ୍ତୁତ କରି ଭାଟି ପୋଡିବା ସହିତ ସରକାରୀ ଜାଗାକୁ ମାଡି ବସିଛନ୍ତି ଜୈନିକ ଇଟାଭାଟି ମାଲିକ। ଗୋଟିଏ ପଟେ ବର୍ତ୍ତମାନର ଶାସିତ ସରକାର ସରକାରୀ ଜାଗାରେ କୌଣସି ପ୍ରକାର ଜବରଦଖଲ ବରଦାସ୍ତ କରାଯିବନି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ତାର ଖୋଲା ଖୋଲି ଉଲଂଘନ ହୋଇଛି। କାହା ଅନୁମତିରେ ଦୀର୍ଘ ବର୍ଷ ହେଲା ସରକାରୀ ଜାଗା ଜବରଦଖଲ କରି ଇଟା ଭାଟି ନିର୍ମାଣ ହୋଇଛି ବୋଲି ଅଞ୍ଚଳ ବାସୀ ଙ୍କ ମନରେ ବର୍ତ୍ତମାନ ପ୍ରଶ୍ନ ? ବିଶେଷ କରି ବରଗାଁ ଠାରୁ ପଢାଳ ଯିବା ବାଟରେ ରାସ୍ତା କଡ଼କୁ ଲାଗି ଇଟାଭାଟି ତିଆରି କରି ଇଟା ପୋଡିବା ଫଳରେ ସେଥିରୁ ଉଡୁଥିବା ଧୂଳି ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷଣ ଦିନକୁ ଦିନ ବଢିବାକୁ ଲାଗିଛି। ଦୈନିକ ଉକ୍ତ ରାସ୍ତା ଦେଇ ହଜାର ହଜାର ଜନସାଧାରଣ ଠୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବୃଦ୍ଧ ବୃଦ୍ଧା ଯିବା ଆସିବା କରିବା ସମୟରେ ଧୂଳି ଧୂଆଁ ଯୋଗୁଁ ଅତିଷ୍ଠ ହୋଇଗଲେଣି। ପ୍ରଦୂଷଣ ବଢିବା କାରଣରୁ ସ୍ଥାନୀୟ ଜନସାଧାରଣଙ୍କ ତୀବ୍ର ପତିକ୍ରିୟା ସୃଷ୍ଟି କଲାଣି। ସରକାରୀ ନିୟମ ଅନୁଯାୟୀ ମାଟି ନିର୍ମିତ ଇଟା ସପୂର୍ଣ ବ୍ୟାନ କିନ୍ତୁ ଏଠାରେ କାହା ଅନୁମତିରେ ଏହି ଇଟା ଭାଟି ନିର୍ମାଣ ହୋଇଛି ? ସ୍ଥାନୀୟ ପ୍ରଶାସନ, ପରିବେଶ ପ୍ରଦୂଷଣ ବୋର୍ଡ, ଗ୍ରୀନ ଟ୍ରିବ୍ୟୁନାଲ କ’ଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତି ଶୀଘ୍ର ଏହି ଇଟା ଭାଟିକୁ ବନ୍ଦ ନକରାଯାଏ ତେବେ ଆଗାମୀ ଦିନରେ ଏହାର ପ୍ରତିବାଦରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି କରୁଥିବା ଶୁଣିବାକୁ ମିଳୁଛି।



# ଆମ କଳାହାଣ୍ଡି





## ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାର ଟପ୍ପର ଶ୍ରୀୟାଂଶୀ ସାହୁ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ କଳାହାଣ୍ଡିର ଝିଅ ଶ୍ରୀୟାଂଶୀ ସାହୁ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ମୁଖୀଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନ କରୁଥିଲେ। ୫୮୨ ମାର୍କ ରଖି ଜିଲ୍ଲା ଟପ୍ପର ହେଇଛନ୍ତି । ମ.ରାମପୁରର ଝିଅ ଶ୍ରୀୟାଂଶୀଙ୍କର ଏହି ସଫଳତା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କର ଏହି ସଫଳତାର ଶ୍ରେୟ ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୁଖିଗୁଡାର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ପାଢ଼ୀ, ଗୁରୁଜୀ ଗୁରୁମା,ବାପା ମାଆ ଓ ଈଶ୍ୱରଙ୍କୁ ପ୍ରଦାନ କରିବା ସହ ମୁଁ ମୋ ନିଜର ଅଧ୍ୟବସାୟ ବଳରେ ଏହି ସଫଳତା ପାଇଛି । ଶ୍ରୀୟାଂଶୀ ହେଉଛନ୍ତି ମଦନପୁର ରାମପୁର ନିବାସୀ ଅଧ୍ୟାପକ ଶିଶିର କୁମାର ସାହୁ ଓ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଣୀ ସାହୁଙ୍କ ବଡ଼ ଝିଅ ତଥା ସାମ୍ବାଦିକ ହେମନ୍ତ ସାହୁଙ୍କ ଝିଆରୀ। ନିଜର ପରିଶ୍ରମ ବଳରେ ମୁଁ ଏହି ସଫଳତା ପାଇଛି ଏବଂ ଏହାର ଶ୍ରେୟ ମୋର ଗୁରୁଜନଙ୍କୁ ଅର୍ପଣ କରୁଛି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ରିଷି ବିଶି କୋକସରା ବ୍ଲକ୍ ମାଟ୍ରିକ୍ ଟପ୍ପର



କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ରିଷି ବିଶି ହାଇସ୍କୁଲ ବୋର୍ଡ ପରୀକ୍ଷାରେ ୫୨୬ ମାର୍କ (୮୭.୬୬%) ରଖି କୋକସରା ବ୍ଲକ୍ ଟପ୍ପର ହୋଇଛନ୍ତି। ରିଷି ବ୍ଲକ୍ ଟପ୍ପର ହୋଇ ନିଜ ଗାଁ ଜନ୍ମମାଟି ତଥା ବିଦ୍ୟାଳୟର ଗୌରବ ବର୍ଦ୍ଧନ କରିଛନ୍ତି। ରିଷିଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ, ସମସ୍ତ ଶିକ୍ଷକ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଡରାମାଲ ଗ୍ରାମର ଛାତ୍ରୀ ରିଷିଙ୍କ ବାପା କିଶୋର ଚନ୍ଦ୍ର ବିଶି ଓ ମାତା ବିନତା ବିଶି ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପରିଶ୍ରମ, ଆଶୀର୍ବାଦ ତଥା ନିଜର ଦୃଢ଼ ମନୋବଳ ଓ ନିରନ୍ତର ପରିଶ୍ରମ ରହିଛି ବୋଲି ସେ' ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ରୁ ୧୬୫୩ ଛାତ୍ରଛାତ୍ରୀଙ୍କ ସଫଳତା

ଧର୍ମଗଡ (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ମାଟ୍ରିକ ପରୀକ୍ଷା ର ଫଳାଫଳ ପ୍ରକାଶ ପାଇଛି।ଧର୍ମଗଡ ବ୍ଲକ ଅଧିନ ୨୯ଟି ବିଦ୍ୟାଳୟର ମୋଟ ୧୭୧୩ଜଣ ପରୀକ୍ଷା ଦେଇଥିବା ବେଳେ ମୋଟ ୧୬୫୩ଛାତ୍ରଛାତ୍ରୀ ପାସ କରିଛନ୍ତି। ମୋଟ ପ୍ରତିଶତ ୯୬.୪୯ ପ୍ରତିଶତ ଥିବା ବେଳେ ବ୍ଲକର ସନ୍ଧିକୁଳେର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଗୁଞ୍ଜନ ନାଏକ ସର୍ବାଧିକ ୫୩୩ମାର୍କ ରଖି ବ୍ଲକରେ ପ୍ରଥମ ହୋଇଛନ୍ତି। ତେବେ ପାସହାର ଆଶାନୁରୂପ ହୋଇଥିଲେ ହିଁ ଏ(୧)ଶୁନ୍ ରହିଛି। ଏ(୨)-୨୧,ବି(୧)-୨୨୨,ସି-୫୩୮,ଡି-୩୦୫ ଓ ଇ-ଗ୍ରେଡ ରେ ୧୧୬ ଜଣ ପାସ କରିଛନ୍ତି। ମୋଟ ୬୦ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି।ସେଭଳି ଜିଲ୍ଲାରେ ୯୫.୨୨%ହାରରେ ମୋଟ ୧୯,୪୪୬ଜଣ ଙ୍କ ମଧ୍ୟରୁ ୧୯.୧୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୧୮,୨୩୨ଜଣ ପାସ କରିଛନ୍ତି ଓ ୩୮ଜଣ ଏମପି ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ରୁ ମୋଟ ୧୯ଜଣ ଏ(୧)ଗ୍ରେଡ ରେ ପାସ କରୁଥିବା ବେଳେ ମୁଖୀଗୁଡା ଶିଶୁ ମନ୍ଦିର ବିଦ୍ୟାଳୟ ସର୍ବାଧିକ ୮ଜଣ ରହିଛନ୍ତି। ସମ୍ପୃକ୍ତ ବିଦ୍ୟାଳୟର ଶ୍ରୀୟାଂଶୀ ସାହୁ ୫୮୨ମାର୍କ ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜୁନାଗଡ଼ (ଭାସ୍କର ନ୍ୟୁଜ): ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ତରଫରୁ ଜୁନାଗଡ଼ ଥାନାରେ ଯୋଗଦେଇଥିବା ନୂତନ ଥାନା ଅଧିକାରୀ ଶେଷଦେବ ବେହେରାଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଜୁନାଗଡ଼ ଅଞ୍ଚଳରେ ଆଇନ ଶୃଙ୍ଖଳା, ଟ୍ରାଫିକ, ଚୋରି, ଡକାୟତି ଏବଂ ବିଭିନ୍ନ ବିଷୟରେ ଆଲୋଚନା କରି ଥିଲେ। ଏଥିରେ ସଂଗଠନର ସଭାପତି ରଞ୍ଜନ କୁମାର ଜାଲ, କାର୍ଯକାରୀ ସଭାପତି ନରେନ୍ଦ୍ର କ୍ଷିତି, ସୁଶାନ୍ତ ନାଏକ, ପୂର୍ଣ୍ଣେନ୍ଦୁ ମାଝୀ, ମିନୁ କନ୍ଦପାନ,ଉଗ୍ରେସେନ କନ୍ଦପାନ, ରତନ ଧଙ୍ଗଡାମାଝୀ, ଇଉସୁଫ ଖାନ, ଘାସି କ୍ଷିତି, ପ୍ରମୁଖ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ଥିଲେ।

## ସରକାରୀ ସୁବିଧା ମିଳୁନଥିବା ଅଭିଯୋଗ

# ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଘଣ୍ଟିଗୁଡା ଗ୍ରାମବାସୀ



କୋକସରା,(ଭାସ୍କର ନ୍ୟୁଜ୍): ସରକାରୀ ସୁବିଧା ପାଇବାରେ ଅବହେଳା କରାଯାଉଥିବା ଅଭିଯୋଗ କରି ମହିମା ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମର ହିତାଧିକାରୀମାନେ କୋକସରା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା କାରଣରୁ ଆଗକୁ ଯେମିତି ସରକାରୀ ସୁବିଧା ପାଇବାରୁ ହିତାଧିକାରୀ ମାନେ ବଞ୍ଚିତ ନ ହେବେ ସେନେଇ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରାମପଞ୍ଚାୟତ ସ୍ତରରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ହିତାଧିକାରୀଙ୍କ ଘରକୁ ଘର ଯାଇ ସର୍ଭେ କରାଯାଉଥିବା ବେଳେ ସର୍ଭେ କାର୍ଯ୍ୟ ଶେଷ ହେବାକୁ ଯାଉଛି। ହେଲେ ଘଣ୍ଟିଗୁଡା ଗ୍ରାମରେ ବର୍ତ୍ତମାନ ସୁଦ୍ଧା ଆବାସ ଯୋଜନା ସର୍ଭେ ପାଇଁ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଗାଁକୁ ଆସିନାହାନ୍ତି। ଏନେଇ ପଞ୍ଚାୟତ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ବାରମ୍ବାର ଜଣାଇଲେ ଥିଲେ ସେମାନେ ଧ୍ୟାନ ଦେଉନାହାଁନ୍ତି। ତେଣୁ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେବା ଆଶଙ୍କା କରି କୋକସରା ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀଙ୍କ ନିକଟରେ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ମାଣ୍ଡିଆ ଦେବାର ବ୍ୟବସ୍ଥା ଥିଲେ ହେଁ ଗତ ଫେବୃୟାରୀ ମାସରୁ ଘଣ୍ଟିଗୁଡା ଗ୍ରାମର ହିତାଧିକାରୀମାନଙ୍କୁ ମାଣ୍ଡିଆ ଦିଆଯାଉନଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ବିଡ଼ିଓ ଡ଼ଃ ମାଝୀ ସେମାନଙ୍କ ଅଭିଯୋଗ ଶୁଣିବା ସହ ଆବାସ ଯୋଜନା ସର୍ଭେ ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବ ଓ କାଲିଠାରୁ ସର୍ଭେ ଆରମ୍ଭ ହେବ ବୋଲି କହିଥିବାବେଳେ ରାସନ ସାମଗ୍ରୀ ମଧ୍ୟ ସିଘ୍ର ପାଇବେ ବୋଲି ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ସମେତ ହିତାଧିକାରୀ ଡାଳିମ୍ବ ପ୍ରଧାନୀ, କୋୟା ପ୍ରଧାନୀ, ଚନ୍ଦ୍ର ଧଙ୍ଗଡ଼ାମାଝୀ, ଦୂର ପ୍ରଧାନୀ, ନୁରପିରୀ ଦଣ୍ଡସେନା, ଅନିରୁଦ୍ଧ ମାଝୀ, ପିତାମ୍ବର ଦଣ୍ଡସେନା, ଲକ୍ଷ୍ମଣ ବାଗ, ରଘୁ ନାଏକ, ଭୁଜବଳ ପାତ୍ର, ଜାଗା ମାଝୀ, ହରିହର ବାଗ, ପୂର୍ଣ୍ଣ ମୂଳକୀୟ, ଜଗନାଥ ଠାକୁର ସମେତ ବହୁ ଲୋକେ ଉପସ୍ଥିତ ରହିଥିଲେ।

## ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ସଚ୍ଚିକାନ୍ତ ରଥଙ୍କ ଅକାଳ ବିୟୋଗ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମନ୍ଦାର ବଗିଚାପଡ଼ାର ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ସଚ୍ଚିକାନ୍ତ ରଥଙ୍କ ଆକସ୍ମିକ ବିୟୋଗରେ ସମଗ୍ର କଳାହାଣ୍ଡି ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଗୁରୁ ସଚ୍ଚିକାନ୍ତ ଜଣେ ଉତ୍ସର୍ଗୀକୃତ କଣ୍ଠଶିଳ୍ପୀ ଏବଂ ଜଣେ ଉଦୀୟମାନ କଳାକାର ଥିଲେ। ସେ ଦେଶର ବିଭିନ୍ନ ରାଜ୍ୟରେ ଏବଂ ବିଦେଶରେ ମଧ୍ୟ ଅନେକ କାର୍ଯ୍ୟକ୍ରମରେ ନିଜ କଳା ପରିବେଷଣ କରି ପ୍ରଶଂସା ସାଉଁଟିଥିଲେ। ସ୍ୱର୍ଗତ ରଥ ବାଲ୍ୟକାଳରୁ ଗୁରୁ ସ୍ୱର୍ଗତ ପଦ୍ମଚରଣ ପାତ୍ର, ଶଶାଙ୍କ ଶେଖର ମହାପାତ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଭୋଳା ଶଙ୍କର ବେହେରା ଏବଂ ପଣ୍ଡିତ ସୁରେଶ କୁମାର କୁଲ୍କର୍ଣୀ ଠାରୁ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ । ପରେ ସେ ମୁମ୍ବାଇରୁ ପଣ୍ଡିତ ମନୋହର ଚିମୋଟେ ଏବଂ ପଣ୍ଡିତ ନୟନ ଘୋଷଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ପଣ୍ଡିତ ନୟନ ଘୋଷଙ୍କ ବିଦ୍ୟାଳୟର ସଙ୍ଗୀତ ମହାଭାରତୀ, ଜୁହୁ, ମୁମ୍ବାଇରେ ଶିକ୍ଷକ ରୂପେ କାର୍ଯ୍ୟରତ ଥିଲେ ଏବଂ ଚିନ୍ମୟ ସ୍ୱରାଞ୍ଜଳି, ଚିନ୍ମୟ ମିଶନର ଗ୍ଲୋବାଲ ମ୍ୟୁଜିକ୍ ୱିଙ୍ଗ, କୋଲୱାନ୍ ପୁନେଠାରେ ସଙ୍ଗୀତ ଶିକ୍ଷା ଦେଇଥିଲେ। ସଂପ୍ରତି ସେ ସଙ୍ଗୀତ ଗୁରୁ ଏବଂ ପ୍ରତିଷ୍ଠାତା ଭାବେ 'ସଙ୍ଗୀତ ସୁଧା' ରେ କାର୍ଯ୍ୟରତ ଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁତୁରା ଅମନ ରଥ ମୁଖାଗ୍ନି ଦେଇଥିଲେ। ତାଙ୍କର ଅକାଳ ବିୟୋଗରେ କଳାହାଣ୍ଡି ଲେଖକ କଳା ପରିଷଦ, ସଙ୍ଗୀତ ସୁଧା, ବ୍ରାହ୍ମଣ ସମାଜ, ସ୍ମାରକୀ ଅନୁଷ୍ଠାନ, କଳାହାଣ୍ଡି ଜିଲ୍ଲାର ତଥା ରାଜ୍ୟର ବିଭିନ୍ନ ସଙ୍ଗୀତ ଅନୁଷ୍ଠାନ, କଳାକାର ତଥା ବୁଦ୍ଧିଜିବୀ ମହଲରୁ ଶୋକପ୍ରକାଶ କରାଯାଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମାଲଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦୁଲତା ଦାଶଙ୍କୁ ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଛାତ୍ର ଛାତ୍ରୀ,ଗ୍ରାମବାସୀ ତଥା ସହ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କ ପ୍ରିୟ ଗୁରୁମା'ଙ୍କ ବିଦାୟ ସତେ ଯେମିତି ସମସ୍ତଙ୍କୁ ବ୍ୟଥିତ ସ୍ତବ୍ଧ କରିଦେଇଥିଲା। ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଦୁଲତା ଦାଶ କେବଳ ଜଣେ ଶିକ୍ଷୟିତ୍ରୀ ଭାବେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦାନ କରୁନଥିଲେ ବରଂ ବିଦ୍ୟାଳୟ ତଥା ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଦିଗ୍ ଦର୍ଶନ ମଧ୍ୟ ଦେଉଥିଲେ। ତାଙ୍କ ଅବସର ଗ୍ରହଣରେ ସମସ୍ତେ ଦୁଃଖ ପ୍ରକାଶ କଲେ ମଧ୍ୟ ମାଲଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ତାଙ୍କୁ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ମୋନାଲିସା ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଶ୍ରୀମତୀ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇ ତାଙ୍କର ସୁଗୁଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ରୀନା ଚୌଧୁରୀ, ମମତା ବିଶି, ନିକିତା ଭୋଇ, ସୁନିତା ଦାଶ, ମିନତି ସେନାପତି, ସସ୍ମିତା ପ୍ରଧାନ, ପ୍ରଣିତା ମହାପାତ୍ର, ଅନ୍ୱେଷା ନନ୍ଦ, ଚନ୍ଦ୍ରିକା ମହାପାତ୍ର ଚପଳା ସୁଆର, ରଜନୀକାନ୍ତ ମାଝୀ, ଟିକେଲାଲ ରଣା, ହିମାଞ୍ଚଳ ମେହେର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀନା ପାଣିଗ୍ରାହୀ ଅନୁପସ୍ଥିତ ଥିଲେ ମଧ୍ୟ ଭିଡିଓ କନଫରେନ୍ସ ମାଧ୍ୟମରେ ଶ୍ରୀମତୀ ଦାଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀମତୀ ଦାଶ ବିଦ୍ୟାଳୟରେ ତାଙ୍କ କାର୍ଯ୍ୟକାଳର ସ୍ମୃତି ଚାରଣ କରିବା ସହ ସହକର୍ମୀ, ଗ୍ରାମବାସୀ ତଥା ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ପ୍ରଶଂସା କରିବା ସହ ସମସ୍ତଙ୍କ ସହଯୋଗ ନିମନ୍ତେ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

## ବିନା ସୂଚନାଫଳକରେ ଚାଲିଛି ପେଭର ବ୍ଲକ ରାସ୍ତା, ଡ୍ରେନେଜ କାମ

### ବ୍ୟୟବରାଦ ପରିମାଣକୁ ନେଇ ପ୍ରଶ୍ନବାଚୀ

### ଠିକାଦାର-ଯନ୍ତ୍ରୀଙ୍କ କଥାରେ ରହୁନି ତାଳମେଳ

ଧର୍ମଗଡ (ଭାସ୍କର ନ୍ୟୁଜ): ବିନା ସୂଚନା ଫଳକରେ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଧର୍ମଗଡ ଏନ ଏ ସି ୱାର୍ଡ ନଂ ୧ -ଭୀମଖୋଜ ପଡା ଠାରେ ଡ୍ରେନେଜ ଓ ପେଭର ବ୍ଲକ ରାସ୍ତା କାମ ଆରମ୍ଭ ହୋଇଛି। କାମ ଆରମ୍ଭର ଦୀର୍ଘଦିନ ପରେ ବି କାମ ଅଧାରୁ ଅଟକି ରହୁଛି। କାଳ ବୈଶାଖୀ ବର୍ଷାରେ ରାସ୍ତା ମଝିରେ ଜମି ରହିଛି ଆଣ୍ଠୁଏ ପାଣି। କାଦୁଆ ପଚ ପଚ ସାଙ୍ଗ ପାଣିରେ ଲୋକେ ଯାତାୟାତ କରୁଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟଅଟେ ଗାଁ କାମରେ ଗାଁର ଶ୍ରମିକଙ୍କୁ ନିୟୋଜିତ ନ କରି ଠିକାଦାର ଜଣକ ଅନ୍ୟତ୍ର ଶ୍ରମିକ ଆଣି କାମ କରୁଥିବା ନେଇ ଲୋକଙ୍କ ମଧ୍ୟରେ କ୍ଷୁବ୍ଧ ପ୍ରକାଶ ପାଇଛି। ଲୋକେ କାମ ଧନ୍ଧା ନ ପାଇ ଦାଦନ ଯାଉଥିବା ବୁଦ୍ଧିଜୀବୀଙ୍କ ଭିତରେ ଆଲୋଚନା ହୋଉଛି। ତେବେ ଆଶ୍ଚର୍ଯ୍ୟ ବିଷୟ ଏହି କାମ ବାବଦକୁ ସରକାରୀ ଅର୍ଥ କେତେ ବ୍ୟୟବରାଦ ରହିଛି କାହାକୁ ଜଣା ନ ଥିବା ଏବେ ଚର୍ଚ୍ଚା ପରିସରକୁ ଆସିଛି। କୌଣସି ସୂଚନା ଫଳକ ଆଜି ଯାଏ ଟଙ୍ଗା ଯାଇ ନ ଥିବା ବେଳେ କାମର ବିବରଣୀ ତଥ୍ୟ ସାଧାରଣ ଲୋକେ ଜାଣିପାରୁନଥିବା ଅଭିଯୋଗ ହେଉଛି। ଅନ୍ୟପଟେ କାମର ପରିମାଣ ପଚାରି ବୁଝିଲେ ଠିକାଦାର ଓ ବିଭାଗର ତାଳ ମେଳ ରହୁ ନଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଠିକେଦାର ଜଣକ ଅଟକଳ ପରିମାଣ ୬କୋଟି କହୁଥିବା ବେଳେ ବିଭାଗ ଯନ୍ତ୍ରୀ ୫୦ଲକ୍ଷ ଟଙ୍କା ବ୍ୟୟବରାଦ ଥିବା କହିଛନ୍ତି। ଯାହାକୁ ନେଇ ଏବେ ସନ୍ଦେହ ଘେରକୁ ଆସିଥିବା ବେଳେ କିଏ ସତ କହୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଛିଲିପାରେ ମଶାରୀ ବାଣ୍ଟିଲେ ବିଧାୟକ

ଧର୍ମଗଡ (ଭାସ୍କର ନ୍ୟୁଜ): ମ୍ୟାଲେରିଆ ହେଉ କି ଡେଙ୍ଗୁ ଆମେ ଯଦି ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଉଥିବା ଔଷଧ ବୋଳା ମଶାରୀ ବ୍ୟବହାର କରିବା ତାହେଲେ ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ସହ ସୁସ୍ଥ ଜୀବନ ଯାପନ କରିବା ବୋଲି ଶୁକ୍ରବାର ପର୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନର ଉଦଘାଟନ ଅବସରରେ ଉପସ୍ଥିତ ପ୍ରଶାସନିକ, ସ୍ୱାସ୍ଥ୍ୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ପରାମର୍ଶ ଦେଇଛନ୍ତି। ପର୍ଲା ସିଏଚସି ପକ୍ଷରୁ ଆଜି ଛିଲିପା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହିତାଧିକାରୀ ଙ୍କୁ ମଶାରୀ ବଣ୍ଟନ କରାଯାଇଛି । ଜିଲ୍ଲାରେ ମୋଟ ୯୨୩୬୬ ଟି ମଶାରୀ ବଣ୍ଟନ କରାଯିବ ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଗୌରାଙ୍ଗ ଚରଣ ଗିରି ସୂଚନା ଦେଇଛନ୍ତି।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଭେକ୍ଟର ବାହିତ ରୋଗ ବିଶେଷଜ୍ଞ କଳାହାଣ୍ଡି ସନ୍ତୋଷ ବାଗ, ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଧରିତ୍ରୀ ପାଣିଗ୍ରାହୀ, ସମାଜସେବୀ ହିମାଂଶୁ ପଣ୍ଡା, ସୁକାନ୍ତି ସା, ନାଏବ ସରପଞ୍ଚ ଲିଲି ସାଗର, ଭେକ୍ଟର ବାହିତ ରୋଗ ନିରୀକ୍ଷକ ନୀଳାଞ୍ଚଳ ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମେନେଜର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଦୀପକ କୁମାର ବେହେରା, କ୍ଷେତ୍ର ସ୍ୱାସ୍ଥ୍ୟ ପରିଦର୍ଶକ ହରିହର ବେହେରା, ପ୍ରଦ୍ୟୁମ୍ନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ କୁ ବହୁମୁଖୀ ସ୍ୱାସ୍ଥ୍ୟ କର୍ମି ସୁଦେଶ ଚନ୍ଦ୍ର ଦୁରିଆ ପରିଚାଳନା କରିଥିବା ବେଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।ପରେ ଉପସ୍ଥିତ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା।

## ସିଲେଇ ତାଲିମ ପାଇଁ ଗୋଲାମୁଣ୍ଡାରୁ କଟକ ଗଲେ ୮୬ ଯୁବତୀ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୧୩ ଟି ପଞ୍ଚାୟତରୁ ୮୬ ଜଣ ଝିଅ ସିଲେଇ ତାଲିମ ଶିକ୍ଷା ପାଇଁ ତୃତୀୟ ପର୍ଯ୍ୟାୟରେ କଟକ ଜିଲ୍ଲା ଗସ୍ତ କରିଛନ୍ତି। ଗୋଲାମୁଣ୍ଡା ପଞ୍ଚାୟତ ରୁ ୨ ଜଣ, ବୃନ୍ଦାବାହାଲ ରୁ ୨୦ , ଫୁଣ୍ଡା ରୁ ୯ , ଧାମନପୁର ରୁ ୩୧ , ମାନଝରୀ ରୁ ୬ , ଦଶପୁର ରୁ ୩ , କେଗାଁରୁ ୨ , ଉଛଛଲା ରୁ ୧ , ରେଙ୍ଗସାପାଲି ରୁ ୨ , ବୋରଗୁଡା ରୁ ୪, ମହାଲିଙ୍ଗ ରୁ ୪, ଖଲିଆପାଲି ରୁ ୧, ଟେମରି ରୁ ୧ । ସରକାରୀ ପ୍ରକଳ୍ପ ସ୍କିଲ୍ ଇନ୍ ଓଡ଼ିଶା ଯୋଜନାରେ ସେମାନେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଖଣ୍ଡାସାହିରେରେ ତାଲିମ ନେବେ । ପ୍ରଥମେ ବ୍ଲକ ଅଫିସ୍ ସଭାଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଝିଅମାନେ କିଭଳି ଭାବେ ସୁରକ୍ଷିତ ରହି ତାଲିମ ଶିକ୍ଷା କରିପାରିବେ ସେନେଇ ଆଲୋଚନା ହୋଇଥିଲା । ଏହା ପରେ ଆସମାସ ପ୍ରକଳ୍ପ ସଂଯୋଜକ ଅନୁଜ କୁମାର ଶୁକ୍ଳାଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରୁ ଏକ ବସ୍ ଯୋଗେ ଏହି ଯୁବତୀମାନଙ୍କୁ ପଠାଯାଇଛି। ଏହି ଅବସରରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତ ,ଗୋଲାମୁଣ୍ଡା ସମିତି ସଭ୍ୟଙ୍କ ପ୍ରତିନିଧି ସୁବାସ ନାଏକଙ୍କ ସମେତ ଆସମାସ ପ୍ରକଳ୍ପର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ସରପଞ୍ଚଙ୍କ ପରଲୋକ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସରପଞ୍ଚ ପଞ୍ଚାନନ ବାଗଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ମୁତାବକ, ସରପଞ୍ଚ ଶ୍ରୀ ବାଗ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ଗତ ବୁଧବାର ହଠାତ୍ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ପତ୍ନୀ ଓ ଦୁଇ ପୁତ୍ରସନ୍ତାନ ଅଛନ୍ତି। ଶନିବାର ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।


## ବେଆଇନ କେନ୍ଦୁପତ୍ର ଚୋରାଚାଲାଣ, ଗାଡ଼ିକୁ ଜବତ କଲେ କର୍ମଚାରୀ




ଧର୍ମଗଡ (ଭାସ୍କର ନ୍ୟୁଜ): ଏକ ବେଆଇନ ଭାବେ କେନ୍ଦୁପତ୍ର ଚୋରାଚାଲଣ ହେଉଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦୁପତ୍ର କର୍ମଚାରୀମାନେ ଗାଡିକୁ ଅଟକ ରଖିଥିଲେ। ଏଭଳି ଘଟଣା କୋକସରା ବ୍ଲକ ଗତମୁଣ୍ଡା ପିପଲଝାପର ଗାଁ ରେ ଦେଖିବାକୁ ମିଳିଛି। ସିଜି ୦୪ଜେଡି ୩୩୧୯ନମ୍ବର ୧୧୦୯ଗାଡ଼ିରେ କେନ୍ଦୁପତ୍ର ବୋଝେଇ ହୋଇ ଚୋରା ଚାଲାଣ ହେଉଥିବାବେଳେ ସିଜନାଲ କର୍ମଚାରୀମାନେ ଅଟକ ରଖି ଡ୍ରାଇଭରକୁ କାଗଜପତ୍ର ଦେଖାଇବାକୁ କହିଥିଲେ। ଡ୍ରାଇଭର ଜଣକ କାଗଜପତ୍ର ଦେଖାଇନପାରିବାରୁ ଏହା ଚୋରାଚାଲଣ ହୋଉଥିବା ସନ୍ଦେହ ଉପୁଜିଥିଲା। ବନ ଭିଭାଗ ଓ କେନ୍ଦୁପତ୍ର ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚୋରାଚାଲାଣ ଗାଡିକୁ ବିଜମରା ସେଣ୍ଟ୍ରାଲ ଗୋଦାମକୁ ନେଇ ଯାଇଥିଲେ। ଅନ୍ୟପଟେ ବନ ବିଭାଗ ଓ କେନ୍ଦୁପତ୍ର ବିଭାଗ ଚୋରାଚାଲାନା ଗାଡିକୁ ରଫାଦଫା କରିବା ସନ୍ଦେହ କରି ଗ୍ରାମବାସୀ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଙ୍କୁ ଜଣାଇଥିଲେ। ବିଧାୟକଙ୍କ ହସ୍ତକ୍ଷେପ ପରେ ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କଅର ଘଟଣାସ୍ଥଳକୁ ଆସି କେନ୍ଦୁପତ୍ର ଚୋରାଚାଲାଣ ବୋଝେଇ ଗାଡିକୁ ଜବତ କରିଛନ୍ତି। ତେବେ ଡ୍ରାଇଭର ଜଣକ କୌଣସି ପ୍ରକାରର ଖସି ପଳେଇଥିବା ବେଳେ ଗାଡି ହେଲ୍ପରକୁ ଅଟକ ରଖାଯାଇଥିବା ଜଣାପଡିଛି। ଅନ୍ୟପଟେ ଏସିଏଫ ଘଟଣାର ତଦନ୍ତ କରିଥିବା ବେଳେ ଏହି ଚୋରାଚାଲାଣରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଖୁବ ଶୀଘ୍ର ଜଣାପଡିବ ବୋଲି ସୂଚନା ଦେଇଛନ୍ତି। ଦୀର୍ଘବର୍ଷରୁ ଆମପାଣି ସମେତ ଗନ୍ଧାଗଡ଼ ଆଦି ସ୍ଥାନରୁ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବାବେଳେ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଚୋରା କାରବାରରେ ବିଭାଗର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ବେନିୟମ ଚୋରାଚାଲାଣ ଯୋଗୁ ସ୍ଥାନୀୟ କେନ୍ଦୁପତ୍ର କର୍ମଚାରୀମାନେ କାମଧନ୍ଦା ହରାଉଥିବାବେଳେ ଦଲାଲମାନେ ଲାଭବାନ ହେଉଛନ୍ତି। ବିଭାଗ ଠୋସ ପଦକ୍ଷେପ ଗ୍ରହଣ କରାଗଲେ ଚୋରାଚାଲାଣ ବନ୍ଦ ହେବା ସହ ସ୍ଥାନୀୟ କର୍ମଚାରୀମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ରାଶିଫଳ


ରବିବାର, ୦୪ ମଇ ୨୦୨୫




**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ । ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ରହିବ




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ ।




**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ।




**ସିଂହ :** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ଘରୋଇ ଜୀବନରେ ସମସ୍ୟା ହୋଇପାରେ ।




**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।




**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ଭଲ ରହିବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ । କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ :** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଜ୍ୟୋତିଷ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯